# ସକାଳ THE SAKALA

- RNI REGD NO: 42041/83
- www.sakalaepaper.com
- /sakalanews
- /sakalanews
- www.thesakala.in

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

♦VOLUME- 44 ♦ISSUE-09 ♦FRIDAY ♦03 JULY 2026 ♦PAGE-12 ♦₹ 7.00 | JEYPORE | ♦ବର୍ଷ-୪୪ ♦ସଂଖ୍ୟା-୦୯ ♦ଶୁକ୍ରବାର ♦୦୩ ଜୁଲାଇ ୨୦୨୬ ♦ପୃଷ୍ଠା-୧୨ ♦ଟ.୭.୦୦




ଆଲିଆ ନେଇଛନ୍ତି ୨୫ କୋଟି

▶ପୃଷ୍ଠା ୧୧ ଦେଖନ୍ତୁ...

## ‘ମିଶନ ଆଗମନ’ର ମହାକାଶ ଯାତ୍ରାରେ ‘ବିକ୍ରମ-୧’

■ ଶ୍ରୀହରିକୋଟା, ୨।୭ (ଏଜେନ୍ସି): ଭାରତର ମହାକାଶ ବିଜ୍ଞାନ କ୍ଷେତ୍ରରେ ଏକ ନୂଆ ଇତିହାସ ରଚିବାକୁ ଯାଉଛି। ଦେଶର ପ୍ରଥମ ସମ୍ପୂର୍ଣ୍ଣ ଘରୋଇ ଜ୍ଞାନକୌଶଳରେ ନିର୍ମିତ କକ୍ଷପଥ ରକେଟ୍ ‘ବିକ୍ରମ-୧’ ନିଜର ପ୍ରଥମ ପରୀକ୍ଷାମୂଳକ ଉଡ଼ାଣ ପାଇଁ ପ୍ରସ୍ତୁତ ହୋଇଛି। ହାଇଦ୍ରାବାଦର ମହାକାଶ ଷ୍ଟାର୍ଟଅପ୍ କମ୍ପାନୀ ‘ସ୍କାଏରୁଟ୍ ଏରୋସ୍ପେସ୍’ ଦ୍ୱାରା ନିର୍ମିତ ଏହି ରକେଟ୍ ଜୁଲାଇ ୧୨ ରୁ ଅଗଷ୍ଟ ୪ ମଧ୍ୟରେ ଆନ୍ଧ୍ରପ୍ରଦେଶର ଶ୍ରୀହରିକୋଟାସ୍ଥିତ ସତୀଶ ଧୱନ ମହାକାଶ କେନ୍ଦ୍ରରୁ ଉତ୍କ୍ଷେପଣ କରାଯିବ। ଏହି ଅଭିଯାନର ନାମ ‘ମିଶନ ଆଗମନ’ ରଖାଯାଇଛି। ଏହି ରକେଟ୍‌ଟି



ସମ୍ପୂର୍ଣ୍ଣ ଭାବେ ଭାରତରେ ପ୍ରସ୍ତୁତ କରାଯାଇଛି। ଏହାର ବାହ୍ୟ ଗଠନ କାର୍ବନ କମ୍ପୋଜିଟ୍‌ରେ ତିଆରି ହୋଇଥିବା ବେଳେ ଏଥିରେ ସଲିଡ୍ ଫ୍ୟୁଏଲ୍ ବୁଷ୍ଟର ଏବଂ ୩ଡି-ପ୍ରିଣ୍ଟେଡ୍ ତରଳ ଇନ୍ଧନ ଇଞ୍ଜିନର ବ୍ୟବହାର କରାଯାଇଛି। ବିଶେଷ କରି ଛୋଟ ଛୋଟ ଉପଗ୍ରହଗୁଡ଼ିକୁ ମହାକାଶକୁ ପଠାଇବା ପାଇଁ ଏହାକୁ ଡିଜାଇନ୍ କରାଯାଇଛି। ଏହା ପୃଥିବୀର ନିମ୍ନ କକ୍ଷପଥ (ଏଲ୍‌ଇଓ) କୁ ୩୫୦ କିଲୋଗ୍ରାମ ଏବଂ ସୂର୍ଯ୍ୟ-ସମକାଳୀନ କକ୍ଷପଥ (ଏସ୍‌ଏସ୍‌ଓ) କୁ ୨୦ କିଲୋଗ୍ରାମ ପର୍ଯ୍ୟନ୍ତ ଓଜନର ଉପଗ୍ରହ ନେଇ ଯାଇପାରିବ। ଏହି ରକେଟ୍‌କୁ ଚଳାଇବା ପାଇଁ କୌଣସି ▶ପୃଷ୍ଠା-୭

## ଡ. ଜଗନ୍ନାଥ ନାୟକ ମିସାଇଲ୍ସ ଓ ଷ୍ଟ୍ରାଟେଜିକ୍ ସିଷ୍ଟମ୍‌ସ ମହାନିର୍ଦ୍ଦେଶକ

■ ଭୁବନେଶ୍ୱର, ୨।୭(ସମିସ): ଓଡ଼ିଶା ପାଇଁ ଆଉ ଏକ ଗୌରବର ମୁହୂର୍ତ୍ତ। ଜଗତସିଂହପୁର ଜିଲ୍ଲା ଅରଖକୁଦ ଗ୍ରାମରେ ଜନ୍ମିତ ବିଶିଷ୍ଟ ବୈଜ୍ଞାନିକ ଡ. ଜଗନ୍ନାଥ ନାୟକ ପ୍ରତିରକ୍ଷା ଗବେଷଣା ଓ ବିକାଶ ସଂଗଠନ (ଡିଆର୍‌ଡିଓ) ରେ ମିସାଇଲ୍ସ ଓ ଷ୍ଟ୍ରାଟେଜିକ୍ ସିଷ୍ଟମ୍‌ସର ମହାନିର୍ଦ୍ଦେଶକ (ଡିଜି) ପଦରେ ଯୋଗ ଦେଇଛନ୍ତି। ଏହାପୂର୍ବରୁ ଡ. ନାୟକ ହାଇଦ୍ରାବାଦସ୍ଥିତ ‘ସେଣ୍ଟର ଫର୍ ହାଇ ଏନର୍ଜି ସିଷ୍ଟମ୍ସ ଆଣ୍ଡ ସାଇନ୍ସ (ସିଏଚ୍‌ଇଏସ୍‌ଏସ୍)’ ର ନିର୍ଦ୍ଦେଶକ ଥିଲେ। ଡିଆର୍‌ଡିଓରେ ତାଙ୍କର ୩୫ ବର୍ଷର ଅଭିଜ୍ଞତା ରହିଥିବାବେଳେ ପ୍ରତିରକ୍ଷା ଓ ଏରୋସ୍ପେସ୍ କ୍ଷେତ୍ରରେ ସ୍ୱଦେଶୀ ଏଭିଓନିକ୍ସ ପ୍ରଯୁକ୍ତିର ବିକାଶରେ ସେ ଉଲ୍ଲେଖନୀୟ



ଡିଆର୍‌ଡିଓର ପ୍ରମୁଖ ପଦବୀରେ ଓଡ଼ିଆ

ଅବଦାନ ରଖିଛନ୍ତି। ସିଏଚ୍‌ଇଏସ୍‌ଏସ୍‌ର ନିର୍ଦ୍ଦେଶକ ଥିବା ସମୟରେ ତାଙ୍କ ନେତୃତ୍ୱରେ ଭାରତର ପ୍ରଥମ ଡାଇରେକ୍ଟେଡ୍ ଏନର୍ଜି ୱେପନ୍ (ଡିଇଡବ୍ଲ୍ୟୁ) ପ୍ରଣାଳୀର ବିକାଶ ଓ ପରୀକ୍ଷଣ ସଫଳତାର ସହ ସମ୍ପନ୍ନ ହୋଇଥିଲା। ସେହିପରି ରିସର୍ଚ୍ଚ ସେଣ୍ଟର ଇମାରତ୍ (ଆର୍‌ସିଆଇ)ରେ କାର୍ଯ୍ୟରତ ଥିବାବେଳେ ଆକାଶ କ୍ଷେପଣାସ୍ତ୍ର ପାଇଁ ସ୍ୱଦେଶୀ ଫାଇବର୍ ଅପ୍ଟିକ୍ ଜାଇରୋସ୍କୋପ୍ (ଏଫ୍‌ଓଜି) ଆଧାରିତ ଗାଇଡେନ୍ସ ସିଷ୍ଟମ୍ ଏବଂ ଆଣ୍ଟି-ଡ୍ରୋନ୍ ପ୍ରଯୁକ୍ତି ବିକାଶରେ ସେ ନେତୃତ୍ୱ ନେଇଥିଲେ। ଡ. ନାୟକଙ୍କ ୧୨୫ରୁ ଅଧିକ ଗବେଷଣା ପ୍ରବନ୍ଧ ବିଭିନ୍ନ ଜାତୀୟ ଓ ଅନ୍ତର୍ଜାତୀୟ ପତ୍ରିକାରେ ▶ପୃଷ୍ଠା-୭

### ଆଦାନୀ-ଆଇଏଚ୍‌ସି ନିବେଶ କରିବେ ୧.୧ଲକ୍ଷ କୋଟି

# ଦେଶର ଆଲୁମିନିୟମ ପେଣ୍ଠ ହେବ ଓଡ଼ିଶା

■ ଭୁବନେଶ୍ୱର, ୨।୭ (ସମିସ): ଓଡ଼ିଶା ହେବ ଦେଶର ଆଲୁମିନିୟମ ପେଣ୍ଠ। ଆଦାନୀ-ଆଇଏଚ୍‌ସି ଯୌଥ ଉଦ୍ୟୋଗ ଓଡ଼ିଶାରେ ୧.୧ ଲକ୍ଷ କୋଟି ଟଙ୍କା ନିବେଶ କରିବ। ଗୁରୁବାର ସ୍ଥାନୀୟ ଲୋକସେବା ଭବନରେ ଏଥିନେଇ ‘ଇପିକଲ୍’ ଓ ୟୁଏଇର ଇଣ୍ଟରନ୍ୟାସନାଲ୍ ହୋଲ୍ଡିଂ କମ୍ପାନୀ (ଆଇଏଚସି ଗ୍ରୁପ୍) ମଧ୍ୟରେ ସ୍ୱାକ୍ଷରିତ ହୋଇଛି ଚୁକ୍ତିନାମା। ଏହି ମେଗା ପ୍ରକଳ୍ପ ଦ୍ୱାରା ନିର୍ମାଣ ପର୍ଯ୍ୟାୟରେ ପ୍ରାୟ ୩୫,୦୦୦ ଏବଂ ପ୍ରକଳ୍ପ କାର୍ଯ୍ୟକ୍ଷମ ହେବା ପରେ ପ୍ରାୟ ୧୮,୫୦୦ ଲୋକଙ୍କ ନିମନ୍ତେ ଉଭୟ ପ୍ରତ୍ୟକ୍ଷ ଓ ପରୋକ୍ଷ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ।

ଏହି ଅବସରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି ଯେ ୨୦୩୬ ସୁଦ୍ଧା ଏକ ସମୃଦ୍ଧ, ଆଧୁନିକ ଓ ସମାବେଶୀ ଓଡ଼ିଶା ଗଠନ କରିବା ପାଇଁ ଆମର ଉଦ୍ୟମ ସଫଳତାର ସହ ଜାରି ରହିଛି। ଓଡ଼ିଶାର ସମ୍ବଳ ଓ ପ୍ରତିଭା ସହ ମଧ୍ୟ-ପ୍ରାଚ୍ୟର ପୁଞ୍ଜି ଓ ପ୍ରଯୁକ୍ତି ବିଦ୍ୟାର ସମନ୍ୱୟରେ ଏକ ସମୃଦ୍ଧ ପାର୍ଟନରସିପ୍ ଗଠନ ହେବ ବୋଲି ସେ ଦୃଢ଼ ଆଶା ପ୍ରକଟ କରିଛନ୍ତି। ଏହି ପ୍ରକଳ୍ପ ମାଧ୍ୟମରେ ଓଡ଼ିଶାରେ ବକ୍ସାଇଟ୍ ଖଣି କାର୍ଯ୍ୟ, ଆଲୁମିନା ରିଫାଇନିଂ,



### ଶିଳ୍ପାୟନର ଧାରାକୁ ସୁଦୃଢ଼ କରିବ ଏହି ପ୍ରକଳ୍ପ: ମୁଖ୍ୟମନ୍ତ୍ରୀ

ଆଲୁମିନିୟମ୍ ସ୍ମେଲଟିଙ୍ଗ, କ୍ୟାପ୍ଟିଭ୍ ପାୱାର୍ ପ୍ଲାଣ୍ଟ ସମେତ ଡାଉନ୍‌ଷ୍ଟ୍ରିମ୍ ଆଲୁମିନିୟମ୍ ଉତ୍ପାଦନ ଓ ଭିତ୍ତିଭୂମିର ବିକାଶ କରାଯିବ। ରାଜ୍ୟର ଖଣିଜ ସମ୍ବଳରୁ କେବଳ ରପ୍ତାନି ନୁହେଁ, ବରଂ ବ୍ୟାପକ ମୂଲ୍ୟ ସଂଯୋଜନ ମାଧ୍ୟମରେ ଶିଳ୍ପାୟନ ଏବଂ ଯୁବପିଢ଼ିଙ୍କ ପାଇଁ ନିଯୁକ୍ତି ସୃଷ୍ଟି କରିବା ଆମ ସରକାରଙ୍କ ମୂଳ ଲକ୍ଷ୍ୟ ବୋଲି ମୁଖ୍ୟମନ୍ତ୍ରୀ ପ୍ରକାଶ କରିଛନ୍ତି। ବିଶ୍ୱସ୍ତରରେ ବର୍ତ୍ତମାନ ‘ଗ୍ରୀନ୍ ମେଟାଲ୍ସ’ ଓ ପରିବେଶ ଉପଯୋଗୀ ଶିଳ୍ପାୟନର ଧାରା ସୃଷ୍ଟି ହୋଇଛି। ଏ ଦିଗରେ ଓଡ଼ିଶା ବର୍ତ୍ତମାନ ଏକ ଅଗ୍ରଣୀ ଭୂମିକା ନେବା ପାଇଁ ଉଦ୍ୟମ ଆରମ୍ଭ କରିଛି। ଏହି ପ୍ରକଳ୍ପ ଆମର ଏ ଲକ୍ଷ୍ୟ ପୂରଣ କରିବା ଦିଗରେ ସହାୟକ ହେବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ପ୍ରକଳ୍ପର ସଫଳତା ପାଇଁ ଜମି, ଜଳ, ବିଦ୍ୟୁତ, ଲଜିଷ୍ଟିକ୍ସ ଏବଂ ସରକାରୀ ମଞ୍ଜୁରୀ ଭଳି ସମସ୍ତ ଆନୁଷଙ୍ଗିକ ସୁବିଧା ଓଡ଼ିଶା ସରକାରଙ୍କ ପକ୍ଷରୁ ଏକ ସମନ୍ୱିତ ଏବଂ ସମୟବଦ୍ଧ ଭାବରେ ଯୋଗାଇ ଦିଆଯିବ ବୋଲି ସେ ଆଶ୍ୱାସନା ଦେଇଛନ୍ତି।

କାର୍ଯ୍ୟକ୍ରମରେ ଆଇଏଚସିର ଚିଫ୍ ଷ୍ଟ୍ରାଟେଜିକ୍ ଅଫିସର ପିଟର ଆବ୍ରାମ କହିଥିଲେ ଯେ ଏହା ଭାରତ ଏବଂ ୟୁଏଇ ମଧ୍ୟରେ ଏକ ସୁଦୃଢ଼ ସମ୍ପର୍କର ନୂତନ ଅଧ୍ୟାୟ ସୃଷ୍ଟି କରିବ। ଏହି ଚୁକ୍ତି କେବଳ ଏକ ବ୍ୟବସାୟିକ ନିବେଶ ନୁହେଁ, ବରଂ ଓଡ଼ିଶାର ସ୍ଥାୟୀ ବିକାଶ ପାଇଁ ଏକ ଦୀର୍ଘକାଳୀନ ଭାଗିଦାରୀ। ଆସ୍ଥା, ସମାନ ଚିନ୍ତାଧାରା ଓ ମିଳିତ ଲକ୍ଷ୍ୟ ଆଧାରରେ ଗଠିତ ଏହି ସମ୍ପର୍କ ଆଗାମୀ ଦିନରେ ପ୍ରଯୁକ୍ତିବିଦ୍ୟା, ଭିତ୍ତିଭୂମି, ଆର୍ଥିକ ସେବା ଏବଂ ଗ୍ରାହକ ସେବା କ୍ଷେତ୍ରରେ ବ୍ୟାପକ ସଫଳତା ଆଣିଦେବ। ଏହି ଅବସରରେ ଆଦାନୀ ପୋର୍ଟସ୍ ଆଣ୍ଡ ଏସଇଜେଡ୍ ଲିମିଟେଡ୍ ମ୍ୟାନେଜିଂ ଡାଇରେକ୍ଟର କରନ୍ ଆଦାନୀ ଓଡ଼ିଶାର ସମୃଦ୍ଧ ସଂସ୍କୃତି, ପ୍ରଚୁର ଖଣିଜ ▶ପୃଷ୍ଠା-୭

## ନ୍ୟାୟିକ ପ୍ରକ୍ରିୟାରେ ଏଆଇ ଅଦୃଶ୍ୟ, ଭୟଙ୍କର: ସୁପ୍ରିମ୍‌କୋର୍ଟ

■ ନୂଆଦିଲ୍ଲୀ, ୨।୭ (ଏଜେନ୍ସି): ନ୍ୟାୟ ପ୍ରଦାନ ପ୍ରକ୍ରିୟାରେ କୃତ୍ରିମ ବୁଦ୍ଧିମତ୍ତା (ଏଆଇ)ର ଅନିୟନ୍ତ୍ରିତ ବ୍ୟବହାରକୁ ନେଇ ସୁପ୍ରିମକୋର୍ଟ ଗଭୀର ଚିନ୍ତା ପ୍ରକଟ କରିଛନ୍ତି। ଏକ ମାମଲାରେ ଏଆଇ ଦ୍ୱାରା ପ୍ରସ୍ତୁତ ନକଲି ଓ କାଳ୍ପନିକ ପୂର୍ବ ନଜିର (ପ୍ରେସିଡେଣ୍ଟ) ଉପରେ ଭରସା କରି ଜାତୀୟ କମ୍ପାନୀ ଆଇନ ଟ୍ରିବ୍ୟୁନାଲ୍ ଦେଇଥିବା ଏକ ରାୟକୁ ସୁପ୍ରିମକୋର୍ଟ ରଦ୍ଦ କରିଦେଇଛନ୍ତି। ‘ଏସେଲ୍ ଇନଫ୍ରାପ୍ରୋଜେକ୍ଟସ’ର ଦେବାଳିଆ ମାମଲାରେ ଏନସିଏଲଟି’ର ମୁମ୍ବାଇ ବେଞ୍ଚ ଏଭଳି କେତେକ ଆଇନଗତ ନଜିର ଉପରେ ନିର୍ଭର କରିଥିଲା, ଯାହାର ବାସ୍ତବରେ କୌଣସି ଅସ୍ତିତ୍ୱ ହିଁ ନାହିଁ। ଏହିସବୁ ଭ୍ରମାତ୍ମକ ତଥ୍ୟ ଏଆଇ ଟୁଲ୍ ଦ୍ୱାରା ପ୍ରସ୍ତୁତ ହୋଇଥିଲା। ଜଷ୍ଟିସ ପି.ଏସ. ନରସିଂହ ଏବଂ ଜଷ୍ଟିସ ଆଲୋକ ଆରାଧେଙ୍କ ଖଣ୍ଡପୀଠ ଏହି ପ୍ରକ୍ରିୟାକୁ କଡ଼ା ସମାଲୋଚନା କରି କହିଛନ୍ତି ଯେ, “ଆଇନ ଜଗତରେ ଏଆଇ ଦ୍ୱାରା ପ୍ରସ୍ତୁତ ନକଲି ଓ କାଳ୍ପନିକ ତଥ୍ୟର ବ୍ୟବହାର ହେଉଛି ମିଥାଇଲ୍ ଆଇସୋସାଇନେଟ୍ ଗ୍ୟାସ ନିର୍ଗତ ହେବା ପରି। ଏହା ଅଦୃଶ୍ୟ, କପଟପୂର୍ଣ୍ଣ ଏବଂ ବିପଜ୍ଜନକ। ଏହା ଉପରେ ନଜର ପଡ଼ିବା ବେଳକୁ ଏହା କେବଳ ବ୍ୟବସ୍ଥାକୁ ପ୍ରଦୂଷିତ କରିନଥାଏ, ବରଂ ନ୍ୟାୟିକ ନିଷ୍ପତ୍ତିର ମୂଳଦୁଆକୁ ଉଜାଡ଼ି ଦେଇଥାଏ।’ କୋର୍ଟ ସ୍ପଷ୍ଟ କରିଛନ୍ତି ଯେ ନ୍ୟାୟିକ ପ୍ରକ୍ରିୟାକୁ ସହଜ କରିବା ପାଇଁ ପ୍ରଯୁକ୍ତିବିଦ୍ୟାର ବ୍ୟବହାର କରାଯାଇପାରେ, କିନ୍ତୁ ପ୍ରତ୍ୟେକ ସ୍ତରରେ ମଣିଷର ସମ୍ପୂର୍ଣ୍ଣ ଓ ଚୂଡ଼ାନ୍ତ ନିୟନ୍ତ୍ରଣ ରହିବା ଆବଶ୍ୟକ। ଏଆଇ ଉପରେ ଅତ୍ୟଧିକ ନିର୍ଭରଶୀଳତା ମଣିଷର ଚିନ୍ତାଧାରା ଓ ବିଚାର ଶକ୍ତିକୁ କ୍ଷତି ପହଞ୍ଚାଉଛି। ଜାମ୍ମୁ ଆଣ୍ଡ କାଶ୍ମୀର ବ୍ୟାଙ୍କ ଲିମିଟେଡ୍ ଦ୍ୱାରା ଦାୟର ହୋଇଥିବା ୮୭.୪୩ କୋଟି ଟଙ୍କାର ଋଣ ଖିଲାପି ମାମଲାରେ ଏନସିଏଲଟି ଏସେଲ୍ ଇନଫ୍ରାପ୍ରୋଜେକ୍ଟସ ବିରୋଧରେ ଦେବାଳିଆ ପ୍ରକ୍ରିୟା ଆରମ୍ଭ କରିବାକୁ ନିର୍ଦ୍ଦେଶ ଦେଇଥିଲା, ଯାହାକୁ ପରବର୍ତ୍ତୀ ସମୟରେ ଏନସିଏଲଏଟି ମଧ୍ୟ କାଏମ ରଖିଥିଲା। ଏହି ▶ପୃଷ୍ଠା-୭




### ବଙ୍ଗୋପସାଗରରେ ଲଘୁଚାପ

## ମୌସୁମୀ ସକ୍ରିୟ; ବଢ଼ିଲା ବର୍ଷା

■ ଭୁବନେଶ୍ୱର, ୨।୭ (ସମିସ): ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁ ଓଡ଼ିଶା ଛୁଇଁବା ପରେ ବଙ୍ଗୋପସାଗରରେ ସୃଷ୍ଟି ହୋଇଛି ପ୍ରଥମ ଲଘୁଚାପ। ଗତକାଲିର ଘୂର୍ଣ୍ଣିବଳୟ ପ୍ରଭାବରେ ଗୁରୁବାର ଉତ୍ତର-ପଶ୍ଚିମ ବଙ୍ଗୋପସାଗର ପାର୍ଶ୍ୱବର୍ତ୍ତୀ ଉତ୍ତର ଓଡିଶା-ପଶ୍ଚିମବଙ୍ଗ ଉପକୂଳରେ ଏହି ଲଘୁଚାପ କ୍ଷେତ୍ର ସୃଷ୍ଟି ହୋଇଛି। ଏହା ସହ ଜଡ଼ିତ ଘୂର୍ଣ୍ଣିବଳୟ ବାୟୁମଣ୍ଡଳର ୭.୬ କିମି ଉଚ୍ଚତା ଯାଏଁ ବ୍ୟାପିଥିବା ବେଳେ ଏହା ଆଗାମୀ ୨-୩ ଦିନ ମଧ୍ୟରେ ଆହୁରି ଘନୀଭୂତ ହେବାର ସମ୍ଭାବନା ରହିଛି। ଲଘୁଚାପ ପ୍ରଭାବରେ ଚଳିତ ବର୍ଷ ପ୍ରଥମ ଥର ପାଇଁ ଲଗାଣ ବର୍ଷା ଆରମ୍ଭ ହୋଇଛି। ମୁଖ୍ୟତଃ ଲଘୁଚାପ ଯୋଗୁଁ ମୌସୁମୀ ସକ୍ରିୟ ହେବା ସହ ବର୍ଷା ପାଇଁ ପାଗ ଅନୁକୂଳ ହୋଇଛି। ଏହି କ୍ରମରେ ବୁଧବାରଠାରୁ ରାଜ୍ୟର ଅଧିକାଂଶ ଅଞ୍ଚଳରେ ଭଲ ବର୍ଷା ହୋଇଛି।

ପାଣିପାଗ କେନ୍ଦ୍ରର ସୂଚନା ଅନୁଯାୟୀ ଆସନ୍ତା ୪ ଦିନ ପର୍ଯ୍ୟନ୍ତ ଏଭଳି ପାଗ ଲାଗି



୪ ଦିନ ପର୍ଯ୍ୟନ୍ତ ବିଭିନ୍ନ ଜିଲ୍ଲାକୁ ପ୍ରବଳ ବର୍ଷା ଚେତାବନୀ

ରହିବ। ଏହି ସମୟରେ କେତେକ ସ୍ଥାନରେ ପ୍ରବଳରୁ ଅତି ପ୍ରବଳ ବର୍ଷା ସାଙ୍ଗକୁ ଅନେକ ସ୍ଥାନରେ ପ୍ରବଳ ବର୍ଷା ଅନୁଭୂତ ହେବ। ଶୁକ୍ରବାର ଦିନ କୋରାପୁଟ ଓ ମାଲକାନଗିରିରେ ସର୍ବାଧିକ ବର୍ଷା ଆଶଙ୍କା ରହିଥିବା ବେଳେ ଏଠାରେ ପ୍ରବଳରୁ ଅତି ପ୍ରବଳ ଓ ସ୍ଥାନେ ସ୍ଥାନେ ଅତ୍ୟନ୍ତ ପ୍ରବଳ ବର୍ଷା ଆଶଙ୍କା ରହିଛି। ▶ପୃଷ୍ଠା-୭

### ରାଜ୍ୟ ବିଜେପିରେ ହଲ୍‌ଚଲ୍

## ଆସିବେନି ଶାହା; ଦିଲ୍ଲୀ ଗଲେ ମୋହନ

### ମନମୋହନଙ୍କୁ ଦିଲ୍ଲୀ ଡକରା, ଚର୍ଚ୍ଚା ବଢ଼ାଇଲା ସୁରେଶଙ୍କ ମନ୍ତବ୍ୟ

### ଦିଲ୍ଲୀରେ ଏସ୍‌ଆଇଆର୍ ଆଲୋଚନା, ମାସ ଶେଷରେ ନିଗମ ନିଯୁକ୍ତି

■ ଭୁବନେଶ୍ୱର, ୨।୭ (ସମିସ): ରାଜ୍ୟ ବିଜେପିରେ ଅକସ୍ମାତ ଆରମ୍ଭ ହୋଇଛି ହଲଚଲ୍। ଗତ ତିନି ଚାରିଦିନର ଘଟଣାକ୍ରମକୁ ଦେଖିଲେ ବିଜେପିରେ କିଛି ଗୋଟାଏ ହେବାକୁ ଯାଉଛି। ନିଗମ ଓ ବୋର୍ଡ଼ ନିଯୁକ୍ତି, ମନ୍ତ୍ରିମଣ୍ଡଳ ସମ୍ପ୍ରସାରଣକୁ ନେଇ ମଝିରେ ମଝିରେ ଚର୍ଚ୍ଚା ହୋଇହୋଇ ଏହି ପ୍ରସଙ୍ଗ ଗୁରୁତ୍ୱ ହରାଇ ସାରିଲାଣି। ଆଶାୟୀଙ୍କ ଆଖିରୁ ପାଣି ମଲାଣି, ଅନେକ ନେତା ନିରାଶ ହୋଇ ନିରବ ହୋଇ ଗଲେଣି; ମାତ୍ର ଏହି ସମୟରେ କେନ୍ଦ୍ର ଗୃହମନ୍ତ୍ରୀ ତଥା ବିଜେପିର ଅନ୍ୟତମ ଶୀର୍ଷ ନେତା ଅମିତ୍ ଶାହାଙ୍କ ୪ ତାରିଖରେ ପ୍ରସ୍ତାବିତ ଓଡ଼ିଶା ଗସ୍ତ ବାତିଲ, ମୁଖ୍ୟମନ୍ତ୍ରୀ ମୋହନ ମାଝୀଙ୍କ ଅକସ୍ମାତ ଦିଲ୍ଲୀ ଗସ୍ତ ଘଟିବାକୁ ଥିବା ଅନେକ କିଛି ଘଟଣାକୁ ଇଙ୍ଗିତ କରିଛି। ପୁଣି ନିକଟରେ ଦିଲ୍ଲୀରୁ ଫେରିଥିବା ରାଜ୍ୟ ବିଜେପି ସଭାପତି ମନମୋହନ ସାମଲଙ୍କୁ ପୁନର୍ବାର ଦିଲ୍ଲୀ ଡ଼କରା ରାଜ୍ୟରେ ସୃଷ୍ଟି କରିଥିବା କଳ୍ପନାଜଳ୍ପନାକୁ ଅଧିକ ବଳ ଦେଇଛି। ଉପ ମୁଖ୍ୟମନ୍ତ୍ରୀ କନକବର୍ଦ୍ଧନ ସିଂହଦେଓ ଓ ରାଜ୍ୟ ସଭାପତି ଶ୍ରୀ ସାମଲ ନିକଟରେ ଦିଲ୍ଲୀରୁ ଫେରିଥିଲେ; ମାତ୍ର ମୁଖ୍ୟମନ୍ତ୍ରୀ ଦିଲ୍ଲୀରେ ପହଞ୍ଚୁ ପହଞ୍ଚୁ ପୁଣି ଶ୍ରୀ ସାମଲଙ୍କୁ ଦିଲ୍ଲୀରୁ ଡ଼କରା ଆସିଛି। ସେଠାରେ ଉଭୟ ମୁଖ୍ୟମନ୍ତ୍ରୀ ଓ ରାଜ୍ୟ ସଭାପତି ଦଳର ରାଷ୍ଟ୍ରୀୟ ସଭାପତି ନିତିନ ନବୀନ ଓ କେନ୍ଦ୍ର ଗୃହମନ୍ତ୍ରୀ ଶ୍ରୀ ଶାହାଙ୍କୁ ଭେଟିବେ ବୋଲି ସୂଚନା ମିଳିଛି।

ଉଭୟ ମୁଖ୍ୟମନ୍ତ୍ରୀ ଓ ରାଜ୍ୟସଭାପତିଙ୍କ ଦିଲ୍ଲୀ ଗସ୍ତ ପୁଣିଥରେ ରାଜ୍ୟରେ ମନ୍ତ୍ରିମଣ୍ଡଳ ସମ୍ପ୍ରସାରଣ, ନିଗମ ନିଯୁକ୍ତି ଚର୍ଚ୍ଚାକୁ ସରଗରମ କରିଛି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏବଂ ରାଜ୍ୟ ବିଜେପି ସଭାପତି ଗତ ୨ ବର୍ଷ ମଧ୍ୟରେ ଅନେକବାର ଦିଲ୍ଲୀ ଗସ୍ତ କରିଛନ୍ତି ଓ ସବୁ ସମୟରେ ରାଜ୍ୟରେ ନିଗମ ନିଯୁକ୍ତି ଚର୍ଚ୍ଚା ହୋଇ ଆସିଛି। ତେବେ ଏଥର ପରିସ୍ଥିତି ସାମାନ୍ୟ ଭିନ୍ନ ରହିଛି। ୨୦ ତାରିଖରେ ସମ୍ଭବତଃ ସଂସଦର ମୌସୁମୀ ଅଧିବେଶନ ଆରମ୍ଭ ହେବ ଓ ଏହା ପୂର୍ବରୁ କେନ୍ଦ୍ର ମନ୍ତ୍ରିମଣ୍ଡଳ ସମ୍ପ୍ରସାରଣ ହୋଇପାରେ ବୋଲି କୁହାଯାଉଛି। ତେଣୁ କେନ୍ଦ୍ର ମନ୍ତ୍ରିମଣ୍ଡଳ ସମ୍ପ୍ରସାରଣ ପରେ ▶ପୃଷ୍ଠା-୭

### ରାମ ମନ୍ଦିର ଦାନ ଚୋରି

## ବୁଲିବ ବୁଲ୍‌ଡୋଜର

■ ଅଯୋଧ୍ୟା,୨।୭(ଏଜେନ୍ସି): ଅଯୋଧ୍ୟା ରାମ ମନ୍ଦିର ଦାନ ପାଣ୍ଠି ଚୋରି ମାମଲାର ମୁଖ୍ୟ ଅଭିଯୁକ୍ତ ଲବକୁଶ ମିଶ୍ରଙ୍କ ସମ୍ପତ୍ତି ଉପରେ ବର୍ତ୍ତମାନ ଯୋଗୀ ସରକାରଙ୍କ ବୁଲଡୋଜର କାର୍ଯ୍ୟାନୁଷ୍ଠାନର ଭୟ ଘନେଇଛି। ଅଯୋଧ୍ୟାର ଶାହାଦତ ଗଞ୍ଜ ଅଞ୍ଚଳରେ ଲବକୁଶଙ୍କ ପତ୍ନୀ ସୁପ୍ରିୟାଙ୍କ ନାମରେ ନିର୍ମାଣାଧୀନ ଥିବା ଏକ ୩ ମହଲା ବିଶିଷ୍ଟ ଆଲିଶାନ କୋଠାକୁ ନେଇ ଅଯୋଧ୍ୟା ବିକାଶ ପ୍ରାଧିକରଣ (ଏଡିଏ)



ପକ୍ଷରୁ ଏକ ନୋଟିସ ଜାରି କରାଯାଇଛି। ସାତ ଦିନ ମଧ୍ୟରେ ଉପଯୁକ୍ତ କାଗଜପତ୍ର ସହ ଜବାବ ନରଖିଲେ ଏହି ବେଆଇନ କୋଠାକୁ ଭାଙ୍ଗି ଦିଆଯିବ ବୋଲି ପ୍ରଶାସନ ଚେତାବନୀ ଦେଇଛି। ମାତ୍ର ୨୦,୦୦୦ ଟଙ୍କା ମାସିକ ଦରମା ପାଉଥିବା ଲବକୁଶ ଅକ୍ଟୋବର ୨୦୨୫ ରେ ପ୍ରାୟ ୨୫ ଲକ୍ଷ ଟଙ୍କାରେ ଏହି ଜମି କିଣିଥିଲେ ଏବଂ ଏହା ଉପରେ ପ୍ରାୟ ୯୦ ଲକ୍ଷ ଟଙ୍କା ଖର୍ଚ୍ଚ କରି ଲିଫ୍ଟ ସୁବିଧା ଥିବା କୋଠା ତିଆରି କରୁଥିଲେ। ଜମି ଓ ନିର୍ମାଣ ମିଶାଇ ଏହି ସମ୍ପତ୍ତିର ମୂଲ୍ୟ ▶ପୃଷ୍ଠା-୭

### ୬ ସପ୍ତାହ ଧରି ହ୍ରାସ ପାଉଛି ଅଶୋଧିତ ତୈଳ

## ତେଲ ଦର କମାଇବାକୁ ସରକାର ଅରାଜି

■ ନୂଆଦିଲ୍ଲୀ, ୨।୭ (ଏଜେନ୍ସି): ପଶ୍ଚିମ ଏସିଆରେ ପରିବର୍ତ୍ତିତ ସ୍ଥିତି ଯୋଗୁଁ ସମ୍ପ୍ରତି ଅନ୍ତରାଷ୍ଟ୍ରୀୟ ବଜାରରେ ଅଶୋଧିତ ତୈଳ ମୂଲ୍ୟରେ ଯଥେଷ୍ଟ ହ୍ରାସ ଘଟିଛି। ଯୁଦ୍ଧ ପୂର୍ବ ସ୍ଥିତିକୁ ଅଶୋଧିତ ତୈଳ ଦର ଫେରିଛି ଓ ବ୍ୟାରେଲ ପାଖାପାଖି ୭୦ ଡ଼ଲାରରେ ପହଞ୍ଚିଛି। ତୈଳ ଦର ହ୍ରାସ ପରେ ପାକିସ୍ତାନ, ଶ୍ରୀଲଙ୍କାରେ ତେଲ ଦର କମିଛି। ଆମେରିକା ରାଷ୍ଟ୍ରପତି ଡ଼ୋନାଲ୍‌ଡ଼ ଟ୍ରମ୍ପ ମଧ୍ୟ ବିଭିନ୍ନ ଦେଶକୁ ତୈଳ ଦର ହ୍ରାସ ପାଇଁ ଆହ୍ୱାନ ଜଣାଇଛନ୍ତି। କୌତୂହଳର କଥା ହେଉଛି ଭାରତରୁ ପେଟ୍ରୋଲ ଓ ଡ଼ିଜେଲ ଆମଦାନୀ କରୁଥିବା ନେପାଳରେ ତୈଳ ଦର ୧୭% କମି ସାରିଛି। ଦିନକ ତଳେ ଘରୋଇ ତୈଳ କମ୍ପାନୀ ନାୟରା ତେଲ ଦର ୩ ଟଙ୍କାରୁ ୫ ଟଙ୍କା କମାଇଛି।




### ମେ’ ମାସରେ ୪ ଥରରେ ୧୦ ଟଙ୍କା ବଢ଼ିଛି ତୈଳ ଦର

### ମୂଲ୍ୟ ବଢ଼ାଇନାହୁଁ; କମାଇବୁ କାହିଁକି: ପେଟ୍ରୋଲିୟମ୍ ମନ୍ତ୍ରୀ


ମାତ୍ର ଦେଶରେ ରାଷ୍ଟ୍ରାୟତ୍ତ ତୈଳ କମ୍ପାନୀମାନେ ତେଲ ଦର କମାଉ ନାହାନ୍ତି କିମ୍ବା କେନ୍ଦ୍ର ସରକାର ଏ ସମ୍ପର୍କରେ ନିଜ ଆଭିମୁଖ୍ୟ ସ୍ପଷ୍ଟ କରୁନାହାନ୍ତି। ଯୁଦ୍ଧ ଆରମ୍ଭ ପରେ ରାଷ୍ଟ୍ରାୟତ୍ତ ତୈଳ କମ୍ପାନୀଗୁଡ଼ିକ ପେଟ୍ରୋଲ ଓ ଡ଼ିଜେଲରେ ଗତ ମେ ମାସରେ ୪ ପର୍ଯ୍ୟାୟରେ ଲିଟର ପିଛା ୧୦ ଟଙ୍କା ପର୍ଯ୍ୟନ୍ତ ବୃଦ୍ଧି କରିଛନ୍ତି। ମାତ୍ର ତେଲ ଦର କମିବା ପରେ ପେଟ୍ରୋଲ ଓ ଡ଼ିଜେଲ ମୂଲ୍ୟ କମାଇବାକୁ ସେମାନେ ରାଜି ନୁହନ୍ତି। ଏହି ସମୟରେ କେନ୍ଦ୍ର ପେଟ୍ରୋଲିୟମ ମନ୍ତ୍ରୀ ହରଦୀପ ପୁରୀଙ୍କ ଅଜବ ଯୁକ୍ତି ଦେଶବାସୀଙ୍କ କଟା ଘା’ରେ ଚୂନ ମାରିବା ପରି ହୋଇଛି । ଶ୍ରୀ ପୁରୀ କହିଛନ୍ତି ଯେ, ଯେତେବେଳେ ଭାରତରେ ତୈଳ ମୂଲ୍ୟ ବୃଦ୍ଧି ପାଇନାହିଁ, ତେବେ ମୂଲ୍ୟ ହ୍ରାସ ବିଷୟରେ କାହିଁକି ଆଲୋଚନା ହେଉଛି।

ଗୁରୁବାର ସାମ୍ବାଦିକଙ୍କ ପ୍ରଶ୍ନର ଉତ୍ତର ଦେଇ ପେଟ୍ରୋଲିୟମ କହିଛନ୍ତି ଯେ ହରମୁଜ୍ ସଙ୍କଟ ସମୟରେ ▶ପୃଷ୍ଠା-୭

# ପଖାଳଖିଆ ଖର୍ଚ୍ଚ ୨ କୋଟି ୩୨ ଲକ୍ଷ

### ଇଭେଣ୍ଟ କମ୍ପାନୀ ନେଇଛି ୮୫ ଲକ୍ଷ ଟଙ୍କା

■ ଭୁବନେଶ୍ୱର, ୨।୭ (ସମିସ): ଗତ ମାର୍ଚ୍ଚ ମାସରେ ରାଜ୍ୟ ସରକାରଙ୍କ ପର୍ଯ୍ୟଟନ ବିଭାଗ ପକ୍ଷରୁ ଆୟୋଜନ ହୋଇଥିଲା ପଖାଳ ପର୍ବ। ମାତ୍ର ଏବେ ଏହି ପଖାଳ ପର୍ବ ସରକାରଙ୍କ ପାଇଁ ଶିରପୀଡ଼ା ହୋଇଛି। କାର୍ଯ୍ୟକ୍ରମ ଆୟୋଜନ, ମନ୍ତ୍ରୀ ଓ ଅଧିକାରୀଙ୍କ ପଖାଳ ଖିଆ ବାବଦରେ ଖର୍ଚ୍ଚ ହୋଇଥିବା ବିପୁଳ ବ୍ୟୟକୁ ନେଇ ଏବେ ସାଧାରଣରେ ପ୍ରଶ୍ନ ଉଠିଛି। କୌତୂହଳର କଥା ହେଉଛି ଓଡ଼ିଆ ଲୋକମାନେ ଦୈନନ୍ଦିନ ପଖାଳ ଖାଉଥିବାବେଳେ ଆୟୋଜକ ପର୍ଯ୍ୟଟନ ବିଭାଗ ପଖାଳ ପର୍ବ ପାଳନ ପାଇଁ ଖର୍ଚ୍ଚ କରିଛି ୨ କୋଟି ୩୨ ଲକ୍ଷ ଟଙ୍କା। ଏହି ଅର୍ଥ ରାଜ୍ୟ ତହବିଲରୁ ବ୍ୟୟ ହୋଇଛି। ପୁଣି ପଖାଳ ପର୍ବରେ



### ▶▶ ୨.୭ ଲକ୍ଷ ଟଙ୍କାରେ ଆସିଛି କଂସାବାସନ

### ▶▶ ମାଟି ବେଲା, ଥାଳି ପାଇଁ ୧.୫ ଲକ୍ଷ ବ୍ୟୟ

### ▶▶ ବିମାନ ଭଡ଼ା, ହୋଟେଲ୍ ଖର୍ଚ୍ଚ ୫ ଲକ୍ଷ ଟଙ୍କା

ପଖାଳ ପ୍ରସ୍ତୁତି ପାଇଁ ରାଜ୍ୟ ବାହାରୁ ସେଫ୍ ବା ରୋଷେଇଆମାନଙ୍କୁ ଡ଼କାଯାଇଥିବା ଓ ସେମାନଙ୍କ ବିମାନ ଭଡ଼ା, ହୋଟେଲ ରହଣି ପାଇଁ ପାଞ୍ଚ ଲକ୍ଷ ବ୍ୟୟ କରାଯାଇଥିବା ସୂଚନା ମିଳିଛି। ଏହି କାର୍ଯ୍ୟକ୍ରମ ଆୟୋଜନ ବାବଦକୁ ଓଡ଼ିଶା ଟୁରିଜମ୍ ଡେଭଲପମେଣ୍ଟ କର୍ପୋରେସନ୍ (ଓଟିଡିସି) କୁ ୧,୫୪,୦୩,୯୪୦ ଟଙ୍କା ପଇଠ କରାଯାଇଛି ଓ ଇଭେଣ୍ଟ ମ୍ୟାନେଜମେଣ୍ଟ ଏଜେନ୍ସି କଲର ପ୍ଲସ୍‌କୁ ୭୭,୮୮,୧୭୭ ଟଙ୍କା ଦିଆଯାଇଛି। ଏପରିକି ପଖାଳ ଦିବସରେ ପାଳନରେ ସୁପରଭିଜନ ଖର୍ଚ୍ଚ ବାବଦରେ ୬.୬ ଲକ୍ଷ ଟଙ୍କା ପଇଠ କରାଯାଇଛି। ପୁଣି ଗିନିଜ୍ ୱାର୍ଲ୍ଡ ରେକର୍ଡ୍ସ ଫି ବାବଦକୁ ପର୍ଯ୍ୟଟନ ବିଭାଗ ୩୧.୩୫ ଲକ୍ଷ ଟଙ୍କା ଖର୍ଚ୍ଚ କରାଯାଇଥିବାବେଳେ ସେଫ୍ (ରୋଷେଇଆ)ମାନଙ୍କ ପାଇଁ ସ୍ମାରକ, ଅନ୍ୟାନ୍ୟ ଫର୍ଚ୍ଚ, ବିମାନ ଭଡ଼ା ଓ ହୋଟେଲ ରହଣି ବାବଦକୁ ମଧ୍ୟ ଲକ୍ଷ ▶ପୃଷ୍ଠା-୭

# ପାକିସ୍ତାନରେ କୋଚିଂ ସେଣ୍ଟର ଛାତ ଭୁଶୁଡ଼ି ୧୪ ଶିଶୁ ମୃତ

ଲାହୋର,୨।୭(ଏଜେନ୍ସି): ପାକିସ୍ତାନର ଲାହୋର ସହରରେ ଏକ କୋଚିଂ ସେଣ୍ଟରର ଛାତ ଭୁଶୁଡ଼ି ପଡ଼ିବା ଫଳରେ ୧୪ ଜଣ ଶିଶୁଙ୍କ ମୃତ୍ୟୁ ଘଟିଛି ଏବଂ ଅନେକ ଗୁରୁତର ଆହତ ହୋଇଛନ୍ତି। ଲାହୋରର ଏକ ପୁରୁଣା ଆବାସିକ ବିଲ୍ଡିଂରେ ଏହି ଟ୍ୟୁସନ ସେଣ୍ଟରଟି ଚାଲିଥିଲା। ପୁଲିସ ଅନୁଯାୟୀ, ମୃତ ଶ୍ରମିକ ଓ ଶିଶୁଙ୍କ ବୟସ ୫ ରୁ ୧୬ ବର୍ଷ ମଧ୍ୟରେ ଥିଲା, ଯେଉଁଥିରେ ଅଧିକାଂଶଙ୍କ ବୟସ ୯ ବର୍ଷରୁ କମ୍। ଭଙ୍ଗା ଛାତ ତଳୁ ଜଣେ ୩୦ ବର୍ଷୀୟା ମହିଳା ଶିକ୍ଷୟିତ୍ରୀଙ୍କୁ ମଧ୍ୟ ଜୀବନ୍ତ ଉଦ୍ଧାର କରାଯାଇଛି। ସ୍ଥାନୀୟ ପ୍ରଶାସନ ପକ୍ଷରୁ କୁହାଯାଇଛି ଯେ, ଏହି ଟ୍ୟୁସନ ସେଣ୍ଟରଟି ବେଆଇନ ଏବଂ ଅଣପଞ୍ଜିକୃତ ଭାବେ ଏକ ଜର୍ଜର କୋଠାରେ ଚାଲିଥିଲା। ଅଘଟଣ ପରେ ପୁଲିସ ଟ୍ୟୁସନ ସେଣ୍ଟରର ମାଲିକଙ୍କ ସମେତ ଦୁଇ ଜଣଙ୍କୁ ଗିରଫ କରିଛି।

### ବେଙ୍ଗାଲୁରୁରେ ଭୟାବହ ଅଘଟଣ

# ପାହାଡ଼ ଧସି ବିହାରର ୮ ଶ୍ରମିକଙ୍କ ମୃତ୍ୟୁ

ବେଙ୍ଗାଲୁରୁ, ୨।୭(ଏଜେନ୍ସି): କର୍ଣ୍ଣାଟକର ବେଙ୍ଗାଲୁରୁ ସାଉଥ୍ ତାଲୁକର ଏକ ଗ୍ରାନାଇଟ୍ ପଥର ଖାଦାନରେ ପାହାଡ଼ ଧସିଯିବା ଫଳରେ ୮ ଜଣ ଶ୍ରମିକଙ୍କ ଶୋଚନୀୟ ମୃତ୍ୟୁ ଘଟିଛି। ମୃତ ଶ୍ରମିକମାନେ ମୁଖ୍ୟତଃ ବିହାରର ବୋଲି ଜଣାପଡ଼ିଛି। ଏହି ଘଟଣା ସ୍ଥାନୀୟ ଅଞ୍ଚଳରେ ତୀବ୍ର ଉତ୍ତେଜନା ପ୍ରକାଶ କରିବା ସହ ବେଆଇନ ଖନନ ଉପରେ ବଡ଼ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଗୁରୁବାର ସକାଳେ ମାଦାପଟ୍ଟନା ସ୍ଥିତ ଏକ ପଥର କ୍ରସର ସାଇଟ୍‌ରେ ଶ୍ରମିକମାନେ କାମ କରୁଥିବା ସମୟରେ ପ୍ରାୟ ୪୦ ଫୁଟ ଉପରୁ ଏକ ବିଶାଳ ପଥର ଚଟାଣ ସେମାନଙ୍କ ଉପରକୁ ଖସି ପଡ଼ିଥିଲା। ଫଳରେ ସେଠାରେ ଥିବା ଗାଡ଼ିଗୁଡ଼ିକ ଚୂରମାର ହୋଇଯିବା ସହ ଶ୍ରମିକମାନେ ଚାପି ହୋଇଯାଇଥିଲେ। ସ୍ଥାନୀୟ ବିଧାୟକ ଏସଟି ସୋମଶେଖର ଅଭିଯୋଗ କରିଛନ୍ତି ଯେ, ଏଠାରେ ଦୀର୍ଘ ଦିନରୁ ବେଆଇନ ମାଫିଆ ସକ୍ରିୟ ଅଛନ୍ତି ଏବଂ ଏଥିରେ ପୁଲିସ ଓ ମାଇନିଂ ବିଭାଗର ଅଧିକାରୀମାନେ ସାମିଲ ଅଛନ୍ତି। ମୁଖ୍ୟମନ୍ତ୍ରୀ ଡିକେ ଶିବକୁମାର ଏହି ଘଟଣାରେ ଗଭୀର ଦୁଃଖ ପ୍ରକାଶ କରିବା ସହ ନିୟମ ଉଲ୍ଲଂଘନକାରୀଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ପ୍ରତିଶ୍ରୁତି ଦେଇଛନ୍ତି। ଏହି ଦୁର୍ଘଟଣା ଖଣି ଶ୍ରମିକମାନଙ୍କ ସୁରକ୍ଷା ବ୍ୟବସ୍ଥାରେ ଥିବା ବଡ଼ ତ୍ରୁଟିକୁ ପଦାରେ ପକାଇଛି। ପ୍ରଶାସନ ପକ୍ଷରୁ ଉଦ୍ଧାର କାର୍ଯ୍ୟ ଶେଷ ହୋଇଥିବା ବେଳେ ବର୍ତ୍ତମାନ ଏହି ବେଆଇନ ଖାଦାନ ପଛରେ ଥିବା ପ୍ରଭାବଶାଳୀ ଲୋକଙ୍କ ବିରୋଧରେ ତଦନ୍ତ ପ୍ରକ୍ରିୟା ଆରମ୍ଭ ହୋଇଛି।

# ବୋମା ବିସ୍ଫୋରଣରେ ୫ ମୃତ

ଦାମାସ୍କସ, ୨।୭(ଏଜେନ୍ସି): ସିରିଆର ରାଜଧାନୀ ଦାମାସ୍କସରେ ଗୁରୁବାର ଏକ ଶକ୍ତିଶାଳୀ ବୋମା ବିସ୍ଫୋରଣ ଘଟି ୫ ଜଣଙ୍କର ମୃତ୍ୟୁ ହୋଇଥିବା ବେଳେ ୧୦ରୁ ଅଧିକ ଲୋକ ଆହତ ହୋଇଛନ୍ତି। ସିରିଆ ସରକାରୀ ଗଣମାଧ୍ୟମର ସୂଚନା ଅନୁସାରେ, ଏହି ବିସ୍ଫୋରଣ ସ୍ଥାନୀୟ ଜଷ୍ଟିସ୍ ପ୍ୟାଲେସ୍ ନିକଟରେ ଥିବା ଏକ କାଫେ ମଧ୍ୟରେ ହୋଇଛି, ଯେଉଁଠାକୁ ସାଧାରଣତଃ ଆଇନଜୀବୀମାନେ ଯାତାୟାତ କରନ୍ତି। ବିସ୍ଫୋରଣ ପରେ ସୁରକ୍ଷା ବାହିନୀ ସମ୍ପୂର୍ଣ୍ଣ ଅଞ୍ଚଳକୁ କର୍ଡନ କରି ଘଟଣାର ତଦନ୍ତ ଆରମ୍ଭ କରିଛି। ଆଶ୍ଚର୍ଯ୍ୟଜନକ ଭାବେ, ଏହି ଆକ୍ରମଣ ସେହି ଦିନ ହିଁ ଘଟିଛି ଯେଉଁଦିନ ଦ୍ୱିପାକ୍ଷିକ ସମ୍ପର୍କକୁ ସୁଧାରିବା ପାଇଁ ଲେବାନନ ଏବଂ ସିରିଆ ମଧ୍ୟରେ ବେରୁଟ୍‌ଠାରେ ଏକ ଗୁରୁତ୍ୱପୂର୍ଣ୍ଣ ଚୁକ୍ତି ସ୍ୱାକ୍ଷରିତ ହୋଇଛି। ଲେବାନନ ପ୍ରଧାନମନ୍ତ୍ରୀ ନୱାଫ୍ ସଲାମ ଏବଂ ସିରିଆ ବୈଦେଶିକ ମନ୍ତ୍ରୀ ଅସାଦ ଅଲ୍-ଶାଇବାନୀଙ୍କ ମଧ୍ୟରେ ହୋଇଥିବା ଏହି ବୈଠକରେ ଉଭୟ ଦେଶ ପରସ୍ପରର ସାର୍ବଭୌମତ୍ୱକୁ ସମ୍ମାନ ଜଣାଇବା ସହ ସମ୍ପର୍କକୁ ଅଧିକ ମଜବୁତ କରିବାକୁ ସହମତି ପ୍ରକାଶ କରିଥିଲେ। ସମ୍ପର୍କ ସୁଧାରିବା ପାଇଁ ଏକ ଉଚ୍ଚସ୍ତରୀୟ କମିଟି ଗଠନ କରାଯିବ ବୋଲି ବୈଦେଶିକ ମନ୍ତ୍ରୀ କହିବାର କିଛି ସମୟ ପରେ ହିଁ ଦାମାସ୍କସ ଏହି ବୋମା ବିସ୍ଫୋରଣରେ ଥରି ଉଠିଛି।

# ଆମେରିକା ମୋଟେଲରେ ଅଗ୍ନିକାଣ୍ଡ: ଗୁଜରାଟର ଗୋଟିଏ ପରିବାରର ୩ ମୃତ



ୱାସିଂଟନ, ୨।୭(ଏଜେନ୍ସି): ଆମେରିକାର ଓହିଓସ୍ଥିତ ଏକ ମୋଟେଲରେ ଭୟାବହ ଅଗ୍ନିକାଣ୍ଡ ଘଟି ଗୁଜରାଟର କେଡା ଜିଲ୍ଲା ନଦିଆଦ ଅଞ୍ଚଳର ଏକା ପରିବାରର ୩ ଜଣ ସଦସ୍ୟଙ୍କ ମୃତ୍ୟୁ ଘଟିଛି। ମୃତକମାନେ ହେଲେ ହିତେଶଭାଇ ସୁଥାର, ତାଙ୍କ ପତ୍ନୀ ହିନାବେନ ଏବଂ ତାଙ୍କ ୨୦ ବର୍ଷର ଝିଅ ଈଶାନୀ। ଏହି ପରିବାର ପ୍ରାୟ ଦୁଇ ବର୍ଷ ପୂର୍ବେ ଆମେରିକାର ଓହିଓ ଅନ୍ତର୍ଗତ ୱୁଷ୍ଟରରେ ବସବାସ କରିବା ସହ ସେଠାକାର 'ଇକୋନୋ ଲଜ୍' ମୋଟେଲରେ କାମ କରୁଥିଲେ। ରାତି ପ୍ରାୟ ୧ଟା ୩୦ ମିନିଟରେ ମୋଟେଲରେ ନିଆଁ ଲାଗିଯିବା ସମୟରେ ଏହି ପରିବାର ନିଜ ରୁମ୍ ଭିତରେ ଥିଲେ। ଚତୁର୍ଦ୍ଦିଗରେ ନିଆଁ ଓ ଧୂଆଁ ବ୍ୟାପିଯିବାରୁ ସେମାନେ ବାହାରକୁ ଆସିପାରି ନଥିଲେ ଏବଂ ସାହାଯ୍ୟ ପାଇଁ ହୋଟେଲର ସମ୍ମୁଖ ଡେସ୍କକୁ ଫୋନ୍ କରିଥିଲେ। ସୁରକ୍ଷା ଦୃଷ୍ଟିରୁ ସେମାନଙ୍କୁ ବାଥରୁମ୍ ଭିତରକୁ ଯାଇ ପାଣି ଟ୍ୟାପ୍ ଖୋଲି ରହିବାକୁ ପରାମର୍ଶ ଦିଆଯାଇଥିଲା। ପରିବାର ସଦସ୍ୟମାନେ ନିଜକୁ ବାଥରୁମ୍ ଭିତରେ ବନ୍ଦ କରି ଦେଇଥିଲେ ମଧ୍ୟ ନିଆଁର ପ୍ରକୋପ ଅତ୍ୟଧିକ ଥିବାରୁ ଉଦ୍ଧାର ପୂର୍ବରୁ ହିଁ ଶ୍ୱାସରୁଦ୍ଧ ହୋଇ ତିନିଜଣଙ୍କର ମୃତ୍ୟୁ ଘଟିଥିଲା। ପାଣିପାଗ ଏବଂ ଅଗ୍ନିଶମ ବାହିନୀର ବହୁ ଚେଷ୍ଟା ସତ୍ତ୍ୱେ ସେମାନଙ୍କୁ ବଞ୍ଚାଯାଇ ପାରିନଥିଲା। ଏହି ଦୁର୍ଘଟଣାରେ ଅନ୍ୟ କେହି ମୃତାହତ ହୋଇନଥିବା ବେଳେ ନିଆଁ ଲିଭାଇବା ସମୟରେ ଜଣେ ଅଗ୍ନିଶମ କର୍ମଚାରୀ ସାମାନ୍ୟ ଆହତ ହୋଇଛନ୍ତି। ବର୍ତ୍ତମାନ ସ୍ଥାନୀୟ ପ୍ରଶାସନ ଘଟଣାର ତଦନ୍ତ କରୁଛି।

# ବ୍ରିଟିଶ ମହିଳାଙ୍କ ମସ୍ତିଷ୍କରୁ ମିଳିଲା ୩୮ ଟି ପରଜୀବୀ

ଲଣ୍ଡନ, ୨।୭(ଏଜେନ୍ସି): ୨୦୦୭ ମସିହାରେ ତିନି ମାସ ପାଇଁ ଭାରତ ଭ୍ରମଣରେ ଆସିଥିବା ବ୍ରିଟେନର ୪୨ ବର୍ଷୀୟା ମହିଳା ଲୋରି ଡେନମ୍ୟାନ୍‌ଙ୍କ ମସ୍ତିଷ୍କରୁ ୩୮ଟି ପରଜୀବୀ (କୃମି) ମିଳିବା ଘଟଣା ସାମ୍ନାକୁ ଆସିଛି। ଏହି ବିରଳ ତଥା ଗୁରୁତର ପରଜୀବୀ ସଂକ୍ରମଣକୁ ଚିକିତ୍ସା ବିଜ୍ଞାନ ଭାଷାରେ ନିଉରୋସିଷ୍ଟିସରକୋସିସ୍ କୁହାଯାଏ। ଭ୍ରମଣ ସମୟରେ ଖାଦ୍ୟ ସଂକ୍ରମଣରୁ ବଞ୍ଚିବା ପାଇଁ ଲୋରି ମାଂସ ଖାଇବାଠାରୁ ଦୂରେଇ ରହିଥିଲେ ମଧ୍ୟ ଅଜାଣତରେ



ଫିତାକୃମିର ଅଣୁବୀକ୍ଷଣ ଅଣ୍ଡା ଥିବା ଖାଦ୍ୟ ବା ଘରୋଇ ଗୁଣ୍ଡ ଶୁଖିଲା ମାଂସ (ଘୋଡ଼ା/ଘୁଷୁରି ମାଂସ ଜାତୀୟ) ଖାଇଦେଇଥିଲେ। ୨୦୧୦ ରେ ତାଙ୍କ ଶରୀରରୁ ପ୍ରଥମେ ଏକ ମିଟର ଲମ୍ବର ଫିତାକୃମି ବାହାରିଥିଲା ଏବଂ ୨୦୧୧ ରୁ ତାଙ୍କୁ ପ୍ରବଳ ମୁଣ୍ଡବିନ୍ଧା ଓ ବାତ ମାରିବା ଆରମ୍ଭ ହୋଇଥିଲା। ବ୍ରେନ୍ ସ୍କାନରୁ ଜଣାପଡ଼ିଥିଲା ଯେ ପରଜୀବୀଗୁଡ଼ିକ ତାଙ୍କ ମସ୍ତିଷ୍କରେ ବସା ବାନ୍ଧି ସାରିଛନ୍ତି। ଏଥିଯୋଗୁଁ ସେ ଦୀର୍ଘ ବର୍ଷ ଧରି ମାନସିକ ବିକୃତି ଏବଂ ପକ୍ଷାଘାତ ଭଳି ସମସ୍ୟା ଭୋଗିବା ପରେ ଚିକିତ୍ସା ଦ୍ୱାରା ୨୦୨୨ ରେ ସୁସ୍ଥ ହୋଇ କାମକୁ ଫେରିଛନ୍ତି। ଏହା 'ଟେନିଆ ସୋଲିୟମ୍' ନାମକ ଘୁଷୁରି ଫିତାକୃମିର ଲାର୍ଭା ଯୋଗୁଁ ହେଉଥିବା ଏକ ସଂକ୍ରମଣ। ଅଧା ସିଝା ଘୁଷୁରି ମାଂସ ଖାଇବା, ଦୂଷିତ ପାଣି ପିଇବା କିମ୍ବା ଅସ୍ୱାସ୍ଥ୍ୟକର ପରିବେଶରେ ଖାଦ୍ୟ ଖାଇବା ଦ୍ୱାରା ଏହାର ଅଣ୍ଡା ରକ୍ତ ମାଧ୍ୟମରେ ମସ୍ତିଷ୍କରେ ପହଞ୍ଚି ଜଳପୂର୍ଣ୍ଣ କୋଷ ତିଆରି କରନ୍ତି। ବାରମ୍ବାର ବାତ ମାରିବା, ପ୍ରବଳ ମୁଣ୍ଡବିନ୍ଧା, ମାନସିକ ସ୍ଥିତି ବିଗିଡ଼ିବା ଏବଂ ସ୍ମୃତିଶକ୍ତି ହ୍ରାସ ପାଇବା। ଆଣ୍ଟି-ପାରାସାଇଟିକ୍ ଔଷଧ, ଷ୍ଟେରଏଡ୍ କିମ୍ବା ଗୁରୁତର ସ୍ଥିତିରେ ଅସ୍ତ୍ରୋପଚାର ଦ୍ୱାରା ଏହାର ଚିକିତ୍ସା କରାଯାଏ। ଏହି ରୋଗ ବିଶ୍ୱରେ ବାତ ରୋଗର ଏକ ପ୍ରମୁଖ କାରଣ।

# ମ୍ୟାନ୍‌ହୋଲ୍‌ରେ ପଡ଼ି ବୃଦ୍ଧଙ୍କ ମୃତ୍ୟୁ

ମୁମ୍ବଇ, ୨।୭(ଏଜେନ୍ସି): ମୁମ୍ବଇରେ ଜାରି ରହିଥିବା ପ୍ରବଳ ବର୍ଷା ମଧ୍ୟରେ ଏକ ଅଭାବନୀୟ ଘଟଣା ଘଟିଛି। ଗୁରୁବାର ଦ୍ୱିପ୍ରହର ପ୍ରାୟ ୧୨:୩୦ ସମୟରେ ଖୈରାନୀ ରୋଡ୍‌ରେ ୫୫ ବର୍ଷୀୟ ଜଣେ ବ୍ୟକ୍ତି ମୋବାଇଲ୍‌ରେ କଥା ହୋଇ ଯାଉଥିବା ବେଳେ ଏକ ଖୋଲା ମ୍ୟାନହୋଲ୍ (ଡ୍ରେନ୍) ଭିତରେ ପଡ଼ି ଭାସିଯାଇଥିଲେ। ପ୍ରାୟ ୨ ଘଣ୍ଟାର ସର୍ଚ୍ଚ ଅପରେସନ ପରେ ତାଙ୍କ ମୃତଦେହ ଉଦ୍ଧାର କରାଯାଇଛି। ମୃତ ବ୍ୟକ୍ତି ଜଣକ ହେଉଛନ୍ତି ଅସଲମ ଇସାଫ୍ ଶେଖ୍। ଘଟଣାସ୍ଥଳରୁ ତାଙ୍କ ଛତା ଓ ଚପଲ ମିଳିବା ପରେ ଅଗ୍ନିଶମ ବାହିନୀ ଓ ପୁଲିସ ଉଦ୍ଧାର କାର୍ଯ୍ୟ ଆରମ୍ଭ କରିଥିଲା। ଏକ ଘରୋଇ ସଂସ୍ଥା ଦ୍ୱାରା ଚାଲିଥିବା ମରାମତି କାମ ଯୋଗୁଁ ମ୍ୟାନହୋଲ୍‌ର ଢାଙ୍କୁଣୀ ଖୋଲା ରଖାଯାଇଥିଲା। ଏହି ଅବହେଳା ପାଇଁ ସମ୍ପୃକ୍ତ କଣ୍ଟ୍ରାକ୍ଟରଙ୍କ ବିରୋଧରେ ହତ୍ୟା ମାମଲା ରୁଜୁ କରାଯିବ ବୋଲି ଡେପୁଟି ମେୟର ସଞ୍ଜୟ ଘାଡ଼ି କହିଛନ୍ତି। ସୂଚନାଯୋଗ୍ୟ, ଗତ ୨୪ ଘଣ୍ଟାରେ ମୁମ୍ବଇର କେତେକ ସ୍ଥାନରେ ୨୦୦ ମିମିରୁ ଅଧିକ ବର୍ଷା ରେକର୍ଡ କରାଯାଇଛି, ଯାହାଫଳରେ ଅନେକ ଅଞ୍ଚଳ ଜଳମଗ୍ନ ହୋଇଛି ଏବଂ ସ୍ଥାନୀୟ ଟ୍ରେନ୍ ସେବା ମଧ୍ୟ ବାଧାପ୍ରାପ୍ତ ହୋଇଛି। ମୁମ୍ବାଇରେ ବର୍ଷା ସମୟରେ ପ୍ରଶାସନିକ ଏବଂ କଣ୍ଟ୍ରାକ୍ଟରଙ୍କ ଏଭଳି ଦାୟିତ୍ୱହୀନତା ପୁଣି ଥରେ ଜଣେ ନିରୀହ ଲୋକଙ୍କ ଜୀବନ ନେଇଛି। ପାଣିପାଗ ବିଭାଗ ଆଗାମୀ କିଛି ଘଣ୍ଟା ପାଇଁ ପ୍ରବଳରୁ ଅତି ପ୍ରବଳ ବର୍ଷାର ସତର୍କ ସୂଚନା ଜାରି କରିଥିବାରୁ ସହରବାସୀଙ୍କୁ ସତର୍କ ରହିବାକୁ କୁହାଯାଇଛି।

# ଭାରତ-ଜାପାନ ମଧ୍ୟରେ ପ୍ରତିରକ୍ଷା ଚୁକ୍ତି ସ୍ୱାକ୍ଷରିତ

ନୂଆଦିଲ୍ଲୀ, ୨।୭(ଏଜେନ୍ସି): ଭାରତ ଏବଂ ଜାପାନ ମଧ୍ୟରେ ଅର୍ଥନୈତିକ ଏବଂ ପ୍ରତିରକ୍ଷା ସମ୍ପର୍କକୁ ଅଧିକ ମଜବୁତ କରିବା ଦିଗରେ ଏକ ନୂତନ ଅଧ୍ୟାୟ ସୃଷ୍ଟି ହୋଇଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏବଂ ଭାରତ ଗସ୍ତରେ ଆସିଥିବା ଜାପାନର ପ୍ରଧାନମନ୍ତ୍ରୀ ସାନାଏ ତାକାଇଚିଙ୍କ ମଧ୍ୟରେ ନୂଆଦିଲ୍ଲୀର ରାଷ୍ଟ୍ରପତି ଭବନଠାରେ ୧୬ତମ ଭାରତ-ଜାପାନ ବାର୍ଷିକ ଶିଖର ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏହି ଦ୍ୱିପାକ୍ଷିକ ଆଲୋଚନା ପରେ ଉଭୟ ଦେଶ ମଧ୍ୟରେ ପ୍ରତିରକ୍ଷା, କୃତ୍ରିମ ବୁଦ୍ଧିମତ୍ତା (ଏଆଇ), ଶକ୍ତି, ଧାତୁ ଏବଂ ସ୍ୱାସ୍ଥ୍ୟ କ୍ଷେତ୍ରରେ କେତେକ ଗୁରୁତ୍ୱପୂର୍ଣ୍ଣ ଚୁକ୍ତିନାମା ସ୍ୱାକ୍ଷରିତ ହୋଇଛି। ଦୁଇ ଦେଶ ମଧ୍ୟରେ ପ୍ରତିରକ୍ଷା ପ୍ରଯୁକ୍ତିବିଦ୍ୟାର ମିଳିତ ବିକାଶ ପାଇଁ ଚୁକ୍ତି ହୋଇଛି। ଏହା ଅଧୀନରେ ନୌସେନା ରେଡିଓ ଆଣ୍ଟେନା 'ୟୁନିକର୍ଣ୍ଣ'ର ସହ-ବିକାଶ ପ୍ରକଳ୍ପ ଆରମ୍ଭ କରାଯିବ,



ଯାହା ସାମୁଦ୍ରିକ ସୁରକ୍ଷା ଏବଂ ଆଞ୍ଚଳିକ ଶାନ୍ତିକୁ ସୁଦୃଢ଼ କରିବ। ପ୍ରଧାନମନ୍ତ୍ରୀ ମୋଦୀ ଆଗାମୀ ୧୦ ବର୍ଷ ମଧ୍ୟରେ ଭାରତରେ ଜାପାନ ୧୦ ଟ୍ରିଲିୟନ ୟେନ୍ (ଜାପାନୀ ମୁଦ୍ରା) ନିବେଶ କରିବ ଏବଂ ଭାରତରେ କାର୍ଯ୍ୟ କରୁଥିବା ଜାପାନୀ କମ୍ପାନୀଗୁଡ଼ିକର ସଂଖ୍ୟା ଦ୍ୱିଗୁଣିତ ହେବ ବୋଲି ଘୋଷଣା କରିଛନ୍ତି। ଜାପାନର ସୂକ୍ଷ୍ମ ପ୍ରଯୁକ୍ତିବିଦ୍ୟା ଏବଂ ଭାରତର ସଫ୍ଟୱେର୍ କ୍ଷମତାର ମିଶ୍ରଣ

### ଜାପାନ ପ୍ରଧାନମନ୍ତ୍ରୀ ତାକାଇଚିଙ୍କୁ 'ସାନ ଭଉଣୀ' ସମ୍ବୋଧନ କଲେ ମୋଦୀ

ବିଶ୍ୱସ୍ତରରେ ଏଆଇ ବିକାଶକୁ ଏକ ନୂଆ ଗତି ପ୍ରଦାନ କରିବ। ଔଷଧ, ଚିକିତ୍ସା ଉପକରଣ ଏବଂ ବାୟୋଟେକ୍ନୋଲୋଜି କ୍ଷେତ୍ରରେ ହୋଇଥିବା ଚୁକ୍ତିନାମା ବିଶ୍ୱ ସ୍ୱାସ୍ଥ୍ୟ ସୁରକ୍ଷାରେ ସହାୟକ ହେବ। ଭାରତର ବ୍ୟାପକତା ଏବଂ ଜାପାନର ଗୁଣବତ୍ତା ମିଶି ସମଗ୍ର ବିଶ୍ୱକୁ ଶସ୍ତା ତଥା ନିର୍ଭରଯୋଗ୍ୟ ସ୍ୱାସ୍ଥ୍ୟ ସେବା ଯୋଗାଇବ। ଜାପାନ ପ୍ରଧାନମନ୍ତ୍ରୀ ଭାବେ ପ୍ରଥମ ଭାରତ ଗସ୍ତରେ ଆସିଥିବା ସାନାଏ ତାକାଇଚିଙ୍କୁ ପ୍ରଧାନମନ୍ତ୍ରୀ ମୋଦୀ ସ୍ୱାଗତ ଜଣାଇ ଜଣେ 'ଦୂରଦର୍ଶୀ ଏବଂ ଜନପ୍ରିୟ ନେତ୍ରୀ' ଭାବେ ଅଭିହିତ କରିଛନ୍ତି। ତାଙ୍କୁ ନିଜର 'ସାନ ଭଉଣୀ' ବୋଲି ସମ୍ବୋଧନ କରିବା ସହ ତାଙ୍କ ଜନ୍ମସ୍ଥାନ ଜାପାନର ନାରା ପ୍ରଦେଶ ସହିତ ଭାରତର ବୌଦ୍ଧ ସମ୍ପର୍କ ରହିଥିବା କଥା ମୋଦୀ ମନେ ପକାଇ ଦେଇଛନ୍ତି। 'ଆଜିର ବୈଶ୍ୱିକ ଅଶାନ୍ତି ସମୟରେ ପାରସ୍ପରିକ ବିଶ୍ୱାସ ହିଁ ଆମର ସବୁଠାରୁ ବଡ଼ ରଣନୈତିକ ସମ୍ପତ୍ତି। ଭାରତ ଏବଂ ଜାପାନର ସହଭାଗିତା ଏହି କଷଟି ପଥରରେ ସମ୍ପୂର୍ଣ୍ଣ ସଫଳ ପ୍ରମାଣିତ ହୋଇଛି' ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍ତି।

# ହାଜତ ମୃତ୍ୟୁ ମାମଲା; ୯ ପୁଲିସ କର୍ମଚାରୀଙ୍କୁ ଆଜୀବନ କାରାଦଣ୍ଡ

ୱାଶିମ୍, ୨।୭(ଏଜେନ୍ସି): ମହାରାଷ୍ଟ୍ରର ୱାଶିମ୍ ଜିଲ୍ଲା ଅଦାଲତ ୨୦୧୧ର ହାଜତ ମୃତ୍ୟୁ ମାମଲାରେ ଗୁରୁବାର ଐତିହାସିକ ରାୟ ଶୁଣାଇଛନ୍ତି। ଜିଲ୍ଲା ତଥା ଅତିରିକ୍ତ ସେସନ ଜଜ୍ ଜେପି. ଝାପଟେ ତତ୍କାଳୀନ ରିସୋଡ ପୁଲିସ ଥାନାର ପ୍ରଭାରୀ ମାଧବ ଧାଣ୍ଡେଙ୍କ ସମେତ ୯ ଜଣ ପୁଲିସ କର୍ମଚାରୀଙ୍କୁ ଦୋଷୀ ସାବ୍ୟସ୍ତ କରିବା ସହ ଆଜୀବନ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ଏହାସହ ପ୍ରତ୍ୟେକ ଅଭିଯୁକ୍ତଙ୍କୁ ୧୦, ୦୦୦ ଟଙ୍କାର ଜରିମାନା ମଧ୍ୟ କରିଛନ୍ତି। ଜରିମାନା ଅନାଦେୟ ହେଲେ ଅଧିକ ୬ ମାସର କାରାଦଣ୍ଡ ପାଇଁ କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ଦୋଷୀଙ୍କ ମଧ୍ୟରୁ ୪ ଜଣଙ୍କୁ ଏସ୍‌ସି-ଏସ୍‌ଟି ଆଇନ ଅନୁଯାୟୀ ପୃଥକ ଦଣ୍ଡାଦେଶ ହୋଇଛି। ଆଜୀବନ କାରାଦଣ୍ଡରେ ଦଣ୍ଡିତ ପୁଲିସ କର୍ମଚାରୀମାନେ ହେଲେ ମାଧବ ମାଣିକରାଓ ଧାଣ୍ଡେ, ମଦନ ପାୱାର, ଶିବାଜୀ ଖିଲାରୀ, ପଞ୍ଜାବ ପାଟକର, ରମେଶ ପାୱାର, ପ୍ରକାଶ ତରାମ, ନାଗୋରାଓ ଖାଣ୍ଡକେ, ଅଶୋକ ବୈଦ୍ୟ ଏବଂ ବସନ୍ତ ଯାଦବ। ୨୦୧୧ରେ ଏକ ଚୋରି ମାମଲାରେ ଭେଗ୍ୟା ପାୱାର ନାମ୍ନୀ ଯୁବକଙ୍କୁ ରିସୋଡ ପୁଲିସ ପଚରାଉଚରା ପାଇଁ ହାଜତକୁ ନେଇଥିଲା। ପରେ ହାଜତରେ ହିଁ ତାଙ୍କର ମୃତ୍ୟୁ ଘଟିଥିଲା। ପୁଲିସର ଅମାନୁଷିକ ନିର୍ଯାତନାରେ ତାଙ୍କର ମୃତ୍ୟୁ ଘଟିଥିବା ପରିବାର ଲୋକେ ଅଭିଯୋଗ କରିଥିଲେ।

### ପାହାଡ଼ରୁ କେତନଙ୍କୁ ଠେଲିଲା କିଏ?

# ସିୟାଙ୍କ ହେବ ପଲିଗ୍ରାଫ୍ ଟେଷ୍ଟ

ପୁନେ, ୨।୭(ଏଜେନ୍ସି): ଭାବି ସ୍ୱାମୀ କେତନ ଅଗ୍ରୱାଲଙ୍କୁ ପାହାଡ଼ ଉପରୁ ଠେଲି ହତ୍ୟା କରିବା ମାମଲାରେ ଏବେ ପୁନେ ପୁଲିସ ଏକ ବଡ଼ ପଦକ୍ଷେପ ନେଇଛି। ମୁଖ୍ୟ ଅଭିଯୁକ୍ତ ସିୟା ଗୋୟଲଙ୍କର ମିଛ ଧରା ପରୀକ୍ଷା (ପଲିଗ୍ରାଫ୍ ଟେଷ୍ଟ) କରିବା ପାଇଁ ପୁଲିସ ଗୁରୁବାର ଅଦାଲତଙ୍କ ଦ୍ୱାରସ୍ଥ ହୋଇଛି। ପୁଲିସ ଅଦାଲତଙ୍କୁ ଜଣାଇଛି ଯେ, କେତନଙ୍କୁ ପ୍ରକୃତରେ କିଏ ଗଭୀର ଖାତକୁ ଠେଲିଦେଲା, ସେ ନେଇ କୌଣସି ପ୍ରତ୍ୟକ୍ଷଦର୍ଶୀ ବା ଚୂଡ଼ାନ୍ତ ପ୍ରମାଣ ମିଳିପାରି ନାହିଁ। ତେଣୁ ତଦନ୍ତକୁ ଆଗକୁ ବଢ଼ାଇବା ପାଇଁ ଏହି ପରୀକ୍ଷା ନିହାତି ଜରୁରୀ। ଗତ ଜୁନ୍ ୧୮ରେ ପୁନେର ଜଣେ ଜମିବାଡ଼ି ବ୍ୟବସାୟୀ କେତନ ଅଗ୍ରୱାଲଙ୍କୁ ଲୋହଗଡ଼ ଦୁର୍ଗର ଏକ ପାହାଡ଼ ଉପରୁ ଠେଲି



ହତ୍ୟା କରାଯାଇଥିବା ଅଭିଯୋଗ ହୋଇଥିଲା। ଆସନ୍ତା ନଭେମ୍ବରରେ ସିୟାଙ୍କ ସହ କେତନଙ୍କ ବିବାହ ହେବାର ଥିଲା। ମାତ୍ର ସିୟା ନିଜ ପ୍ରେମିକ ଚେତନ ଚୌଧୁରୀଙ୍କ ସହ ମିଶି ଏହି ହତ୍ୟାକାଣ୍ଡର ଷଡ଼ଯନ୍ତ୍ର ରଚିଥିବା ପୁଲିସ କହିଛି। ବର୍ତ୍ତମାନ ଉଭୟ ଅଭିଯୁକ୍ତ ପୁଲିସ ହେପାଜତରେ ଅଛନ୍ତି। ପୁଲିସ କୋର୍ଟରେ ଯୁକ୍ତି ବାଢ଼ିଛି ଯେ, ସିୟା ଏବଂ ଚେତନଙ୍କ ବୟାନ ରେକର୍ଡ କରାଯାଇଥିଲେ ମଧ୍ୟ ସେମାନଙ୍କ କଥାରେ ଅନେକ ଅସଙ୍ଗତି ରହିଛି। ମିଛ ଧରା ପରୀକ୍ଷା ଦ୍ୱାରା ଘଟଣାର ଅନେକ ନୂଆ ଦିଗ ଏବଂ ସୂଚନା ସାମ୍ନାକୁ ଆସିପାରିବ। ଅନ୍ୟପଟେ ସିୟାଙ୍କ ଓକିଲ ବିପୁଲ ଦୁସିଂ କହିଛନ୍ତି ଯେ, ଏଭଳି ପରୀକ୍ଷା ପାଇଁ ଅନେକ ଆଇନଗତ ଏବଂ ବୈଷୟିକ ପ୍ରକ୍ରିୟା ଶେଷ କରିବାକୁ ପଡ଼ିବ ଏବଂ ଏଥିପାଇଁ ଅଭିଯୁକ୍ତଙ୍କ ସହମତି ମଧ୍ୟ ବାଧ୍ୟତାମୂଳକ। ସୂଚନାଯୋଗ୍ୟ, ହତ୍ୟା ପରେ କେତନଙ୍କ ମୋବାଇଲ୍ ଫୋନ୍ କିଛି ସମୟ ପାଇଁ ସିୟାଙ୍କ ପାଖରେ ଥିଲା। ସେ ସେଥିରୁ କୌଣସି ଗୁରୁତ୍ୱପୂର୍ଣ୍ଣ ତଥ୍ୟ ବା ପ୍ରମାଣ ଲିଭାଇ ଦେଇଛନ୍ତି କି ନାହିଁ, ସେ ନେଇ ପୁଲିସର ବୈଜ୍ଞାନିକ ଦଳ ଯାଞ୍ଚ କରୁଛନ୍ତି।

# ମମତା, ରତବ୍ରତ ଗୋଷ୍ଠୀଙ୍କୁ ନିର୍ବାଚନ କମିସନଙ୍କ ନୋଟିସ୍

କୋଲକାତା, ୨।୭(ଏଜେନ୍ସି): ପଶ୍ଚିମବଙ୍ଗର ରାଜନୀତିରେ ତୃଣମୂଳ କଂଗ୍ରେସ (ଟିଏମ୍‌ସି)ରେ ଆଧିପତ୍ୟକୁ ନେଇ ମମତା ବାନାର୍ଜୀ ଏବଂ ରତବ୍ରତ ବାନାର୍ଜୀଙ୍କ ନେତୃତ୍ୱାଧୀନ ଦୁଇଟି ଗୋଷ୍ଠୀ ମଧ୍ୟରେ ବିବାଦ ପରେ ଭାରତୀୟ ନିର୍ବାଚନ କମିଶନ (ଇସି) ଗୁରୁବାର ଉଭୟ ଗୋଷ୍ଠୀକୁ ନୋଟିସ୍ ଜାରି କରିଛନ୍ତି। ଏଥିରେ ପ୍ରକୃତ ଟିଏମ୍‌ସି କିଏ ଏବଂ ଦଳର ସାଂଗଠନିକ ନିୟନ୍ତ୍ରଣ, ଦଳୀୟ ଚିହ୍ନ, ବ୍ୟାଙ୍କ ଆକାଉଣ୍ଟ ତଥା ଅଧିକୃତ ସ୍ୱାକ୍ଷରକାରୀ କିଏ ରହିବେ, ସେ ନେଇ ଉଭୟ ପକ୍ଷକୁ ନିଜର ପକ୍ଷ ରଖିବାକୁ କୁହାଯାଇଛି। ଏଥିପାଇଁ ଜୁଲାଇ ୬ ସୁଦ୍ଧା ସବିଶେଷ ଜବାବ ଦାଖଲ କରିବାକୁ କମିଶନ ନିର୍ଦ୍ଦେଶ ଦେଇଛନ୍ତି। ପଶ୍ଚିମବଙ୍ଗର ବିଧାନସଭା ନିର୍ବାଚନରେ ଟିଏମ୍‌ସି ପରାଜିତ ହେବା ପରେ ରତବ୍ରତଙ୍କ ନେତୃତ୍ୱରେ ବିଦ୍ରୋହୀ ଗୋଷ୍ଠୀ ମମତା ଏବଂ ତାଙ୍କ ଭଣଜା ଅଭିଷେକ ବାନାର୍ଜୀଙ୍କ ନେତୃତ୍ୱକୁ ଚ୍ୟାଲେଞ୍ଜ କରିଛନ୍ତି। ବିଦ୍ରୋହୀଙ୍କ ଦାବି ଅନୁଯାୟୀ, ଦଳର ୮୦ ଜଣ ବିଧାୟକଙ୍କ ମଧ୍ୟରୁ ୬୫ ରୁ ଅଧିକ ବିଧାୟକଙ୍କ ସମର୍ଥନ ସେମାନଙ୍କ ପାଖରେ ରହିଛି। ବର୍ତ୍ତମାନ ରତବ୍ରତ ପଶ୍ଚିମବଙ୍ଗ ବିଧାନସଭାରେ ବିରୋଧୀ ଦଳ ନେତା ଭାବେ କାର୍ଯ୍ୟ କରୁଛନ୍ତି। ରତବ୍ରତଙ୍କ ଗୋଷ୍ଠୀ କିଛି ସପ୍ତାହ ପୂର୍ବରୁ ଏକ ସ୍ୱତନ୍ତ୍ର ବୈଠକ କରି ବରିଷ୍ଠ ବିଧାୟକ ଅରୂପ ରାୟଙ୍କୁ ଦଳର ଅଧ୍ୟକ୍ଷ ଭାବେ ନିଯୁକ୍ତ କରିଛନ୍ତି ଏବଂ ପ୍ରତିଷ୍ଠାତା ମମତାଙ୍କୁ ଏହି ପଦରୁ ହଟାଇ ଦେଇଛନ୍ତି। ଏଥିସହିତ ଅଭିଷେକଙ୍କୁ ମଧ୍ୟ ଦଳରୁ ନିଲମ୍ବିତ କରାଯାଇଥିବା ସେମାନେ ଘୋଷଣା କରିଛନ୍ତି। ରତବ୍ରତ କହିଛନ୍ତି ଯେ,

### 'ପ୍ରକୃତ' ଟିଏମ୍‌ସି ଲଢ଼େଇ



କେବଳ ବିଧାୟକ ନୁହଁନ୍ତି, ବରଂ କର୍ପୋରେଟର, ପୌର ପରିଷଦ ସଦସ୍ୟ ଏବଂ ଜିଲ୍ଲା ପରିଷଦ ସଦସ୍ୟମାନେ ମଧ୍ୟ ସେମାନଙ୍କ ସହ ଅଛନ୍ତି। ଅନ୍ୟପଟେ, ମମତା ବାନାର୍ଜୀଙ୍କ ଅନୁଗତ ନେତାମାନେ ଏହି ଦାବିକୁ ସମ୍ପୂର୍ଣ୍ଣ ପ୍ରତ୍ୟାଖ୍ୟାନ କରିଛନ୍ତି। ସୌଗତ ରାୟ ଏବଂ ସାଗରିକା ଘୋଷଙ୍କ ପରି ବରିଷ୍ଠ ନେତାମାନେ କହିଛନ୍ତି ଯେ, କେବଳ ବିଧାୟକଙ୍କ ସଂଖ୍ୟା ଦଳର କର୍ତ୍ତୃତ୍ୱ ନିର୍ଦ୍ଧାରଣ କରେ ନାହିଁ, ବରଂ ସାଂଗଠନିକ ଶକ୍ତି ହିଁ ମୁଖ୍ୟ ଏବଂ ତାହା ଏବେ ମଧ୍ୟ ମମତାଙ୍କ ପାଖରେ ରହିଛି। ଦଳରୁ ବହିଷ୍କୃତ ଜଣେ ବ୍ୟକ୍ତିଙ୍କୁ ନିର୍ବାଚନ କମିଶନ କେଉଁ ଆଧାରରେ ଭେଟିବାକୁ ସମୟ ଦେଲେ, ସେ ନେଇ ସୌଗତ ରାୟ ପ୍ରଶ୍ନ ଉଠାଇଛନ୍ତି।

# ୟୁଜିସି-ନେଟ୍ ପରୀକ୍ଷା ପ୍ରଶ୍ନପତ୍ରରେ ବ୍ୟାପକ ତ୍ରୁଟି

ନୂଆଦିଲ୍ଲୀ, ୨।୭(ଏଜେନ୍ସି): ଗତ ଜୁନ୍ ୩୦ ତାରିଖରେ ଅନୁଷ୍ଠିତ ହୋଇଥିବା ୟୁଜିସି-ନେଟ୍ ପରୀକ୍ଷା ଏବେ ବିବାଦ ଘେରକୁ ଆସିଛି। ବିଶେଷ କରି ସୋସିଓଲୋଜି (ସମାଜଶାସ୍ତ୍ର) ପ୍ରଶ୍ନପତ୍ରରେ ଅନେକ ବନାନ ଭୁଲ, ନିମ୍ନମାନର ଅନୁବାଦ ଏବଂ ପାଠ୍ୟକ୍ରମ ବାହାରୁ ପ୍ରଶ୍ନ ପଚରାଯାଇଥିବା ନେଇ ପରୀକ୍ଷାର୍ଥୀମାନେ ଗୁରୁତର ଅଭିଯୋଗ କରିଛନ୍ତି। ପରୀକ୍ଷାର୍ଥୀଙ୍କ ଅନୁସାରେ, ପ୍ରଶ୍ନପତ୍ରରେ ସାଧାରଣ ଟାଇପିଂ ଭୁଲ ସହ ଗୁରୁତର ବ୍ୟାକରଣଗତ ତ୍ରୁଟି ଏବଂ ଭୁଲ ହିନ୍ଦୀ ଅନୁବାଦ ଦେଖିବାକୁ ମିଳିଥିଲା। ଏହି କାରଣରୁ ପ୍ରଶ୍ନଗୁଡ଼ିକୁ ବୁଝିବାରେ ପରୀକ୍ଷାର୍ଥୀମାନେ ଅନେକ ଅସୁବିଧାର ସମ୍ମୁଖୀନ ହୋଇଥିଲେ। ଏହି ଅଭିଯୋଗଗୁଡ଼ିକ ପରେ ପରୀକ୍ଷାର୍ଥୀଙ୍କ ଅଭିଯୋଗକୁ ଗ୍ରହଣ କରା ଯାଇଥିବା ଏନ୍‌ଟିଏ କହିଛି। ଏହି ବିଷୟଗୁଡ଼ିକୁ ଏଜେନ୍ସିର ନିର୍ଦ୍ଧାରିତ ପ୍ରକ୍ରିୟା ଅନୁଯାୟୀ ଯାଞ୍ଚ କରାଯାଉଛି।

# ଟିଭିକେରେ ସାମିଲ ହେଲେ ଏଆଇଏଡିଏମ୍‌କେ ନେତା

ଚେନ୍ନଇ, ୨।୭(ଏଜେନ୍ସି): ତାମିଲନାଡୁ ରାଜନୀତିରେ ପ୍ରମୁଖ ଦ୍ରାବିଡ଼ ଦଳ ଏଆଇଏଡିଏମକେର ଅନେକ ପ୍ରଭାବଶାଳୀ ନେତା ମୁଖ୍ୟମନ୍ତ୍ରୀ ସି. ଜୋସେଫ ବିଜୟଙ୍କ ନେତୃତ୍ୱାଧୀନ ତାମିଲଗା ଭେଟ୍ରି କାଜଗମରେ ସାମିଲ ହୋଇଛନ୍ତି। ଏଆଇଏଡିଏମକେର ପୂର୍ବତନ ସ୍ୱାସ୍ଥ୍ୟମନ୍ତ୍ରୀ ସି. ବିଜୟଭାସ୍କର, ପୂର୍ବତନ ପରିବହନ ମନ୍ତ୍ରୀ ଏମଆର. ବିଜୟଭାସ୍କର ଏବଂ ଅନ୍ୟ ଦୁଇ ପୂର୍ବତନ ମନ୍ତ୍ରୀ ଏମଏସଏମ. ଆନନ୍ଦନ ଓ ଏସ. ବଲରମାଥି ପ୍ରମୁଖ ଟିଭିକେରେ ଯୋଗ ଦେଇଛନ୍ତି। ଏହା ସହିତ ପ୍ରାୟ ୧୫ ଜଣ ପୂର୍ବତନ ବିଧାୟକ ଏବଂ ଶତାଧିକ କର୍ମକର୍ତ୍ତା ମଧ୍ୟ ନୂତନ ଦଳରେ ସାମିଲ ହୋଇଛନ୍ତି। ଏଡାପାଡି କେ. ପାଲାନିସ୍ୱାମୀଙ୍କ ନେତୃତ୍ୱାଧୀନ ଏଆଇଏଡିଏମକେ ପାଇଁ ଏହା ଏକ ଶକ୍ତ ଧକ୍କା ବୋଲି ବିବେଚନା କରାଯାଉଛି। ଏହି ନେତାମାନେ ଏଆଇଏଡିଏମକେ ଛାଡିବାର ମୁଖ୍ୟ କାରଣ ଭାବେ ଦଳର ସାଧାରଣ ସମ୍ପାଦକ ଏଡାପାଡି ପାଲାନିସ୍ୱାମୀଙ୍କ କାର୍ଯ୍ୟଶୈଳୀକୁ ଦାୟୀ କରିଛନ୍ତି। ସେପଟେ ଦଳବଦଳକୁ ନେଇ ଡିଏମକେ ନେତ୍ରୀ କନିମୋଝି ବିଜେପି ଉତ୍ତର ଭାରତରେ ବ୍ୟବହାର କରୁଥିବା 'ୱାଶିଂ ମେସିନ' ଏବେ ତାମିଲନାଡୁକୁ ଆସିଛି ବୋଲି କହିଛନ୍ତି।

### ■ ଉପଗ୍ରହ ଚିତ୍ରରୁ ସାମ୍ନାକୁ ଆସିଲା ଚାଞ୍ଚଲ୍ୟକର ତଥ୍ୟ

# ଆଟଲାଣ୍ଟିକ୍ ମହାସାଗରରେ ୫,୦୦୦ ମାଇଲ ବ୍ୟାପୀ ଶୈବାଳ

ୱାସିଂଟନ୍, ୨।୭(ଏଜେନ୍ସି): ଆଟଲାଣ୍ଟିକ ମହାସାଗରରେ ଏକ ଅଭାବନୀୟ ପ୍ରାକୃତିକ ପରିବର୍ତ୍ତନ ଦେଖିବାକୁ ମିଳିଛି। ଉପଗ୍ରହ ବା କୃତ୍ରିମ ଉପଗ୍ରହରୁ ମିଳିଥିବା ଚିତ୍ର ଅନୁଯାୟୀ, ମହାସାଗର ବକ୍ଷରେ ପ୍ରାୟ ୫, ୦୦୦ ମାଇଲ୍ (୮, ୮୫୦ କିଲୋମିଟର) ଲମ୍ବର ଏକ ବିଶାଳ ବାଦାମୀ ରଙ୍ଗର ସାମୁଦ୍ରିକ ଶୈବାଳ'ର ଆସ୍ତରଣ ବା ବେଲ୍ଟ ସୃଷ୍ଟି ହୋଇଛି। ପଶ୍ଚିମ ଆଫ୍ରିକାର ଉପକୂଳରୁ ଆରମ୍ଭ କରି କାରିବିଆନ୍ ସାଗର ଏବଂ ମେକ୍ସିକୋ ଗଲ୍ ପର୍ଯ୍ୟନ୍ତ ଏହି ବିଶାଳ ସାମୁଦ୍ରିକ ଜୈବ-ଭାର (ବାୟୋ ମାସ୍) ବ୍ୟାପି ରହିଛି। ବିଜ୍ଞାନୀମାନେ ଏହାକୁ 'ଦି ଗ୍ରେଟ୍ ଆଟଲାଣ୍ଟିକ ସାର୍ଗାସମ୍ ବେଲ୍ଟ' ଆଖ୍ୟା ଦେଇଛନ୍ତି। ବୈଜ୍ଞାନିକ ସଂସ୍ଥା 'ସାଇନ୍ସ ଡାଇରେକ୍ଟ'ର ସମ୍ପ୍ରତି ରିପୋର୍ଟ ଅନୁଯାୟୀ, ଏହି ଶୈବାଳ ସ୍ତରର ଓଜନ ପ୍ରାୟ ୩୭.୫ ମିଲିୟନ (୩.୭୫ କୋଟି) ମେଟ୍ରିକ ଟନ୍‌ରେ ପହଞ୍ଚିଛି। ଉପଗ୍ରହ ନଜର ରଖିବା ଆରମ୍ଭ କରିବା ଦିନଠାରୁ ଏହା ଏପର୍ଯ୍ୟନ୍ତର ସବୁଠାରୁ ବଡ଼ ରେକର୍ଡ। ଗତ ଚାରି ଦଶନ୍ଧିର ଶୈବାଳ ନମୁନାକୁ ପରୀକ୍ଷା କରିବା ପରେ ଜଣାପଡ଼ିଛି ଯେ, ୧୯୮୦ ଦଶନ୍ଧି ତୁଳନାରେ ଏହି ଶୈବାଳଗୁଡ଼ିକରେ ନାଇଟ୍ରୋଜେନ୍‌ର ପରିମାଣ ୫୦ ପ୍ରତିଶତରୁ ଅଧିକ ବୃଦ୍ଧି ପାଇଛି। ଏହା ସ୍ପଷ୍ଟ ସୂଚାଉଛି ଯେ ସମୁଦ୍ରରେ ମାନବକୃତ ପ୍ରଦୂଷଣ ଓ ପୋଷକ ତତ୍ତ୍ୱର ମାତ୍ରା ଅତ୍ୟଧିକ ବଢ଼ିବାରେ ଲାଗିଛି। ବିଜ୍ଞାନୀମାନଙ୍କ ମତରେ ଏହି ଅସ୍ୱାଭାବିକ ଅଭିବୃଦ୍ଧି ପଛରେ କେବଳ ଗୋଟିଏ କାରଣ ନାହିଁ, ବରଂ ପ୍ରକୃତି ଏବଂ ମଣିଷର କାର୍ଯ୍ୟକଳାପ ଉଭୟ ଦାୟୀ। ମହାସାଗରର ଜଳପ୍ରବାହ ଏବଂ ବିଷୁବରେଖା ନିକଟରେ ବହୁଥିବା ପବନ ଏହି ଭାସମାନ ଶୈବାଳଗୁଡ଼ିକୁ ଏକତ୍ରିତ କରି ବ୍ୟାପକ ଭାବେ ବିଛାଇବାରେ ସାହାଯ୍ୟ କରୁଛି। ଆମାଜନ ଭଳି ବିଶାଳ ନଦୀଗୁଡ଼ିକ ମାଧ୍ୟମରେ ପ୍ରଚୁର ପରିମାଣର ରାସାୟନିକ ସାର ମିଶ୍ରିତ କୃଷି ବର୍ଜ୍ୟଜଳ, ଦୂଷିତ ମଳପ୍ରବାହ ଏବଂ ଫସଫରସ୍ ଓ ନାଇଟ୍ରୋଜେନ୍ ସମୁଦ୍ରରେ ମିଶୁଛି। ଏହି ପୋଷକ ତତ୍ତ୍ୱଗୁଡ଼ିକୁ ପାଇ ଶୈବାଳଗୁଡ଼ିକ ଅତି ଦ୍ରୁତ ଗତିରେ ବଂଶବୃଦ୍ଧି କରୁଛନ୍ତି। ଗଭୀର ସମୁଦ୍ରରେ ଭାସୁଥିବା ବେଳେ ଏହି ଶୈବାଳ ଗଦା ମାଛ, ସାମୁଦ୍ରିକ କଇଁଛ ଏବଂ ଅନ୍ୟାନ୍ୟ ଛୋଟ ଜୀବଙ୍କ ପାଇଁ ଏକ ସୁରକ୍ଷିତ ଆଶ୍ରୟସ୍ଥଳ ଓ ଖାଦ୍ୟର ଉତ୍ସ ସାଜିଥାଏ। କିନ୍ତୁ ଯେତେବେଳେ ଏହି ବିଶାଳ ଶୈବାଳ ଗଦା ପବନରେ ଭାସି ଆସି ସମୁଦ୍ର କୂଳ ବା ବିଚ୍‌ରେ ଜମା ହୁଏ, ସେତେବେଳେ ସମସ୍ୟା ସୃଷ୍ଟି ହୁଏ। ସେଗୁଡ଼ିକ ସଢ଼ିବା ପରେ ସେଥିରୁ ପ୍ରବଳ ଦୁର୍ଗନ୍ଧଯୁକ୍ତ 'ହାଇଡ୍ରୋଜେନ୍ ସଲଫାଇଡ୍'



ଗ୍ୟାସ ନିର୍ଗତ ହୁଏ, ଯାହା ପର୍ଯ୍ୟଟନ ଶିଳ୍ପକୁ ବହୁତ କ୍ଷତି ପହଞ୍ଚାଏ। ଏହାଛଡ଼ା ଉପକୂଳ ଜଳରେ ଅମ୍ଳଜାନର ମାତ୍ରା କମିଯିବା ଫଳରେ ସାମୁଦ୍ରିକ ପ୍ରବାଳ ପ୍ରାଚୀର ଏବଂ ଜଳଜ ଉଦ୍ଭିଦ ନଷ୍ଟ ହେବାର ଆଶଙ୍କା ଦେଖାଦେଇଛି। ପରିବେଶବିତ୍‌ମାନଙ୍କ ମତରେ, ଏହି ବିଶାଳ ଶୈବାଳ ବେଲ୍ଟ ପ୍ରକୃତିର ଏକ ଚେତାବନୀ, ଯାହା ଦର୍ଶାଉଛି କିପରି ମଣିଷର କାର୍ଯ୍ୟକଳାପ ଏବେ ବିଶାଳ ମହାସାଗରର ପରିସଂସ୍ଥାକୁ ମଧ୍ୟ ବିପନ୍ନ କରୁଛି।

**ପୁଣି ଭୁଟେଇଲା ଗଣଶିକ୍ଷା ବିଭାଗ**

## ୱେବସାଇଟ୍‌ରେ ଉପଲବ୍ଧ ହୋଇନି ସଂଶୋଧିତ ପୁସ୍ତକ

ଭୁବନେଶ୍ୱର, ୨।୭(ସମିସ): ମାଳମାଳ ତ୍ରୁଟି ଥିବା ପ୍ରଥମରୁ ଚତୁର୍ଥ ଶ୍ରେଣୀ ପିଲାଙ୍କ ବହି ସଂଶୋଧନ କରାଯାଇଛି। ସଂଶୋଧିତ ପୁସ୍ତକର ସଫ୍ଟ କପି ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର ୱେବସାଇଟ୍ ସମେତ ଶିକ୍ଷକ ଶିକ୍ଷା ନିର୍ଦ୍ଦେଶାଳୟ ଏବଂ ରାଜ୍ୟ ଶିକ୍ଷା ଗବେଷଣା ଓ ପ୍ରଶିକ୍ଷଣ ପରିଷଦ ଏବଂ ଓସେପାର ୱେବସାଇଟରେ ଅପଲୋଡ୍ କରାଯାଇଛି। ଏନେଇ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର ଅଧିକାରିକ ଏକ୍ସ (ପୂର୍ବରୁ- ଟ୍ୱିଟର) ହ୍ୟାଣ୍ଡେଲ୍‌ରେ ସଂଧ୍ୟା ୭.୫୪ ରେ ସୂଚନା ଦିଆଯାଇଛି। ମାତ୍ର ରାତି ୧୨ ସୁଦ୍ଧା କୌଣସି ୱେବସାଇଟ୍‌ରେ ସଂଶୋଧିତ ପୁସ୍ତକ ଉପଲବ୍ଧ ହୋଇନାହିଁ। ବିଭାଗ ପକ୍ଷରୁ ସଂଶୋଧିତ ପୁସ୍ତକ ସମ୍ପର୍କରେ ସୁଚିନ୍ତିତ ମତାମତ ଦେବାକୁ ମଧ୍ୟ ଜନସାଧାରଣଙ୍କୁ ଆହ୍ୱାନ କରାଯାଇଛି। ବିଭାଗର ମେଲ୍ ଆଇଡି textbookscertodisha@gmail.com କିମ୍ବା ହେଲ୍ପ ଲାଇନ ନମ୍ବର - ୧୮୦୦୩୪୫୬୭୨୨ ରେ ଆଜିଠାରୁ ୭ ଦିନ ମଧ୍ୟରେ ମତାମତ ରଖିବାକୁ ଅନୁରୋଧ କରାଯାଇଛି। ମାତ୍ର ବିଭାଗ ପକ୍ଷରୁ ମୂଳରୁ ସଂଶୋଧିତ ପୁସ୍ତକର ସଫ୍ଟ କପି ଅପଲୋଡ୍ କରାଯାଇ ନାହିଁ।

ପିଲାଙ୍କ ପଢ଼ା ବହିରେ ମାଳମାଳ ବନାନ୍ ଓ ତଥ୍ୟଗତ ତ୍ରୁଟି ପଦାକୁ ଆସିବା ପରେ ସରକାର ସବୁ ମହଲରେ ନିନ୍ଦିତ ହୋଇଛନ୍ତି। ଜାତୀୟ ଗଣମାଧ୍ୟମରେ ଏହି ଘଟଣା ଶିରୋନାମା ପାଲଟିଥିବାବେଳେ ଓଡ଼ିଶା ଲଜ୍ଜିତ ହୋଇଛି। ଗଣଶିକ୍ଷା ବିଭାଗର ଏହି କର୍ତ୍ତୃତ୍ୱ ପାଇଁ ଖୋଦ୍ ମୁଖ୍ୟମନ୍ତ୍ରୀ ମଧ୍ୟ ପ୍ରତିକ୍ରିୟା ରଖି ଏହାକୁ ଷଡ଼ଯନ୍ତ୍ର ବୋଲି କହିଛନ୍ତି। ଏହାସତ୍ତ୍ୱେ ବିଭାଗୀୟ ଅଧିକାରୀମାନେ ଷଡ଼ଯନ୍ତ୍ର ଜାରି ରଖିଥିବା ଅନୁମେୟ ହେଉଛି। କାରଣ ୱେବସାଇଟ୍‌ରେ ସଂଶୋଧିତ ପୁସ୍ତକ ଅପଲୋଡ୍ ନ କରି ମଧ୍ୟ ମିଥ୍ୟା ତଥ୍ୟ ପ୍ରଚାର କରାଯାଇଛି। କେଉଁ ଅଧିକାରୀଙ୍କ ରିପୋର୍ଟ ଆଧାରରେ ଏପରି ଏକ ମିଥ୍ୟା ଓ ବିଭ୍ରାନ୍ତିକର କଥା କୁହାଯାଇଛି? ନେଡି ଗୁଡ଼ କହୁଣିକୁ ବହି ସାରିଥିଲେ ମଧ୍ୟ ବିଭାଗୀୟ ସଚିବ ଏହାର ଯାଞ୍ଚ କରିଛନ୍ତି ନା ତାଙ୍କ ଅଜାଣତରେ ଅନ୍ୟ କୌଣସି ଅଧିକାରୀ ପୁଣି ଭୁଟେଇବାକୁ ପ୍ରୟାସ କରିଛନ୍ତି ବୋଲି ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।



(ଦ୍ୱିତୀୟ ଶ୍ରେଣୀ ମଜା ମଜାରେ ଗଣିତ ବହିର ୨୧ ନମ୍ବର ପୃଷ୍ଠାରେ ଚାରିକୋଣିଆ ଲେଖା ରହିଛି। ଏହା ସମଘନ ହେବ, ଯାହା ସଂଶୋଧିତ ହୋଇନାହିଁ।)

**ଡାକ୍ତରଙ୍କ କାର୍ଯ୍ୟବନ୍ଦ ଆନ୍ଦୋଳନ: ରାଜ୍ୟବ୍ୟାପୀ ସ୍ୱାସ୍ଥ୍ୟସେବା ବିପର୍ଯ୍ୟସ୍ତ**

**ସରକାରଙ୍କ ଚେତାବନୀ**

## କାମ ନାହିଁ ତ ଦରମା ନାହିଁ

**ଦାବି ପୂରଣ ପର୍ଯ୍ୟନ୍ତ ଆନ୍ଦୋଳନ: ଓମ୍‌ସା**

ଭୁବନେଶ୍ୱର,୨।୭(ସମିସ): ୧୦ ଦଫା ଦାବି ନେଇ ଓଡ଼ିଶା ମେଡିକାଲ ସର୍ଭିସ ଆସୋସିଏସନ (ଓମ୍‌ସା) ପକ୍ଷରୁ ରାଜ୍ୟବ୍ୟାପୀ ଆନ୍ଦୋଳନ ଦ୍ୱିତୀୟ ଦିନରେ ପହଞ୍ଚିଛି। ଡାକ୍ତରଙ୍କ କାର୍ଯ୍ୟବନ୍ଦ ଯୋଗୁଁ ରାଜ୍ୟବ୍ୟାପୀ ରୋଗୀମାନେ ନାହିଁ ନଥିବା ସମସ୍ୟାର ସମ୍ମୁଖୀନ ହେଉଥିବା ବେଳେ ବିଭିନ୍ନ ସ୍ଥାନରେ ବିପର୍ଯ୍ୟସ୍ତ ସ୍ୱାସ୍ଥ୍ୟସେବାର ବିକଳ ଚିତ୍ର ସାମ୍ନାକୁ ଆସିଛି। ଆନ୍ଦୋଳନରତ ଡାକ୍ତରଙ୍କୁ ଆନ୍ଦୋଳନ ପ୍ରତ୍ୟାହାର କରି ଆଲୋଚନା କରିବାକୁ ସରକାରଙ୍କ ପକ୍ଷରୁ ବିଧିବଦ୍ଧ ଭାବେ ଅନୁରୋଧ କରାଯାଇଥିଲେ ହେଁ ଏହାକୁ ପ୍ରତ୍ୟାଖ୍ୟାନ କରିଛି ଓମ୍‌ସା। ଯେପର୍ଯ୍ୟନ୍ତ ଆଦମର ନ୍ୟାଯ୍ୟ ଦାବି ପୂରଣ ହେବ ନାହିଁ, ସେପର୍ଯ୍ୟନ୍ତ ଆମର ଆନ୍ଦୋଳନ ଜାରି ରହିବ ବୋଲି ଓମ୍‌ସାର ସମ୍ପାଦକ ଡାକ୍ତର ସଞ୍ଜୀବ ପ୍ରଧାନ ସୂଚନା ପ୍ରଦାନ କରିଛନ୍ତି। ଅପରପକ୍ଷେ ଡାକ୍ତରଙ୍କ ଏହି ଆନ୍ଦୋଳନକୁ ଦମନ କରିବା ପାଇଁ ସରକାର କଡ଼ା ପଦକ୍ଷେପ ଗ୍ରହଣ କରିବାକୁ ପ୍ରସ୍ତୁତ ହେଉଥିବା ଜଣାପଡ଼ିଛି। ଆନ୍ଦୋଳନରେ ସାମିଲ ଡାକ୍ତରଙ୍କ ଦରମା ବନ୍ଦ ପାଇଁ ସରକାର ଧମକ ଦେଇଥିବା ବେଳେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଚେତାବନୀ ଦେଇଛନ୍ତି ବୋଲି ଡାକ୍ତର ଶ୍ରୀ ପ୍ରଧାନ ସୂଚନା ଦେଇଛନ୍ତି।

ସୂଚନାଯୋଗ୍ୟ ଯେ ଡାକ୍ତର ଆନ୍ଦୋଳନ ପାଇଁ ସମଗ୍ର ରାଜ୍ୟରେ ଓପିଡି, ଆଇପିଡି. ଜରୁରୀକାଳୀନ ସେବା ସମ୍ପୂର୍ଣ୍ଣ ରୂପେ ବ୍ୟାହତ ହୋଇପଡ଼ିଛି। ରୋଗୀ ଡାକ୍ତରଖାନାକୁ ଆସି ଚିକିତ୍ସା ନପାଇ ଫେରିଯାଉଥିବା ବେଳେ ଏହା ରାଜ୍ୟରେ ଭୟଙ୍କର ସ୍ଥିତି ସୃଷ୍ଟି କଲାଣି। ଏପଟେ ଯେପର୍ଯ୍ୟନ୍ତ ଆମର ଦାବବି ପୂରଣ ହୋଇନାହିଁ, ସେପର୍ଯ୍ୟନ୍ତ ଆମେ ଆନ୍ଦୋଳନ ଜାରି ରଖିବୁ ବୋଲି ରୋକଠୋକ୍ ଶୁଣାଇଦେଇଛି ଓମ୍‌ସା। ଗତ ଜାନୁଆରୀରେ ୯ ତାରିଖରେ ସରକାରଙ୍କ ସହ ଓମ୍‌ସା ଶେଷଥର ପାଇଁ ଆଲୋଚନା କରିଥିଲା। ବୈଠକରେ ସ୍ୱାସ୍ଥ୍ୟମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ ଏବଂ ଅନ୍ୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ। ଉକ୍ତ ବୈଠକରେ ୩ ମାସ ମଧ୍ୟରେ ଓମ୍‌ସାର ସମସ୍ତ ଦାବି ପୂରଣ କରାଯିବ ବୋଲି ସରକାର ପ୍ରତିଶ୍ରୁତି ଦେଇଥିଲେ। ମାତ୍ର ଇତିମଧ୍ୟରେ ୫ ମାସ ପୂରଣ ହୋଇ ୬ ମାସ ଚାଲିବାକୁ ଆରମ୍ଭ ହୋଇଥିଲେ ହେଁ ସରକାର ଦାବି ପୂରଣ କଲେ ନାହିଁ। ତେଣୁ ଯେପର୍ଯ୍ୟନ୍ତ ସରକୌର ଦାବି ପୂରଣ କରିନାହାନ୍ତି, ଆନ୍ଦୋନ ଜାରି ରହିବ ବୋଲଲି ଓମ୍‌ସା ପକ୍ଷରୁ ସୂଚନା ଦିଆଯାଇଛି।

ଏପଟେ ରାଜ୍ୟ ସରକାରଙ୍କ ପକ୍ଷ୍ରୁ କୁହାଯାଇଛି ଯେ ରାଜ୍ୟ ସରକାର ସର୍ବଦା ଡାକ୍ତରମାନଙ୍କ ଯୁକ୍ତିସଙ୍ଗତ ଦାବି ପ୍ରତି ସମ୍ବେଦନଶୀଳ ରହିଛନ୍ତି। କିନ୍ତୁ ରୋଗୀଙ୍କ ସ୍ୱାର୍ଥ ଓ ନିରବଚ୍ଛିନ୍ନ ସ୍ୱାସ୍ଥ୍ୟ ସେବାକୁ ସର୍ବାଧିକ ପ୍ରାଥମିକତା ଦିଆଯାଉଛି। ସେଥିପାଇଁ ଆନ୍ଦୋଳନରତ ଡାକ୍ତରମାନଙ୍କୁ ତୁରନ୍ତ କାର୍ଯ୍ୟରେ ଯୋଗଦେବାକୁ ଜଣାଇ ଦିଆଯାଇଛି। ସେମାନେ କାର୍ଯ୍ୟରେ ଯୋଗଦେବା ପରେ ସେମାନଙ୍କ ଦାବିଗୁଡ଼ିକ ଉପରେ ଗଠନମୂଳକ ଆଲୋଚନା କରିବାକୁ ସରକାର ସମ୍ପୂର୍ଣ୍ଣ ପ୍ରସ୍ତୁତ ଅଛନ୍ତି। ସେବା ହିଁ ପରମ ଧର୍ମ। ଏହାକୁ ପାଥେୟ କରି ଆନ୍ଦୋଳନରତ ଡାକ୍ତର ମାନଙ୍କୁ ଅନୁରୋଧ ,ସେମାନେ ଆନ୍ଦୋଳନ ପ୍ରତ୍ୟାହାର କରି ପୂର୍ବଭଳି ରୋଗୀସେବା ଜାରି ରଖନ୍ତୁ। ଯଦି ରୋଗୀଙ୍କ ସ୍ୱାର୍ଥ ଓ ସ୍ୱାସ୍ଥ୍ୟ ସେବା ବ୍ୟାଘାତ ହୁଏ ତା ହେଲେ ସରକାର ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରିବା ପାଇଁ ବାଧ୍ୟ ହେବେ ବୋଲି ସରକାର ଚେତାବନୀ ଦେଇଛନ୍ତି।

**ଡାକ୍ତର ଆନ୍ଦୋଳନର ଦାରୁଣ ଚିତ୍ର**

## ଚିକିତ୍ସା ଅଭାବରୁ ଗଲା ଯୁବକଙ୍କ ଜୀବନ

କପ୍ତିପଦା/ଉଦଳା, ୨।୭ (ସମିସ): ରାଜ୍ୟବ୍ୟାପୀ ଚାଲିଥିବା ଡାକ୍ତରଙ୍କ ଆନ୍ଦୋଳନ ସାଧାରଣ ରୋଗୀଙ୍କ ପାଇଁ କାଳ ସାଜିଛି। ମୟୂରଭଞ୍ଜ ଜିଲ୍ଲା କପ୍ତିପଦା ଉପଖଣ୍ଡ ଉଦଳାରେ ଚିକିତ୍ସାଳୟରେ ଡାକ୍ତରଙ୍କ ଅନୁପସ୍ଥିତି ଯୋଗୁଁ ଚିକିତ୍ସା ନ ପାଇ ଦୁଇଜଣଙ୍କ ମୃତ୍ୟୁ ହୋଇଥିବା ଅଭିଯୋଗ ହୋଇଛି। ଏତିକିରେ ଦୁଃଖ ସରିନାହିଁ, ମୃତ୍ୟୁ ପରେ ଶବ ବ୍ୟବଚ୍ଛେଦ ପାଇଁ ମଧ୍ୟ ପରିବାର ଲୋକେ ନାହିଁ ନ ଥିବା ସମସ୍ୟା ଭୋଗୁଛନ୍ତି।

**ବ୍ୟବଚ୍ଛେଦ ହୋଇ ନ ପାରି ୯ ଘଣ୍ଟା ଧରି ଶବଗୃହରେ ପଡ଼ିରହିଛି ମୃତଦେହ**

କପ୍ତିପଦା ଥାନା ବଡାମପଦା ଗ୍ରାମର ଭବେଶ ବିନ୍ଧାଣୀ ପ୍ରେମିକା ସହ ଝଗଡ଼ା ପରେ ବିଷପାନ କରିଥିଲେ। ତାଙ୍କୁ ଉଦଳା ମେଡିକାଲରେ ଭର୍ତ୍ତି କରାଯାଇଥିଲା। ସେଠାରେ ଡାକ୍ତର ନ ଥିବାରୁ ଚିକିତ୍ସା ମିଳି ନ ଥିଲା ଓ ବିଳମ୍ବିତ ରାତିରେ ତାଙ୍କର ମୃତ୍ୟୁ ହୋଇଥିଲା। ସେହିପରି ରାଜବରହମପୁର ଅଞ୍ଚଳର ଜଣେ ନାବାଳିକା ମୋବାଇଲକୁ ନେଇ ବିଷପିଇ ଦେବାରୁ ତାଙ୍କର ମୃତ୍ୟୁ ହୋଇଥିଲା। ପୁଲିସ ୨ଟି ମୃତଦେହ ଜବତ କରି ଉଦଳା ମେଡିକାଲ ଶବଗୃହକୁ ନେଇଥିଲା। ତେବେ ଡାକ୍ତରୀ ଆନ୍ଦୋଳନ ଯୋଗୁଁ ଏଠାରେ ବ୍ୟବଚ୍ଛେଦ ହୋଇପାରିବନାହିଁ ବୋଲି କୁହାଯାଇଛି। ଫଳରେ ଗତ ୯ ଘଣ୍ଟା ଧରି ମୃତଦେହ ଦୁଇଟି ଶବଗୃହରେ ପଡ଼ି ରହିଛି। ଡାକ୍ତରମାନେ ମୃତଦେହକୁ ବାରିପଦା ନେବାକୁ ପରାମର୍ଶ ଦେଇଥିବାବେଳେ ମୃତକଙ୍କ ପରିବାରବର୍ଗ ଏତେ ବାଟ ଶବ ନେବାକୁ ନେଇ ଅସହାୟତା ପ୍ରକାଶ କରିଛନ୍ତି। ଡାକ୍ତରଙ୍କ ଏଭଳି ଆନ୍ଦୋଳନ ଓ ଚିକିତ୍ସା ସେବାରେ ଅବହେଳା ପାଇଁ ଦାୟୀ କିଏ? କେବେ ସରିବ ଏହି ଆନ୍ଦୋଳନ ଓ ସାଧାରଣ ରୋଗୀଙ୍କୁ କେବେ ମିଳିବ ଉପଯୁକ୍ତ ଚିକିତ୍ସା, ତାହା ବଡ଼ ପ୍ରଶ୍ନ ହୋଇ ଠିଆ ହୋଇଛି।

**ପଛରୁ ଧକ୍କା ଦେଲା ଅଜଣା ଗାଡ଼ି**

## ଡିଭାଇଡରରେ ପିଟି ହୋଇ ଚାଲିଗଲା ଦୁଇ ଜୀବନ

ଭୁବନେଶ୍ୱର ୨।୭ (ସମିସ): ପୋଖରୀପୁଟ - ଖଣ୍ଡଗିରି ରାସ୍ତାରେ ଭୟଙ୍କର ଦୁର୍ଘଟଣା ଘଟିଛି। ଅଜଣା ଗାଡ଼ି ଧକ୍କା ଦେବାପରେ ଡିଭାଇଡରରେ ପିଟି ହୋଇଛନ୍ତି ବାଇକ୍ ଆରୋହୀ। ଦୁର୍ଘଟଣାରେ ବାଇକ୍ ଆରୋହୀ ଓ ତାଙ୍କ ସାଙ୍ଗଙ୍କର ମୃତ୍ୟୁ ଘଟିଛି। ମୃତକ ହେଉଛନ୍ତି ପୁରୀ ଜିଲ୍ଲା ଚାରିଛକ ଅଞ୍ଚଳର ଦେବାଂଶୁ ପ୍ରଧାନ (୨୨) ଓ ଅନୁଗୋଳର ସିପୁନା ସାହୁ (୧୯)।



ମିଳିଥିବା ସୂଚନା ମୁତାବକ, ସିପୁନା ରାଜଧାନୀ କଲେଜରେ ବିସିଏ ପଢୁଥିବା ବେଳେ ଦେବାଂଶୁ ୧୦୮ କଲ୍ ସେଣ୍ଟରରେ ଚାକିରି କରୁଥିଲେ। ଉଭୟ ସତ୍ୟନଗର ଅଞ୍ଚଳରେ ରହୁଥିଲେ। ବୁଧବାର ରାତି ପ୍ରାୟ ସାଢେ ୨ଟା ସମୟରେ ସିପୁନା ଓ ଦେବାଂଶୁ ବାଇକ୍ ଯୋଗେ ପୋଖରୀପୁଟ ପଟରୁ ଖଣ୍ଡଗିରି ଆଡ଼କୁ ଆସୁଥିଲେ। ଗଣ୍ଡମୁଣ୍ଡା ପଞ୍ଜାବ ନ୍ୟାସନାଲ ବ୍ୟାଙ୍କ୍ ଅତିକ୍ରମ କରୁଥିବା ବେଳେ ହଠାତ୍ ଏକ ଅଜଣା ଗାଡ଼ି ତ ପଛରୁ ଧକ୍କା ଦେଇଥିଲା। ଫଳରେ ସିପୁନା ଓ ଦେବାଂଶୁ ଭାରସାମ୍ୟ ହରାଇ ହରାଇ ଡିଭାଇଡରରେ ପିଟି ହୋଇ ଯାଇଥିଲେ। ଏମିତିକି ବାଇକଟି ସିନେମା ଶୈଳୀରେ ଉପରକୁ ଉଠି ତଳକୁ ପଡ଼ିଥିଲା।

ଦୁର୍ଘଟଣା ପରେ ଗାଡ଼ି ଓ ଦୁଇ ସାଙ୍ଗ ଅଲଗା ଅଲଗା ଛିଟିକି ଯାଇଥିଲେ। ଜଣେ କାନ୍ଥରେ ମାଡ଼ ହୋଇଥିବା ବେଳେ ଆଉଜଣେ ଏକ ଗାଡ଼ିରେ ମାଡ଼ ହୋଇଥିଲେ। ଉଭୟଙ୍କ ମୁହଁ ଓ ମୁଣ୍ଡରେ ଗଭୀର ଆଘାତ ଲାଗିବା ସହ ପ୍ରଚୁର ରକ୍ତସ୍ରାବ ହୋଇଥିଲା। ଏହାସହିତ ସେମାନେ ଚେତାଶୂନ୍ୟ ହୋଇଯାଇଥିଲେ। ଶବ୍ଦ ଶୁଣି ସ୍ଥାନୀୟ ଲୋକମାନେ ଉଠି ପଡ଼ିଥିଲେ। ଖବର ପାଇ ଖଣ୍ଡଗିରି ଥାନା ପୁଲିସ ଘଟଣାସ୍ଥଳରେ ପହଞ୍ଚି ଦେବାଂଶୁ ଓ ସିପୁନାକୁ ଉଦ୍ଧାର କରି ଏମ୍‌ସ ଡାକ୍ତରଖାନାରେ ଭର୍ତ୍ତି କରିଥିଲା। ହେଲେ ଡାକ୍ତର ସେଠାରେ ଉଭୟଙ୍କୁ ମୃତ ଘୋଷଣା କରିଥିଲେ। ପରିବାର ଲୋକଙ୍କ ଅଭିଯୋଗ ଆଧାରରେ ପୁଲିସ ଏକ ଦୁର୍ଘଟଣା ଜନିତ ମାମଲା ରୁଜୁ କରିଥିଲା। ମୃତଦେହ ବ୍ୟବଚ୍ଛେଦ କରିବା ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି।

**ଜିଲ୍ଲା ବିଜେଡି ସମ୍ପାଦକ ତାପସ ମହାନ୍ତିଙ୍କୁ ହତ୍ୟା ଧମକ**

## ବାଦାମବାଡ଼ି ଥାନାରେ ବିଧାୟକ ସୌଭିକଙ୍କ ନାଁରେ ଏତଲା

କଟକ,୨।୭(ସମିସ): ବାଦାମବାଡ଼ି ଥାନାରେ ଆଜି ଚୌଦ୍ୱାର-କଟକ ବିଧାୟକ ସୌଭିକ ବିଶ୍ୱାଳଙ୍କ ନାଁରେ ଏତଲା ହୋଇଛି। ଲିଙ୍କ୍‌ରୋଡସ୍ଥିତ ଏକ ଘରୋଇ ମଣ୍ଡପରେ ନିଜ ସମ୍ପର୍କୀୟଙ୍କ ବିବାହ ଭୋଜିରେ ସପରିବାର ଯୋଗ ଦେବାକୁ ଯାଇଥିବା ବେଳେ କଟକ ଜିଲ୍ଲା ସାଧାରଣ ସମ୍ପାଦକ (ସଂଗଠନ) ତାପସ ମହାନ୍ତିଙ୍କୁ ସେଠାରେ ଦେଖି ଚୌଦ୍ୱାର-କଟକ ବିଧାୟକ ସୌଭିକ ବିଶ୍ୱାଳ ଅତ୍ୟନ୍ତ ଉତ୍‌କ୍ଷିପ୍ତ ହୋଇ ପିଠିରେ ହାତ ମାରି ଜୀବନରୁ ଶେଷ କରିଦେବାକୁ ଧମକ ଦେଇଥିଲେ। ଏଠାରେ ସୂଚନାଯୋଗ୍ୟ, ୨୦୨୪ ନିର୍ବାଚନରେ ବିଜୁ ଜନତା ଦଳର ପରାଜୟ ଏବଂ ବିଜେପି ରାଜ୍ୟରେ କ୍ଷମତାସୀନ ହେବା ଦିନଠାରୁ ପୂର୍ବତନ ବିଧାୟକ ପ୍ରଭାତ ରଞ୍ଜନ ବିଶ୍ୱାଳ ବିଜେଡି ଦଳର ବରିଷ୍ଠ ନେତା ଏବଂ ଦଳ ବିରୋଧରେ ନାନାଦି ମନଗଢା କାହାଣୀ ରଚନା କରି ବିଭିନ୍ନ ପ୍ରକାର ଭିତ୍ତିହୀନ ଅଭିଯୋଗ କରୁଥିଲେ। ଯାହାଫଳରେ ଚୌଦ୍ୱାର-କଟକ ନିର୍ବାଚନ ମଣ୍ଡଳୀରେ ତୃଣମୂଳ ସ୍ତରରେ କାର୍ଯ୍ୟ କରୁଥିବା ସଚ୍ଚୋଟ ଦଳୀୟ କର୍ମୀଙ୍କ ଭିତରେ ଅସନ୍ତୋଷ ବୃଦ୍ଧି ପାଇବାରେ ଲାଗିଥିଲା। ପରବର୍ତ୍ତୀ ସମୟରେ ନବୀନ ପଟ୍ଟନାୟକଙ୍କ ଉପସ୍ଥିତିରେ ନବୀନ ନିବାସରେ ଦଳୀୟ ବିଧାୟକଙ୍କ ସଭା ଅନୁଷ୍ଠିତ ହେଉଥିବା ବେଳେ ପୂର୍ବତନ ବିଧାୟକ ଶ୍ରୀ ବିଶ୍ୱାଳ ଅନାଧିକୃତ ଭାବେ ସେଠାରେ ଜୋରଜବରଦସ୍ତ ପ୍ରବେଶ କରି ଦଳୀୟ ସୁପ୍ରିମୋ ନବୀନ ପଟ୍ଟନାୟକଙ୍କୁ ଆଶାଳୀନ ଭାଷା ପ୍ରୟୋଗ କରି ଗଣ୍ଡଗୋଳ କରିବାରୁ ସେଠାରୁ ବିତାଡ଼ିତ ହେବା ସହିତ ଦଳରୁ ବହିଷ୍କୃତ ହୋଇଥିଲେ। ପରବର୍ତ୍ତୀ ସମୟରେ ରାଜ୍ୟସଭା ନିର୍ବାଚନରେ ତାଙ୍କର ବିଧାୟକ ପୁତ୍ର ସୌଭିକ ବିଶ୍ୱାଳ ଦଳୀୟ ପ୍ରାର୍ଥୀଙ୍କ ବିରୋଧରେ କ୍ରସ ଭୋଟିଙ୍ଗ୍ କରି ବିଜେପି ସମର୍ଥିତ ପ୍ରାର୍ଥୀଙ୍କୁ ଭୋଟ ଦେବାରୁ ତାଙ୍କୁ ବିଜେଡ଼ି ଦଳରୁ ନିଲମ୍ବନ କରାଯାଇଛି। ବାପା ଦଳରୁ ବହିଷ୍କାର ପୁଅ ଦଳରୁ ନିଲମ୍ବନ ହେବା ପରଠାରୁ ଯୋଉଁମାନେ ଦଳୀୟ ମାନସିକତାରେ ରହି ବିଜେଡ଼ି ଦଳ ପାଇଁ କାମ କରୁଛନ୍ତି, ସେମାନଙ୍କ ପ୍ରତି ଅସହିଷ୍ଣୁ ମନୋଭାବ ରଖି ବିଭିନ୍ନ ସାମାଜିକ କାର୍ଯ୍ୟକ୍ରମରେ ଦେଖାହେଲେ ବିଧାୟକ ବିଭିନ୍ନ କଟୁ ସମାଲୋଚନା କରିବା ସହିତ ଧମକ ଚମକ ଦେଉଛନ୍ତି।

ଗତକାଲି ଏଭଳି ଏକ ଅଭାବନୀୟ ଘଟଣାରେ ଶ୍ରୀ ମହାନ୍ତି ନିଜର ଜୀବନ ପ୍ରତି ବିପଦ ଅନୁଭବ କରି ଦଳୀୟ ନେତାଙ୍କ ସହ ପରାମର୍ଶକ୍ରମେ ଆଇନର ଆଶ୍ରୟ ନେଇ ବାଦାମବାଡ଼ି ଥାନାରେ ଏକ ଲିଖିତ ଏତଲା ଦେଇଛନ୍ତି। କଟକ କମିସନରେଟ ପୁଲିସର ଏସିପି ଅଶୋକ କୁମାର ଗିରି ଏବଂ ଥାନା ଭାରପ୍ରାପ୍ତ ଅଧିକାରୀ ଅଜୟ କୁମାର ରାଉଳଙ୍କ ନିକଟରେ ଅଭିଯୋଗ କରିବା ସହିତ ତୁରନ୍ତ କାର୍ଯ୍ୟାନୁଷ୍ଠାନ ନେବା ପାଇଁ ଦାବି କରିଛନ୍ତି। ରାଜ୍ୟ ବିଜୁ ଜନତା ଦଳ ସାଧାରଣ ସମ୍ପାଦକ ମହମ୍ମଦ ସକିଲ, ଶିଶିର ପରିଜା,ରାଜ୍ୟ ବିଜେଡ଼ି, ସମ୍ପାଦକ ପ୍ରଦୀପ୍ତ କିଶୋର ଖୁଣ୍ଟିଆ, ଚିରଞ୍ଜୟ ସାହୁ, ସୌମିତ ମିତ୍ର, ମହାନଗର ଜିଲ୍ଲା କାର୍ଯ୍ୟକାରୀ ସଭାପତି ଜୟଦେବ ଜେନା,ରାଜ୍ୟ ପରିଷଦ ସଭ୍ୟ ପ୍ରକାଶ ସିଂହ, ଉପସଭାପତି ପ୍ରଫୁଲ୍ଲ ବେହେରା, ରାଜେନ୍ଦ୍ର ରଣା, ଦେବେନ୍ଦ୍ର କାହାଳି, ନିମାଇଁ ବିଶ୍ୱାଳ, ମିତାଳି ଭଞ୍ଜ, କଟକ ଜିଲ୍ଲା ଯୁବ ବିଜେଡ଼ି ସଭାପତି ସ୍ମୃତିରଂଜନ ନାୟକ, ବିଭୂତି ସ୍ୱାଇଁ, ଯୁଧିଷ୍ଠିର ବିଶ୍ୱାଳ ପ୍ରମୁଖ ଉପସ୍ଥିତ ଥିଲେ।

**ଅଡୁଆରେ ପ୍ରଭାତ ବିଶ୍ୱାଳ**

## ସିସୋର ଠକେଇ ମାମଲା ରଦ୍ଦ ପାଇଁ ମନାକଲେ ହାଇକୋର୍ଟ

କଟକ,୨।୭(ସମିସ): ବହୁଚର୍ଚ୍ଚିତ ସିସୋର ଚିଟ୍‌ଫଣ୍ଡ ଘଟଣାକୁ ନେଇ ପୂର୍ବତନ ବିଧାୟକ ପ୍ରଭାତ ରଞ୍ଜନ ବିଶ୍ୱାଳଙ୍କ ବିରୋଧରେ ବିଚାରାଧୀନ ସିବିଆଇ ମାମଲା ରଦ୍ଦ କରିବାକୁ ହାଇକୋର୍ଟ ଅଗ୍ରାହ୍ୟ କରିଛନ୍ତି। ଏଥିସହ ଶ୍ରୀ ବିଶ୍ୱାଳଙ୍କ ବିରୋଧରେ ଭୁବନେଶ୍ୱର ସ୍ୱତନ୍ତ୍ର ଅଦାଲତରେ ଚାଲିଥିବା ଏହି ମାମଲାର ଶୁଣାଣି ୬ ମାସ ଭିତରେ ସଂପୂର୍ଣ୍ଣ କରିବାକୁ ହାଇକୋର୍ଟ ନିର୍ଦ୍ଦେଶ ଦେବା ସହ ମାମଲା ଶୁଣାଣିରେ ହାଇକୋର୍ଟ ପୂର୍ଣ୍ଣଚ୍ଛେଦ ପକାଇଛନ୍ତି।

**୬ ମାସରେ ଶୁଣାଣି ଶେଷ ପାଇଁ ନିର୍ଦ୍ଦେଶ**

ଶ୍ରୀ ବିଶ୍ୱାଳଙ୍କ ଆବେଦନର ଶୁଣାଣି କରି ଡକ୍ଟର ଜଷ୍ଟିସ ସଞ୍ଜୀବ କୁମାର ପାଣିଗ୍ରାହୀ ଏପରି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି। ମାମଲାରୁ ପ୍ରକାଶ ଯେ ପୂର୍ବରୁ ଶ୍ରୀ ବିଶ୍ୱାଳଙ୍କ ପକ୍ଷରୁ ରୁଜୁ ସମାନ ମାମଲାରେ ଏକ ବର୍ଷ ଭିତରେ ମାମଲାର ଶୁଣାଣି ଶେଷ କରିବାକୁ ଗତ ୨୦୨୩, ଏପ୍ରିଲ ୧୧ରେ ନିମ୍ନ ଅଦାଲତଙ୍କୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଥିଲେ। ୩ ବର୍ଷ ପରେ ବି ଶୁଣାଣି ସରି ନଥିବା ତଥା ଦ୍ରୁତ ଶୁଣାଣିର ଅଧିକାର ଉଲ୍ଲଙ୍ଘନ ହୋଇଥିବାରୁ ଭୁବନେଶ୍ୱର ସ୍ୱତନ୍ତ୍ର ଅଦାଲତରେ ତାଙ୍କ ବିରୋଧରେ ବିଚାରାଧୀନ ମାମଲାକୁ ରଦ୍ଦ କରାଯାଉ ବୋଲି ଶ୍ରୀ ବିଶ୍ୱାଳଙ୍କ ତରଫରୁ ଦର୍ଶାଯାଇଥିଲା। ସିବିଆଇ ତରଫରୁ ଶ୍ରୀ ବିଶ୍ୱାଳଙ୍କ ଆବେଦନକୁ ବିରୋଧ କରାଯିବା ସହ ଚାର୍ଜସିଟରେ ଉଲ୍ଲେଖ ଥିବା ବହୁ ଗୁରୁତ୍ୱପୂର୍ଣ୍ଣ ସାକ୍ଷୀଙ୍କ ଅଦାଲତରେ ସାକ୍ଷ୍ୟ ଗ୍ରହଣ ବାକି ଅଛି ବୋଲି କୁହାଯାଇଥିଲା। ପ୍ରକାଶଥାଉକି, ସିସୋର ଚିଟଫଣ୍ଡ ମାମଲାରେ ଶ୍ରୀ ବିଶ୍ୱାଳଙ୍କୁ ସିବିଆଇ ଗିରଫ କରିଥିଲା। ହାଇକୋର୍ଟ ଶ୍ରୀ ବିଶ୍ୱାଳଙ୍କୁ ସର୍ତ୍ତମୂଳକ ଜାମିନ ମଞ୍ଜୁର କରିଥିଲେ। ଶ୍ରୀ ବିଶ୍ୱାଳଙ୍କ ତରଫରୁ ଆଇନଜୀବୀ ହେମନ୍ତ କୁମାର ମୁଣ୍ଡ, ଅନିମା ଦେଇ ଓ ସିବିଆଇ ପକ୍ଷରୁ ଆଇନଜୀବୀ ସାର୍ଥକ ନାୟକ ମାମଲା ପରିଚାଳନା କରୁଥିଲେ।

**କୃଷି ବିଭାଗରେ ନିଯୁକ୍ତି ଦୁର୍ନୀତି ଅଭିଯୋଗ**

## ଯୋଗ୍ୟତା ନ ଥାଇ ବିତ୍ତ ଓ ପ୍ରଶାସନିକ ବିଶେଷଜ୍ଞ

ଭୁବନେଶ୍ୱର, ୨।୭(ସମିସ): ରାଜ୍ୟରେ କୃଷି ବିଭାଗ ଓ ଏହା ଅଧୀନସ୍ଥ ସଂସ୍ଥାଗୁଡ଼ିକରେ ଯୋଗ୍ୟତା ନ ଥାଇ ଅନେକ ଅଧିକାରୀଙ୍କୁ ନିଯୁକ୍ତି ଦିଆଯାଇଥିବା ଅଭିଯୋଗ ହୋଇଛି। ବିଶେଷ କରି ବିଭାଗ ଅଧୀନରେ ଥିବା ମୃତ୍ତିକା ସଂରକ୍ଷଣ ଓ ଜଳ ବିଭାଜିକା ଉନ୍ନୟନ ନିର୍ଦ୍ଦେଶାଳୟର କୃଷି ସମ୍ପ୍ରସାରଣ ପରିଚାଳନା ପ୍ରତିଷ୍ଠାନ (ଇମେଜ୍) କାର୍ଯ୍ୟାଳୟ ନିଯୁକ୍ତି ଦୁର୍ନୀତିର କେନ୍ଦ୍ର ପାଲଟିଥିବା କୁହାଯାଉଛି। ଏସ୍‌ପିଏମ୍‌ୟୁ ଜିଇଏଫ୍-୭ ଫୋଲୁର୍ ପ୍ରୋଜେକ୍ଟରେ ଷ୍ଟେଟ୍ ଭାଲ୍ୟୁ ଚେନ୍ ଏକ୍ସପର୍ଟ ଓ ଏମ୍‌ଇ ଆଣ୍ଡ କମ୍ୟୁନିକେସନ୍ ଏକ୍ସପର୍ଟ ପଦରେ ତଞ୍ଚକତା କରି ନିଯୁକ୍ତି ଦିଆଯାଇଥିବା ନେଇ ପୂର୍ବରୁ 'ସକାଳ'ରେ ଖବର ପ୍ରକାଶ ପାଇଥିଲା। ଏବେ ଷ୍ଟେଟ୍ ଫାଇନାନ୍ସ ଆଣ୍ଡ ଆଡମିନିଷ୍ଟ୍ରେସନ୍ ଏକ୍ସପର୍ଟ (ଏସ୍‌ଏଫ୍‌ଏ) ପଦ ନିଯୁକ୍ତିରେ ମଧ୍ୟ ଅନୁରୂପ ଭାବେ ଜାଲିଆତି ହୋଇଥିବା ଅଭିଯୋଗ ହୋଇଛି।

**ସନ୍ଦେହଘେରରେ ଶିକ୍ଷାଗତ ଯୋଗ୍ୟତା ଯାଞ୍ଚ ଅଧିକାରୀଙ୍କ ଭୂମିକା**

ଅଭିଯୋଗ ଅନୁସାରେ ଆମେରିକା ସହଯୋଗରେ ଚାଲିଥିବା ଜିଇଏଫ୍-୭ ଫୋଲୁର୍ ପ୍ରୋଜେକ୍ଟ ପାଇଁ ଏସ୍‌ଏଫ୍‌ଏ ପଦରେ ଜଣେ ଅଧିକାରୀଙ୍କୁ ୨୦୨୪ ଜୁଲାଇ ମାସରେ ନିଯୁକ୍ତି ମିଳିଛି। ୨୦୨୫ରେ ତାଙ୍କ କାର୍ଯ୍ୟକାଳକୁ ୫ ପ୍ରତିଶତ ବର୍ଦ୍ଧିତ ଦରମା ସହ ପୁଣି ବର୍ଷେ ବୃଦ୍ଧି କରାଯାଇଛି। ମାତ୍ର ସମ୍ପୃକ୍ତ ଅଧିକାରୀଙ୍କ ଯୋଗ୍ୟତାକୁ ନେଇ ବିଶେଷଜ୍ଞମାନେ ପ୍ରଶ୍ନ ଉଠାଇଛନ୍ତି। ଯେଉଁ ପ୍ରାର୍ଥୀ ୨୦୨୩ ମସିହାରେ ଶ୍ରେଷ୍ଠ ୧୦୦ ଏନ୍‌ଆଇଆର୍‌ଏଫ୍ ର୍‍ୟାଙ୍କିଙ୍ଗ ମଧ୍ୟରେ ଥିବା ଶିକ୍ଷାନୁଷ୍ଠାନରୁ ସ୍ନାତକ ଓ ସ୍ନାତକୋତ୍ତର ଉତ୍ତୀର୍ଣ୍ଣ ହୋଇଥିବେ, ସେହି ପ୍ରାର୍ଥୀଙ୍କୁ ଅତିରିକ୍ତ ଭାବେ ୫ ମାର୍କ ଲେଖାଏଁ ମୋଟ୍ ୧୦ ମାର୍କ ମିଳିବାର ପ୍ରାବଧାନ ଥିଲା। ମାତ୍ର ସମ୍ପୃକ୍ତ ପ୍ରାର୍ଥୀ ବିଜେବି କଲେଜରୁ ସ୍ନାତକ ଓ ପୁରୀର ଏସ୍‌ସିଏସ୍ କଲେଜରୁ ସ୍ନାତକୋତ୍ତର ଉତ୍ତୀର୍ଣ୍ଣ ହୋଇଛନ୍ତି। ଏହି ଦୁଇ ଶିକ୍ଷାନୁଷ୍ଠାନ ୨୦୨୩ରେ ଶ୍ରେଷ୍ଠ ୧୦୦ ଏନ୍‌ଆଇଆର୍‌ଏଫ୍ ର୍‍ୟାଙ୍କିଙ୍ଗ ମଧ୍ୟରେ ସ୍ଥାନ ପାଇ ନ ଥିଲା। ଏହା ସତ୍ତ୍ୱେ ତାଙ୍କୁ ଅତିରିକ୍ତ ଭାବେ ୧୦ ମାର୍କ ପ୍ରଦାନ କରାଯାଇଛି। ମୃତିକା ସଂରକ୍ଷଣ ବିଭାଗର ଅତିରିକ୍ତ ନିର୍ଦ୍ଦେଶକ ତଥା ଫୋଲୁର୍ ଜିଇଏଫ୍-୭ ପ୍ରୋଜେକ୍ଟର ସ୍କିମ୍ ଅଫିସର ଓ ଜିଇଏଫ୍-୬ ପ୍ରୋଜେକ୍ଟରେ କାର୍ଯ୍ୟରତ ଜଣେ ଅଫିସର ସାର୍ଟିଫିକେଟ୍ ଭେରିଫିକେସନ୍ କରିଥିଲେ ଓ ଉଭୟ ସମ୍ପୃକ୍ତ ପ୍ରାର୍ଥୀଙ୍କୁ ଅଧିକ ନମ୍ବର ଦେଇଥିବା ସ୍ପଷ୍ଟ ହୋଇଛି। ଏପରିକି ଆଡମିନିଷ୍ଟ୍ରେଟିଭ୍ ମ୍ୟାନେଜମେଣ୍ଟରେ ଅଭିଜ୍ଞତା ନ ଥାଇ ତାଙ୍କୁ ଅଧିକ ମାର୍କ ଦିଆଯାଇଥିବା ଅଭିଯୋଗ ହୋଇଛି। ବିଭିନ୍ନ ଯୋଗ୍ୟତା ପାଇଁ ପାଇଥିବା ଅତିରିକ୍ତ ମାର୍କକୁ ବାଦ୍ ଦେଲେ ସେ ନିଯୁକ୍ତି ପାଇବାକୁ ଯୋଗ୍ୟ ବିବେଚିତ ହେଉ ନାହାନ୍ତି। ଅପରପକ୍ଷରେ ସମ୍ପୃକ୍ତ ପ୍ରାର୍ଥୀ ଏହି ପ୍ରୋଜେକ୍ଟରେ ନିଯୁକ୍ତି ପାଇବା ପୂର୍ବରୁ ଇମେଜ୍ ଅଧୀନରେ ଅନ୍ୟ ଏକ ପ୍ରୋଜେକ୍ଟରେ କାର୍ଯ୍ୟରତ ଥିଲେ। ମାତ୍ର ପଦ ପାଇଁ ଦରମା ଅଧିକ ହୋଇଥିବାରୁ ତାଙ୍କୁ ତଞ୍ଚକତା କରି ନିଯୁକ୍ତି ଦିଆଯାଇଥିବା ଅଭିଯୋଗ ହୋଇଛି। ନିଯୁକ୍ତି ଦୁର୍ନୀତି ସମ୍ପର୍କରେ ଇମେଜ୍ ଅଧିକାରୀମାନେ ମୁହଁ ଖୋଲୁ ନଥିବାବେଳେ ଅନୌପଚାରିକ ଭାବେ ତଞ୍ଚକତାକୁ ସ୍ୱୀକାର କରୁଛନ୍ତି। କୃଷି ବିଭାଗରେ ଏପରି ମାଳମାଳ ଅଧିକାରୀଙ୍କୁ ନିଯୁକ୍ତି ଦିଆଯାଇଥିବାବେଳେ ସରକାର କିପରି କିଛି ଜାଣିପାରି ନାହାନ୍ତି ବା ଜାଣି ମଧ୍ୟ ଆଖିବୁଜି ଦେଇଛନ୍ତି, ତାହା ସବୁଠାରୁ ବଡ଼ ପ୍ରଶ୍ନବାଚୀ ସୃଷ୍ଟି କରିଛି।

**କାମ ଆରମ୍ଭ କଲେ କଂଗ୍ରେସ ନୂଆ ପ୍ରଭାରୀ**

## ଦିନ ତମାମ ଜିଲ୍ଲା ସଭାପତିମାନଙ୍କ ସହ ପୃଥକ୍ ବୈଠକ

ଭୁବନେଶ୍ୱର,୨।୭(ସମିସ): ରାଜ୍ୟରେ ଚାଲିଥିବା ଭ୍ରଷ୍ଟାଚାରୀ ବିଜେପି ସରକାର ବିରୋଧରେ ଆଗକୁ ବଡ଼ ରଣନୀତି ପ୍ରସ୍ତୁତ ହେବ। କେତେକ ସ୍ଥାନରେ ପଦଯାତ୍ରା ଆୟୋଜନ ସହ କେତେକ ସ୍ଥାନରେ ସଂଗଠନ ମାଧ୍ୟମରେ ଲୋକଙ୍କ ପାଖରେ କଂଗ୍ରେସ ପହଞ୍ଚିବ। ଗାନ୍ଧୀ, ନେହରୁ, ସର୍ଦ୍ଦାର ଓ ସୁଭାଷଙ୍କ ବିଚାରଧାରାକୁ ନେଇ ଦଳ ଲୋକଙ୍କ ନିକଟରେ ପହଞ୍ଚିବ ଓ ଓଡ଼ିଶାରେ କଂଗ୍ରେସ ସରକାର ଗଠନ ପାଇଁ ଭରପୁର ପ୍ରୟାସ କରାଯିବ ବୋଲି ନବନିଯୁକ୍ତ କଂଗ୍ରେସ ପ୍ରଭାରୀ ଲାଲଜୀ ଦେଶାଇ କହିଛନ୍ତି। ଗୁରୁବାର ଶ୍ରୀ ଦେଶାଇ ଦିନ ତମାମ ରାଜ୍ୟ କଂଗ୍ରେସର ୩୫ ଟି ସାଂଗଠନିକ ଜିଲ୍ଲା ସଭପତିଙ୍କ ସହ ଆଲୋଚନା କରିବା ସହ ଆଗକୁ ବ୍ୟାପକ ରଣନୀତି କରାଯିବ ବୋଲି କହିଛନ୍ତି। ଏହି ପ୍ରସଙ୍ଗରେ ସେ ଜିଲ୍ଲା ସଭାପତିମାନଙ୍କ ସହ ବିସ୍ତୃତ ଆଲୋଚନା କରିଥିବା ବେଳେ ସମସ୍ତଙ୍କୁ ୱାନ-ଟୁ-ୱାନ୍ ଭେଟି ଆଗାମୀ ରଣନୀତି ବିଷୟରେ ଆଲୋଚନା କରିଛନ୍ତି। ଜିଲ୍ଲା ସଭାପତିମାନଙ୍କ ସହ ଆଲୋଚନା ବେଳେ ସେ ଆଗାମୀ ପଞ୍ଚାୟତ ନିର୍ବାଚନକୁ ଦୃଷ୍ଟିରେ ରଖି ଜିଲ୍ଲାରେ ସଂଗଠନକୁ ସୁଦୃଢ଼ କରିବାକୁ ପରାମର୍ଶ ଦେଇଥିବା ବେଳେ ସଂଗଠନ ସୃଜନ ମାଧ୍ୟମରେ ଜିଲ୍ଲାସଭାପତିମାନଙ୍କୁ ଦିଆଯାଇଥିବା ପୁରୁଣା ଟାସ୍କର ମଧ୍ୟ ସମୀକ୍ଷା କରିଛନ୍ତି। ଏହାସହିତ ଜିଲ୍ଲାସ୍ତରରେ ସଭାପତିମାନେ କିପରି ସମସ୍ତଙ୍କୁ ସାଂଗରେ ନେଇ ଆଗକୁ ବଢ଼ିବେ ଓ ବୁଥ୍ କମିଟି ଗଠନ କରିବେ ସେନେଇ ମଧ୍ୟ ଜିଲ୍ଲା ସଭାପତିଙ୍କ ସହିତ ଆଲୋଚନା ହୋଇଛି। ରାଜ୍ୟ କଂଗ୍ରେସ ପ୍ରଭାରୀ ଭାବେ ନିଯୁକ୍ତି ପାଇବା ପରେ ଶ୍ରୀ ଦେଶାଇ ବୁଧବାର ରାତିରେ ପ୍ରଥମ ଥର ପାଇଁ ତିନିଦିନିଆ ଓଡ଼ିଶା ଗସ୍ତରେ ଆସି ଭବୁନେଶ୍ୱରରେ ପହଞ୍ଚିଛନ୍ତି। ଏହି କ୍ରମରେ ଆଜି ସେ ସକାଳୁ ବିଳମ୍ବିତ ରାତି ପର୍ଯ୍ୟନ୍ତ ସମସ୍ତ ଜିଲ୍ଲା ସଭାପତିଙ୍କ ସହ ବୈଠକ କରିଥିବା ବେଳେ ଶୁକ୍ରବାର ମଧ୍ୟ ତାଙ୍କର ମାରାଥନ ବୈଠକ କାର୍ଯ୍ୟକ୍ରମ ରହିଛି। ଦିନ ୧୧ ଟାରେ କଂଗ୍ରେସ ଭବନରେ ପଲିଟିକାଲ ଆଫେୟାର୍ସ କମିଟି (ପିଏସି) ବୈଠକ ବସିବା ସହ ଏଥିରେ ପ୍ରଭାରୀ ଶ୍ରୀ ଦେଶାଇ ଯୋଗ ଦେବେ। ଏହାପରେ ସେ ଦଳର ବରିଷ୍ଠ ନେତାମାନଙ୍କ ସହ ଆଲୋଚନା କରିବାର କାର୍ଯ୍ୟକ୍ରମ ସ୍ଥିର ହୋଇଛି।

**ଆଜି ବସିବ ପିଏସି ବୈଠକ, ପରେ ବରିଷ୍ଠ ନେତାଙ୍କ ସହ ଆଲୋଚନା**




ଗତ ଜୁନ୍ ୨୮ ତାରିଖରେ ଏଆଇସିସି ପକ୍ଷରୁ ଲାଲାଜୀ ଦେଶାଇଙ୍କୁ ଆନୁଷ୍ଠାନିକ ଭାବେ ଓଡ଼ିଶା ପ୍ରଭାରୀ ଦାୟିତ୍ୱ ଦିଆଯାଇଛି। ଦାୟିତ୍ୱ ନେବା ପରେ ଏହା ତାଙ୍କର ପ୍ରଥମ ଓଡ଼ିଶା ଗସ୍ତ ହୋଇଥିବାରୁ ଏହାକୁ ନେଇ କଂଗ୍ରେସ ଶିବିର ବେଶ୍ ଉତ୍ସାହିତ ଅଛି। ରାଜ୍ୟରେ ଆଗକୁ ହେବାକୁ ଥିବା ପଞ୍ଚାୟତ ଓ ପୌର ନିର୍ବାଚନ ପାଇଁ ଦଳର ତୃଣମୂଳ ସ୍ତରର ସଂଗଠନକୁ ସୁଦୃଢ଼ କରିବା, କର୍ମୀଙ୍କ ଭିତରେ ନୂଆ ଉତ୍ସାହ ଭରିବା ହିଁ ନୂଆ ପ୍ରଭାରୀଙ୍କ ମୂଳ ଲକ୍ଷ୍ୟ ରହିବ ବୋଲି ଜଣାପଡ଼ିଛି।


**SBI**
ଷ୍ଟେଟ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ
କେନ୍ଦ୍ରୀୟ ନିଯୁକ୍ତି ଏବଂ ପଦୋନ୍ନତି ବିଭାଗ,
କର୍ପୋରେଟ୍ କେନ୍ଦ୍ର, ମୁମ୍ବାଇ
ଫୋନ୍: 022-22820427

ଆବେଦନ କରିବା ପାଇଁ QR ସ୍କାନ୍ କରନ୍ତୁ

**ବିଶେଷଜ୍ଞ କ୍ୟାଡର୍ ଅଧିକାରୀମାନଙ୍କର ନିଯୁକ୍ତି ନିୟମିତ ଆଧାରରେ**

ନିମ୍ନଲିଖିତ ପୋଷ୍ଟଗୁଡିକ ପାଇଁ ନିୟମିତ ଆଧାରରେ ଭାରତୀୟ ନାଗରିକମାନଙ୍କ ଠାରୁ ଆବେଦନ ଗୁଡିକ ଗ୍ରହଣ କରାଯାଉଛି:

**ବିଜ୍ଞାପନ ସଂ. CRPD/SCO/2026-27/02**

| ପୋଷ୍ଟର ନାମ | ଗ୍ରେଡ୍ | ଖାଲି ପଦବୀ ସଂଖ୍ୟା | ସର୍ବାଧିକ ବୟସ (31.05.2026 କଟ୍ ଅଫ୍) |
|---|---|---|---|
| ସହାୟକ ପରିଚାଳକ (ଆଇନ) | ଜେଏମଜିଏସ୍-I | 20 | 30 ବର୍ଷ |
| ଉପ ପରିଚାଳକ (ଆଇନ) | ଏମ୍‌ଏମ୍‌ଜିଏସ୍-II | 27 (ନିୟମିତ) ଏବଂ 02 (ବ୍ୟାକଲଗ୍) | 35 ବର୍ଷ |
| **ବିଜ୍ଞାପନ ସଂ. CRPD/SCO/2026-27/03** | | | |
| ବ୍ୟାଙ୍କ ଚିକିତ୍ସା ଅଧିକାରୀ | ଏମ୍‌ଏମ୍‌ଜିଏସ୍-II | 35 | 35 ବର୍ଷ |

ଯୋଗ୍ୟତା ମାନଦଣ୍ଡ (ବୟସ, ଯୋଗ୍ୟତା, ଅଭିଜ୍ଞତା, ଜବ୍ ପ୍ରୋଫାଇଲ ଇତ୍ୟାଦି), ଖାଲି ବିବରଣୀ, ଆବଶ୍ୟକ ଫିସ୍ ଏବଂ ଅନ୍ୟାନ୍ୟ ବିବରଣୀ ପାଇଁ ବ୍ୟାଙ୍କର ୱେବସାଇଟ୍ https://sbi.bank.in/web/careers/current-openings ଅନଲାଇନ୍ ଆପ୍ଲିକେସନ୍ ଫି ଜମା ଏବଂ ଅନଲାଇନ୍ ଦେୟ ଲିଙ୍କ୍ ସହିତ ଲଗ ଇନ୍ କରନ୍ତୁ । ଆବେଦନ ଏବଂ ଫି ପଠାଇବା ପୂର୍ବରୁ ଯୋଗ୍ୟତା ଏବଂ ଅନ୍ୟାନ୍ୟ ବିବରଣୀ ବିଷୟରେ ସୁନିଶ୍ଚିତ ହେବା ପାଇଁ ବିସ୍ତୃତ ବିଜ୍ଞାପନକୁ ଅନୁସରଣ କରନ୍ତୁ । ଯେକୌଣସି ପ୍ରଶ୍ନ ପାଇଁ ଦୟାକରି ଏହି ଲିଙ୍କ ମାଧ୍ୟମରେ ଆମକୁ ଲେଖନ୍ତୁ: **"CONTACT US" —> "Post Your Query"** ଯାହା ବ୍ୟାଙ୍କର ୱେବସାଇଟ (https://bank.sbi.in/web/careers/post-your-query)ରେ ଉପଲବ୍ଧ ।

- **ଅନଲାଇନ୍ ଆବେଦନ ଏବଂ ଫିସ୍ ଦେୟ ପାଇଁ ତାରିଖ: 24.06.2026 ରୁ 14.07.2026 ପର୍ଯ୍ୟନ୍ତ ।**

**ସ୍ଥାନ:** ମୁମ୍ବାଇ
**ତାରିଖ:** 24.06.2026

ମହା ପ୍ରବନ୍ଧକ (ଆର୍‌ପି ଆଣ୍ଡ ପିଏମ୍)

## ଭି.ବି.ଜି. ରାମ ଯୋଜନାର ଶୁଭାରମ୍ଭ

# ଗ୍ରାମୀଣ ରୋଜଗାର ଓ ଭିତ୍ତିଭୂମି ବିକାଶକୁ ମିଳିବ ବେଗ





**ମାଲକାନଗିରି/ନବରଙ୍ଗପୁର/ରାୟଗଡ଼/କୋରାପୁଟ, ୨।୭(ସମିସ):** ସମଗ୍ର ଦେଶ ସହିତ ଆଜି ମାଲକାନଗିରି ଜିଲ୍ଲାରେ ଭାରତ ସରକାରଙ୍କ ମହତ୍ତ୍ୱାକାଂକ୍ଷୀ ପ୍ରକଳ୍ପ ଭି.ବି.ଜି. ରାମ ଯୋଜନାର ଶୁଭାରମ୍ଭ ହୋଇଯାଇଛି। ଏହି ଉଦ୍‌ଘାଟନୀ କାର୍ଯ୍ୟକ୍ରମ ସଂସ୍କୃତି ଭବନଠାରେ ଆୟୋଜିତ ହୋଇଥିଲା। ମାଲକାନଗିରି ଜିଲ୍ଲାପାଳ ପ୍ରଥମେଶ ଅରବିନ୍ଦ ରାଜଶିର୍କେଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ଜିଲ୍ଲାସ୍ତରୀୟ ସମାରୋହରେ ଜିଲ୍ଲା ପରିଷଦ ଅଧ୍ୟକ୍ଷ ସମାରୀ ଟାଙ୍ଗୁଲୁ ମୁଖ୍ୟଅତିଥି, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଦାଶରଥୀ ସରାବୁ ଏବଂ ଆଇଟିଡିଏ ପ୍ରକଳ୍ପ ପ୍ରଶାସକ ହଳଧର ଶବର ପ୍ରମୁଖ ଉପସ୍ଥିତ ଥିଲେ। ମାଲକାନଗିରି ବିଧାୟକଙ୍କ ପ୍ରତିନିଧି ମାଣିକଲାଲ ଚକ୍ରବର୍ତ୍ତୀ, ବିଭିନ୍ନ ବିଭାଗର ଅଧିକାରୀ, ସ୍ଥାନୀୟ ଜନପ୍ରତିନିଧି ଏବଂ ବହୁ ସଂଖ୍ୟକ ଶ୍ରମିକ ଏହି କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ। ଏହି ଅବସରରେ ଜିଲ୍ଲାପାଳ କହିଛନ୍ତି ଯେ ଏହି ଯୋଜନା କେବଳ ଏକ ସରକାରୀ କାର୍ଯ୍ୟକ୍ରମ ନୁହେଁ ବରଂ ମାଲକାନଗିରିର ପ୍ରତ୍ୟେକ ଗ୍ରାମୀଣ ପରିବାରର ସାମାଜିକ ଓ ଆର୍ଥିକ ସଶକ୍ତିକରଣ ପାଇଁ ଏକ ମୂଳଦୁଆ। ପ୍ରତ୍ୟେକ ଗ୍ରାମ ପାଇଁ ସଠିକ୍ ଓ ଦୂରଦୃଷ୍ଟିସମ୍ପନ୍ନ କାର୍ଯ୍ୟଖସଡ଼ା ପ୍ରସ୍ତୁତ କରିବା ପାଇଁ ଅଧିକାରୀ ମାନଙ୍କୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ଜିଲ୍ଲା ପରିଷଦ ଅଧ୍ୟକ୍ଷ ନିଜ ଅଭିଭାଷଣରେ କହିଛନ୍ତି ଯେ ଭି.ବି.ଜି. ରାମ ଯୋଜନା ମାଧ୍ୟମରେ ଜିଲ୍ଲାର ଗ୍ରାମାଞ୍ଚଳରେ ରୋଜଗାର ଏବଂ ସାମଗ୍ରିକ ବିକାଶର ଏକ ବଡ଼ ସୁଯୋଗ ଆସିଛି। ଏମ୍‌ସି ଶୁଭଶ୍ରୀ ସାହୁ ଏହି ନୂତନ ଯୋଜନାର ରୂପରେଖ, ଲକ୍ଷ୍ୟ ଓ ମିଳୁଥିବା ସୁବିଧା ସମ୍ବନ୍ଧରେ ବିସ୍ତୃତ ସୂଚନା ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମ ଅବସରରେ ଜିଲ୍ଲାପାଳ ସମସ୍ତ ବିଭାଗୀୟ ଅଧିକାରୀଙ୍କୁ ପ୍ରତ୍ୟେକ ଗ୍ରାମ ପାଇଁ ଉପଯୁକ୍ତ କାର୍ଯ୍ୟଖସଡ଼ା ପ୍ରସ୍ତୁତ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ମୁଖ୍ୟ ଉନ୍ନୟନ ଅଧିକାରୀ ଜଣାଇଛନ୍ତି ଯେ ଏହି ଯୋଜନାରେ ବର୍ତ୍ତମାନ ଦୈନିକ ମଜୁରୀ ହାର ୩୦୦ ଟଙ୍କା ଧାର୍ଯ୍ୟ କରାଯାଇଛି। ପୂର୍ବରୁ ଦେୟ ପ୍ରଦାନରେ ହେଉଥିବା ବିଳମ୍ବ ସମସ୍ୟାକୁ ଏହି ଯୋଜନା ମାଧ୍ୟମରେ ସମ୍ପୂର୍ଣ୍ଣ ରୂପେ ଦୂର କରାଯିବ ଏବଂ ଆଗାମୀ ଦିନରେ କୌଣସି ଶ୍ରମଜୀବୀଙ୍କୁ ହଇରାଣ ହେବାକୁ ପଡ଼ିବ ନାହିଁ।

ଭାରତ ସରକାରଙ୍କ 'ବିକଶିତ ଭାରତ-ଗ୍ୟାରେଣ୍ଟି ଫର୍ ରୋଜଗାର ଏବଂ ଆଜୀବିକା ମିଶନ (ଗ୍ରାମୀଣ) କାର୍ଯ୍ୟକ୍ରମ ଗୁରୁବାର ନବରଙ୍ଗପୁର ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାପାଳ ଡ଼. ମହେଶ୍ୱର ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଜିଲ୍ଲାର ବିଭିନ୍ନ ବିଭାଗର ଅଧିକାରୀ, ଜନପ୍ରତିନିଧି, ପଞ୍ଚାୟତ ପ୍ରତିନିଧି, ମିଶନ ଶକ୍ତିର ସଦସ୍ୟା ଏବଂ ଯୁବ ପ୍ରତିନିଧି ଯୋଗଦେଇଥିଲେ। କାର୍ଯ୍ୟକ୍ରମ ପ୍ରାରମ୍ଭରେ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ଜିଲ୍ଲା ପରିଷଦର ନିର୍ବାହୀ ଅଧିକାରୀ ବିରଞ୍ଚି ନାରାୟଣ ଦରୱାନ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଏହି ଅବସରରେ କେନ୍ଦ୍ର ସ୍ତରରେ ଆୟୋଜିତ ଜାତୀୟ ଶୁଭାରମ୍ଭ କାର୍ଯ୍ୟକ୍ରମର ସିଧାସଳଖ ପ୍ରସାରଣ ପ୍ରଦର୍ଶନ କରାଯାଇଥିଲା। ଜିଲ୍ଲାପାଳ ଡ଼. ମହେଶ୍ୱର ସ୍ୱାଇଁ କହିଥିଲେ ଯେ ୧ ଜୁଲାଇ ୨୦୨୬ରୁ କାର୍ଯ୍ୟକାରୀ ହୋଇଥିବା ଏହି ଅଧିନିୟମ ନବରଙ୍ଗପୁର ପରି ଆଦିବାସୀ ବହୁଳ ଜିଲ୍ଲା ପାଇଁ ଅତ୍ୟନ୍ତ ଉପକାରୀ ସାବ୍ୟସ୍ତ ହେବ। ଏହା ଅଧୀନରେ ପ୍ରତ୍ୟେକ ଗ୍ରାମୀଣ ପରିବାରକୁ ବର୍ଷକୁ ୧୨୫ ଦିନର ନିଶ୍ଚିତ ଅଣକୁଶଳୀ ରୋଜଗାର ମିଳିବ। ବୁଣା ଓ ଅମଳ ଋତୁରେ ସର୍ବାଧିକ ୬୦ ଦିନ କାର୍ଯ୍ୟ ବନ୍ଦ ରହିବା ଦ୍ୱାରା କୃଷି କାର୍ଯ୍ୟ ପ୍ରଭାବିତ ହେବ ନାହିଁ। ସମସ୍ତ ଲାଇନ ବିଭାଗ, ପଞ୍ଚାୟତ ପ୍ରତିନିଧି, ସ୍ୱୟଂ ସହାୟକ ଗୋଷ୍ଠୀ ଓ ଯୁବ ପ୍ରତିନିଧିମାନେ ସମନ୍ୱିତ ଭାବେ କାର୍ଯ୍ୟ କରି ଯୋଜନାର ସୁଫଳ ପ୍ରତ୍ୟେକ ଯୋଗ୍ୟ ପରିବାର ନିକଟରେ ପହଞ୍ଚାଇବାକୁ ସେ ଆହ୍ୱାନ ଜଣାଇଥିଲେ। କାର୍ଯ୍ୟ ସମାପ୍ତିର ୧୫ ଦିନ ମଧ୍ୟରେ ସିଧାସଳଖ ଡି ବି ଟି ମାଧ୍ୟମରେ ମଜୁରୀ ପ୍ରଦାନ, କୃଷି ଋତୁରେ କାର୍ଯ୍ୟ ବିରତି ଏବଂ ଜଳ ସଂରକ୍ଷଣ, ଗ୍ରାମୀଣ ସଡ଼କ, ଅଙ୍ଗନବାଡ଼ି କେନ୍ଦ୍ର ଭଳି ସ୍ଥାୟୀ ସମ୍ପତ୍ତି ସୃଷ୍ଟି ଉପରେ ବିଶେଷ ଗୁରୁତ୍ୱ ଦିଆଯାଇଛି। ଆସନ୍ତା ୧୫ ଦିନ ମଧ୍ୟରେ ଜିଲ୍ଲାର ପ୍ରତ୍ୟେକ ଗ୍ରାମ ପଞ୍ଚାୟତରେ ସଚେତନତା ଶିବିର ଆୟୋଜନ କରାଯିବ। କାର୍ଯ୍ୟକ୍ରମରେ ସାଂସଦଙ୍କ ପ୍ରତିନିଧି, ଝରିଗାଁ ବିଧାୟକଙ୍କ ପ୍ରତିନିଧି, ଜିଲ୍ଲାସ୍ତରୀୟ ଲାଇନ ବିଭାଗର ଅଧିକାରୀ, ସରପଞ୍ଚ, ସମିତିସଭ୍ୟ, ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟା ଏବଂ ବହୁ ସଂଖ୍ୟକ ଯୁବ ପ୍ରତିନିଧି ଉପସ୍ଥିତ ଥିଲେ।

ରାୟଗଡ ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ ଜିଲ୍ଲାସ୍ତରୀୟ ଜନସମ୍ମିଳନୀ ସହବିକଶିତ ଭାରତ– ଗ୍ରାମୀଣ ରୋଜଗାର ଓ ଆଜୀବିକା ଗ୍ୟାରେଣ୍ଟି ମିଶନ (ଭିବି ଜି ରାମ ଜି) କାର୍ଯ୍ୟକ୍ରମର ଶୁଭାରମ୍ଭ ହୋଇଯାଇଛି।



ଏସ୍‌ଡିସି ଅଧ୍ୟକ୍ଷ ବିଦ୍ୟାଧର ଶବର, ଉପାଧ୍ୟକ୍ଷା ମଞ୍ଜୁଳା ମିଣିଆକା, ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ନବୀନଚନ୍ଦ୍ର ନାୟକ, ସିଡିଓ ତଥା ଜିଲ୍ଲା ପରିଷଦର କାର୍ଯ୍ୟନିର୍ବାହୀ ଅଧିକାରୀ ଅକ୍ଷୟ କୁମାର ଖେମୁଣ୍ଡୁ ଏବଂ ରାୟଗଡ ଜିଲ୍ଲାର ଓମ୍ବୁଡ୍‌ସମ୍ୟାନ ଉପସ୍ଥିତ ରହିଥିଲେ। କାର୍ଯ୍ୟକ୍ରମରେ ଜିଲ୍ଲାର ସମସ୍ତ ବ୍ଲକ ଉନ୍ନୟନ ଅଧିକାରୀ, ସହକାରୀ ନିର୍ବାହୀ ଯନ୍ତ୍ରୀ, କନିଷ୍ଠ ଯନ୍ତ୍ରୀ, ଜନପ୍ରତିନିଧି ଓ ଭିବି ଜି ରାମ ଜି ଯୋଜନାର ହିତାଧିକାରୀମାନେ ଯୋଗଦେଇଥିଲେ। ଯୋଜନା ଅଧୀନରେ ତିନିଜଣ ହିତାଧିକାରୀଙ୍କୁ ନୂତନ କାର୍ଯ୍ୟ ମଞ୍ଜୁରି ପ୍ରଦାନ କରାଯାଇଥିଲା। କାର୍ଯ୍ୟସ୍ଥଳରେ ଶ୍ରମିକମାନଙ୍କ ପାଇଁ ଆବଶ୍ୟକ ସୁବିଧା କିପରି ଉପଲବ୍ଧ କରାଯିବ, ସେଥିପାଇଁ ସ୍ଥଳରେ ଏକ ସଜୀବ ପ୍ରଦର୍ଶନୀ ମଧ୍ୟ ଆୟୋଜନ କରାଯାଇଥିଲା।

କୋରାପୁଟ ସଂସ୍କୃତି ଭବନଠାରେ ଜିଲ୍ଲା ସ୍ତରୀୟ ଭିବି ଜି ରାମ ଜି ଆଇନର ଶୁଭାରମ୍ଭ କରା ଯାଇଛି। ଜିଲ୍ଲାପାଳ ମନୋଜ ସତ୍ୟବାନ ମହାଜନଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉତ୍ସବରେ କୋରାପୁଟ ବିଧାୟକ ରଘୁରାମ ମାଛ, କୋଟପାଡ ବିଧାୟକ ରୁପୁ ଭତ୍ରା, ସ୍ୱତନ୍ତ୍ର ଉନ୍ନୟନ ପରିଷଦର ଅଧ୍ୟକ୍ଷ ଭଗବାନ ମୁଦୁଲି ପ୍ରମୁଖ ଉପସ୍ଥିତ ଥିଲେ। ପୁରୁଣା ମନରେଗା ଯୋଜନାକୁ ବଦଳେଇ ସାରା ଦେଶରେ ଭିବି ଜି ରାମ ଜି ଆଇନ କାର୍ଯ୍ୟକାରୀ ହୋଇଛି। ବର୍ଷକୁ ୧୦୦ ଦିନ ବଦଳରେ ୧୨୫ ଦିନର କାମ ଏବଂ ଶ୍ରମିକଙ୍କ ପାଇଁ ଦୈନିକ ୩୦୦ ଟଙ୍କା ମଜୁରୀ ନିଶ୍ଚିତ କରାଯାଇଛି। ଗାଁ ବିକଶିତ କରିବା ପାଇଁ ଏହା ଏକ ସୁନ୍ଦର ଯୋଜନା ଅଟେ ଏବଂ ୫ ବର୍ଷ ଭିତରେ ସମସ୍ତ ଗ୍ରାମର ବିକାଶ ହେବ ବୋଲି କୋରାପୁଟ ବିଧାୟକ ତଥା ଜିଲ୍ଲା ଯୋଜନା କମିଟି ଅଧ୍ୟକ୍ଷ ରଘୁରାମ ମାଛ କହିଥିଲେ। କାର୍ଯ୍ୟକ୍ରମରେ ଜିଲ୍ଲାର ସମସ୍ତ ବିଡିଓ, ସହକାରୀ ନିର୍ବାହୀ ଯନ୍ତ୍ରୀ, ସହକାରୀ ଯନ୍ତ୍ରୀ, କନିଷ୍ଠ ଯନ୍ତ୍ରୀ ଏବଂ ପଞ୍ଚାୟତ ନିର୍ବାହୀ ଅଧିକାରୀ ଯୋଗ ଦେଇଥିଲେ। ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ବେଣୁଧର ଶବର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। କୋରାପୁଟ ବ୍ଲକ ଏପିଓ ସନ୍ତୋଷୀ ମହାପାତ୍ର ମଞ୍ଚ ପରିଚାଳନା କରିଥିଲେ।

■ ରେଳବାଇ ଜମି ଚିହ୍ନଟ ନେଇ ବିରୋଧ

## ନିରାଶ ହୋଇ ଫେରିଲା ରାଜସ୍ୱ ବିଭାଗ

**ନନ୍ଦପୁର, ୨।୭(ସମିସ):** ଡାର୍ଲିପୁଟରୁ ମାଛକୁଣ୍ଡ ପର୍ଯ୍ୟନ୍ତ ରେଳ ଲାଇନ୍ ପାର୍ଶ୍ୱରେ ପୂର୍ବରୁ ରେଳ ବିଭାଗ ଦ୍ୱାରା ଅଧିଗୃହୀତ ଜମିର ଚିହ୍ନଟ ଓ ମାପଜୋଖକୁ ନେଇ ଗୁରୁବାର ନନ୍ଦପୁର ବ୍ଲକର ଗୟଲପୁଟ ଅଞ୍ଚଳରେ ଉତ୍ତେଜନା ସୃଷ୍ଟି ହୋଇଥିଲା। ନାଗେଶ୍ୱରୀ ପାହାଡ଼ ସୁରକ୍ଷା ସମିତି ଓ ପାରିପାର୍ଶ୍ୱିକ ଗ୍ରାମବାସୀଙ୍କ ବିରୋଧ ଯୋଗୁଁ ପ୍ରଶାସନ ପକ୍ଷରୁ ଜମି ଚିହ୍ନଟ କାର୍ଯ୍ୟ ସମ୍ପନ୍ନ ହୋଇପାରି ନଥିଲା। ସୂଚନାନୁସାରେ, ଗତ ଅପ୍ରେଲ ୧୬ ତାରିଖରେ ପୂର୍ବତଟ ରେଳବାଇର ଚିଠି ସଂଖ୍ୟା–୮୩୩/୨୦୨୬ ଆଧାରରେ ନନ୍ଦପୁର ତହସିଲଦାରଙ୍କୁ ଡାର୍ଲିପୁଟରୁ ମାଛକୁଣ୍ଡ ପର୍ଯ୍ୟନ୍ତ ରେଳ ଲାଇନ୍ ପାର୍ଶ୍ୱସ୍ଥ ପୂର୍ବରୁ ଅଧିଗୃହୀତ ଜମିର ସୀମା ଚିହ୍ନଟ ଓ ମାପଜୋଖ କରିବା ପାଇଁ ଅନୁରୋଧ କରାଯାଇଥିଲା। ସେହି ପ୍ରକ୍ରିୟାର ଅଂଶସ୍ୱରୂପ ଗୁରୁବାର ନନ୍ଦପୁର ତହସିଲଦାର ଦେବବ୍ରତ ମହାରଣା, ସୁପରଭାଇଜର ସୋମନାଥ ମୁଦୁଲି ପ୍ରଶାସନିକ ଟିମ୍ ସହ ଭେଜା ଷ୍ଟେସନ ନିକଟସ୍ଥ ଗୟଲପୁଟ ରେଳଧାରଣା ପାର୍ଶ୍ୱରେ ପହଞ୍ଚିଥିଲେ। ଏହି ଖବର ପାଇ ନାଗେଶ୍ୱରୀ ପାହାଡ଼ ପାରିପାର୍ଶ୍ୱିକ ଅଞ୍ଚଳର ଗ୍ରାମବାସୀ ଓ ନାଗେଶ୍ୱରୀ ପାହାଡ଼ ସୁରକ୍ଷା ସମିତିର ସଦସ୍ୟମାନେ ସେଠାରେ ପହଞ୍ଚି ରେଳଧାରଣା ଉପରେ ବସି ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ନୂତନ ଭାବେ ଜମି ଅଧିଗ୍ରହଣ କରାଯାଉଥିବା ଭାବି ବିରୋଧ ପ୍ରଦର୍ଶନ କରି ସେମାନେ ନାରାବାଜି କରିବା ସହ ଜମି ଚିହ୍ନଟ କାର୍ଯ୍ୟକୁ ବନ୍ଦ କରିଥିଲେ। ତେବେ ତହସିଲଦାର ଶ୍ରୀ ମହାରଣା ଓ କୋରାପୁଟ ଡିଭିଜନର ରେଳ ବିଭାଗୀୟ ଅଧିକାରୀ ବିକ୍ଷୋକାରୀଙ୍କୁ ବୁଝାଇଥିଲେ ଯେ ଆଜିର କାର୍ଯ୍ୟକ୍ରମ କୌଣସି ନୂତନ ଜମି ଅଧିଗ୍ରହଣ ପାଇଁ ନୁହେଁ, ବରଂ ପୂର୍ବରୁ ରେଳ ବିଭାଗ ଅଧିଗୃହୀତ କରିଥିବା ଜମିର ସୀମା ଚିହ୍ନଟ ପାଇଁ ଉଦ୍ଦିଷ୍ଟ। ତଥାପି ବିକ୍ଷୋକାରୀମାନେ ପ୍ରଶାସନର ଯୁକ୍ତିକୁ ଗ୍ରହଣ ନକରି ନିଜ ଦାବିରେ ଅଟଳ ରହିଥିଲେ, ଫଳରେ ଜମି ଚିହ୍ନଟ ପ୍ରକ୍ରିୟା ସ୍ଥଗିତ ରହିଥିଲା। ଦୀର୍ଘ ସମୟ ଧରି ପ୍ରଶାସନ ଓ ବିକ୍ଷୋଭକାରୀଙ୍କ ମଧ୍ୟରେ ଆଲୋଚନା ପରେ ରେଳ ଜମି ମାପକୁ ନେଇ ଥିବା ଭ୍ରାନ୍ତ ଧାରଣା ଦୂର କରିବା ନିମନ୍ତେ ଆସନ୍ତା ସାତ ଦିନ ମଧ୍ୟରେ ରେଳ ବିଭାଗୀୟ ଅଧିକାରୀ ଓ ଅଞ୍ଚଳର ପ୍ରତିନିଧିମାନଙ୍କୁ ନେଇ ପୁନର୍ବାର ଆଲୋଚନା ଆୟୋଜନ କରାଯିବ ବୋଲି ପ୍ରସ୍ତାବ ରଖାଯାଇଛି। ଏ ସମ୍ପର୍କରେ ନନ୍ଦପୁର ତହସିଲଦାର ଦେବବ୍ରତ ମହାରଣା ଗଣମାଧ୍ୟମକୁ ସୂଚନା ଦେଇଛନ୍ତି। ଆଜି ଜମି ଚିହ୍ନଟ କାର୍ଯ୍ୟକ୍ରମକୁ ଆଖି ଆଗରେ ରଖି ରେଳ ବିଭାଗୀୟ ପୋଲିସ କର୍ମଚାରୀ ସହ ପାଡୁଆ ଓ ନନ୍ଦପୁର ପୁଲିସକୁ ନେଇ ନିଜେ ନନ୍ଦପୁର ଏସଡିପିଓ ଦେବେନ୍ଦ୍ର ମଲ୍ଲିକ କଡ଼ା ନଜର ରଖିଥିଲେ।

■ ଜନଗଣନା-୨୦୨୭ର ବୃହତ ପ୍ରଶିକ୍ଷଣ ଶିବିର

## ଜିଲ୍ଲାର ପ୍ରଗତି ପାଇଁ ସଠିକ୍ ଓ ନିର୍ଭୁଲ ତଥ୍ୟକୁ ଗୁରୁତ୍ୱ

**ମାଲକାନଗିରି, ୨।୭(ସମିସ):** ମାଲକାନଗିରି ଜିଲ୍ଲା ପରିଷଦ ଅନ୍ତର୍ଗତ ଜିଲ୍ଲା ପଞ୍ଚାୟତ ସାଧନ ପ୍ରଶିକ୍ଷଣ ଗୃହଠାରେ ଜନଗଣନା-୨୦୨୭ର ସଫଳ ରୂପାୟନ ପାଇଁ ଏକ ବୃହତ ଜିଲ୍ଲାସ୍ତରୀୟ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଅତିରିକ୍ତ ଜିଲ୍ଲାପାଳ ରାଜସ୍ୱ ବେଦବର ପ୍ରଧାନଙ୍କ ଅଧ୍ୟକ୍ଷତାରେ ଆୟୋଜନ କରାଯାଇଛି। ପ୍ରଥମ ଦିବସର ଜିଲ୍ଲାର ସମସ୍ତ ରାଜସ୍ୱ ନିରୀକ୍ଷକ, ସହକାରୀ ରାଜସ୍ୱ ନିରୀକ୍ଷକ ଏବଂ ଅମିନମାନେ ଯୋଗ ଦେଇଛନ୍ତି। ଗ୍ରାମ୍ୟ ସୂଚୀର ସଠିକ୍ ଏବଂ ବ୍ୟାପକ ପ୍ରସ୍ତୁତି ପାଇଁ କ୍ଷେତ୍ର ସ୍ତରରୁ କିପରି ସମ୍ପୂର୍ଣ୍ଣ, ନିରପେକ୍ଷ ଏବଂ ନିର୍ଭୁଲ ସୂଚନା ସଂଗ୍ରହ କରାଯାଇପାରିବ, ସେହି ଦିଗ ଉପରେ ଏହି ଶିବିରରେ ବିସ୍ତୃତ ଭାବେ ଆଲୋଚନା କରାଯାଇ କର୍ମଚାରୀମାନଙ୍କୁ ସଜାଗ କରାଯାଇଛି। ଏଥିରେ ଶିକ୍ଷାନୁଷ୍ଠାନଗୁଡ଼ିକର ଉପଲବ୍ଧତା, ସ୍ୱାସ୍ଥ୍ୟ ସେବା ଓ ଚିକିତ୍ସା ସୁବିଧା, ବିଶୁଦ୍ଧ ପାନୀୟଜଳର ବ୍ୟବସ୍ଥା, ଗ୍ରାମୀଣ ପରିମଳ ଏବଂ ବିଦ୍ୟୁତ ଶକ୍ତି ସହିତ ବିକଳ୍ପ ଇନ୍ଧନର ବ୍ୟବହାର ଭଳି ଅତି ଆବଶ୍ୟକୀୟ



ବିଷୟଗୁଡ଼ିକୁ ସାମିଲ କରାଯାଇଛି। ଏହାସହିତ ସୁଦୂର ଗ୍ରାମାଞ୍ଚଳକୁ ଯୋଗାଯୋଗ, ପରିବହନ ସେବା, ସଡ଼କ ସଂଯୋଗୀକରଣ, ଡିଜିଟାଲ ନେଟୱର୍କ ଏବଂ ଆର୍ଥିକ ସମାବେଶୀକରଣ ପାଇଁ ବ୍ୟାପକ ବ୍ୟାଙ୍କିଙ୍ଗ ଓ ଋଣ ସୁବିଧାଗୁଡ଼ିକର ବାସ୍ତବ ସ୍ଥିତି ଯାଞ୍ଚ କରିବା ପାଇଁ ଅଧିକାରୀମାନଙ୍କୁ କୁହାଯାଇଛି। ଜିଲ୍ଲାର ଅର୍ଥନୀତିର ମେରୁଦଣ୍ଡ ସଦୃଶ ଥିବା କୃଷି କ୍ଷେତ୍ର, ଜମିର ସଠିକ୍ ବ୍ୟବହାର, ଜଳସେଚନର ଉତ୍ସ, ମୁଖ୍ୟ ଶସ୍ୟ ଉତ୍ପାଦନ ସମେତ ସ୍ଥାନୀୟ ଅଞ୍ଚଳରେ ଥିବା କ୍ଷୁଦ୍ର ଓ ମଧ୍ୟମ ଶିଳ୍ପାୟନ ଏବଂ ଅନ୍ୟାନ୍ୟ ଆର୍ଥିକ କାର୍ଯ୍ୟକଳାପର ସଠିକ୍ ପରିସଂଖ୍ୟାନ ପ୍ରସ୍ତୁତ କରିବାକୁ ପ୍ରଶିକ୍ଷାର୍ଥୀମାନଙ୍କୁ ବିଶେଷ ଭାବେ ତାଲିମ ପ୍ରଦାନ କରାଯାଇଛି। କୌଣସି ବି ପରିସ୍ଥିତିରେ ଯେପରି କୌଣସି ଗ୍ରାମ ବା ତଥ୍ୟ ଏହି ପ୍ରକ୍ରିୟାରୁ ବାଦ ନପଡ଼େ, ସେଥିପାଇଁ ସମସ୍ତଙ୍କୁ ଅତି ସତର୍କତାର ସହ କାର୍ଯ୍ୟ କରିବାକୁ ନିର୍ଦ୍ଦେଶ ଦିଆଯାଇଛି।

● ଶିକ୍ଷା ବ୍ୟବସ୍ଥାର ବିକଳ ଚିତ୍ର

## ଗୋଟିଏ କକ୍ଷରେ ତିନି ଶ୍ରେଣୀର ଛାତ୍ରଛାତ୍ରୀ

**ତେନ୍ତୁଲିଖୁଣ୍ଟି,୨।୭(ସମିସ):** ନବରଙ୍ଗପୁର ଜିଲ୍ଲା ତେନ୍ତୁଲିଖୁଣ୍ଟି ବ୍ଲକ ପରଜା ଦେଓପାଲି ପଞ୍ଚାୟତ ଅନ୍ତର୍ଗତ ଖାଡିଗୁଡା ଗ୍ରାମର ଉନ୍ନୀତ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଶିକ୍ଷାର ବିକଳ ଚିତ୍ର ଦେଖିବାକୁ ମିଳିଛି। ଏହି ବିଦ୍ୟାଳୟରେ ଶିକ୍ଷକ ଅଭାବ ସାଙ୍ଗକୁ ଆବଶ୍ୟକ କୋଠରୀ ନାହିଁ। ଫଳରେ ଗୋଟିଏ ଗୋଟିଏ କୋଠରୀରେ ତିନୋଟି ଶ୍ରେଣୀର



**ଚାରି ଶିକ୍ଷକଙ୍କୁ ୯ଟି ଶ୍ରେଣୀର ପାଠପଢ଼ା ଦାୟିତ୍ୱ**

ପିଲା ବସି ପାଠ ପଢୁଛନ୍ତି। ଖାଡିଗୁଡା ଉନ୍ନୀତ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ବାଲ୍ ବାଟିକାରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ୯ଟି ଶ୍ରେଣୀରେ ୧୬୦ରୁ ଅଧିକ ଛାତ୍ରଛାତ୍ରୀ ଅଧ୍ୟୟନ କରୁଛନ୍ତି। ୯ଟି ଶ୍ରେଣୀ ପାଇଁ ମାତ୍ର ୪ଟି କୋଠରୀ ରହିଛି। ଗୋଟିଏ ଗୋଟିଏ କୋଠରୀରେ ଦୁଇରୁ ତିନୋଟି ଶ୍ରେଣୀର ଛାତ୍ରଛାତ୍ରୀ ବସି ପାଠ ପଢୁଛନ୍ତି। ଉକ୍ତ କୋଠରୀଗୁଡିକ ମଧ୍ୟ ଅତି ପୁରୁଣା ହୋଇଥିବା ଯୋଗୁଁ ବର୍ଷା ପାଣି ଗଳୁଛି।

ଅପରପକ୍ଷେ ୯ଟି ଶ୍ରେଣୀର ପିଲାଙ୍କୁ ପାଠ ପଢେଇବା ପାଇଁ ମାତ୍ର ୪ ଜଣ ଶିକ୍ଷକ ଅଛନ୍ତି। ଏହାଦ୍ୱାରା ବିଦ୍ୟାଳୟରେ ନିୟୋଜିତ ଶିକ୍ଷକଶିକ୍ଷୟିତ୍ରୀଙ୍କୁ ପିଲାଙ୍କ ପାଠ ପଢ଼ାରେ ସମସ୍ୟା ସୃଷ୍ଟି ହେଉଥିବା ଜଣାପଡିଛି। ବିଦ୍ୟାଳୟର ଅବସ୍ଥା ଏଭଳି ହୋଇଛି ଯେ ବେଳେ ବେଳେ ପ୍ରଧାନଶିକ୍ଷକଙ୍କ ଅଫିସ କାର୍ଯ୍ୟାଳୟରେ ବସି ପିଲା ପାଠ ପଢୁଛନ୍ତି। ଏଭଳି ତମାମ ସମସ୍ୟା ମଧ୍ୟରେ ଖାଡିଗୁଡା ଉନ୍ନତ ଉଚ୍ଚପ୍ରାଥମିକ ବିଦ୍ୟାଳୟ ଗତି କରୁଥିଲେ ହେଁ ସମାଧାନ ଦିଗରେ କୌଣସି ସ୍ତରରେ ଉଦ୍ୟମ ନହେବା ପରିତାପର ବିଷୟ ହୋଇଛି। ଯାହାକୁ ନେଇଁ ଅଭିଭାବକ ମହଲରେ ଅସନ୍ତୋଷ ଦେଖାଦେଇଛି। ଆବଶ୍ୟକ ଶ୍ରେଣୀଗୃହ ନିର୍ମାଣ ସାଙ୍ଗକୁ ଶିକ୍ଷକ ପଦ ପୂରଣ ଦିଗରେ ପ୍ରଶାସନ ଦୃଷ୍ଟି ଦେବାକୁ ବିଭିନ୍ନ ମହଲରେ ଦାବି ହୋଇଛି।

## ମିଶନ ଶକ୍ତି ଟିଫନ୍ ସେଣ୍ଟର ଉଦ୍‌ଘାଟିତ

**ଗୁଡାରୀ, ୨।୭(ସମିସ):** ମା' ମାଣିକେଶ୍ୱରୀ ସ୍ୱୟଂ ସହାୟକ ଗୋଷ୍ଠୀ ତରଫରୁ ମିଶନ ଶକ୍ତି ଟିଫନ୍ ସେଣ୍ଟର ଗୁଡାରୀ କଲେଜ ରୋଡଠାରେ ଗୁରବାର ଉଦଘାଟନ କରାଯାଇଛି।



ଏହି କାର୍ଯ୍ୟକ୍ରମରେ ଗୁଡାରୀ ସିଡିପିଓ ଅନିତା ପାଣିଗ୍ରାହୀ ଏବଂ ଗୁଡାରୀ ବିଇଓ ଲୋକନାଥ ସୁନା, ପ୍ରଭାତ ଏନଜିଓ ସଂସ୍ଥା ତଥା ଆଇସିଡିଏସ ଅଫିସର ସମସ୍ତ କର୍ମଚାରୀ ଯୋଗ ଦେଇଥିଲେ। ପରେ ସ୍ୱୟଂ ସହାୟକ ଗୋଷ୍ଠିର ମହିଳାମାନେ ମାଣ୍ଡିଆରେ ନିର୍ମିତ ସମସ୍ତ ଖାଦ୍ୟକୁ ପରଷିଥିଲେ। ଶ୍ରୀ ସୁନା ଖାଦ୍ୟର ମାନକୁ ଯଥେଷ୍ଟ ପ୍ରଶଂସା କରିଥିଲେ। ଏହାକୁ ସବୁଦିନ ଖୋଲା ରହିବ ଏବଂ ମାଣ୍ଡିଆରେ ନିର୍ମିତ ସମସ୍ତ ଖାଦ୍ୟ ବିକ୍ରି କରାଯିବ ବୋଲି ମହିଳା ସଂଘର ସଭାପତି କୁନ୍ତଳ ମହାନ୍ତି ଏବଂ ସମ୍ପାଦକ ବୈଜୟନ୍ତି ପଟ୍ଟନାୟକ କହିଛନ୍ତି। ଏଥିରେ ସଂଘର ସମସ୍ତ ମହିଳା ଉପସ୍ଥିତ ଥିଲେ।

# ବନ ମହୋତ୍ସବ; ବିଭିନ୍ନ ବନାଞ୍ଚଳରେ ଲାଗିଲା ଚାରା




**ଜୟପୁର, ୨।୭(ସମିସ)**

ଜୟପୁର ବନଖଣ୍ଡର ଜୟନଗର ସେକ୍ସନ ପକ୍ଷରୁ ବନ ମହୋତ୍ସବ ଅବସରରେ ୧୦୦ଟି ଫଳ ବୃକ୍ଷ ସ୍ଥାନୀୟ ବାଲିଆ ଗ୍ରାମପଞ୍ଚାୟତର ପଲକାପୁଟ ଗ୍ରାମର ବିଦ୍ୟାଳୟ ଏବଂ ଆଖପାଖ ଅଞ୍ଚଳରେ ରୋପଣ କରାଯାଇଛି। ଜୟପୁର ବନଖଣ୍ଡ ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ରେଞ୍ଜର ଦେବେନ୍ଦ୍ର ମାଝି ଏବଂ ଫରେଷ୍ଟର ଗୌତମ ସ୍ୱାଇଁ ପାଞ୍ଜିଆଗୁଡା ଶିବ ମନ୍ଦିରଠାରେ ପୂଜାର୍ଚ୍ଚନା ସହିତ ମନ୍ଦିର ପରିସରରେ ୫ଟି ନିମ୍ବ ବୃକ୍ଷ ରୋପଣ କରିଥିଲେ। ଏହାପରେ ସ୍ଥାନୀୟ ପଲକାପୁଟ ପ୍ରାଥମିକ ବିଦ୍ୟାଳୟଠାରେ ଆୟୋଜିତ କାର୍ଯ୍ୟକ୍ରମରେ ବୃକ୍ଷରୋପଣ ଏବଂ ଏହାର ଯତ୍ନ ନେବା ପାଇଁ ସମସ୍ତଙ୍କୁ ଆହ୍ୱାନ କରାଯାଇଥିଲା। ଏହି ଅବସରରେ ବାଲିଆ ସରପଞ୍ଚ ସରସ୍ୱତୀ ମାଝି, ନାୟବ ସରପଞ୍ଚ ଭୀମସେନ ବାରିକ, ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ କୁଞ୍ଜଲତା ପାଣିଗ୍ରାହୀ, ବ୍ଲକ ଶିକ୍ଷକ ସଂଘର ସଭାପତି ଦେବୀପ୍ରସାଦ ଦାଶ, ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ବନମାଳି ବାଘ, ୱାର୍ଡ ମେମ୍ବର ଭଗବାନ ଭୂମିଆ ଏବଂ ଛାତ୍ରଛାତ୍ରୀ, ବିଦ୍ୟାଳୟ ପରିଚାଳନା କମିଟିର ସଦସ୍ୟ ଏବଂ ଅଭିଭାବକ ଉପସ୍ଥିତ ଥିଲେ।

**ନନ୍ଦାହାଣ୍ଡି:** ନବରଙ୍ଗପୁର ଜିଲ୍ଲା ନିୟନ୍ତ୍ରିତ ବଜାର କମିଟିର ନନ୍ଦାହାଣ୍ଡି ବ୍ଲକର ଡ଼ଙ୍ଗରଭେଜା ଗ୍ରାମପଞ୍ଚାୟତର ସରୁଗୁଡା ମାର୍କଫେଡ଼ ବଜାର ପ୍ରାଙ୍ଗଣରେ ନବରଙ୍ଗପୁର ଲାୟନ୍ସ କ୍ଲବ ପକ୍ଷରୁ ବୃକ୍ଷରୋପଣ ଅନୁଷ୍ଠିତ ହୋଇଯାଇଛି। ନବରଙ୍ଗପୁର ଉପଜିଲ୍ଲାପାଳ ପ୍ରକାଶ ମିଶ୍ର ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ଲାୟନ୍ସ କ୍ଲବର ସଭାପତି ଜଗନ୍ନାଥ ମହାପାତ୍ରଙ୍କ ଉପସ୍ଥିତରେ ଲାୟନ୍ସ କ୍ଲବର ସଭ୍ୟ ଡା.କେ ଧନଞ୍ଜୟ ପଟ୍ଟନାୟକ, ଭୁବନେଶ୍ୱର ସୁର, ମୁରଲୀ ଦାସ, ନନ୍ଦକିଶୋର ରାଓ, ଝୁଲୁ ମହାନ୍ତି, ରବିପ୍ରସାଦ ରେଡ୍ଡୀ, ମୁର୍ତ୍ତୀବାବୁ ଉପସ୍ଥିତ ଥିଲେ। ନିୟନ୍ତ୍ରିତ ବଜାର କମିଟିର ସଭ୍ୟ ଝାଡେଶ୍ୱର ଖାଡ଼ଙ୍ଗା, ସରୋଜ କୁମାର ପାତ୍ର, ସମ୍ପାଦକ କପିଳେନ୍ଦ୍ର ସାସ୍ମଲ୍ ଓ ବନ ବିଭାଗର ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ।

ଚିତ୍ରକୋଣ୍ଡା ବନାଞ୍ଚଳ ତରଫରୁ ସୁଲଭ ଦରରେ ଚାରା ବଣ୍ଟନ କାର୍ଯ୍ୟକ୍ରମ ଅନୁଷ୍ଠିତ।

**କୋରୁକୋଣ୍ଡା:** ଚିତ୍ରକୋଣ୍ଡା ବନାଞ୍ଚଳ ତରଫରୁ ୭୭ତମ ବନ ମହୋତ୍ସବ ପାଳନ ଅବସରରେ ସୁଲଭ ଦରରେ ଚାରା ବଣ୍ଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବରେ ଚିତ୍ରକୋଣ୍ଡା ବ୍ଲକ ଅଧ୍ୟକ୍ଷା ସୁଶ୍ରୀ ରାଜେଶ୍ୱରୀ ଖିଲ, ସମ୍ମାନିତ ଅତିଥି ଚିତ୍ରକୋଣ୍ଡା ରେଞ୍ଜର ବଳରାମ ନାୟକ, ଫରେଷ୍ଟର ନିରଞ୍ଜନ ସାର୍କା, ବରିଷ୍ଠ ନାଗରିକ ଦେବେନ୍ଦ୍ର ଦାସ, ବିଧାୟକ ପ୍ରତିନିଧି ବିଦେଶୀ ଗୌଡ଼, ଚିତ୍ରକୋଣ୍ଡା ବନାଞ୍ଚଳ ଅଧୀନରେ ଥିବା ସମସ୍ତ ଫରେଷ୍ଟର, ଫରେଷ୍ଟ ଗାର୍ଡ, ପାରା ଷ୍ଟାଫ ଉପସ୍ଥିତ ଥିଲେ। ଚିତ୍ରକୋଣ୍ଡା ଫରେଷ୍ଟର କହିଛନ୍ତି ଚିତ୍ରକୋଣ୍ଡା ସ୍ଥିତ ସେଣ୍ଟ୍ରାଲ ନର୍ସରୀରୁ ଚାରା ଅଣାଯାଇ ଚିତ୍ରକୋଣ୍ଡା ଲୋକଙ୍କୁ ସୁଲଭ ଦରରେ ଚାରା ଯୋଗାଇ ଦିଆଯିବ। ପ୍ରତି ଚାରା ପିଛା ଲୋକମାନେ ୧ ଟଙ୍କା ପୈଠ କରି ଲୋକମାନେ ଚାରା ନେଇପାରିବେ।

**କାଳିମେଳା:** ମାଲକାନଗିରି ଜିଲ୍ଲା କାଳିମେଳା ବ୍ଲକ ପୁଶୁଗୁଡ଼ା ପଞ୍ଚାୟତ ଅନ୍ତର୍ଗତ ଉରୁବାଲୀ ସରକାରୀ ଉନ୍ନୀତ ଉଚ୍ଚବିଦ୍ୟାଳୟ ପରିସରରେ ବନ ମହୋତ୍ସବ ଅବସରରେ ବିଦ୍ୟାଳୟର ଛାତ୍ରଛାତ୍ରୀ, ଶିକ୍ଷକଶିକ୍ଷୟିତ୍ରୀ ଓ ଅଞ୍ଚଳବାସୀ ସାମିଲ ହୋଇଥିଲେ। କାର୍ଯ୍ୟକ୍ରମରେ ପୁଶୁଗୁଡ଼ା ପଞ୍ଚାୟତର ପୂର୍ବତନ ସରପଞ୍ଚ ରାମା ରାବା ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ମୋଟୁ ବନ ବିଭାଗର ଅଧିକାରୀ ସରୋଜ ଘଡ଼ାଇଙ୍କ ସମେତ ବିଭାଗର କର୍ମଚାରୀ ଏବଂ ଅଞ୍ଚଳର ଅନେକ ମାନ୍ୟଗଣ୍ୟ ବ୍ୟକ୍ତି ତଥା ସ୍ଥାନୀୟ ଲୋକେ ସହଯୋଗ କରିଥିଲେ। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ପ୍ରମୋଦ କୁମାର ସ୍ୱାଇଁ ସଭାପତିତ୍ୱ କରିଥିଲେ। ବନ ବିଭାଗ ପକ୍ଷରୁ ବିଦ୍ୟାଳୟ ପରିସରରେ ବିଭିନ୍ନ କିସମର ଔଷଧୀୟ ଓ ଛାୟାପ୍ରଦ ଚାରା ରୋପଣ କରାଯାଇଥିଲା।

**ଅମ୍ବାଦଳା:** ରାୟଗଡ଼ା ଜିଲ୍ଲା ଅମ୍ବାଦଳା ବନ ସେକ୍ସନ ଅଧୀନ ନାନିହୁଟି ବୃଟାଙ୍ଗ ଏଏନଆର୍ ଅଞ୍ଚଳରେ ୭୭ତମ ବନମହୋତ୍ସବ ସପ୍ତାହ ଅବସରରେ ଗ୍ୟାପ୍ ପ୍ଲାଣ୍ଟେସନ୍ କାର୍ଯ୍ୟକ୍ରମ ମାଧ୍ୟମରେ ବହୁ ସଂଖ୍ୟକ ଚାରା ରୋପଣ କରାଯାଇଛି। ଏଥିସହ ପରିବେଶ ସୁରକ୍ଷା, ବନ ସମ୍ପଦର ସଂରକ୍ଷଣ ଏବଂ ଜଳବାୟୁ ପରିବର୍ତ୍ତନ ମୁକାବିଲା ପାଇଁ ସମସ୍ତଙ୍କ ସକ୍ରିୟ ସହଭାଗିତାର ଆହ୍ୱାନ କରାଯାଇଛି। କାର୍ଯ୍ୟକ୍ରମରେ ଜିଲ୍ଲା ପରିଷଦ ସଦସ୍ୟ ସନ୍ତୋଷ ସୁନା ମୁଖ୍ୟଅତିଥି, ସମ୍ମାନିତ ଅତିଥି ରଘୁବାରୀ ଓ ଡିମିରିଗୁଡ଼ା ଗ୍ରାମ ପଞ୍ଚାୟତର ସରପଞ୍ଚ, ଡିମିରିଗୁଡ଼ା ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ଜ୍ଞାନରଞ୍ଜନ ସାହୁ, ବିଦ୍ୟାଳୟର ସମସ୍ତ ଶିକ୍ଷକ, ଛାତ୍ରଛାତ୍ରୀ, ବି/୦୪ ବାଟାଲିଅନ୍ ସିଆରପିଏଫ୍‌ର ଯବାନ, ବନପାଳ ମାଝୀ ମହାପାତ୍ର, ବନରକ୍ଷୀ ଶର୍ମିଷ୍ଠା ବଡ଼ଜେନା, ବିଦ୍ୟାଧର ପାଣ୍ଡେ, ଜ୍ୟୋତି ପ୍ରଧାନ, ହାତୀ ସ୍କ୍ୱାଡର ସଦସ୍ୟ, ଅମ୍ବାଦଳା ବନ ସେକ୍ସନର ୱାଚର ଏବଂ ସ୍ଥାନୀୟ ଗ୍ରାମବାସୀ ସାମିଲ ହୋଇଥିଲେ। ସମସ୍ତ ଅତିଥି, ଛାତ୍ରଛାତ୍ରୀ ଓ ସ୍ଥାନୀୟ ଲୋକମାନେ ରୋପଣ କରାଯାଇଥିବା ଚାରାଗୁଡ଼ିକର ନିୟମିତ ଯତ୍ନ ନେବା, ବନ ସୁରକ୍ଷାରେ ସହଯୋଗ କରିବା ଏବଂ ଅଧିକରୁ ଅଧିକ ବୃକ୍ଷରୋପଣ କରି ସବୁଜ ଓଡ଼ିଶା ଗଠନରେ ସହଭାଗୀ ହେବାକୁ ସଂକଳ୍ପ ଗ୍ରହଣ କରିଥିଲେ।

## ମଦ ଓ ପୋଚ ଜବତ

**ତେନ୍ତୁଲିଖୁଣ୍ଟି, ୨।୭(ସମିସ):** ନବରଙ୍ଗପୁର ଜିଲ୍ଲା ତେନ୍ତୁଲିଖୁଣ୍ଟି ଥାନା ଅନ୍ତର୍ଗତ ଡ଼ଙ୍ଗରଭେଜା, ଗୌଡ଼ଦେଉପାଲି, ପରଜା କୁରୁମୁଲି, ଡାଇକୱାନ , ଡାଇକ ଟୁ , ଡ଼ଙ୍ଗାସିଲ, ଗୌଡ଼ଗୁଡା, ଇଚ୍ଛାପୁର ଓ ମେଣ୍ଡ୍ରି ଗ୍ରାମ ରେ ଅବକାରୀ ଚଢ଼ାଉ କରି ଦେଶୀ ମଦ ଏବଂ ପୋଚ ନଷ୍ଟ କରାଯାଇଛି ଝ ସୂଚନା ଅନୁଯାଇ ମଦ ବିକ୍ରି କୁ ବନ୍ଦ କରିବା ପାଇଁ ମହିଳା ମାନଙ୍କ ଅଭିଯୋଗ କ୍ରମେ ଜିଲ୍ଲାପାଳ ଡ଼କ୍ଟର ମହେଶ୍ୱର ସ୍ୱାଇଁ ଏବଂ ଅବକାରୀ ଅଧିକ୍ଷକ ପ୍ରତାପ କୁମାର ଦାସ ଙ୍କ ର୍ନିଶେ କ୍ରମେ ଅବକାରୀ ନିରୀକ୍ଷକ ଦିଲ୍ଲୀପ



କୁମାର ରଥ ଙ୍କ ପ୍ରତ୍ୟେକ୍ଷ ତତ୍ୱାବଧାନ ଏହି ଚଢ଼ାଉ କରାଯାଇଛି। ମେଣ୍ଡ୍ରି ଗ୍ରାମରେ ହୋଇଥିବା ଅବକାରୀ ଚଢ଼ାଉ ରେ ଜଣେ ମହିଳା ଅଭିଯୁକ୍ତ ଙ୍କ ନିକଟରୁ ୧୬ ଲିଟର ଚୋରା ଦେଶୀ ହାତ ରନ୍ଧା ମଦ ଓ ୩୦ ଲିଟର ମଦ ପୋଚ ଜବତ କରାଯାଇଛି ଝ ଏହି ଚଢାଉ ରେ ରିସିମା କୁମାରୀ ସୁନା ଓ ଆକ୍ରମ ଖାନ ସହଯୋଗ କରି ଥିଲେ।

## ଲକ୍ଷ୍ମୀନାରାୟଣ ମୁଦୁଲି ନୂଆ ବୈପାରିଗୁଡ଼ା ଆଇଆଇସି



**ବୈପାରିଗୁଡ଼ା, ୨।୭(ସମିସ):** ବୈପାରିଗୁଡ଼ା ଥାନାର ନୂତନ ଆଇଆଇସି ଭାବେ ଲକ୍ଷ୍ମୀନାରାୟଣ ମୁଦୁଲି ଆଜି ଔପଚାରିକ ଭାବେ ଦାୟିତ୍ୱ ଗ୍ରହଣ କରିଛନ୍ତି। ପୂର୍ବରୁ ଲକ୍ଷ୍ମୀନାରାୟଣ ମୁଦୁଲି ମାଲକାନଗିରି ଜିଲ୍ଲାର ପାପେରମେଟ୍ଲା ଥାନାରେ ଆଇଆଇସି ଭାବେ ସଫଳତାର ସହ କାର୍ଯ୍ୟ କରିଥିଲେ। ଜଣେ ଦକ୍ଷ ପୁଲିସ କର୍ମଚାରୀ ରୂପେ ସରକାରଙ୍କ ତରଫରୁ ବହୁବାର ପୁରସ୍କୃତ ହୋଇଛନ୍ତି। ଡମ୍ବୁରୁଧର ବରିଆ ବୈପାରିଗୁଡ଼ା ଆଇଆଇସି ଭାବେ ନିଜର ଦାୟିତ୍ୱ ତୁଲାଇଥିବା ବେଳେ ତାଙ୍କୁ ଅନ୍ୟତ୍ର ବଦଳି ପରେ ଏବେ ଶ୍ରୀ ମୁଦୁଲି ଆଇଆଇସି ଭାବେ ଦାୟିତ୍ୱ ଗ୍ରହଣ କରଛନ୍ତି। ବୈପାରିଗୁଡ଼ା ଅଞ୍ଚଳରେ ଶାନ୍ତି, ସୁରକ୍ଷା ଓ ଆଇନଶୃଙ୍ଖଳା ବ୍ୟବସ୍ଥା ଆହୁରି ସୁଦୃଢ଼ ହେବ ବୋଲି ଆଶା କରାଯାଉଛି।

**ଦେଶୀମଦ ଭାଟି ବନ୍ଦ ଦାବି**

# ୧୦ ଗାଁର ମହିଳାଙ୍କ ରାସ୍ତା ଅବରୋଧ



**ପାପଡାହାଣ୍ଡି, ୨।୭(ସମିସ)** ନବରଙ୍ଗପୁର ଜିଲ୍ଲା ପାପଡ଼ାହାଣ୍ଡି ବ୍ଲକରେ ମଦ ବନ୍ଦ ପାଇଁ ଆନ୍ଦୋଳନ ତେଜିବାରେ ଲାଗିଛି। ଆଜି ବ୍ଲକର ମୋକିଆ ଗ୍ରାମପଞ୍ଚାୟତ ୧୦ଟି ଗ୍ରାମର ଶତାଧିକ ମହିଳା ମୋକିଆ ଗ୍ରାମଠାରେ ଏକତ୍ରିତ ହୋଇ ଦେଶୀମଦ ଭାଟି ବନ୍ଦ କରିବା ଦାବିରେ ରାଜ୍ୟରାଜପଥକୁ ଅବରୋଧ କରିଥିଲେ। ପୁଲିସ, ଅବକାରୀ ବିଭାଗ, ସ୍ଥାନୀୟ ସରପଞ୍ଚ ପହଞ୍ଚି ମହିଳାଙ୍କୁ ବୁଝେଇବାକୁ ଚେଷ୍ଟା କରିଥିଲେ; କିନ୍ତୁ ଖବର ଲେଖା ସୁଦ୍ଧା ରାସ୍ତାରୋକ ହଟି ନଥିଲା। ମୋକିଆ ଗ୍ରାମପଞ୍ଚାୟତର ମୋକିଆ, ସିକୋଲଗୁଡ଼ା, ଶିକଡାଗୁଡ଼ା, ବାମିନି, ଧାନଡଙ୍ଗର, ବାମନି, ବାସନି, ଡାଙ୍ଗରାଗୁଡ଼ା, ଗୁଡରାଗୁଡ଼ା, ନୂଆଁଗୁଡ଼ା, ଲୋହରାଶିଳକଗୁଡାର ମହିଳାମାନେ ନିଜ ଗ୍ରାମକୁ ମଦ ମୁକ୍ତ ଗ୍ରାମ କରିବା ପାଇଁ ସଚେତନ କରୁଛନ୍ତି। କିଛି ବେପାରୀ ମଦ ଆଣି ଗାଁ ଗହଳିରେ ବିକ୍ରି କରୁଛନ୍ତି। ବାରମ୍ବାର ତାଗିଦ୍ ସତ୍ତ୍ୱେ ମାନୁନାହାନ୍ତି। ଦୁଇ ଦିନ ପୂର୍ବରୁ ଶତାଧିକ ମହିଳା ଏକତ୍ରିତ ହୋଇ ମୋକିଆ ଗ୍ରାମର ନଦୀ କୂଳରେ ଲୁକାୟତ ଦେଶୀ ମଦ ଓ ମହୁଲ ଆଣି ନଷ୍ଟ କରିଥିଲେ। ଗୁରୁବାର ୧୦ ଗ୍ରାମର ମହିଳା ଏକତ୍ରିତ ହୋଇ ଦିନ ଦିପହର ୨ ଘଣ୍ଟା ସମୟରୁ ମୋକିଆ ଛକଠାରେ ରାଜ୍ୟରାଜପଥ କୋଡ଼ିଙ୍ଗା, ପାପଡାହାଣ୍ଡି ରାସ୍ତା ଅବରୋଧ କରିଥିଲେ। ଏଥିଯୋଗୁଁ ଉଭୟପାର୍ଶ୍ୱରେ ଯାନବାହାନ ଅଟକି ରହିଥିଲା। ଯାନବାହାନ ଅଟକି ରହିଥିବା ଯୋଗୁଁ ଯାତ୍ରୀ ହଇରାଣ ହେବା ଦେଖିବାକୁ ମିଳିଥିଲା। ମହିଳା ଦାବି କରିଛନ୍ତି ଯେ ମୋକିଆରେ ଦେଶୀ ମଦ ଭାଟି ତୁରନ୍ତ ବନ୍ଦ କରାଯାଉ; ନଚେତ ରାସ୍ତାରୁ ହଟିବୁ ନାହିଁ। ମଦ ବିକ୍ରି ଦ୍ୱାରା ଗ୍ରାମରେ ଛାତ୍ର, ଯୁବକ, ବୃଦ୍ଧ ସମସ୍ତେ ମଦ ପିଉଛନ୍ତି। ଏଥିଯୋଗୁଁ ଗାଁରେ ଝଗଡ଼ା ହେବା ସହ ଘରେ ଅଶାନ୍ତି, ପରିବାର ପ୍ରତିପୋଷଣରେ ସମସ୍ୟା ହେଉଛି। ଗାଁରେ ୨୫ରୁ ଅଧିକ ପରିବାର ମଦ ବିକ୍ରି କରୁଛନ୍ତି। ସେମାନଙ୍କ ଘର ଯାଞ୍ଚ କରିବା ସହ ନିୟମ ଅନୁଯାୟୀ ଦଣ୍ଡିତ କରିବାକୁ ଗ୍ରାମର ମହିଳାମାନେ ଦାବି କରିଥିଲେ। ଘଟଣାସ୍ଥଳରେ ସ୍ଥାନୀୟ ସରପଞ୍ଚ ଜଗତ ଜୀବନ ନାୟକ, କୋଡ଼ିଙ୍ଗା ଥାନାଧିକାରୀ ଦୀପକ କୁମାର ଜେନା, ପାପଡାହାଣ୍ଡି ସବଇନ୍ସପେକ୍ଟର ଉମାକାନ୍ତ ଶବର, ଏଏସଆଇ ସଂଜ୍ଞୁକତା ମେଲେକା, ଅବକାରୀ ଅଧିସି ସମୀର ସ୍ୱାଇଁ ପହଞ୍ଚି ମହିଳାଙ୍କୁ ବୁଝେଇବାକୁ ଚେଷ୍ଟା କରିଥିଲେ। ଖବର ଲେଖା ସୁଦ୍ଧା ମହିଳା ମାନେ ବର୍ଷାରେ ମଧ୍ୟ ଛତା ଓ ଜରି ଡାକିଁ ରାସ୍ତା ଅବରୋଧ କରି ବସିଛନ୍ତି।

## କୋଟିଆ ବିକାଶର ସମୀକ୍ଷା ବୈଠକ



**କୋରାପୁଟ,୨।୭(ସମିସ):** କୋଟିଆ ଅଞ୍ଚଳର ସର୍ବାଙ୍ଗୀନ ବିକାଶ ନେଇ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ଏକ ଗୁରୁତ୍ୱପୂର୍ଣ୍ଣ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାପାଳ ମନୋଜ ସତ୍ୟୱାନ ମହାଜନଙ୍କ ଅଧକ୍ଷତାରେ ଆୟୋଜିତ ଏହି ବୈଠକରେ ଜିଲ୍ଲାର ବରିଷ୍ଠ ପ୍ରଶାସନିକ ଅଧିକାରୀ ଅଂଶଗ୍ରହଣ କରିଥିଲେ। ବିକଶିତ କୋଟିଆ ଆକ୍ସନ ପ୍ଲାନ ର ସଫଳ କାର୍ଯ୍ୟକାରୀତା ବୈଠକର ମୁଖ୍ୟ ଆଲୋଚ୍ୟ ବିଷୟ ଥିଲା। କୋଟିଆ ଅଞ୍ଚଳରେ ସ୍ୱାସ୍ଥ୍ୟ, ଭିତ୍ତିଭୂମି, ରାସ୍ତାଘାଟ, ଶିକ୍ଷା ଓ ଜୀବିକା ସୃଷ୍ଟି ଭଳି ଗୁରୁତ୍ୱପୂର୍ଣ୍ଣ କ୍ଷେତ୍ରରେ ରଣନୀତିକ ଆର୍ଥିକ-ସାମାଜିକ ହସ୍ତକ୍ଷେପ ମାଧ୍ୟମରେ ସର୍ବାଙ୍ଗୀନ ବିକାଶକୁ ତ୍ୱରାନ୍ୱିତ କରିବା ଏବଂ ସୀମାନ୍ତ ଅଞ୍ଚଳର ବିକାଶକୁ ସୁଦୃଢ଼ କରିବା ଉପରେ ବିସ୍ତୃତ ଆଲୋଚନା କରାଯାଇଥିଲା। ଜିଲ୍ଲାପାଳ ସମସ୍ତ ବିଭାଗକୁ ସମନ୍ୱୟ ରଖି ଯୋଜନାବଦ୍ଧ ଭାବେ କାର୍ଯ୍ୟ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ସେ କହିଥିଲେ, କୋଟିଆର ଜନସାଧାରଣଙ୍କ ପାଖରେ ସମସ୍ତ ସରକାରୀ ଯୋଜନାର ଲାଭ ପହଞ୍ଚାଇବା ପ୍ରଶାସନର ପ୍ରାଥମିକତା। ବୈଠକରେ ଅତିରିକ୍ତ ଜିଲ୍ଲାପାଳ ନରେଶଚନ୍ଦ୍ର ଶବର, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ବେଣୁଧର ଶବର, ବିଡିଓ ରାମକୃଷ୍ଣ ନାୟକ ଏବଂ କୋଟିଆ ପାଇଁ ସ୍ୱତନ୍ତ୍ର ଦାୟିତ୍ୱପ୍ରାପ୍ତ ଅଧିକାରୀ ସୌରଭକାନ୍ତ ଦାଶଙ୍କ ସମେତ ସମସ୍ତ ବିଭାଗର ଜିଲ୍ଲାସ୍ତରୀୟ ଅଧିକାରୀ ଉପସ୍ଥିତ ଥିଲେ।

## ଯୁବତୀଙ୍କୁ ପ୍ରେମ ପ୍ରତାରଣା; ଯୁବକ ଗିରଫ

**ବୈପାରିଗୁଡ଼ା, ୨।୭(ସମିସ):** ବିବାହର ପ୍ରତିଶ୍ରୁତି ଦେଇ ଜଣେ ଯୁବତୀଙ୍କୁ ପ୍ରେମ ଜାଲରେ ଫସାଇ ଶାରୀରିକ ସମ୍ପର୍କ ରଖି ପରେ ପ୍ରତାରଣା କରିଥିବା ଅଭିଯୋଗରେ ଜଣେ ଯୁବକଙ୍କୁ ଗିରଫ କରିଛି ବୈପାରିଗୁଡ଼ା ପୁଲିସ। ଗିରଫ ଯୁବକ ରାୟଗଡ଼ା ଜିଲ୍ଲା ଟିକିରି ଥାନା ଅନ୍ତର୍ଗତ କାଳିଆକଣା ଗ୍ରାମର ସୁରେନ୍ଦ୍ର ନାୟକ (୩୩) ବୋଲି ଜଣାପଡ଼ିଛି। ସୂଚନା ଅନୁଯାୟୀ, କୋରାପୁଟ ଜିଲ୍ଲାର ବୈପାରିଗୁଡ଼ା ଅଞ୍ଚଳର ଜଣେ ଯୁବତୀଙ୍କ ସହ ରାୟଗଡ଼ା ଜିଲ୍ଲା ଟିକିରି ଥାନା ଅନ୍ତର୍ଗତ କାଳିଆକଣା ଗ୍ରାମର ସୁରେନ୍ଦ୍ର ନାୟକଙ୍କର ପ୍ରେମ ସମ୍ପର୍କ ଗଢ଼ିଉଠିଥିଲା। ବିବାହ କରିବେ ବୋଲି ପ୍ରତିଶ୍ରୁତି ଦେଇ ସେ ଯୁବତୀଙ୍କ ସହ ଶାରୀରିକ ସମ୍ପର୍କ ରଖିଥିବା ଅଭିଯୋଗ ହୋଇଛି। ପରେ ବିବାହ କରିବାକୁ ଅସ୍ୱୀକାର କରିବା ସହ ଯୁବତୀଙ୍କୁ ଏଡ଼ାଇ ଚାଲିଥିଲେ। ଏହାପରେ ପୀଡ଼ିତା ବୈପାରିଗୁଡ଼ା ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗକୁ ଭିତ୍ତି କରି ବୈପାରିଗୁଡ଼ା ପୁଲିସ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ତଦନ୍ତ ସମୟରେ ଅଭିଯୁକ୍ତ ସୁରେନ୍ଦ୍ର ନାୟକ ବେଙ୍ଗାଲୁରୁରେ ଥିବା ସୂଚନା ମିଳିବା ପରେ ବୈପାରିଗୁଡ଼ା ଥାନା ଏସଆଇ ସଞ୍ଜୀବ ବେହେରାଙ୍କ ସହ ଏକ ଟିମ୍ ସେଠାକୁ ଯାଇ ତାଙ୍କୁ ଗିରଫ କରିଥିଲା। ପରେ ତାଙ୍କୁ ବୈପାରିଗୁଡ଼ାକୁ ଆଣି କେସ୍ ନମ୍ବର ୧୪୧/୨୦୨୬ ରେ କୋର୍ଟ ଚାଲାଣ କରାଯାଇଛି।

## ପାତ୍ରପଣ୍ଡି ନିକଟ ରେଳ ଧାରଣାରୁ ଅଚିହ୍ନା ଶବ ଉଦ୍ଧାର

**ନନ୍ଦପୁର, ୨।୭(ସମିସ):** ନନ୍ଦପୁର ବ୍ଲକ ଥୁବା ଗ୍ରାମପଞ୍ଚାୟତ ଅଧୀନସ୍ଥ ପାତ୍ରପଣ୍ଡି ଗ୍ରାମ ନିକଟ କିରଣ୍ଡଲ ବିଶାଖାପାଟଣା ରେଳ ଧାରଣାରୁ ଅଚିହ୍ନା ଯୁବତୀଙ୍କ ଶବ ଉଦ୍ଧାର ହୋଇଛି। ସଞ୍ଜରେ ବିଲବାଡି କାମ ସାରି ଲୋକେ ଘରକୁ ଫେରୁଥିବା ସମୟରେ ପାତ୍ରପଣ୍ଡି ଗ୍ରାମ ନିକଟ ରେଳ ଧାରଣା କଡ଼ରେ ଏକ ଯୁବତୀଙ୍କ ଶବ ଦେଖି ଗ୍ରାମରେ ହୁରି ପଡ଼ିଥିଲା। ସମୟ ଅତିବାହିତ ହେଉଥିବା ବେଳେ ଖବର ପାଇ ଗ୍ରାମ ଜଣେ ଜଣେ ଲୋକ ରେଳ ଧାରଣାରେ ପହଞ୍ଚି ଯୁବତୀଙ୍କ ଶବକୁ ଚିହ୍ନିବା ଆରମ୍ଭ କରିଥିଲେ ମଧ୍ୟ କୌଣସି ସନ୍ଧାନ ମିଳି ନଥିଲା। ପରେ ମଲିବେଲଗା ଗ୍ରାମ ପଞ୍ଚାୟତ ସରପଞ୍ଚ ପ୍ରହ୍ଲାଦ ମୁଦୁଲି ଖବର ପାଇ ରେଳ ବିଭାଗ ପୁଲିସକୁ ଜଣାଇଥିଲେ। ରେଳ ବିଭାଗ ପୁଲିସ୍ ଘଟଣାସ୍ଥଳରେ ପହଞ୍ଚି ଅନୁଧ୍ୟାନ କରିଥିବା ବେଳେ ଯୁବତୀଙ୍କ ମୃତ୍ୟୁକୁ ନାନା କଳ୍ପନା ଜଳ୍ପନା ଚାଲିଛି। କିଏ ରେଳ ଦୁର୍ଘଟଣା ମୃତ୍ୟୁ ହୋଇ ଥିବ ବୋଲି କହୁଥିବା ବେଳେ କିଏ ହତ୍ୟା ତ୍ ଆଉ କିଏ ଆତ୍ମହତ୍ୟା ବୋଲି କହିଛନ୍ତି। ମୃତ ଯୁବତୀ ଏହି ଆଖପାଖ ଅଞ୍ଚଳର ହୋଇଥିବା ବେଳେ ରେଳ ବିଭାଗର ପୁଲିସ୍ ତଦନ୍ତ ଉପରେ ସମସ୍ତଙ୍କ ନଜର ରହିଛି।

## ଘରୁ ଲକ୍ଷାଧିକ ଟଙ୍କାର ସୁନା ରୁପା ଓ ଟଙ୍କା ଲୁଟ୍

**ରାୟଗଡ, କଲ୍ୟାଣସିଂହପୁର, ୨।୭(ସମିସ):** ଘରେ କେହି ନଥିବା ସୁଯୋଗ ନେଇ ଦୁର୍ବୃତ୍ତମାନେ ବଡ଼ଧରଣର ଚୋରି କରି ଲକ୍ଷାଧିକ ଟଙ୍କାର ସୁନା-ରୁପା ଗହଣା, ନଗଦ ଅର୍ଥ ଓ ଅନ୍ୟାନ୍ୟ ସାମଗ୍ରୀ ଲୁଟି ନେଇଥିବା ଜଣାପଡ଼ିଛି। ରାୟଗଡ଼ା ଜିଲ୍ଲା କଲ୍ୟାଣସିଂହପୁର



ବ୍ଲକ ସୁନାଖଣ୍ଡି ପଞ୍ଚାୟତ ଅନ୍ତର୍ଗତ ଆଲଜିନ୍ ଗୁଡ଼ା ଛକ ଶିବମନ୍ଦିର ସାହିରେ ଏହି ଘଟଣା ଘଟିଛି। ବୀରେନ୍ଦ୍ର ନାଗ ଓ ତାଙ୍କ ପରିବାର କୌଣସି କାମରେ ରାୟଗଡ଼ା ଯାଇଥିଲେ। ପରଦିନ ସକାଳେ ଘରକୁ ଫେରିବା ପରେ ଘରର କବାଟ ଭଙ୍ଗା ଥିବା ଦେଖି ସେମାନେ ଚୋରି ହୋଇଥିବା ଜାଣିଥିଲେ। ଦୁର୍ବୃତ୍ତମାନେ ଘର ପଛପଟ ପାଚେରି ଡେଇଁ କବାଟ ଭାଙ୍ଗି ଘର ଭିତରକୁ ପ୍ରବେଶ କରିଥିଲେ। ପରେ ଆଲମାରୀ ଭାଙ୍ଗି ସୁନା ଚେନ୍, ଦୁଇଟି ମୁଦି, କାନଫୁଲ, ପ୍ରାୟ ସାତ ତୁଳା ରୁପା ଗହଣା, ନଗଦ ଦୁଇ ଲକ୍ଷ ଟଙ୍କା, ଏକ ଏଲ୍‌ଇଡି ଟିଭି ଏବଂ ମାଟି କୁଣ୍ଡିରେ ସଞ୍ଚିତ ଟଙ୍କା ସମେତ ଲକ୍ଷାଧିକ ଟଙ୍କାର ସାମଗ୍ରୀ ଲୁଟି ନେଇଥିବା ଅଭିଯୋଗ ହୋଇଛି। ଏନେଇ ବୀରେନ୍ଦ୍ର ନାଗଙ୍କ ପରିବାର ପକ୍ଷରୁ କଲ୍ୟାଣସିଂହପୁର ଥାନାରେ ଲିଖିତ ଅଭିଯୋଗ ଦାଖଲ କରାଯାଇଛି। ଖବର ପାଇ ପୁଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଥିବା ବେଳେ ଚୋରମାନଙ୍କୁ ଠାବ କରିବା ପାଇଁ ତଦନ୍ତ ଜାରି ରହିଛି।

## ଗୁଣପୁର ଝିଅ ଆଣିଲେ ପୁଲିସ ବିଭାଗ ପାଇଁ ଗୌରବ

**ରାୟଗଡ, ୨।୭ (ସମିସ):** ରାୟଗଡ ଜିଲ୍ଲା ଗୁଣପୁର ଉପଖଣ୍ଡର ଚାଲକମ୍ବା ଗ୍ରାମର ଝିଅ ତଥା ଓଡ଼ିଶା ପୁଲିସର ସବ୍‌ଇନ୍ସପେକ୍ଟର ଶିବାନୀ ନନ୍ଦ ରାଜ୍ୟସ୍ତରୀୟ ବନ୍ଧୁକ ଚାଳନା ପ୍ରତିଯୋଗିତାରେ ସ୍ୱର୍ଣ୍ଣ ପଦକ ହାସଲ କରି ପୁଲିସ ବିଭାଗ ଓ ରାୟଗଡ଼ା ଜିଲ୍ଲା ପାଇଁ ଗୌରବ ଆଣିଛନ୍ତି। ଭୁବନେଶ୍ୱରରେ ଓଡ଼ିଶା ରାଇଫଲ ସଂଘ ଆନୁକୂଲ୍ୟରେ ଆୟୋଜିତ ୧୫ତମ ରାଜ୍ୟ ବନ୍ଧୁକ ଚାଳନା ପ୍ରତିଯୋଗିତାର ୨୫ ମିଟର ୦.୨୨ ପିସ୍ତଲ ଇଭେଣ୍ଟରେ ସେ ପ୍ରଥମ ସ୍ଥାନ ଅଧିକାର କରି ସ୍ୱର୍ଣ୍ଣ ପଦକ ଜିତିଛନ୍ତି। ବର୍ତ୍ତମାନ ସେ ଭୁବନେଶ୍ୱର କମିସନରେଟ ପୁଲିସରେ ସବ୍‌ଇନ୍ସପେକ୍ଟର ଅଛନ୍ତି। ଉଦ୍‌ଯାପନୀ ଉତ୍ସବରେ ଜାତୀୟ ରାଇଫଲ ସଂଘର ସଭାପତି କଳିକେଶ ନାରାୟଣ ସିଂହଦେଓ କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କାର ବିତରଣ କରିଥିଲେ। ଏହି ଅବସରରେ ଓଡ଼ିଶା ରାଇଫଲ ସଂଘର ବହୁ କର୍ମକର୍ତ୍ତା ଉପସ୍ଥିତ ଥିଲେ। ପୁଲିସ ସେବା ସହିତ ଶିବାନୀ ଭାରତୀୟ ରେଡକ୍ରସ୍ ସୋସାଇଟିର ପୁଲିସ କମିସନରେଟ ଆଞ୍ଚଳିକ ଶାଖାରେ ସ୍ୱେଚ୍ଛାକୃତ ରକ୍ତଦାନ ସମେତ ବିଭିନ୍ନ ସାମାଜିକ କାର୍ଯ୍ୟରେ ସକ୍ରିୟ ଭାବେ ସାମିଲ ରହୁଛନ୍ତି। ସେ ବିଶିଷ୍ଟ ଅନୁବାଦକ ଓ ଲେଖକ ବଙ୍ଗାଳୀ ନନ୍ଦଙ୍କ କନ୍ୟା। ତାଙ୍କ ଏହି ସଫଳତା ପାଇଁ ବିଭିନ୍ନ ମହଲରୁ ଶୁଭେଚ୍ଛା ଓ ଅଭିନନ୍ଦନର ସୁଅ ଛୁଟିଛି।



## ବିଦ୍ୟାର୍ଥୀଙ୍କ ପାଇଁ ନୈତିକ ଶିକ୍ଷା ଓ ବ୍ୟକ୍ତିତ୍ୱ ବିକାଶ କାର୍ଯ୍ୟକ୍ରମ



**ରାୟଗଡ, ୨।୭(ସମିସ):** ରାୟଗଡ଼ା ଜିଲ୍ଲା ସଦର ବ୍ଲକ ଅନ୍ତର୍ଗତ କୋମତାଲପେଟାସ୍ଥିତ ଉଗ୍ରତାର ଉଚ୍ଚ ବିଦ୍ୟାଳୟ ପରିସରରେ ବିଦ୍ୟାର୍ଥୀମାନଙ୍କ ନୈତିକ ଶିକ୍ଷା, ମୂଲ୍ୟବୋଧ ଓ ବ୍ୟକ୍ତିତ୍ୱ ବିକାଶକୁ ନେଇ ଏକ ପ୍ରେରଣାଦାୟୀ ଅଧିବେଶନ ଅନୁଷ୍ଠିତ ହୋଇଯାଇଛି। ଦୀର୍ଘ ୧୨ ବର୍ଷ ଧରି ନୈତିକ ଶିକ୍ଷା ଓ ବ୍ୟକ୍ତିତ୍ୱ ବିକାଶ କ୍ଷେତ୍ରରେ କାର୍ଯ୍ୟ କରୁଥିବା ମୋଟିଭେସନାଲ ସ୍ପିକର ସୋମ୍ ରୟ ମୁଖ୍ୟବକ୍ତା ଭାବେ ଯୋଗଦେଇଥିଲେ। କବିତା, ପ୍ରେରଣାଦାୟୀ କାହାଣୀ ଓ ସରଳ ଉଦାହରଣ ମାଧ୍ୟମରେ ସେ ଛାତ୍ରଛାତ୍ରୀଙ୍କୁ ଉଦବୋଧନ ଦେଇଥିଲେ। ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ କଳ୍ପନା କର ଏଭଳି ମୂଲ୍ୟବୋଧଭିତ୍ତିକ ପଦକ୍ଷେପ ପାଇଁ ଜିଲ୍ଲା ପ୍ରଶାସନ ଓ ଜିଲ୍ଲା ଶିକ୍ଷା ବିଭାଗକୁ ସାଧୁବାଦ ଜଣାଇଥିଲେ। ଶିକ୍ଷକ, ଶିକ୍ଷୟିତ୍ରୀ ଓ ଛାତ୍ରଛାତ୍ରୀମାନେ ଭବିଷ୍ୟତରେ ମଧ୍ୟ ଏଭଳି ପ୍ରେରଣାଦାୟୀ ଅଧିବେଶନ ଆୟୋଜନ କରିବାକୁ ଅନୁରୋଧ କରିଥିଲେ। ଏହି କାର୍ଯ୍ୟକ୍ରମ ଏସ୍‌ଆର୍ ଫାଉଣ୍ଡେସନ, ଭୁବନେଶ୍ୱର ଏବଂ ରାୟଗଡ଼ା ଜିଲ୍ଲା ଭିନ୍ନକ୍ଷମ ମହାସଂଘର ମିଳିତ ସହଯୋଗରେ ଆୟୋଜିତ ହୋଇଥିଲା। ମହାସଂଘର ସମ୍ପାଦକ ଅମରେନ୍ଦ୍ର ନାଥ ଓ ସଭାପତି ଶିଶିର ରାଉଳଙ୍କ ସହ ଜିଲ୍ଲା ବିଜେପି ସଭାପତି ଗୋପୀ ଆନନ୍ଦ ସହଯୋଗ କରିଥିଲେ।

## ଜାତୀୟ ବିଦ୍ୟୁତ୍ ସୁରକ୍ଷା ସପ୍ତାହ ପାଳିତ

**ଗୁଡ଼ାରି, ୨।୭(ସମିସ):** ଓଡ଼ିଶା ଆଦର୍ଶ ବିଦ୍ୟାଳୟରେ "ନିରାପଦ ବିଦ୍ୟୁତ, ସୁରକ୍ଷିତ ଜୀବନ' ଶୀର୍ଷକକୁ ଆଧାର କରି ୨୭ ଜୁନରୁ ୧ ଜୁଲାଇ ପର୍ଯ୍ୟନ୍ତ ସପ୍ତାହବ୍ୟାପୀ ବିଭିନ୍ନ ସଚେତନତାମୂଳକ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ସପ୍ତାହବ୍ୟାପୀ କାର୍ଯ୍ୟକ୍ରମ ମାଧ୍ୟମରେ ଛାତ୍ରଛାତ୍ରୀ, ଅଭିଭାବକ, ଶିକ୍ଷକ ଓ କର୍ମଚାରୀମାନଙ୍କ ମଧ୍ୟରେ ବିଦ୍ୟୁତର ସୁରକ୍ଷିତ ବ୍ୟବହାର, ବିଦ୍ୟୁତଜନିତ ଦୁର୍ଘଟଣାରୁ ସୁରକ୍ଷା ଏବଂ ଜରୁରୀକାଳୀନ ସମୟରେ କରଣୀୟ ସମ୍ପର୍କରେ ସଚେତନତା ସୃଷ୍ଟି କରାଯାଇଥିଲା। ୨୭ ଜୁନରେ ପ୍ରାୟ ୩୦୦ ଜଣ ଛାତ୍ରଛାତ୍ରୀ ଓ ଶିକ୍ଷକଙ୍କ ସହଭାଗିତାରେ ଗୁଡ଼ାରି ସହରରେ ଏକ ସଚେତନତା ରାଲି ଆୟୋଜନ କରାଯାଇଥିଲା। ୨୯ ଜୁନରେ ଷଷ୍ଠରୁ ଦ୍ୱାଦଶ ଶ୍ରେଣୀର ପ୍ରାୟ ୭୦ ଜଣ ଛାତ୍ରଛାତ୍ରୀଙ୍କୁ ନେଇ ଚିତ୍ରାଙ୍କନ ଓ କୁଇଜ୍ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ୩୦ ଜୁନରେ ଟିପିଏସ ଓଡିଏଲ ର ତିନିଜଣ ଅଧିକାରୀ ବିଦ୍ୟୁତ ସୁରକ୍ଷା ଉପରେ ଏକ ସଚେତନତାମୂଳକ ଅଧିବେଶନ ପରିଚାଳନା କରିଥିଲେ। ଏଥିରେ ଅଭିଭାବକ, ଶିକ୍ଷକଶିକ୍ଷୟିତ୍ରୀ, ଛାତ୍ରଛାତ୍ରୀ, ମଧ୍ୟାହ୍ନ ଭୋଜନ ଏବଂ ଛାତ୍ରାବାସ କର୍ମଚାରୀମାନେ ଅଂଶଗ୍ରହଣ କରିଥିଲେ। ୧ ଜୁଲାଇରେ ପ୍ରାତଃକାଳୀନ ପ୍ରାର୍ଥନା ସଭାରେ ସମସ୍ତ ଛାତ୍ରଛାତ୍ରୀ ଓ ଶିକ୍ଷକଶିକ୍ଷୟିତ୍ରୀ ବିଦ୍ୟୁତର ସୁରକ୍ଷିତ ବ୍ୟବହାର ପାଇଁ ସମୂହ ଶପଥ ଗ୍ରହଣ କରିଥିଲେ।

## ଜଗନ୍ନାଥପୁର ଉତ୍କଳ ଗ୍ରାମ୍ୟ ବ୍ୟାଙ୍କରୁ ଚୋରି ଉଦ୍ୟମ ପଣ୍ଡ

**ଗୁଣୁପୁର, ୨।୭(ସମିସ):** ରାୟଗଡା ଜିଲ୍ଲା ଗୁଣୁପୁର ଥାନା ଅନ୍ତର୍ଗତ ଜଗନ୍ନାଥପୁରଠାରେ ଥିବା ଉତ୍କଳ ଗ୍ରାମ୍ୟ ବ୍ୟାଙ୍କରେ ବୁଧବାର ରାତ୍ରିରେ ଦୁର୍ବୃତ୍ତମାନେ ଚୋରି ଉଦ୍ୟମ କରିଛନ୍ତି। ରାତ୍ରି ୯ଟା ସମୟରେ ବ୍ୟାଙ୍କର ତାଲା ଭାଙ୍ଗି ଦୁର୍ବୃତ୍ତମାନେ ବ୍ୟାଙ୍କ ଭିତରକୁ ପଶିବାକୁ ଉଦ୍ୟମ କରୁଥିଲେ। ବ୍ୟାଙ୍କ ସାଇରନ ବାଜିବା ପରେ ପାଖ ଲୋକ ନିଦରୁ ଉଠି ଦୌଡି ଆସିଥିଲେ। ଦୁର୍ବୃତ୍ତମାନେ ସ୍ଥାନୀୟ ଲୋକଙ୍କୁ ଦେଖି ଚମ୍ପଟ ମାରିଥିଲେ। ଏହାଦେଖି ବ୍ୟାଙ୍କର ବ୍ରାଞ୍ଚ ମେନେଜର ରାଜେଶ କୁମାର ପାଣିଗ୍ରାହୀଙ୍କୁ କିଛି ଲୋକ ଅବଗତ କରାଇଥିଲେ। ବ୍ରାଞ୍ଚ ମେନେଜର ରାତ୍ରିରେ ବ୍ୟାଙ୍କରେ ପହଞ୍ଚି ୧୧୨ ନଂକୁ କଲ କରି ଜଣାଇଥିଲେ। ଗୁଣୁପୁର ପୁଲିସ୍ ଫାଟକର ତାଲା ଭଙ୍ଗାଥିବା ଦେଖି ତଦନ୍ତ କରି ଫେରିଥିଲେ। ବ୍ୟାଙ୍କରେ ଲାଗିଥିବା ସିସିଟିଭି ଫୁଟେଜର ଯାଞ୍ଚ କରିଥିଲେ। ବ୍ୟାଙ୍କରେ କିଛି ଚୋରି ହୋଇନଥିବା ବେଳେ ଦୁର୍ବୃତ୍ତମାନଙ୍କ ଉଦ୍ୟମ ପଣ୍ଡ ହୋଇଛି। ଏନେଇ ଗୁଣୁପୁର ଥାନାଧିକାରୀ କମଳକାନ୍ତ ବସନ୍ତ କୁମାର କଅଁର ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରି ଫେରିଥିବା ସହ ଅଞ୍ଚଳରେ ପାଟ୍ରୋଲିଂକୁ ଜୋରଦାର କରାଯିବା ନେଇ ସୂଚନା ଦେଇଛନ୍ତି।

## ଦେବେନ୍ଦ୍ର ସିଂଙ୍କ ଅକାଳ ବିୟୋଗ

**ଗୁଣୁପୁର, ୨।୭ (ସମିସ):** ରାୟଗଡା ଜିଲ୍ଲା ଗୁଣୁପୁର ବ୍ଲକ୍ ଆମ୍ବେଦର ନଗରର ସରକାରୀ କର୍ମଚାରୀ ଦେବେନ୍ଦ୍ର ସିଂ ( ୪୬) ଅକାଳ ବିୟୋଗ ଘଟିଛି। ସେ ବିଷମକଟକ ବ୍ଲକ୍ ଆସିଷ୍ଟାଣ୍ଟ ଡାଟା ଏଣ୍ଟ୍ରି ଅପରେଟର ଭାବେ କାର୍ଯ୍ୟ କରୁଥିଲେ। କିଛି ଦିନ ହେଲା କର୍କଟ ରୋଗରେ ପୀଡ଼ିତ ହୋଇ ଭୁବନେଶ୍ୱର ଏମ୍ସ ଓ ବିଭିନ୍ନ ଘରୋଇ ମେଡିକାଲରେ ଚିକିତ୍ସିତ ହେଉଥିଲେ। ଗତକାଲି ମଧ୍ୟରାତ୍ରିରେ ମୃତ୍ୟୁବରଣ କରିଥିବା ପରିବାର ପକ୍ଷରୁ ଜଣାପଡିଛି। ମୃତ୍ୟୁଶଯ୍ୟା ନିକଟରେ ମା, ଦୁଇ ଭଉଣୀ, ଭାଇ ଓ ପରିବାର ବର୍ଗ ଉପସ୍ଥିତ ଥିଲେ। ସେ ଜଣେ ମେଳାପି ବ୍ୟକ୍ତିତ୍ୱ ଭାବେ ବେଶ୍ ପରିଚିତ ଥିଲେ। ତାଙ୍କ ବିୟୋଗରେ ଗୁଣୁପୁର ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ବରିଷ୍ଠ ଓକିଲ ବିଶ୍ୱନାଥ ସାହୁ, ଯୁବ ନେତା ରାମ ପଣ୍ଡା, ସାମ୍ବାଦିକ ପି ନାଗଭୂଷଣ ରାଓ, ଜନାର୍ଦ୍ଦନ ମହାପାତ୍ର, ବିଜୟ ସୁନାମୁଦି, ଇନ୍ଦ୍ରଜିତ୍ ପଣ୍ଡା ବିଜେଡି ନେତା ସୁଧିର ଦାସ, ବିଜେଡି ପୂର୍ବତନ ବିଧାୟକ ରଘୁନାଥ ଗମାଙ୍ଗ, ସନ୍ତୋଷ ପଣ୍ଡା, ଦୀପୁନ ଗଉଡ ଶୋକ ପ୍ରକାଶ କରିଥିଲେ।



## ଡାକ୍ତରଙ୍କ ଅନିର୍ଦ୍ଦିଷ୍ଟ କାର୍ଯ୍ୟବନ୍ଦ; ଡିଏଚ୍‌ଏଚ୍ ସମ୍ମୁଖରେ ଗଣଧାରଣା



**ମୁନିଗୁଡା, ୨।୭(ସମିସ):** ଓମସା ର ଆହ୍ୱାନକ୍ରମେ ଓଡ଼ିଶା ମେଡିକାଲ ଆଣ୍ଡ ହେଲ୍ଥ ସର୍ଭିସ (ଓଏମଏଚଏସ) କ୍ୟାଡରର ଏମବିବିଏସ୍, ବିଶେଷଜ୍ଞ ଓ ଦନ୍ତ ଚିକିତ୍ସକମାନେ ଅନିର୍ଦ୍ଦିଷ୍ଟକାଳୀନ କାର୍ଯ୍ୟବନ୍ଦ ଆନ୍ଦୋଳନ ଆରମ୍ଭ କରିଛନ୍ତି। ସଂଗଠନର ରାଜ୍ୟ ସଭାପତି, ସାଧାରଣ ସମ୍ପାଦକ ଓ ଆକ୍ସନ କମିଟିର ନିର୍ଦ୍ଦେଶ ଅନୁଯାୟୀ ଦାବି ପୂରଣ ନ ହେବା ପର୍ଯ୍ୟନ୍ତ ଏହି ଆନ୍ଦୋଳନ ଜାରି ରହିବ ବୋଲି କୁହାଯାଇଛି। ବହୁବର୍ଷ ଧରି ବିଭିନ୍ନ ଦାବି ସରକାରଙ୍କ ନିକଟରେ ଉପସ୍ଥାପିତ ହୋଇଆସୁଥିଲେ ମଧ୍ୟ ତାହାର ସମାଧାନ ହୋଇନାହିଁ। ଗତବର୍ଷ ସରକାର ଦାବିଗୁଡ଼ିକୁ ଯୁକ୍ତିସଙ୍ଗତ ବୋଲି ଗ୍ରହଣ କରି ପୂରଣ କରିବାକୁ ପ୍ରତିଶ୍ରୁତି ଦେଇଥିଲେ। ଏପରିକି ଚଳିତ ବର୍ଷ ଜାନୁଆରୀ ୨ରୁ ୯ ତାରିଖ ପର୍ଯ୍ୟନ୍ତ ପ୍ରତିଦିନ ଏକ ଘଣ୍ଟିଆ ଓପିଡି ବନ୍ଦ ଆନ୍ଦୋଳନ ପରେ ମଧ୍ୟ ତିନି ମାସ ମଧ୍ୟରେ ଦାବି ପୂରଣର ମୌଖିକ ଆଶ୍ୱାସନ ବ୍ୟତୀତ କୌଣସି ପଦକ୍ଷେପ ନିଆଯାଇ ନଥିଲା। ଛଅ ମାସ ବିତିଯାଇଥିଲେ ମଧ୍ୟ ଦାବି ପୂରଣ ନ ହେବାରୁ ସଂଗଠନ କାର୍ଯ୍ୟବନ୍ଦକୁ ଓହ୍ଲାଇଥିବା କହିଛି। ରାୟଗଡ଼ା ଜିଲ୍ଲାର ଅମ୍ବାଦଳା ଓ ମୁନିଗୁଡ଼ା ଅଞ୍ଚଳର ଓଏମଏଚଏସ କ୍ୟାଡରର ଡାକ୍ତର ଡ.ଆଶିଷ କୁମାର ପଣ୍ଡା,ଡ. ଅନିଲ କୁମାର ବେହେରା,ଡା. ଶୁଭ୍ରାଂଶୁ ଶେଖର ବୋଇତାଇ,,ଡ. ଅଲେଖ ଗଣ୍ଡେଡ଼ା,ଡ. ସପନ ଜାଲି,ଡ. ଅମୃତା ସାହୁ ପ୍ରମୁଖ ସାମିଲ ହୋଇଛନ୍ତି। ସେମାନେ ରାୟଗଡ଼ା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ସମ୍ମୁଖରେ ଧାରଣାରେ ବସି ସରକାରଙ୍କୁ ତୁରନ୍ତ ଦାବି ପୂରଣ କରିବାକୁ ଦାବି ଜଣାଇଛନ୍ତି। ସରକାର ସକାରାତ୍ମକ ପଦକ୍ଷେପ ନ ନେବା ପର୍ଯ୍ୟନ୍ତ ଏହି କାର୍ଯ୍ୟବନ୍ଦ ଜାରି ରହିବ ବୋଲି ସଂଗଠନ ପକ୍ଷରୁ ସ୍ପଷ୍ଟ କରାଯାଇଛି।

### ସେବା ବ୍ୟାହତ; ରୋଗୀ ହନ୍ତସନ୍ତ

**ଚନ୍ଦ୍ରପୁର:** ରାଜ୍ୟରେ ଡାକ୍ତରଙ୍କ ଧର୍ମଘଟର ପ୍ରଭାବ ପଡ଼ିଛି। ଏହି ବ୍ଲକ୍‌ର ୮ଟି ଗ୍ରାମ ପଞ୍ଚାୟତର ଲୋକେ ଚିକିତ୍ସା ପାଇଁ ନିର୍ଭର କରନ୍ତି। ପ୍ରତିଦିନ ରୋଗୀ ଜରୁରୀ ସେବା ପାଇ ଆସୁଛନ୍ତି। ଧର୍ମଘଟ ଯୋଗୁଁ ବର୍ତ୍ତମାନ ଚିକିତ୍ସାଳୟରେ କେବଳ ଆୟୁସ ଡାକ୍ତର ପ୍ରଦ୍ୟୁସ କୁମାର ମିଶ୍ର ଓ ଆରବିଏସକେ ଡାକ୍ତର ରୀତିନନ୍ଦନ ସାହୁ ରାତିଦିନ ରୋଗୀ ସେବାରେ ନିୟୋଜିତ ଅଛନ୍ତି। ବହୁ ସଂଖ୍ୟକ ରୋଗୀଙ୍କୁ ଚିକିତ୍ସା ସେବା ଯୋଗାଇବା କଷ୍ଟକର ହୋଇପଡ଼ିଛି। ରୋଗୀ ସେବା ସ୍ୱାଭାବିକ ହେବା ପାଇଁ ସରକାର ତୁରନ୍ତ ଆବଶ୍ୟକ ପଦକ୍ଷେପ ନେବାକୁ ବୁଦ୍ଧିଜୀବୀ ଦାବି କରିଛନ୍ତି।


## ଚିତ୍ରକୋଣ୍ଡା ମାଟିବନ୍ଧ ବିଭାଗର କ୍ୱାର୍ଟର୍ସ ସର୍ଭେ ଆରମ୍ଭ

**ମାଲକାନଗିରି,୨।୭(ସମିସ)**




ଚିତ୍ରକୋଣ୍ଡାଠାରେ ଅବସ୍ଥାପିତ ମାଟିବନ୍ଧ ବିଭାଗ ଅଧୀନରେ ଥିବା ସରକାରୀ କ୍ୱାଟସ ଗୁଡ଼ିକର ସର୍ଭେ କାର୍ଯ୍ୟ ଆରମ୍ଭ ହୋଇଛି। ମାଲକାନଗିରି ଜିଲ୍ଲାର ବାଲିମେଳାଠାରେ ରହିଛି ମୁଖ୍ୟ ନିର୍ମାଣ ଯନ୍ତ୍ରୀ ପୋଟେରୁ ଜଳସେଚନ ପ୍ରକଳ୍ପ ମୁଖ୍ୟ କାର୍ଯ୍ୟାଳୟ, ଚିତ୍ରକୋଣ୍ଡା ବ୍ଲକ ମାଟିବନ୍ଧ ବିଭାଗ ଚିତ୍ରକୋଣ୍ଡାର କାର୍ଯ୍ୟାଳୟ ଏବଂ ଜିଲ୍ଲାର ଏମଭି-୭୯ ପୋଟେରୁ ନାଳ ଖଣ୍ଡ ବିଭାଗର କାର୍ଯ୍ୟାଳୟ ଅଧୀନରେ ଥିବା ଅଞ୍ଚଳରେ ସରକାରୀ କ୍ୱାଟର୍ସଗୁଡ଼ିକର ବର୍ତ୍ତମାନର ସ୍ଥିତି ସମ୍ପର୍କରେ ଜାଣିବା ପାଇଁ ଗତ ଜୁନ ମାସ ୩ ତାରିଖରେ ମାଲକାନଗିରି ଜିଲ୍ଲାପାଳଙ୍କ ଅଧକ୍ଷତାରେ ଜିଲ୍ଲାର ସମସ୍ତ ଜଳସେଚନ ପ୍ରୋଜେକ୍ଟକୁ ନେଇ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଏକ ବିସ୍ତୃତ ଭାବେ ସର୍ଭେ କରି ତୁରନ୍ତ ରିପୋର୍ଟ ଦାଖଲ କରିବାକୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ। ଚିତ୍ରକୋଣ୍ଡା ତହସିଲ ଅଧୀନରେ ଥିବା ପୋଟେରୁ ଜଳ ସେଚନ ପ୍ରକଳ୍ପ ବାଲିମେଳା ଏବଂ ଚିତ୍ରକୋଣ୍ଡା ବ୍ଲକରେ ଥିବା ମାଟି ବନ୍ଧ ବିଭାଗର ଅଧିକାରୀ ଓ ରାଜସ୍ୱ ବିଭାଗର ଅଧିକାରୀଙ୍କୁ ନେଇ ଏହି କ୍ୱାଟର୍ସଗୁଡ଼ିକର ସର୍ଭେ କରିବା ନିମନ୍ତେ ଏକ ସ୍ୱତନ୍ତ୍ର କମିଟି ଗଠନ କରାଯାଇଛି। ଚିତ୍ରକୋଣ୍ଡା ତହସିଲଦାର ନଟବର ଗରଡ଼ା, ଚିତ୍ରକୋଣ୍ଡା ମାଟିବନ୍ଧ ବିଭାଗର ଏସଡିଓ ଅଭିଳାଷ ପ୍ରଧାନ, ରାଜସ୍ୱ ନିରୀକ୍ଷକ ବଳଦେବ ନାୟକଙ୍କ ସମେତ ଅନ୍ୟ ଅଧିକାରୀମାନେ ଚିତ୍ରକୋଣ୍ଡା ସଦରରେ ମାଟି ବନ୍ଧ ବିଭାଗ ଅଧୀନରେ ମୋଟ ୫୬୫ଟି ସରକାରୀ କ୍ୱାଟର୍ସ ରହିଛି। ସେଥିମଧ୍ୟରୁ ପ୍ରଥମ ଦିନରେ ପ୍ରାୟ ୧୮ଟି ସରକାରୀ କ୍ୱାଟର ଗୁଡ଼ିକର ସର୍ଭେ କରାଯାଇଥିଲା। ତେବେ ଚିତ୍ରକୋଣ୍ଡା ସମେତ ବାଲିମେଳାରେ ମଧ୍ୟ ଏହି କମିଟି ପକ୍ଷରୁ ଖୁବ ଶୀଘ୍ର କ୍ୱାଟର୍ସଗୁଡ଼ିକର ସର୍ଭେ କରିବ। ପୋଟେରୁ ଜଳ ସେଚନ ବିଭାଗର ସରକାରୀ କ୍ୱାଟର ଗୁଡିକ ବର୍ତ୍ତମାନ କେଉଁ କେଉଁ ବ୍ୟକ୍ତଙ୍କ ନାମରେ ନିୟମ ଅନୁଯାୟୀ ଆଲାର୍ଟମେଣ୍ଟ କରାଯାଇଛି, କେଉଁ କ୍ୱାଟର୍ସଗୁଡିକ ବେସରକାରୀ ଲୋକଙ୍କର ଜବର ଦଖଲରେ ରହିଛି, କେଉଁ କ୍ୱାଟର ଗୁଡିକ ଭଗ୍ନ ଓ ଜରାଜୀର୍ଣ୍ଣ ଅବସ୍ଥାରେ ପଡି ରହିଛି। କେଉଁ ସବୁ କ୍ୱାଟର ଅନ୍ୟ କେଉଁ କେଉଁ ବିଭାଗର ଚାକିରିଆ ମାନଙ୍କର ନାମରେ ରହିଛି। ସରକାରୀ ଘରେ ରହୁଥିବା ବ୍ୟକ୍ତି ଉକ୍ତ ଘର ବାବଦରେ ବିଭାଗ ପକ୍ଷରୁ ଧାର୍ଯ୍ୟ ହୋଇଥିବା ଟିକସ, ପାଣି ବିଲ ଓ ବିଦ୍ୟୁତ ବିଲ ଆଦି ପୈଠ କରିଛନ୍ତି କି ନାହିଁ ଏବଂ କାହା ନାମରେ ଏ ବାବଦରେ କେତେଟଙ୍କା ବକେୟା ରହିଛି ସେଗୁଡି ଘର ଘର ବୁଲି ଏହି ସ୍ୱତନ୍ତ୍ର ଟିମ ଦ୍ୱାରା ସର୍ଭେ କରାଯାଉଛି। କମିଟି ଦ୍ୱାରା ଏହି ସର୍ଭେ କାର୍ଯ୍ୟ ପ୍ରାୟ ଆସନ୍ତା ଦେଢ଼ ମାସ ଭିତରେ ଶେଷ ହେବ ବୋଲି କୁହାଯାଉଛି। ଚିତ୍ରକୋଣ୍ଡା ଅଞ୍ଚଳ ଏବଂ ବାଲିମେଳା ସହରରେ ଏହି ସ୍ୱତନ୍ତ୍ର କମିଟି ପକ୍ଷରୁ କ୍ୱାଟର ଗୁଡ଼ିକର ସର୍ଭେ କାର୍ଯ୍ୟ ସରିବା ପରେ ଏହି ସର୍ଭେ ରିପୋର୍ଟକୁ ବିହିତ କାର୍ଯ୍ୟାନୁଷ୍ଠାନ ନିମନ୍ତେ ଜିଲ୍ଲା ପାଳଙ୍କୁ ପ୍ରଦାନ କରାଯିବ।

# ସମ୍ପାଦକୀୟ



ଜଙ୍ଗଲ ଅସୀମ ଦୟାର ପ୍ରତୀକ, ଯିଏ ନିଜର ଜୀବନ ଉତ୍ସର୍ଗ କରି ସମସ୍ତ ପ୍ରାଣୀଙ୍କୁ ସୁରକ୍ଷା ପ୍ରଦାନ କରେ।
- ଗୌତମ ବୁଦ୍ଧ

ସକାଳ
THE SAKALA

## ଗୋପନୀୟତାର ପ୍ରମାଦ

ଇତିମଧ୍ୟରେ ବହୁଳ ବ୍ୟବହୃତ ସାମାଜିକ ଗଣମାଧ୍ୟମ ସଂସ୍ଥା ହ୍ୱାଟ୍‌ସଆପ୍‌ର ନବ ପ୍ରସ୍ତାବିତ ବ୍ୟବସ୍ଥା 'ୟୁଜରନେମ୍ ଫିଚର' ଭାରତରେ ବିବାଦ ଓ ବିତର୍କ ସୃଷ୍ଟି କରିଛି। କେତେକ ଅଞ୍ଚଳରେ ଆରମ୍ଭ ହୋଇସାରିଥିବା ଏହି ପ୍ରକ୍ରିୟା ପର୍ଯ୍ୟାୟକ୍ରମେ ଆଗାମୀ ଏକବର୍ଷ ମଧ୍ୟରେ ସମଗ୍ର ଦେଶରେ କାର୍ଯ୍ୟକ୍ଷମ କରିବାକୁ ହ୍ୱାଟ୍‌ସଆପ୍‌ର ମୂଳ କମ୍ପାନୀ ମେଟା ଯୋଜନା କରିଥିବା ବେଳେ ଏହା ସାଇବର ଅପରାଧକୁ ଅଧିକ ପ୍ରୋତ୍ସାହନ କରିବାର ଆଶଙ୍କା କରି ତୁରନ୍ତ ସ୍ଥଗିତ ରଖିବା ଏବଂ ତିନିଦିନ ମଧ୍ୟରେ ଉତ୍ତର ରଖିବାକୁ କେନ୍ଦ୍ର ସରକାର ମେଟାକୁ ନୋଟିସ୍ ଜାରି କରିଛନ୍ତି। ଅପରପକ୍ଷରେ ଏହି ନୂଆ ବ୍ୟବସ୍ଥା ଅଧିକ ସୁରକ୍ଷିତ ଏବଂ ଗୋପନୀୟ ବୋଲି ମେଟା ଦାବି କରିଛି।

ସମ୍ପ୍ରତି କୌଣସି ଅଜ୍ଞାତ ବ୍ୟକ୍ତି କିମ୍ବା ତାଲିକାରେ ନଥିବା(ସେଭ୍ ହୋଇ ନଥିବା) ନମ୍ବରରୁ କଲ୍ ଆସିଲେ କଲ୍ କରିଥିବା ବ୍ୟକ୍ତିଙ୍କ ଫୋନ୍ ନମ୍ବର ମୋବାଇଲ୍ ଫୋନ୍‌ର ସ୍କ୍ରିନ୍ ଉପରେ ଦେଖାଯାଉଛି। କିନ୍ତୁ ନୂଆ ବ୍ୟବସ୍ଥା ବା ୟୁଜରନେମ୍ ଫିଚରଟିକୁ କାର୍ଯ୍ୟକ୍ଷମ କରାଗଲେ ନମ୍ବର ବଦଳରେ କେବଳ କଲ୍ ପ୍ରେରକ ଯେଉଁ ନାମରେ ନିଜ ହ୍ୱାଟସ୍‌ଆପ୍ ଆକାଉଣ୍ଟ ଖୋଲିଥିବେ ତାହା ହିଁ ଦେଖାଯିବ। ଏହାଦ୍ୱାରା ପ୍ରେରକଙ୍କ ନମ୍ବର ସମ୍ପୂର୍ଣ୍ଣ ଗୋପନ ରହିବ। ଏହି ଫିଚରଟିକୁ କାର୍ଯ୍ୟକ୍ଷମ କରିବା ପାଇଁ ବ୍ୟବହାରକାରୀ ବା ହ୍ୱାଟ୍‌ସଆପ୍ ଆକାଉଣ୍ଟଧାରୀ ନିଜ ପସନ୍ଦ ମୁତାବକ ଏକ ନାମ ଚୟନ କରି ହ୍ୱାଟ୍‌ସଆପ୍‌ରେ ପଞ୍ଜିକୃତ କରିବାକୁ ପଡ଼ିବ। କିନ୍ତୁ ଏହାଦ୍ୱାରା ଅଧିକ କ'ଣ ଲାଭ ହେବ ତାହାକୁ ନେଇ ବିତର୍କ ଆରମ୍ଭ ହୋଇଛି।

ଏହି ବ୍ୟବସ୍ଥା ବିରୋଧରେ ସର୍ବାଧିକ ସ୍ୱର ଉଠିଛି। ଅଭିଯୋଗ ହେଉଛି ଯେ ଫୋନ୍ ନମ୍ବର ଜଣାପଡ଼ିଲେ ମୋବାଇଲ୍ ଚୋର କିମ୍ବା ଧମକଚମକ ଦେଉଥିବା ଅସାମାଜିକ ତତ୍ତ୍ୱ, ଆପରାଧିକ କାର୍ଯ୍ୟକଳାପ ଆଦିକୁ ଠାବ କରିବା ସହଜ ହେଉଛି। କିନ୍ତୁ କେବଳ ୟୁଜରନେମ୍ ରହିଲେ ତଦନ୍ତରେ ଅସୁବିଧା ହେବ। ପୁଣି ଯଦି ସମାନ ନାମରେ ଏକାଧିକ ୟୁଜରନେମ୍ ଆଇଡି ସୃଷ୍ଟି ହୁଏ ତେବେ କଲ୍‌ପ୍ରେରକଙ୍କ ପରିଚୟ ଜାଣିବା ହଠାତ୍ ସହଜ ହେବ ନାହିଁ। ଏଭଳି ସମସ୍ୟା ଇମେଲ୍‌ରେ ମଧ୍ୟ ଉପୁଜିଛି। ସେହିପରି କେହି ଯଦି ପ୍ରତିଷ୍ଠିତ ଓ ପ୍ରତିପତ୍ତିଶାଳୀ ବ୍ୟକ୍ତିଙ୍କ ନାମ ୟୁଜରନେମ୍ ଭାବରେ ବ୍ୟବହାର କରନ୍ତି ତେବେ ବିଭ୍ରାନ୍ତି ଓ ଜଟିଳତା ଆହୁରି ବଢ଼ିବ। ତେଣୁ ଏହା ଏକ ଅବାଞ୍ଛିତ ଓ ଗର୍ହିତ ପ୍ରକ୍ରିୟା। ଅପରପକ୍ଷରେ ସମାନ ନାମ ଓ ପ୍ରତିପତ୍ତିଶାଳୀ ବ୍ୟକ୍ତିଙ୍କ ନାମ ଯେପରି ଏକାଧିକ ବ୍ୟବହାରକାରୀ ଉପଯୋଗ କରିପାରିବେ ନାହିଁ ତାହା ସୁନିଶ୍ଚିତ କରିବା ଆମର କାମ ବୋଲି ମେଟା ସ୍ପଷ୍ଟୀକରଣ ଦେଇଛି। ସେହିପରି ଏହାକୁ ଇଚ୍ଛାଧୀନ କରାଯାଇଛି ବୋଲି ମେଟା ସର୍ତ୍ତ ରଖିଛି।

ଏ ସବୁ ତର୍କବିତର୍କର ଊର୍ଦ୍ଧ୍ୱରେ ବ୍ୟକ୍ତିଗତ ଗୋପନୀୟତା ସହିତ ତଥ୍ୟ ସୁରକ୍ଷା ପରି ସମ୍ବେଦନଶୀଳନ ପ୍ରସଙ୍ଗଟି ଆସୁଛି। ସର୍ବୋପରି ଦେଶର ନୀତିନିୟମର ଅନୁପାଳନର ପ୍ରଶ୍ନ ମଧ୍ୟ ଉଠୁଛି। ଗତି ତିନି/ଚାରିବର୍ଷ ପୂର୍ବେ ମେଟାର ନୂଆ ନିୟମକୁ ନେଇ ସେଭଳି ଚହଳ ସୃଷ୍ଟି ହୋଇଥିଲା ଏବଂ ମାମଲା ଅଦାଲତ ପର୍ଯ୍ୟନ୍ତ ଯାଇଥିଲା। ଆକାଉଣ୍ଟଧାରୀଙ୍କ ତଥ୍ୟକୁ ବ୍ୟବସାୟିକ ଉଦ୍ଦେଶ୍ୟରେ ବ୍ୟବହାର କରାଯାଇପାରିବ ବୋଲି ଏକ ସ୍ୱୀକୃତି ସମ୍ବଳିତ ସର୍ତ୍ତ ଉପଭୋକ୍ତାଙ୍କଠାରୁ ଦାବି କରିବା ସହିତ ହ୍ୱାଟ୍‌ସଆପ୍ ଏକପ୍ରକାର ଧମକ ଦେଇଥିଲା ଯେ ଏକ ନିର୍ଦ୍ଦିଷ୍ଟ ତାରିଖ ସୁଦ୍ଧା ନୂତନ ଗୋପନୀୟତା ନିୟମକୁ ଗ୍ରହଣ ନ କଲେ ଗ୍ରାହକମାନଙ୍କ ଫୋନ୍‌ରୁ ହ୍ୱାଟ୍‌ସଆପ୍ ସନ୍ଦେଶ ପ୍ରେରଣ ସୁବିଧା ବନ୍ଦ ହୋଇଯିବ। ପ୍ରଶ୍ନ ଉଠିଥିଲା ଯେ ଯଦି ହ୍ୱାଟ୍‌ସଆପ୍‌ରେ ପଠାଯାଉଥିବା କଥାବାର୍ତ୍ତା ବା ଭିଡିଓ ଆଦି ଫେସ୍‌ବୁକ୍ ଏବଂ ସେହି କମ୍ପାନୀର ଅନ୍ୟାନ୍ୟ ସେବା ସଂସ୍ଥା ମଧ୍ୟ ବ୍ୟାବସାୟିକ ରୂପେ ବ୍ୟବହାର କରିପାରିବେ ତେବେ ଗୋପନୀୟତା କେଉଁଠି ରହିଲା? ଏଣୁ ଭାରତ ସରକାର ମଧ୍ୟ ସୂଚନା ପ୍ରଯୁକ୍ତି ବିଦ୍ୟା ଆଇନ ଆଧାରରେ ମେଟା ତଥା ହ୍ୱାଟ୍‌ସଆପ୍‌ର ମୁଖ୍ୟ ଅଧିକାରୀଙ୍କୁ ଚିଠି ଲେଖି ନୂଆ ବ୍ୟବସ୍ଥାକୁ ପ୍ରତ୍ୟାହାର କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ। କିନ୍ତୁ ମେଟା ଏହା ବିରୁଦ୍ଧରେ ଭାରତୀୟ ନ୍ୟାୟାଳୟରେ ଆବେଦନ କରିବା ସହିତ ଯୁକ୍ତି ରଖିଲା ଯେ ଭାରତ ସରକାରଙ୍କ ନିର୍ଦ୍ଦେଶ ଭାରତୀୟ ସମ୍ବିଧାନର ପରିପନ୍ଥୀ। ଯେତେବେଳେ ଲକ୍ଷଲକ୍ଷ ଗ୍ରାହକ ପ୍ରତିଦ୍ୱନ୍ଦ୍ୱୀ ସେବା ସଂସ୍ଥା ସିଗ୍‌ନାଲ୍ ଓ ଟେଲିଗ୍ରାମ୍ ଆଡ଼କୁ ପଳାୟନ କରିବା ଆରମ୍ଭ କଲେ ହ୍ୱାଟ୍‌ସଆପ୍‌ର ସେୟାର ବଜାର ହ୍ରାସ ପାଇଲା। ହ୍ୱାଟ୍‌ସଆପ୍ ଓ ଫେସ୍‌ବୁକ୍‌ର ମାଲିକ ମାର୍କ ଜୁକରବର୍ଗ ବାଧ୍ୟ ହୋଇ ନୂଆ ଗୋପନୀୟତା ନିୟମର ଲାଗୁ ତାରିଖକୁ ସ୍ଥଗିତ ରଖିଲେ; ଅଥଚ ପ୍ରତ୍ୟାହାର କଲେ ନାହିଁ।

ବିଡ଼ମ୍ବନା ହେଉଛି ଗୁଗୁଲ୍, ଫେସ୍‌ବୁକ୍, ଇନ୍‌ଷ୍ଟାଗ୍ରାମ୍, ୟୁଟ୍ୟୁବ୍ ଟେଲିଗ୍ରାମ ଆଦି ସଂସ୍ଥାମାନେ ଆମ ବିଷୟରେ ଆମ ଅଜ୍ଞାତରେ ଅଧିକରୁ ଅଧିକ ତଥ୍ୟ ସଂଗ୍ରହ କରିଚାଲିଛନ୍ତି। ଯେଉଁ ଦେଶରେ ବ୍ୟବସାୟ କରିବ ସେହି ଦେଶର ନୀତି ନିୟମକୁ ଉଲ୍ଲଙ୍ଘନ କରିବା ଯେକୌଣସି ସଂସ୍ଥା ପକ୍ଷରେ ସର୍ବାଦୌ ବର୍ଜନୀୟ। କିନ୍ତୁ ବିଭିନ୍ନ ଦେଶର ସରକାରମାନେ ଏହି ବହୁରାଷ୍ଟ୍ରୀୟ ମହାବଳୀ କମ୍ପାନୀମାନଙ୍କ ଆଗରେ ମୁଣ୍ଡ ନୁଆଁଇଛନ୍ତି। ଏହାର କାରଣ ମଧ୍ୟ ଅଳ୍ପେବହୁତ ଜ୍ଞାତ। ତେଣୁ ହ୍ୱାଟ୍‌ସଆପ୍‌ର ଏହି ନୂଆ ନିୟମ କେତେଦୂର ଗ୍ରହଣୀୟ ଓ ବର୍ଜନୀୟ ହେବ ତାହା ଆଉ କିଛିଦିନ ପରେ ସ୍ପଷ୍ଟ ହେବ।

## ବୁଦ୍ଧିମାନ ପ୍ରଯୁକ୍ତି, ଅସୁରକ୍ଷିତ ଭିତ୍ତିଭୂମି

ମିନାକ୍ଷୀ ଦ୍ୱିବେଦୀ

ଆର୍ଟିଫିସିଆଲ୍ ଇଣ୍ଟେଲିଜେନ୍ସ ବା ଏଆଇର ବିବର୍ତ୍ତନ ମାନବ ଇତିହାସର ସେହି ମୋଡ଼ରେ ପହଞ୍ଚିଛି, ଯେଉଁଠି ଆଶା ଓ ଆଶଙ୍କା ଉଭୟ ସମାନ ଭାବେ ଘନୀଭୂତ ହେଉଛି। ବିଗତ କିଛିବର୍ଷ ଧରି ଏଆଇର ନୈତିକତା, ଏହାର ଦ୍ରୁତ ପ୍ରସାର, ଡାଟା ସେଣ୍ଟରଗୁଡ଼ିକର ବିଶାଳ ଭିତ୍ତିଭୂମି ଏବଂ ଶ୍ରମ ବଜାର ଉପରେ ଏହାର ପ୍ରଭାବକୁ ନେଇ ଚାଲିଥିବା ଆଲୋଚନା ଏବେ କେବଳ ବୌଦ୍ଧିକ ମହଲରେ ସୀମିତ ନାହିଁ। ଯୁଦ୍ଧ କୌଶଳ, ଜାତୀୟ ସୁରକ୍ଷା ଏବଂ ପ୍ରଶାସନିକ ସ୍ଥିରତା ଭଳି ଗୁରୁତ୍ୱପୂର୍ଣ୍ଣ କ୍ଷେତ୍ରରେ ଏଆଇର ପ୍ରବେଶ ଏହି ବିତର୍କକୁ ଏକ ନୂତନ ରୂପ ଦେଇଛି। ଦୀର୍ଘଦିନର ପରୀକ୍ଷା-ନିରୀକ୍ଷା ପରେ ବର୍ତ୍ତମାନ ଏହାର ଗତିଶୀଳତା ସମ୍ପୂର୍ଣ୍ଣ ବଦଳି ଯାଇଛି, ଯାହା ଏଆଇକୁ ଏକ କାଳ୍ପନିକ ବା ଅମୂର୍ତ୍ତ ଅବଧାରଣାରୁ ମୁକ୍ତ କରି ସାମାଜିକ ଓ ସରକାରୀ ଅନୁଷ୍ଠାନଗୁଡ଼ିକର ମୌଳିକ ସଂରଚନାକୁ ପ୍ରଭାବିତ କରୁଥିବା ଏକ ଅଦୃଶ୍ୟ ଶକ୍ତିରେ ପରିଣତ କରିଛି। ଏହି ପରିପ୍ରେକ୍ଷୀରେ, ଆମ ସାମ୍ନାରେ ଥିବା ସବୁଠାରୁ ବଡ଼ ପ୍ରଶ୍ନ ହେଉଛି ଏଆଇ ଦ୍ୱାରା ସୃଷ୍ଟି ହେଉଥିବା ଜଟିଳ ସାଇବର ସୁରକ୍ଷା ବିପଦର ମୁକାବିଲା କରିବା ପାଇଁ ଆମର ଆଧୁନିକ ଡିଜିଟାଲ୍ ସଭ୍ୟତା ପ୍ରସ୍ତୁତ କି?

ଏଆଇ ସୁରକ୍ଷାକୁ ନେଇ ସୃଷ୍ଟି ହୋଇଥିବା ଏହି ଆହ୍ୱାନକୁ ଆଉ କେବଳ ଏକ ମିଥ୍ ବା ପୁରାଣ ବୋଲି କହି ପ୍ରତ୍ୟାଖ୍ୟାନ କରାଯାଇପାରିବ ନାହିଁ। ବର୍ତ୍ତମାନର ଅତ୍ୟାଧୁନିକ 'ଫ୍ରଣ୍ଟିୟର ମଡେଲ୍'ଗୁଡ଼ିକ ଏଭଳି ଏକ ସ୍ତରରେ ପହଞ୍ଚିଛନ୍ତି, ଯେଉଁଠାରେ ସେମାନେ ସ୍ୱୟଂଚାଳିତ ଭାବରେ ସିଷ୍ଟମର ସୁରକ୍ଷାଜନିତ ଦୁର୍ବଳତାକୁ ଚିହ୍ନଟ କରିବା, ବିଶ୍ଳେଷଣ କରିବା ଏବଂ କେତେକ କ୍ଷେତ୍ରରେ ସମାଧାନ ସୁପାରିସ କରିବାର କ୍ଷମତା ଅର୍ଜନ କରୁଛନ୍ତି। ଆରମ୍ଭିକ ପର୍ଯ୍ୟାୟରେ କିଛି ଏଆଇ ମଡେଲର ଏହି କ୍ଷମତା ସୁରକ୍ଷା କାରଣରୁ ସାର୍ବଜନୀନ ଭାବେ ପ୍ରକାଶ ପାଇ ନ ଥିଲା। କିନ୍ତୁ ପରବର୍ତ୍ତୀ ସମୟରେ ଅଧିକ ସୁରକ୍ଷା ବ୍ୟବସ୍ଥା ସହିତ ଉପଲବ୍ଧ ମଡେଲଗୁଡ଼ିକ ଅନେକ ସାଇବର ସୁରକ୍ଷା ବେଞ୍ଚମାର୍କରେ ଉଲ୍ଲେଖନୀୟ ସଫଳତା ପ୍ରଦର୍ଶନ କରିଛନ୍ତି। ଏହି ପରିପ୍ରେକ୍ଷୀରେ ବିଭିନ୍ନ ଅଗ୍ରଣୀ ଏଆଇ ଗବେଷଣା ସଂସ୍ଥା ଓ ପ୍ରଯୁକ୍ତି ସଂଗଠନମାନଙ୍କ ସହଯୋଗରେ ଆରମ୍ଭ ହୋଇଥିବା 'ପ୍ରୋଜେକ୍ଟ ଗ୍ଲାସୱିଙ୍ଗ୍' ଭଳି ପଦକ୍ଷେପ ଉଲ୍ଲେଖନୀୟ। ଏହାର ଉଦ୍ଦେଶ୍ୟ ହେଉଛି ଅତ୍ୟାଧୁନିକ ଏଆଇ ମଡେଲଗୁଡ଼ିକର ନିୟନ୍ତ୍ରିତ ବ୍ୟବହାର ମାଧ୍ୟମରେ ଗୁରୁତ୍ୱପୂର୍ଣ୍ଣ ସଫ୍ଟୱେର୍ ଓ ଡିଜିଟାଲ୍ ଭିତ୍ତିଭୂମିର ସୁରକ୍ଷା ଦୁର୍ବଳତା ଚିହ୍ନଟ କରିବା। ଏହି ପ୍ରୟାସ ଏକ ଯୁଗାନ୍ତକାରୀ ମୋଡ଼ର ସୂଚନା ଦେଉଛି। କାରଣ ଏଆଇର କ୍ଷମତା ଯେଉଁ ଗତିରେ ଆଗକୁ ବଢ଼ୁଛି, ତାହାକୁ ନିୟନ୍ତ୍ରଣ କରୁଥିବା ବିଶ୍ୱସ୍ତରୀୟ ଆଇନ ଓ ନିୟାମକ ଢାଞ୍ଚା ସେହି ତୁଳନାରେ ବହୁତ ପଛରେ ରହିଯାଇଛି।

ଏହି ମଡେଲଗୁଡ଼ିକର ପ୍ରକୃତ କ୍ଷମତାକୁ ବୁଝିବା ପାଇଁ ବିଭିନ୍ନ ଅନ୍ତର୍ଜାତୀୟ ସଂସ୍ଥା ଦ୍ୱାରା କରାଯାଇଥିବା 'କ୍ୟାପ୍‌ଚର୍-ଦି-ଫ୍ଲାଗ୍' ପ୍ରକାରର ସିମୁଲେଟେଡ୍ ପରୀକ୍ଷାଗୁଡ଼ିକ ଗୁରୁତ୍ୱପୂର୍ଣ୍ଣ। ଏହି ପରୀକ୍ଷାରେ ଏଆଇ ମଡେଲଗୁଡ଼ିକୁ ଜଟିଳ ଡିଜିଟାଲ୍ ନେଟୱର୍କ ମଧ୍ୟରୁ ଲୁକ୍କାୟିତ ତଥ୍ୟ ଉଦ୍ଧାର କରିବା ପାଇଁ ସିଷ୍ଟମର ଦୁର୍ବଳତା ଚିହ୍ନଟ କରି ତାହାର ସଦୁପଯୋଗ କରିବାକୁ ପଡ଼ିଥାଏ। ଫଳାଫଳ ଦର୍ଶାଇଛି ଯେ ନୂତନ ପିଢ଼ିର ଏଆଇ ମଡେଲଗୁଡ଼ିକ ଅତ୍ୟନ୍ତ ଜଟିଳ ସାଇବର କାର୍ଯ୍ୟକୁ ମଧ୍ୟ ସଫଳତାର ସହ ସମ୍ପନ୍ନ କରିପାରୁଛନ୍ତି। କେତେକ ମୂଲ୍ୟାଙ୍କନରେ ସେମାନେ ବହୁ-ପଦକ୍ଷେପ ବିଶିଷ୍ଟ ସିମୁଲେଟେଡ୍ କର୍ପୋରେଟ୍ ନେଟୱର୍କ ପରିଦୃଶ୍ୟକୁ ମଧ୍ୟ ସଫଳତାର ସହ ସମାପ୍ତ କରିଛନ୍ତି। ଯଦିଓ ଏହି ପରୀକ୍ଷାଗୁଡ଼ିକରେ ବାସ୍ତବ ଜଗତର ସମସ୍ତ ପ୍ରତିରକ୍ଷା ବ୍ୟବସ୍ଥା ଉପସ୍ଥିତ ନଥିଲା, ତଥାପି ଏହା ସ୍ପଷ୍ଟ କରିଛି ଯେ ଏଆଇ ବର୍ତ୍ତମାନ ସାଇବର ସୁରକ୍ଷା କ୍ଷେତ୍ରରେ ଏକ ନୂତନ ପର୍ଯ୍ୟାୟରେ ପ୍ରବେଶ କରିସାରିଛି।

ଏହି ଅନ୍ତର୍ଜାତୀୟ ପ୍ରେକ୍ଷାପଟରେ ଭାରତର ସ୍ଥିତିକୁ ଦେଖିଲେ ଜଣାପଡ଼େ ଯେ ଦେଶର କେନ୍ଦ୍ରୀୟ ସାଇବର ସୁରକ୍ଷା ସଂସ୍ଥା ସିଇଆରଟି-ଇନ୍ ଏବଂ ଅନ୍ୟାନ୍ୟ ସୁରକ୍ଷା ସଂସ୍ଥାମାନେ ଏଆଇ ସମ୍ବନ୍ଧୀୟ ସାଇବର ବିପଦ ଉପରେ ନିରନ୍ତର ନଜର ରଖୁଛନ୍ତି। କେନ୍ଦ୍ର ସରକାର ମଧ୍ୟ ବ୍ୟାଙ୍କିଙ୍ଗ୍, ଆର୍ଥିକ କ୍ଷେତ୍ର ଏବଂ ଜରୁରୀ ଡିଜିଟାଲ୍ ଭିତ୍ତିଭୂମି ପ୍ରତି ଥିବା ବିପଦ ଉପରେ ଗୁରୁତ୍ୱ ଦେଇ ସୁରକ୍ଷା ବ୍ୟବସ୍ଥାକୁ ଆହୁରି ସୁଦୃଢ଼ କରିବାକୁ ଆହ୍ୱାନ ଜଣାଇଛି। ତଥାପି ବିଶ୍ଳେଷକମାନଙ୍କ ମତରେ ସମସ୍ୟାର ଗଭୀରତା ତୁଳନାରେ ଭାରତର ପ୍ରସ୍ତୁତି ଏପର୍ଯ୍ୟନ୍ତ ବିକାଶଶୀଳ ପର୍ଯ୍ୟାୟରେ ରହିଛି। ବର୍ତ୍ତମାନ ସୁଦ୍ଧା ଭାରତ ପାଖରେ ୟୁରୋପୀୟ ସଂଘର ଏଆଇ ଆକ୍ଟ ପରି ଏକ ବ୍ୟାପକ ଓ ବାଧ୍ୟତାମୂଳକ ନିୟାମକ ଢାଞ୍ଚା ନାହିଁ। ଦେଶରେ ସାର୍ବଭୌମ ଏଆଇ ଭିତ୍ତିଭୂମି ନିର୍ମାଣ ଏବଂ ଏଆଇ ସୁରକ୍ଷା ଗବେଷଣା ମଧ୍ୟ ଏପର୍ଯ୍ୟନ୍ତ ବିକାଶଶୀଳ ଅବସ୍ଥାରେ ରହିଛି। ତେଣୁ ଆଗାମୀ ଦିନର ଏହି ଆହ୍ୱାନର ମୁକାବିଲା ପାଇଁ ଭାରତକୁ ଏକ ସୁଦୃଢ଼ ସାଇବର ସୁରକ୍ଷା କର୍ମବଳୀ ଗଠନ କରିବାକୁ ହେବ। ପ୍ରତିକୂଳ ପରିସ୍ଥିତିରୁ ଆହୁରି ଶକ୍ତିଶାଳୀ ହୋଇଉଠିବାକୁ ସକ୍ଷମ ଏକ ପ୍ରତିରୋଧୀ ବ୍ୟବସ୍ଥା ନିର୍ମାଣ କରିବାକୁ ହେବ। ସର୍ବୋପରି ସାଇବର ସୁରକ୍ଷା ପ୍ରତିଯୋଗିତାକୁ ଏଆଇ ଯୁଗର ସାର୍ବଭୌମତ୍ୱର ପ୍ରକୃତ ମୂଳଦୁଆ ଭାବରେ ଗ୍ରହଣ କରିବାକୁ ହେବ।

ଏଆଇ ଯୁଗ ପୂର୍ବରୁ ଏକ ଦେଶର ଡିଜିଟାଲ୍ ଭିତ୍ତିଭୂମିର ବିସ୍ତାରକୁ ତାହାର ସଫଳତାର ପ୍ରତୀକ ଭାବରେ ଦେଖାଯାଉଥିଲା। କିନ୍ତୁ ବର୍ତ୍ତମାନର ନୂତନ ପରିବେଶରେ ସେହି ସଫଳତା ହିଁ ସବୁଠାରୁ ବଡ଼ ଦୁର୍ବଳତାର କାରଣ ହୋଇପାରେ। ଏହି ପରିସ୍ଥିତିକୁ ବୁଝିବା ପାଇଁ ବିଲୁପ୍ତ ପ୍ରାଗୈତିହାସିକ ପଶୁ 'ଆଇରିଶ୍ ଏଲ୍କ'ର ଉଦାହରଣ ଉପଯୁକ୍ତ। ଏହାର ବିଶାଳ ଶିଙ୍ଗ ଏକ ସମୟରେ ତାହାର ଶକ୍ତି ଓ ପ୍ରତିପତ୍ତିର ପ୍ରତୀକ ଥିଲା। କିନ୍ତୁ ପରିବେଶ ବଦଳିଯିବା ପରେ ସେହି ଶିଙ୍ଗ ହିଁ ତାହାର ଅସ୍ତିତ୍ୱ ପାଇଁ ବୋଝ ହୋଇଯାଇଥିଲା। ଆଜିର ଡିଜିଟାଲ୍ ପେମେଣ୍ଟ ବ୍ୟବସ୍ଥା, ବ୍ୟାଙ୍କିଙ୍ଗ୍ ନେଟୱର୍କ, କ୍ଲାଉଡ୍ ପ୍ଲାଟଫର୍ମ ଏବଂ ସାର୍ବଜନୀନ ଡାଟାବେସ୍‌ଗୁଡ଼ିକ ଆମର ଡିଜିଟାଲ୍ ଭିତ୍ତିଭୂମିର ସେହି ବିଶାଳ ଶିଙ୍ଗ ସଦୃଶ। ଜାତୀୟ ବ୍ୟବସ୍ଥାର ସୁଚାରୁ ପରିଚାଳନା ପାଇଁ ଏଗୁଡ଼ିକ ଯେତିକି ଆବଶ୍ୟକ, ଏଆଇ ଯୁଗରେ ସେତିକି ଆକର୍ଷଣୀୟ ଲକ୍ଷ୍ୟବସ୍ତୁ ମଧ୍ୟ।

ଆଧୁନିକ ଏଆଇ ବର୍ତ୍ତମାନ ଏଭଳି ଏକ ସ୍ତରରେ ପହଞ୍ଚିଛି, ଯେଉଁଠାରେ ଏହା ନେଟୱର୍କର ଗଭୀର ଅନୁସନ୍ଧାନ କରିପାରୁଛି, ସଫ୍ଟୱେର୍ କୋଡ୍‌ର ଯୁକ୍ତିଗତ ଦୁର୍ବଳତାକୁ ବିଶ୍ଳେଷଣ କରିପାରୁଛି ଏବଂ ଦୁର୍ବଳତା ଆବିଷ୍କାର ପ୍ରକ୍ରିୟାକୁ ଅଭୂତପୂର୍ବ ଭାବେ ତ୍ୱରାନ୍ୱିତ କରିପାରୁଛି। ଏହା ହେଉଛି ସେହି ସାଇବର ମୁହୂର୍ତ୍ତ, ଯାହା ସ୍ପଷ୍ଟ ସଂକେତ ଦେଉଛି ଯେ ଆମ ସଭ୍ୟତାର ଡିଜିଟାଲ୍ ବୁଦ୍ଧିମତ୍ତା ତାହାର ସୁରକ୍ଷା କ୍ଷମତା ତୁଳନାରେ ବହୁତ ଦ୍ରୁତଗତିରେ ବିକଶିତ ହେଉଛି। ଏଆଇର ପରବର୍ତ୍ତୀ ପ୍ରଭାବଶାଳୀ ପର୍ଯ୍ୟାୟ କେବଳ ନୂତନ ମଡେଲ୍ ବିକାଶ କରୁଥିବା କମ୍ପାନୀଗୁଡ଼ିକୁ ପୁରସ୍କୃତ କରିବ ନାହିଁ। ସେହି ଦେଶଗୁଡ଼ିକର ଭବିଷ୍ୟତ ନିର୍ଣ୍ଣୟ କରିବ, ଯେଉଁମାନେ ଏହି ମଡେଲଗୁଡ଼ିକ ଦ୍ୱାରା ପ୍ରଭାବିତ ବିଶାଳ ଡିଜିଟାଲ୍ ପରିବେଶକୁ ସୁରକ୍ଷିତ ରଖିପାରିବେ।

ଏଆଇର ଆଗାମୀ ଅଧ୍ୟାୟ କେବଳ ବୁଦ୍ଧିମତ୍ତାର ବିକାଶର କାହାଣୀ ନୁହେଁ, ଏହା ସୁରକ୍ଷା, ସାର୍ବଭୌମତ୍ୱ ଏବଂ ଡିଜିଟାଲ୍ ଅସ୍ତିତ୍ୱର ସଂଘର୍ଷର କାହାଣୀ ମଧ୍ୟ। ଯେଉଁ ଦେଶ ଏହି ବାସ୍ତବତାକୁ ଶୀଘ୍ର ବୁଝିବ ଏବଂ ତଦନୁଯାୟୀ ନିଜକୁ ପ୍ରସ୍ତୁତ କରିବ, ଆସନ୍ତା ଡିଜିଟାଲ୍ ଯୁଗରେ ନେତୃତ୍ୱ ସେହି ଦେଶର ହାତରେ ରହିବ। ସେହିପରି ଏଆଇ ଯୁଗରେ ପ୍ରକୃତ ଶକ୍ତି କେବଳ ପ୍ରଯୁକ୍ତିର ଅଧିକାରରେ ନୁହେଁ, ସେହି ପ୍ରଯୁକ୍ତିକୁ ସୁରକ୍ଷିତ, ନିୟନ୍ତ୍ରିତ ଓ ଦାୟିତ୍ୱବାନ ଭାବରେ ପରିଚାଳନା କରିବାର କ୍ଷମତାରେ ନିହିତ ରହିବ।

ଗୁରୁଗ୍ରାମ, ମୋ: ୭୯୭୮୦୮୨୮୩୪

## ଦର୍ଶନ, ବିଜ୍ଞାନ ଓ ଜିବ୍ରାନ

ବିନୋଦ ମହାରଣା

ମଣିଷ ସବୁଠାରୁ ଶିକ୍ଷିତ, ସାହସୀ, କୁଶଳୀ, କୁଟିଳ, ସଭ୍ୟ, ବିକଶିତ ଓ ବୁଦ୍ଧିମାନ ପ୍ରାଣୀ। ଜୀବଜଗତର ଲକ୍ଷ ଲକ୍ଷ ପ୍ରାଣୀଙ୍କ ମଧ୍ୟରୁ ଅର୍ଥନୈତିକ, ସାମାଜିକ, ସାହିତ୍ୟ, ରାଜନୀତି ଆଦି କ୍ଷେତ୍ରରେ ମଣିଷ ଅପ୍ରତିଦ୍ୱନ୍ଦ୍ୱୀ। କିନ୍ତୁ ସେ କାହିଁକି ଆଜି ନୈରାଶ୍ୟ, ଦୁର୍ଦ୍ଦିନ, ଶୋଷିତ, ନିଷ୍ପେସିତ ଅବସ୍ଥାରେ ପଡ଼ିଛି? ଏସବୁର ପ୍ରଶ୍ନର ଉତ୍ତର ପାଇବାକୁ ହେଲେ ଆମକୁ ନିଶ୍ଚିତ ଭାବେ ମହାନ ଲେଖକ, ଦାର୍ଶନିକ, କବି ଖଲିଲ ଜିବ୍ରାନଙ୍କ ନିକଟକୁ ଯିବାକୁ ପଡ଼ିପାରେ। ବିବର୍ତ୍ତନର ମହାନ ସଂରଚନାରେ ଗଠିତ ମଣିଷ ଏବେ ବି ରହିଛି ଅନ୍ଧାରରେ।

ମାତ୍ର ୪୮ ବର୍ଷ ବୟସରେ ଇହଲୀଳା ସମ୍ବରଣ କରିଥିବା ମହାନ ଲେଖକ ଖଲିଲ ଜିବ୍ରାନ(୬ ଜାନୁଆରୀ ୧୮୮୩-୧୦ ଏପ୍ରିଲ ୧୯୩୧)ଙ୍କ ଜନ୍ମ ହୁଏ ଲେବାନନର ବସାରୀରେ। ଦାରିଦ୍ର୍ୟ, କଷାଘାତ ଭିତରେ ଜୀବନ କଟାଇଥିବା ଜିବ୍ରାନ ନିଜର ଲେଖାଗୁଡ଼ିକରେ ଆଧ୍ୟାତ୍ମିକତା, ଧର୍ମ ଆଦିର ତୀବ୍ର ସମାଲୋଚନା କରୁଥିଲେ। ୧୯୦୮ରେ ସେ ପ୍ରକାଶ କରିଥିଲେ 'ସ୍ପିରିଟ୍ସ ରିବେଲିୟସ'। ପୁସ୍ତକରେ ସେ ଧାର୍ମିକ ଓ ଆଧ୍ୟାତ୍ମିକ ନେତୃତ୍ୱର ତୀବ୍ର ସମାଲୋଚନା କରିଥିଲେ। ଏହି କାରଣରୁ ଏହି ବହିକୁ ଲେବାନନର ବିଭିନ୍ନ ସ୍ଥାନରେ ପୋଡ଼ାଯାଇଥିଲା। ବିଶେଷକରି ଚିରାଚରିତ ଦାସତ୍ୱପନ୍ଥୀ ବ୍ୟବସ୍ଥାର ଉଚ୍ଛେଦ, ମହିଳାଙ୍କ ମୁକ୍ତି, ମଣିଷର ପ୍ରାକୃତିକ ମୂଲ୍ୟବୋଧ, ସମାଜରେ ଚାଲିଆସିଥିବା ପଙ୍କିଳ ରୀତିନୀତିକୁ ବିରୋଧ କରିଆସୁଥିଲେ ଜିବ୍ରାନ। ଆତ୍ମଜ୍ଞାନ, ପାରମ୍ପରିକ ଧାର୍ମିକ ବ୍ୟବସ୍ଥା, ପ୍ରେମଭିତ୍ତିକ ଧର୍ମ, ବ୍ୟକ୍ତିଗତ ସ୍ୱାଧୀନତା, ଆତ୍ମନିରୀକ୍ଷଣ, ଆତ୍ମଅନୁଭବ, ଆତ୍ମିକ ସ୍ୱାଧୀନତା ଆଦିକୁ ସେ ନିଜ ଲେଖାରେ ଦେଉଥିଲେ ଗୁରୁତ୍ୱ।

'ଦି ପ୍ରଫେଟ' ପୁସ୍ତକରେ ସେ କହିଛନ୍ତି- ଯଦି ତୁମେ ନିଜର ଭାବନା ସହ ଶାନ୍ତିରେ ରହିବା ଲାଗି ଚାହିଁବ ନାହିଁ ତେବେ ତୁମେ କଥାହୁଅ। ସେ କହିବାକୁ ଚାହିଁଛନ୍ତି- ନିଜର ଚିନ୍ତାଧାରା ସର୍ବଦା ଶକ୍ତିଶାଳୀ। ଏସମ୍ପର୍କରେ କାହାରି ସହ ଯୁକ୍ତିତର୍କ କରନାହିଁ। ସେ କହିଛନ୍ତି- ଯଦି କାହାକୁ ଭଲ ପାଉଛ ତେବେ ତାକୁ ଛାଡ଼ିଦିଅ। ଯଦି ସେ ଫେରିଆସେ ଏହା ଭାବିବାକୁ ପଡ଼ିବ ଯେ ସେ ତୁମର ନିଜର। ଯଦି ସେ ନ ଫେରେ ତେବେ ଧରିବାକୁ ହେବ ଯେ, ସେ ତୁମର ନଥିଲା, ତୁମର ବି ହେବାର ସମ୍ଭାବନା ନାହିଁ। ଏନେଇ ଅଯଥାରେ ନିଜ ଭିତରେ ଗୋଳେଇ ଘାଣ୍ଟି ହେବା ଅନାବଶ୍ୟକ। ପୁସ୍ତକରେ ସେ କହିଛନ୍ତି- ଏକତା ଭିତରେ କିଛି ଶୂନ୍ୟସ୍ଥାନ ରଖ। ସ୍ୱର୍ଗୀୟ ପ୍ରଭଞ୍ଜନ ବା ବାୟୁ ଏହି ସମ୍ପର୍କ ମଧ୍ୟରେ ପ୍ରବାହିତ ହେଉ। ପରସ୍ପରକୁ ଭଲ ପାଅ; କିନ୍ତୁ ପ୍ରେମର ବନ୍ଧନ ସୃଷ୍ଟି କରନାହିଁ। ତୁମମାନଙ୍କର ଆତ୍ମାର ଉପକୂଳ ମଧ୍ୟରେ ଏକ ଗତିଶୀଳ ସମୁଦ୍ର ପ୍ରବାହିତ ରହୁ। ପରସ୍ପରର ପାତ୍ର ପୂରଣ କର; ମାତ୍ର ଗୋଟିଏ ପାତ୍ରରୁ ପାନ କରନାହିଁ। ପରସ୍ପରକୁ ରୁଟି ଦାନ କର; ମାତ୍ର ଗୋଟିଏ ରୁଟିରୁ ଏକତ୍ର ଖାଅନାହିଁ। ଏକାଠି ନାଚ, ଏକାଠି ଗାନ କର, ଏକାଠି ଆନନ୍ଦ ଉପଭୋଗ କର; ମାତ୍ର ଅଲଗା ରୁହ। ବୀଣାର ତାରଗୁଡ଼ିକ ଅଲଗା ଅଲଗା ରହିଥା'ନ୍ତି; ମାତ୍ର ସେଗୁଡ଼ିକ ଏକାଠି ହୋଇ ରାଗିଣୀ ସୃଷ୍ଟି କରନ୍ତି। ପରସ୍ପରକୁ ହୃଦୟ ଦିଅ; ମାତ୍ର ନିଜର ହୃଦୟକୁ ଅନ୍ୟ ନିକଟରେ ରଖନାହିଁ। ଏକାଠି ଠିଆ ହୁଅ; ମାତ୍ର ନିଜ ନିକଟରେ ଅତି ଘନିଷ୍ଠ ଭାବେ ଠିଆ ହୁଅନାହିଁ।

ଆକାଶରେ ପୃଥିବୀର କବିତାଗୁଡ଼ିକ ହେଉଛନ୍ତି ବୃକ୍ଷ। ମାତ୍ର କାଗଜ ଲାଗି ଆମେ ଗଛଗୁଡ଼ିକୁ କାଟି ଦେଇଥାଉ। ଏହା ହିଁ ଆମ ଲାଗି ବଡ଼ ଶୂନ୍ୟତା। ବିଚ୍ଛେଦ ନ ହେବା ଯାଏଁ ପ୍ରେମ ନିଜର ଗଭୀରତା ସମ୍ପର୍କରେ ଅବଗତ ହୋଇପାରେନାହିଁ। ଆପଣ ହୁଏତ ଦିନେ ମୋତେ ପ୍ରଶ୍ନ କରିପାରନ୍ତି- ମୋର ନା ଆପଣଙ୍କର ଜୀବନ ଗୁରୁତ୍ୱପୂର୍ଣ୍ଣ। ମୁଁ କହିବି ଯେ, ଆପଣ ମୋର ଜୀବନ ବୋଲି ନ ଜାଣି ମୁଁ ଓ ଆପଣ ପରସ୍ପରଠାରୁ ଦୂରେଇଯିବା। ଆପଣ ଯେତେବେଳେ ଦୁଃଖରେ ଅଛନ୍ତି ସେତେବେଳେ ଆପଣ ନିଜକୁ ପୁଣି ଥରେ ପଚାରନ୍ତୁ ଏବଂ ଦୁଃଖର କାରଣ ଜାଣିବାକୁ ଚେଷ୍ଟା କରନ୍ତୁ। ତାହା ଜାଣିବା ପରେ ଆପଣ ଆନନ୍ଦ ପାଇବେ।

'ଦି ମ୍ୟାଡ ମ୍ୟାନ' ପୁସ୍ତକରେ ସେ ମଣିଷର ପୁଙ୍ଖାନୁପୁଙ୍ଖ ସମୀକ୍ଷା କରିଛନ୍ତି। ମଣିଷ କିପରି ଏକ ସାମାଜିକ ପ୍ରାଣୀ ହେଲେ ବି ନିଜର ବ୍ୟକ୍ତିଗତ ପରିସରରୁ ମୁକ୍ତ ହୋଇ ନଥାଏ ତାହାର ବିଶ୍ଳେଷଣ କରିଛନ୍ତି। ପ୍ରେମର ପଥ କଠିନ ଯଦିଓ ସେ ଆହ୍ୱାନ ଦେଇଥାଏ। ପ୍ରେମର ଡେଣା ଭିତରେ ଆପଣ ନିଜକୁ ସମର୍ପଣ କରନ୍ତୁ ଯଦିଓ ତାହାରି ଡେଣା ଭିତରେ ଥିବା ଖଣ୍ଡା ଆପଣଙ୍କୁ ଆଘାତ କରିପାରେ। ଯଦି ନିଜ ଭିତରେ ଥିବା ଭୟରେ ଆପଣ ପ୍ରେମର ଶାନ୍ତି ଆନନ୍ଦ ଖୋଜୁଥା'ନ୍ତି ତେବେ ତାହା ପ୍ରେମ ପଦବାଚ୍ୟ ହୋଇପାରେନା। ସୌନ୍ଦର୍ଯ୍ୟ ମୁଖରେ ନଥାଏ, ବରଂ ଏହା ହୃଦୟର ଏକ ଆଲୋକ। ଆପଣଙ୍କ ସନ୍ତାନମାନେ ଆପଣଙ୍କର ନୁହନ୍ତି। ଜୀବନ ପ୍ରକ୍ରିୟାରେ ସେମାନେ ଅଂଶବିଶେଷ। ସେମାନେ ଆପଣଙ୍କ ଜରିଆରେ ଆସିଛନ୍ତି; ମାତ୍ର ଆପଣଙ୍କଠାରୁ ନୁହେଁ। ସେମାନେ ଆପଣଙ୍କ ସହ ଅଛନ୍ତି; ମାତ୍ର ସେମାନେ ଆପଣଙ୍କର ନୁହନ୍ତି। ଆପଣ ସେମାନଙ୍କୁ ନିଜର ପ୍ରେମ ଦେଇପାରନ୍ତି; ମାତ୍ର ଆପଣଙ୍କ ଭାବନାକୁ ସେମାନଙ୍କୁ ଦିଅନ୍ତୁ ନାହିଁ। ସେମାନଙ୍କୁ ସେମାନଙ୍କ ଭାବନା ଅନୁସାରେ ଯିବାକୁ ଦିଅନ୍ତୁ। ସେମାନଙ୍କୁ ଘରେ ରଖନ୍ତୁ; ମାତ୍ର ସେମାନଙ୍କ ଆତ୍ମାକୁ ନୁହେଁ। ଆସନ୍ତାକାଲିର ଘର ଭିତରେ ସେମାନଙ୍କ ଆତ୍ମାକୁ ଘୂରିବୁଲିବାକୁ ଦିଅନ୍ତୁ। ଏପରିକି ଆପଣ ନିଜର ସ୍ୱପ୍ନରେ ସେମାନଙ୍କୁ ଦେଖିବାକୁ ଚେଷ୍ଟା କରନ୍ତୁ ନାହିଁ। ଆପଣ ସେମାନଙ୍କୁ ଭଲ ପାଇପାରନ୍ତି; ମାତ୍ର ଆପଣଙ୍କ ପରି ହେବାକୁ ସେମାନଙ୍କୁ ଦିଅନ୍ତୁ ନାହିଁ।

ଜୀବନ ପଛକୁ ଯାଏ ନାହିଁ କି ଗତକାଲି ସହ ଅଟକିଯାଏ ନାହିଁ। ଭାବନ୍ତୁ ଯେ ଆପଣ ଏକ ଧନୁ ଏବଂ ସେମାନେ ତୀର ପରି ଧନୁରୁ ବାହାରି ଯାଆନ୍ତି। ଧନୁର୍ଦ୍ଧର ଭାବିଥାଏ ତା' ତୀର ବହୁ ଦୂରକୁ ଭେଦ କରିପାରେ ଏବଂ ତା' ଲକ୍ଷ୍ୟ ଫଳବତୀ ହୋଇପାରେ। ଧନୁର୍ଦ୍ଧର ଭାବେ ଆପଣ ସର୍ବଦା ଆନନ୍ଦିତ ଓ ଅଟଳ ରୁହନ୍ତୁ। ମୋର ପାଗଳାମି ଭିତରେ ମୁଁ ଉଭୟ ସ୍ୱାଧୀନତା ଓ ସାର୍ବଭୌମତ୍ୱକୁ ପାଇଛି। ଗତକାଲି ଥିଲା ଆଜିର ସ୍ମୃତି ଏବଂ ଆସନ୍ତାକାଲି ହେବ ଆଜିର ସ୍ୱପ୍ନ। ଭାବ ନାହିଁ ଯେ, ପୃଥିବୀ ଆପଣଙ୍କର ଖାଲି ପାଦକୁ ଅନୁଭବ କରିବାକୁ ଖୁସି ହୁଏ, ପବନ ଆପଣଙ୍କର କେଶ ସହିତ ଖେଳିବାକୁ ଆଗ୍ରହୀ ହୁଏ। ମୁଁ କଥାବାର୍ତ୍ତା କରୁଥିବା ଲୋକଙ୍କଠାରୁ ନୀରବତା, ଅସହିଷ୍ଣୁ ଲୋକଙ୍କଠାରୁ ସହନଶୀଳତା ଏବଂ ନିର୍ଦ୍ଦୟ ଲୋକଙ୍କଠାରୁ ଦୟା ଶିଖିଛି। ତଥାପି ଆଶ୍ଚର୍ଯ୍ୟର କଥା ମୁଁ ଏହି ଶିକ୍ଷକମାନଙ୍କ ପ୍ରତି କୃତଜ୍ଞ ନୁହେଁ। ଆପଣମାନଙ୍କ ମଧ୍ୟରୁ ଅନେକ କହନ୍ତି ଦୁଃଖ ଅପେକ୍ଷା ଆନନ୍ଦ ବଡ଼। ଆଉ କିଏ କିଏ କହନ୍ତି ଦୁଃଖ ସବୁଠାରୁ ବଡ଼। ହେଲେ ଆପଣମାନଙ୍କ ସହ ମିଶି ମୁଁ ଏହା କହୁଛି ଯେ, ସେମାନେ ହେଉଛନ୍ତି ଅବିଚ୍ଛେଦ୍ୟ। ସେମାନେ ଏକାଠି ଆସନ୍ତି ଏବଂ ଯେତେବେଳେ ଜଣେ ଆପଣଙ୍କ ନିକଟରେ ରହିଛି ମନେରଖ ଯେ, ଅନ୍ୟ ଜଣକ ତୁମ ବିଛଣାରେ ଶୟନ କରିଛି।

ଖଲିଲ ଜିବ୍ରାନ ନାହାନ୍ତି। କିନ୍ତୁ ମଣିଷ ସମାଜକୁ ତାଙ୍କର ବାର୍ତ୍ତା, ମଣିଷର ସାମାଜିକ ଓ ମାନସିକ ବ୍ୟବଚ୍ଛେଦ ତାଙ୍କୁ ଅମର କରି ରଖିବ।

ଭୁବନେଶ୍ୱର, ମୋ: ୯୪୩୭୧୬୪୭୬୪

## ମହାକାନ୍ତାରରେ ମହାସାମନ୍ତ: ଶ୍ରୀଜଗନ୍ନାଥଙ୍କ ଗୋପନଲୀଳା

ଚନ୍ଦନ ସୁବୁଦ୍ଧି

### ତତ୍ତ୍ୱ ଓ ତଥ୍ୟରେ ଶ୍ରୀଜଗନ୍ନାଥ

ଶ୍ରୀଜଗନ୍ନାଥ କେବଳ ଓଡ଼ିଶାର ରାଷ୍ଟ୍ରଦେବତା ନୁହନ୍ତି, ସେ ଅପରାଜେୟ ଓଡ଼ିଆଙ୍କ ଆତ୍ମା, ତାଙ୍କ ଅହରହ ଶ୍ୱାସ, ବିଶ୍ୱାସ ଆଉ ଆୟୁଷ। ପ୍ରତି ଓଡ଼ିଆ ପାଇଁ ସେ ବେଦନା ରାତିର ପ୍ରଭାତ, ସବୁ ପ୍ରତୀକ୍ଷାର ପ୍ରାପ୍ତି। ଓଡ଼ିଆ ଜାତିର ନାୟକ ଗଜପତି ମାନେ ମଧ୍ୟ ତାଙ୍କ ପାଖରେ ସବୁକିଛି ଅର୍ପଣ କରି ଉତ୍କଳର ଏକଛତ୍ର ସମ୍ରାଟ ଭାବେ ସ୍ୱୀକାର କରିଛନ୍ତି ଆଉ ନିଜକୁ ରାଉତ ଭାବେ ମହାପ୍ରଭୁଙ୍କ ପାଖେ ସମର୍ପଣ କରିଛନ୍ତି। ଆଗଙ୍ଗା ଗୋଦାବରୀ ଜୟ କରି ସମସ୍ତ ବିଜୟ ପଦାର୍ଥ ସମର୍ପି ଦେଇଛନ୍ତି ଶ୍ରୀରଙ୍ଗାଚରଣ ତଳେ। ଗଜପତିମାନଙ୍କ ସମର୍ପଣରେ ମହାବାହୁଙ୍କ ରତ୍ନଭଣ୍ଡାର ହୋଇଥିଲା ଭାରତର ସବୁଠାରୁ ବିତ୍ତଶାଳୀ। ମଦଳାପାଞ୍ଜି ରାଜଭୋଗ ଇତିହାସ (ପୃ:୨୨) ରୁ ଜଣାଯାଏ ତତ୍କାଳୀନ ଗଙ୍ଗବଂଶୀୟ ରାଜ ଅନଙ୍ଗଭୀମ ଦେବ ମହାପ୍ରଭୁଙ୍କ ଅଳଙ୍କାର ପାଇଁ ଦୁଇ ଲକ୍ଷ ପଚାଶ ହାଜର ମାଢ଼ ଅର୍ଥାତ ୧୪୨୫ କିଲୋଗ୍ରାମ ସୁନା (୧ମାଢ଼ = ୧/୨ ତୋଳା ୧ତୋଳା=୧୧.୬୬ ଗ୍ରାମ) ଶ୍ରୀମନ୍ଦିରକୁ ଦାନ ଦେଇଥିଲେ।

ଏହା ଶ୍ରୀମନ୍ଦିରକୁ ବିତ୍ତଶାଳୀ କରିବା ସହ ବାହ୍ୟ ଶତ୍ରୁମାନଙ୍କ ଲୋଲୁପ ଦୃଷ୍ଟିର ଶିକାର କରିଥିଲା। କେବଳ ଅଳଙ୍କାର ଲୁଣ୍ଠନ ନୁହେଁ, ଅଜେୟ ଓଡ଼ିଆମାନଙ୍କ ମେରୁଦଣ୍ଡ ଭାଙ୍ଗିବା ପାଇଁ ଜଗନ୍ନାଥ ମନ୍ଦିର ଉପରେ ଆକ୍ରମଣ କରିବା ଥିଲା ବାହ୍ୟତତ୍ତ୍ୱମାନଙ୍କର ମୁଖ୍ୟ ଉଦ୍ଦେଶ୍ୟ। ଓଡ଼ିଆମାନଙ୍କ ମାନରକ୍ଷା ପାଇଁ ମହାପ୍ରଭୁଙ୍କୁ ରତ୍ନ ସିଂହାସନର ସ୍ୱାଚ୍ଛନ୍ଦ୍ୟକୁ ଛାଡ଼ି ଯାଯାବରତ୍ୱକୁ ସ୍ୱୀକାର କରିବାକୁ ପଡ଼ିଛି। କେତେବେଳେ ଚାପରେ ଚିଲିକା ଗର୍ଭକୁ ତ ପୁଣି କେତେବେଳେ ଚଉଦୋଳରେ କେଉଁ ଘଞ୍ଚ ଅରଣ୍ୟକୁ ବୁହା ହୋଇଯାଇଛନ୍ତି। ଇତିହାସ କୁହେ ପ୍ରାୟ ୧୮ ଥର ଶ୍ରୀକ୍ଷେତ୍ର ଉପରେ ଆକ୍ରମଣ ହୋଇଛି। ତନ୍ମଧ୍ୟରୁ ୧୩ ଥର ଶ୍ରୀମନ୍ଦିର ଉପରେ ଆକ୍ରମଣ ହେବା ସହ ରତ୍ନଭଣ୍ଡାର ଲୁଣ୍ଠନ କରାଯାଇଛି। ଏହି ସଙ୍କଟ ସମୟରେ ତତ୍କାଳୀନ ଗଜପତି ଓ ସେବକମାନେ ମହାପ୍ରଭୁଙ୍କୁ ୧୧ ଥର ବିଭିନ୍ନ ଗୋପନ ସ୍ଥାନକୁ ସ୍ଥାନାନ୍ତରିତ କରିଛନ୍ତି ଏବଂ ଥରେ ବିମଳା ମନ୍ଦିର ପଛରେ ମହାପ୍ରଭୁଙ୍କୁ ଲୁଚାଇ ରଖିଛନ୍ତି। ଦୀର୍ଘ ୯ ୯ ବର୍ଷ ମହାପ୍ରଭୁ ଉତ୍କଳୀୟଙ୍କ ମାନ ରକ୍ଷା ପାଇଁ ଭୂମିତଳେ ପାତାଳି ହୋଇଛନ୍ତି ଏବଂ ୭୩ ବର୍ଷ ବିଭିନ୍ନ ସ୍ଥାନରେ ଆତ୍ମଗୋପନ କରିଛନ୍ତି।

**ଶୋଭନ ଦେବ:** ଶୋଭନଦେବଙ୍କ ରାଜତ୍ୱର ଦ୍ୱିତୀୟ ଅଙ୍କରେ ରକ୍ତବାହୁ ଶ୍ରୀମନ୍ଦିର ଆକ୍ରମଣ କଲା। ଖବର ପାଇ ରାଜା ବିଗ୍ରହମାନଙ୍କୁ ସୋନପୁର ଜିଲ୍ଲାର କୋଟ ସମଲେଇ ଗାଁ (ଗୋପାଳି, ତ୍ରିକୂଟ ପାହାଡ଼ ପାଦଦେଶ) ର ଏକ ମଣ୍ଡପରେ ସ୍ଥାପନ କରିଥିଲେ। ଦୀର୍ଘ ୪୫ବର୍ଷ ମହାପ୍ରଭୁ ସେଠାରେ ରହିଲେ। ପୁଣି ମୋଗଲ ଗୋଳ ଲାଗିବାରୁ ମହାପ୍ରଭୁଙ୍କୁ ସେହିଠାରେ ପାତାଳି କରାଗଲା ଏବଂ ତା' ପାଖରେ ଏକ ବର ଗଛ ଲଗାଯାଇଥିଲା, ଯେଉଁ ବର କାଳକ୍ରମେ 'ଦିଅଁବର' ନାଁରେ ପ୍ରସିଦ୍ଧି ପାଇଲା। ତାଙ୍କ ପରେ କେଶରୀ ବଂଶର ଯଯାତି କେଶରୀ ଚତୁର୍ଦ୍ଧାମୂର୍ତ୍ତିଙ୍କ ପାତାଳି ସ୍ଥାନ ଚିହ୍ନଟ କରି ଦଇତାପତିମାନଙ୍କୁ ଡକାଇ ମହାପ୍ରଭୁଙ୍କୁ ଉଦ୍ଧାର କଲେ। ଶାସ୍ତ୍ରୀୟ ଭିତ୍ତିରେ ନବକଳେବର କରି ମହାପ୍ରଭୁମାନଙ୍କୁ ପୁନଃ ଶ୍ରୀମନ୍ଦିରରେ



ଉପବେଶନ କରାଇଲେ। ଆଜି ବି କୋଟସମଲେଇ ମହାପ୍ରଭୁଙ୍କ ସେ ୧୪୪ ବର୍ଷର ସ୍ମୃତିକୁ ନିଜ ଛାତିରେ ଜାବୁଡ଼ି ଧରିଛି। ଶ୍ରୀମନ୍ଦିର ପରେ ଯଦି ମହାପ୍ରଭୁ କେଉଁଠାରେ ସର୍ବାଧିକ ସମୟ ରହିଥିବେ ତାହା ହେଉଛି ପାତାଳି ଶ୍ରୀକ୍ଷେତ୍ର କୋଟସମଲେଇ।

**ପ୍ରତାପରୁଦ୍ର ଦେବ:** ପ୍ରତାପରୁଦ୍ର ଦେବଙ୍କ ୧୭ଅଙ୍କରେ ମୋଗଲ ଅମୁରା ସୁରଥନ ଶ୍ରୀକ୍ଷେତ୍ର ଆକ୍ରମଣ କରିଥିଲା। ସେତେବେଳେ ପ୍ରତାପ ରୁଦ୍ରଦେବ ଦକ୍ଷିଣାତ୍ୟ ଯୁଦ୍ଧରେ ଥିଲେ। ଖବର ପାଇ ସେବକମାନେ ମହାପ୍ରଭୁଙ୍କୁ ଚାପରେ ଚିଲିକା ମଧ୍ୟସ୍ଥ ଚଢ଼େଇଗୁହା ପାହାଡ଼ରେ ଲୁଚେଇ ରଖିଲେ। ଦୁର୍ଦ୍ଦଣ୍ଡ ଅମୁରା ମନ୍ଦିର ଲୁଣ୍ଠନ କରି ମୂର୍ତ୍ତିମାନ ଭାଙ୍ଗିଲା (ମା.ପା ୩୯)। ପ୍ରତାପରୁଦ୍ର ଦେବ ଯୁଦ୍ଧରୁ ଫେରି ଅମୁରା ସୁରସେନକୁ ଘଉଡ଼େଇଲେ। ଦୀର୍ଘ ତିନିମାସ ଚଢ଼େଇଗୁହାରେ ରହି ମହାପ୍ରଭୁ ଶ୍ରୀମନ୍ଦିର ଫେରିଥିଲେ।

**ତେଲେଙ୍ଗା ମୁକୁନ୍ଦ ଦେବ:** ଓଡ଼ିଶାର ଶେଷ ସ୍ୱାଧୀନ ରାଜା ମୁକୁନ୍ଦ ଦେବଙ୍କ ସହ ଆକବର ବିଶ୍ୱାସଘାତକତା କଲେ। ସେହି ସମୟରେ ସୁଲେମାନଙ୍କ ସେନାପତି ରଜୁ ଖାଁ କଳାପାହାଡ଼ ଶ୍ରୀମନ୍ଦିର ଆକ୍ରମଣ କରିଥିଲା(ଐତିହାସିକ ମତରେ ସେବେଳେକୁ ମୁକୁନ୍ଦ ଦେବ ମୃତ୍ୟୁବରଣ କରିଥିଲେ)। ଇତିହାସର ସବୁଠାରୁ ବର୍ବର ଆକ୍ରମଣ ମଧ୍ୟରେ ଏଇ ଆକ୍ରମଣ ଜଘନ୍ୟ ଓ ମର୍ମନ୍ତୁଦ ଥିଲା। ଆକ୍ରମଣର ଖବର ପାଇ ଅଭିଜ୍ଞ ସେବକ ପରିଛା ଦିବ୍ୟସିଂହ ପଟ୍ଟନାୟକ ମହାପ୍ରଭୁଙ୍କୁ ଚିଲିକାର ଛପଲି ହାତୀପଡ଼ାରେ ପାତାଳି କରିଥିଲେ। କଳାପାହାଡ଼ ମନ୍ଦିର ଆକ୍ରମଣ କରି ତିରିଶି ମହଣର ଏକ ସୁବର୍ଣ୍ଣ ପ୍ରତିମା(ଯାହାର ଆଖି ଦୁଇଟି ହୀରାରେ ତିଆରି) ସମେତ ବହୁ ଧନସମ୍ପତ୍ତି ବୋହିନେଲା(ଶ୍ରୀଜଗନ୍ନାଥ ମନ୍ଦିର ଏବଂ ଜଗନ୍ନାଥ ତତ୍ତ୍ୱ - ପଣ୍ଡିତ ସୂର୍ଯ୍ୟ ନାରାୟଣ ଦାସ ପୃ : ୧୧୫)। ଗବେଷକ ଭାସ୍କର ମିଶ୍ରଙ୍କ ମତରେ କଳାପାହାଡ଼ ପ୍ରାୟ ୧୪୮୦ କିଲୋଗ୍ରାମ ଓଜନର ସୁନା ଏବଂ ଅନ୍ୟ ମୂଲ୍ୟବାନ ତଥା ଦୁର୍ଲଭ ପଦାର୍ଥ ଲୁଣ୍ଠନ କରିଥିଲା। ସେତିକିରେ ଯଦି ସେ ସନ୍ତୁଷ୍ଟ ହୋଇଥା'ନ୍ତା ତା'ହାଲେ ହୁଏତ ଇତିହାସ ତା'କୁ କ୍ଷମା କରିପାରିଥା'ନ୍ତା। କିନ୍ତୁ ତା'ପରେ ସେ ଯେଉଁ ବୀଭତ୍ସ୍ୟ ଦୃଶ୍ୟ ଭିଆଇଲା ତାହା ଆଜିବି ଅୟୁତେ ଓଡ଼ିଆଙ୍କ ଛାତି ଥରେଇ ଦିଏ।(କ୍ରମଶଃ...)

ଭୁବନେଶ୍ୱର, ମୋ: ୯୮୫୩୪୫୪୪୯୩

ଲେଖା ଓ ଲୋକମତ ପାଇଁ: sakalaeditorial@gmail.com
ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

# ଗୁରୁତ୍ୱପୂର୍ଣ୍ଣ ବିଭାଗର ମୁଖ୍ୟଙ୍କ ନାମ ଘୋଷଣା କଲା ଓଜେସି

ଭୁବନେଶ୍ୱର,୨/୭(ସମିସ): ଓଜେସିର ସାଙ୍ଗଠନିକ ବିସ୍ତାର କାର୍ଯ୍ୟକ୍ରମର ଅଂଶବିଶେଷ ସ୍ୱରୂପ ପାର୍ଟି ସଭାପତିଙ୍କ ଅନୁମୋଦନ କ୍ରମେ ଓଜେସି ସେବା ସଙ୍ଗଠନ, ଓଡ଼ିଶା କୃଷକ ଜନତା କଂଗ୍ରେସ, ଓଡ଼ିଶା ଯୁବ ଜନତା କଂଗ୍ରେସ ଏବଂ ଓଡ଼ିଶା ମହିଳା ଜନତା କଂଗ୍ରେସର ବିଭାଗୀୟ ମୁଖ୍ୟଙ୍କ ନାମ ଘୋଷଣା ହୋଇଛି। ଓଡ଼ିଆଙ୍କ ସେବାରେ ସମର୍ପିତ ଓଜେସି ସେବା ସଙ୍ଗଠନର ସେବା ସମର୍ପଣ ଓ ସାଙ୍ଗଠନିକ ଶକ୍ତି ବୃଦ୍ଧି ନିମନ୍ତେ ମନୋଜ ଜେନାଙ୍କୁ ଓଜେସି ସେବା ସଙ୍ଗଠନର ଅଧ୍ୟକ୍ଷ ଭାବେ ଦାୟିତ୍ୱ ଅର୍ପଣ କରାଯାଇଛି। ସେହିପରି ଓଡ଼ିଶାର ଚାଷୀମାନଙ୍କ ସ୍ୱାର୍ଥରକ୍ଷା ଓ ଅର୍ଥନୈତିକ ଅଭିବୃଦ୍ଧି ପାଇଁ ଦଳ ଗୁରୁତ୍ୱ ଦେଉଥିବାରୁ ଏହି ସ୍ୱର ଓ ସଂଗ୍ରାମକୁ ଶାଣିତ କରିବା ନିମନ୍ତେ ସଂଗ୍ରାମ କିଶୋର ମାଝୀଙ୍କୁ ଓଡ଼ିଶା କୃଷକ ଜନତା କଂଗ୍ରେସର ଅଧ୍ୟକ୍ଷ ରୂପେ ମନୋନୀତ କରାଯାଇଛି। ଓଡ଼ିଶାରେ ଯୁବ ନେତୃତ୍ୱର ବିକାଶ ପାଇଁ ଓଡ଼ିଶା ଜନତା କଂଗ୍ରେସ ପାର୍ଟିର ସୃଷ୍ଟି। ସ୍ୱାଭିମାନୀ ଓଡ଼ିଆ ଯୁବକମାନଙ୍କୁ ସଙ୍ଗଠିତ କରିବାପାଇଁ ଓଡ଼ିଶା ଜନତା କଂଗ୍ରେସ ପାର୍ଟି ସ୍ୱଷ୍ଟ ଆଭିମୁଖ୍ୟ ପୋଷଣ କରିଆସୁଅଛି। ଏହି କାର୍ଯ୍ୟକ୍ରମକୁ ଆଗକୁ ନେବାକୁ ଆର୍ଯ୍ୟବୀର ଲେଙ୍କାଙ୍କୁ ଓଡ଼ିଶା ଯୁବ ଜନତା କଂଗ୍ରେସର ସଭାପତି ଭାବେ ମନୋନୀତ କରାଯାଇଛି। ଓଡ଼ିଶାରେ ମହିଳାମାନଙ୍କ ପ୍ରତି ବୃଦ୍ଧି ପାଉଥିବା ହିଂସା ଓ ଅତ୍ୟାଚାର ବିରୁଦ୍ଧରେ ଓଜେସି ଏକ ସଶକ୍ତ ସ୍ୱର ହୋଇଛି। ଓଡ଼ିଶାର ପ୍ରତ୍ୟେକ ବର୍ଗର ମହିଳାମାନଙ୍କୁ ସଶକ୍ତ, ସ୍ୱାବଲମ୍ବୀ ଓ ସୁସଙ୍ଗଠିତ କରି ଏହି ସଂଗ୍ରାମକୁ ଆଗେଇ ନେବାପାଇଁ ଶୈଳବାଳା ଜେନାଙ୍କୁ ଓଡ଼ିଶା ମହିଳା ଜନତା କଂଗ୍ରେସର ସଭାନେତ୍ରୀ ରୂପେ ମନୋନୀତ କରାଯାଇଛି। ନବନିଯୁକ୍ତ ଗୁରତ୍ୱପୂର୍ଣ୍ଣ ବିଭାଗର ସମସ୍ତ ବିଭାଗୀୟ ମୁଖ୍ୟମାନେ ସେବାବ୍ରତୀ ହୋଇ ଦାୟିତ୍ୱନିଷ୍ଠ ଭାବେ ନିଜର କର୍ତ୍ତବ୍ୟ ସମ୍ପାଦନ କରିବେ ବୋଲି ପାର୍ଟି ସଭାପତି ଙ୍କ ମହମ୍ମଦ ମୋକିମ୍ ଆଶାପ୍ରକାଶ କରିଛନ୍ତି।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### 'ମିଶନ ଆଗମନ'ର...

ପାଇଲଟ୍ କିମ୍ବା ଜୟଷ୍ଟିକର ଆବଶ୍ୟକତା ନାହିଁ। ଏଥିରେ ଥିବା 'ରାମାନୁଜନ' ନାମକ ମିଶନ କମ୍ପ୍ୟୁଟର ଏବଂ ସ୍ୱତନ୍ତ୍ର ସଫ୍ଟୱେର୍ ଆଲଗୋରିଦମ ସାହାଯ୍ୟରେ ରକେଟ୍‌ଟି ମହାକାଶରେ ନିଜେ ସ୍ୱୟଂଚାଳିତ ଭାବେ ନିଷ୍ପତ୍ତି ନେଇପାରିବ। ଭାରତୀୟ ମହାକାଶ ଗବେଷଣା ସଂସ୍ଥା (ଇସ୍ରୋ) ଏବଂ ଇନ୍-ସ୍ପେସ୍‌ର ସହଯୋଗରେ ସ୍କାଏରୁଟ୍ ଏରୋସ୍ପେସ୍ ଏହି ମିଶନ ପରିଚାଳନା କରୁଛି। ଏହାପୂର୍ବରୁ ନଭେମ୍ବର ୨୦୨୨ରେ କମ୍ପାନୀ 'ବିକ୍ରମ-ଏସ୍' ନାମକ ଏକ ଛୋଟ ପରୀକ୍ଷାମୂଳକ ରକେଟ୍ ସଫଳତାର ସହ ଉତକ୍ଷେପଣ କରି 'ମିଶନ ପ୍ରାରମ୍ଭ' ର ଶୁଭାରମ୍ଭ କରିଥିଲା, ଯାହା କେବଳ ପୃଥିବୀ ପ୍ରଦକ୍ଷିଣ କରିଥିଲା। କିନ୍ତୁ ବର୍ତ୍ତମାନର 'ମିଶନ ଆଗମନ' ମାଧ୍ୟମରେ 'ବିକ୍ରମ-୧' ପ୍ରକୃତରେ ଉପଗ୍ରହଗୁଡ଼ିକୁ ମହାକାଶ କକ୍ଷପଥରେ ସ୍ଥାପିତ କରିବ, ଯାହା ଭାରତୀୟ ମହାକାଶ ଇତିହାସରେ ଏକ ବଡ଼ ମାଇଲଖୁଣ୍ଟ ସାବ୍ୟସ୍ତ ହେବ।

### ଡ. ଜଗନ୍ନାଥ ନାୟକ...

ପ୍ରକାଶ ପାଇଛି। ବୈଜ୍ଞାନିକ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ସେ ଆର୍ଯ୍ୟଭଟ୍ଟ ପୁରସ୍କାର, ନ୍ୟାସନାଲ୍ ଏରୋନଟିକାଲ୍ ପ୍ରାଇଜ୍, ଡିଆରଡିଓ ଅଗ୍ନି ପୁରସ୍କାର ସମେତ ଅନେକ ସମ୍ମାନରେ ସମ୍ମାନିତ ହୋଇଛନ୍ତି। କଟକ ରେଭେନ୍ସା କଲେଜରୁ ପଦାର୍ଥ ବିଜ୍ଞାନରେ ସ୍ନାତକ ହାସଲ କରିବା ପରେ ବେଙ୍ଗାଲୁରୁସ୍ଥିତ ଭାରତୀୟ ବିଜ୍ଞାନ ପ୍ରତିଷ୍ଠାନରୁ ଏମ୍‌ଏସ୍ ଏବଂ ପିଏଚ୍‌ଡି ଡିଗ୍ରୀ ଅର୍ଜନ କରିଥିଲେ। ଡିଆର୍‌ଡିଓର ଏହି ଗୁରୁତ୍ୱପୂର୍ଣ୍ଣ ପଦରେ ତାଙ୍କ ନିଯୁକ୍ତିକୁ ନେଇ ଓଡ଼ିଆ ବୈଜ୍ଞାନିକଙ୍କ ମହଲରେ ଖୁସିର ଲହରୀ ଖେଳିଯାଇଛି।

### ଦେଶର ଆଲୁମିନିୟମ...

ସମ୍ପଦ ଏବଂ ଶିଳ୍ପ ସମ୍ଭାବନାକୁ ଉଚ୍ଚ ପ୍ରଶଂସା କରିଥିଲେ । ଓଡ଼ିଶାରେ ଥିବା ଦେଶର ସର୍ବବୃହତ ବକ୍ସାଇଟ୍ ଭଣ୍ଡାର ଓ ୫୦ ପ୍ରତିଶତରୁ ଅଧିକ ଲୁହାପଥର ଏହାକୁ ଭାରତର ଶିଳ୍ପ ଜଗତର ମେରୁଦଣ୍ଡ ଭାବେ ଗଢ଼ିତୋଳିଛି। ବର୍ତ୍ତମାନର ସରକାରଙ୍କ ଦୃଢ଼ ନୀତି ଯୋଗୁଁ ଓଡ଼ିଶା କେବଳ କଞ୍ଚାମାଲ ଯୋଗାଣକାରୀ ରାଜ୍ୟରୁ ରୂପାନ୍ତରିତ ହୋଇ ଏକ ଉତ୍ପାଦନ କେନ୍ଦ୍ର ପାଲଟିଛି। ଏହି ଏମଓୟୁ ଓଡ଼ିଶାର ଜନସାଧାରଣ ଓ ସ୍ଥାନୀୟ ଅର୍ଥନୀତିକୁ ବିଶ୍ୱସ୍ତରକୁ ନେବାରେ ପ୍ରମୁଖ ଭୂମିକା ଗ୍ରହଣ କରିବ ବୋଲି ସେ ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି। ଏହି ସମାବେଶରେ ଶିଳ୍ପ ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ, ମୁଖ୍ୟ ସଚିବ ଅନୁ ଗର୍ଗ, ଏଜିଇଏଲ୍‌ର ନିର୍ବାହୀ ନିର୍ଦ୍ଦେଶକ ସାଗର ଆଦାନୀ, ୟୁଏଇ ଓଏଡ଼ ଗ୍ରୁପ୍‌ର ନିର୍ଦ୍ଦେଶକ ଓ ସିଇଓ ସୟଦ୍ ବସର୍ ସୁଏବ୍, ୟୁଏଇ ଆଇଏଚସିର ସିଇଓ ଅଲି ଅଲ୍-ରସ୍‌ଦି, ଆଇଏଚସି ଗ୍ରୁପ୍‌ର ନେତୃବୃନ୍ଦ ହେସାମ୍ ଓ ଅବ୍‌ଦୁଲା ଅଲ୍-ରସ୍‌ଦିଙ୍କ ସମେତ ରାଜ୍ୟ ସରକାରଙ୍କ ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ।

### ନ୍ୟାୟିକ ପ୍ରକ୍ରିୟାରେ...

ନିଷ୍ପତ୍ତି ବିରୋଧରେ କମ୍ପାନୀର ନିଲମ୍ବିତ ନିର୍ଦ୍ଦେଶକ ପୂଜା ରମେଶ ସିଂହ ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ସୁପ୍ରିମକୋର୍ଟ ଉଭୟ ଟ୍ରିବ୍ୟୁନାଲ୍‌ର ରାୟକୁ ରଦ୍ଦ କରିବା ସହ ସମସ୍ତ ତଥ୍ୟକୁ ପୁନର୍ବାର ଯାଞ୍ଚ କରି ନୂତନ ଭାବେ ନିଷ୍ପତ୍ତି ନେବାକୁ କହିଛନ୍ତି। ଏହାସହିତ, ଆଇନ କ୍ଷେତ୍ରରେ ଏଆଇର ଏଭଳି ଅପବ୍ୟବହାର ରୋକିବା ପାଇଁ ଏକ ସ୍ୱତନ୍ତ୍ର କମିଟି ଗଠନ କରି ଏହାର ବିସ୍ତୃତ ଅନୁଧ୍ୟାନ କରିବାକୁ ବାର୍ କାଉନସିଲ୍ ଅଫ୍ ଇଣ୍ଡିଆକୁ ନିର୍ଦ୍ଦେଶ ଦେଇଛନ୍ତି।

### ମୌସୁମୀ ସକ୍ରିୟ...

ଏହାକୁ ଦୃଷ୍ଟିରେ ରଖି ପାଣିପାଗ କେନ୍ଦ୍ର ଏହି ଜିଲ୍ଲାଗୁଡ଼ିକ ପାଇଁ ରେଡ୍ ଆଲର୍ଟ ଜାରି କରିଛି। ସେହିପରି କଳାହାଣ୍ଡି, ନବରଙ୍ଗପୁର, ରାୟଗଡ଼ା, ଗଜପତି ଜିଲ୍ଲାରେ ମଧ୍ୟ ପ୍ରବଳରୁ ଅତି ପ୍ରବଳ ବର୍ଷା ଆଶଙ୍କା କରି ପାଣିପାଗ କେନ୍ଦ୍ର ଏହି ଜିଲ୍ଲାଗୁଡ଼ିକ ପାଇଁ ଅରେଞ୍ଜ ଆଲର୍ଟ ଜାରି କରିଛି। ଏହା ବ୍ୟତୀତ ବାଲେଶ୍ୱର, କଟକ, ମୟୂରଭଞ୍ଜ, ସୋନପୁର, ବୌଦ୍ଧ, ନୂଆପଡ଼ା, ବଲାଙ୍ଗିର, କନ୍ଧମାଳ, ଗଞ୍ଜାମ, ପୁରୀ, ଖୋର୍ଦ୍ଧା ଓ ନୟାଗଡ଼ରେ ମଧ୍ୟ ବର୍ଷା ଆଶଙ୍କା କରାଯାଇଛି।

ଲଘୁଚାପ ପ୍ରଭାବରେ ସମୁଦ୍ର ଅଶାନ୍ତ ରହିଛି। ଏଥିପାଇଁ ୬ ତାରିଖ ପର୍ଯ୍ୟନ୍ତ ଓଡ଼ିଶା ଉପକୂଳରେ ଏବଂ ଏହାର ଆଖପାଖ ଅଞ୍ଚଳରେ ଘଣ୍ଟା ପ୍ରତି ୪୦-୫୦ କିମି ବେଗରେ ପବନ ସହିତ ଝଡ଼ବର୍ଷା ହୋଇପାରେ ଏବଂ ପବନର ବେଗ ବଢ଼ି ଘଣ୍ଟା ପ୍ରତି ୬୦ କିଲୋମିଟର ପହଞ୍ଚିପାରେ। ତେଣୁ ଆଗାମୀ ୪ ଦିନ ପର୍ଯ୍ୟନ୍ତ ମତ୍ସ୍ୟଜୀବୀମାନଙ୍କୁ ସମୁଦ୍ର ଭିତରକୁ ନ ଯିବାକୁ ପରାମର୍ଶ ଦିଆଯାଇଛି। ପାଣିପାଗ କେନ୍ଦ୍ରର ସୂଚନା ଅନୁଯାୟୀ, ଗତ ୩୬ ଘଣ୍ଟାରେ ରାଜ୍ୟର ୩ ଟି ସ୍ଥାନରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହୋଇଥିବା ବେଳେ ୧୫ ଟି ସ୍ଥାନରେ ପ୍ରବଳ ବର୍ଷା ରେକର୍ଡ କରାଯାଇଛି। ବରଗଡ଼ର ଅମ୍ବାଭୋନାରେ ସର୍ବାଧିକ ୧୮୦ ମିମି ବର୍ଷା ରେକର୍ଡ କରାଯାଇଥିବା ବେଳେ ସମ୍ବଲପୁର ଜୁଜୁମରାରେ ୧୩୦, ବରଗଡ଼ର ଅତାବିରାରେ ୧୨୦ ମିମି, ଭଟଲୀରେ ୧୧୦ମିମି ଏବଂ ସୋନପୁର ଜିଲ୍ଲାର ବୀରମହାରାଜପୁରରେ ୧୦୭ ମିମି ବର୍ଷା ରେକର୍ଡ ହୋଇଛି। ସେହିପରି ଭୁବନେଶ୍ୱରରେ ୨୮ ମିମି ବର୍ଷା ହୋଇଥିବା ବେଳେ କଟକରେ ୬୭ ମିମି ବର୍ଷା ରେକର୍ଡ ହୋଇଛି।

### ଆସିବେନି ଶାହା...

ଓଡ଼ିଶାରେ ମନ୍ତ୍ରି ପରିଷଦ ପୁନର୍ଗଠନ ହେବାର ସମ୍ଭାବନା ରହିଛି। ମନ୍ତ୍ରୀ ଓ ନିଗମ ଆଶାୟୀମାନେ ଦୁଇ ବର୍ଷ ଅପେକ୍ଷା କରିକରି ଧୈର୍ଯ୍ୟ ହରାଇଲେଣି, ପୁଣି ଆଗକୁ ପଞ୍ଚାୟତ ନିର୍ବାଚନ । ତେଣୁ ଅଧିକଦିନ ମନ୍ତ୍ରିମଣ୍ଡଳ ସମ୍ପ୍ରସାରଣ ବିଳମ୍ବ କଲେ ଦଳ ପାଇଁ ବୁମେରାଂ ହେବାର ଆଶଙ୍କା ରହିଛି ବୋଲି ଦଳ ଅନୁଭବ କଲାଣି ବୋଲି ଚର୍ଚ୍ଚା ହେଉଛି।

ଅନ୍ୟପକ୍ଷରେ ଉଭୟ ମୋହନ ଏବଂ ମନମୋହନଙ୍କ ଦିଲ୍ଲୀ ଗସ୍ତକୁ ନେଇ ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ କହିଛନ୍ତି ଯେ ମୁଖ୍ୟମନ୍ତ୍ରୀ ଓ ରାଜ୍ୟ ସଭାପତିଙ୍କ ଦିଲ୍ଲୀ ଗସ୍ତରେ କୌଣସି ଅସ୍ୱାଭାବିକତା ନାହିଁ। ଏହା ଏକ ରୁଟିନ୍ ଭିଜିଟ୍ ଅଟେ। ଏବେ ରାଜ୍ୟରେ ଏସାଇଆର ପ୍ରକ୍ରିୟା ଚାଲିଛି। ତେଣୁ ସେ ସଂପର୍କରେ ଦିଲ୍ଲୀରେ ଆଲୋଚନା ହେବ। ସଠିକ୍ ସମୟରେ ମନ୍ତ୍ରିମଣ୍ଡଳ ସଂପ୍ରସାରଣ ହେବ। ଏଥିପାଇଁ ହୋମ୍ ୱର୍କ ସରିଛି। ଏହାସହ ଚଳିତ ମାସ ଶେଷ ସୁଦ୍ଧା ବୋର୍ଡ ଓ ନିଗମ ପଦବି ଘୋଷଣା ହେବ ହେବ ବୋଲି ସେ ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି। ଅପରପକ୍ଷେ ରାଜନୈତିକ ବିଶେଷଜ୍ଞଙ୍କ ଅନୁଯାୟୀ ଦିଲ୍ଲୀରେ କେନ୍ଦ୍ର ମନ୍ତ୍ରୀମଣ୍ଡଳ ସମ୍ପ୍ରସାରଣ ଏବଂ ବିଜେପି ରାଷ୍ଟ୍ରୀୟ ସଂଗଠନର ପୁନର୍ବିନ୍ୟାସ ନେଇ ବ୍ୟାପକ ମାନସ ମନ୍ଥନ ଚାଲିଛି। ଉଭୟ କେନ୍ଦ୍ର ସରକାର ଏବଂ ସଂଗଠନରେ ଓଡ଼ିଶାର ନେତାଙ୍କୁ ସ୍ଥାନ ଗୁରୁତ୍ୱପୂର୍ଣ୍ଣ ସ୍ଥାନ ମିଳିବାର ସମ୍ଭାବନା ରହିଛି। ଏହାସହ ରାଜ୍ୟରେ ମନ୍ତ୍ରୀମଣ୍ଡଳ ସମ୍ପ୍ରସାରଣ ଅବଶ୍ୟମ୍ଭାବୀ ହୋଇପଡ଼ିଥିବାରୁ ଉଭୟ ମୋହନ-ମନମୋହନଙ୍କୁ ଦିଲ୍ଲୀ ଡକରା ହୋଇଛି। ଚଳିତ ଗସ୍ତରେ ମନ୍ତ୍ରିମଣ୍ଡଳ ସମ୍ପ୍ରସାରଣ ନେଇ କୌଣସି ଠୋସ୍ ନିଷ୍ପତ୍ତି ନିଆଯାଇପାରେ ବୋଲି ରାଜନୈତିକ ମହଲରେ ଅନୁମାନ କରାଯାଉଛି।

### ବୁଲିବ ବୁଲ୍‌ଡୋଜର...

ପ୍ରାୟ ୧.୫ କୋଟି ଟଙ୍କା ହେବ ବୋଲି ଆକଳନ କରାଯାଇଛି। ପୂର୍ବରୁ ଲବକୁଶଙ୍କ ଘରୁ ତଦନ୍ତ ବେଳେ ୧୪.୨୫ ଲକ୍ଷ ଟଙ୍କା ନଗଦ ଜବତ ହୋଇଥିଲା। ଏହି ମାମଲାରେ ରାମ ଜନ୍ମଭୂମି ତୀର୍ଥ କ୍ଷେତ୍ର ଟ୍ରଷ୍ଟର ସଦସ୍ୟ ଅନିଲ ମିଶ୍ର (ଲବକୁଶଙ୍କ ସମ୍ପର୍କୀୟ) ନିଜ ପଦରୁ ଇସ୍ତଫା ଦେଇସାରିଥିବା ବେଳେ ଲବକୁଶଙ୍କ ଶ୍ୱଶୁର ଓ ଶାଳକ ମଧ୍ୟ ଗିରଫ ହୋଇଛନ୍ତି। ଆୟ ବହିର୍ଭୂତ ସମ୍ପତ୍ତି ଏବଂ ମନ୍ଦିର ପାଣ୍ଠି ହେରଫେର ଟଙ୍କାରେ ଏହି କୋଠା ନିର୍ମାଣ ହେଉଥିବା ସନ୍ଦେହରେ ପୋଲିସ ଓ ନଗର ନିଗମ ମିଳିତ ଭାବେ ଏହି ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁଛନ୍ତି। ତେଣେ ଦାନ ବାକ୍ସରୁ ଅର୍ଥ ହେରଫେର ମାମଲା ଏବେ ଏକ ନୂଆ ମୋଡ଼ ନେଇଛି। ଗିରଫ ହୋଇଥିବା ଅଭିଯୁକ୍ତ ରାମଶଙ୍କର ଯାଦବ ଓରଫ ଟିନ୍ନୁ ଯାଦବଙ୍କ ଭାଇ ଦିନେଶ ଯାଦବ ଏକ ବିସ୍ଫୋରକ ବୟାନ ଦେଇଛନ୍ତି। ସେ ଅଭିଯୋଗ କରିଛନ୍ତି ଯେ, ଏହି ବଡ଼ ଦୁର୍ନୀତିରେ ସାମିଲ ଥିବା "ବଡ଼ ମାଛ' ମାନଙ୍କୁ ସୁରକ୍ଷା ଦିଆଯାଉଛି ଏବଂ ତାଙ୍କ ଭାଇଙ୍କୁ କେବଳ ବଳିର ବୋଦା କରାଯାଉଛି। ଏଥିପାଇଁ ସେ ଶ୍ରୀରାମ ଜନ୍ମଭୂମି ତୀର୍ଥ କ୍ଷେତ୍ର ଟ୍ରଷ୍ଟର ପ୍ରମୁଖ ସଦସ୍ୟ ଚମ୍ପତ ରାୟ ଏବଂ ଅନିଲ ମିଶ୍ରଙ୍କୁ ସିଧାସଳଖ ଦାୟୀ କରିଛନ୍ତି। ଟିନ୍ନୁ ଯାଦବଙ୍କ ଗିରଫଦାରୀ ପରେ ପ୍ରଥମ ଥର ପାଇଁ ଏକ ଗଣମାଧ୍ୟମକୁ ସାକ୍ଷାତକାର ଦେଇ ଦିନେଶ ଯାଦବ କହିଛନ୍ତି ଯେ, ତାଙ୍କ ଭାଇଙ୍କ ନାମରେ ପୂର୍ବରୁ କୌଣସି ଅପରାଧିକ ମାମଲା ନଥିଲା। ସେ ଦୀର୍ଘ ୨୦ ବର୍ଷ ଧରି ଚମ୍ପତ ରାୟଙ୍କ ସହ ବିଶ୍ୱସ୍ତତାର ସହ କାମ କରିଆସୁଥିଲେ। ମାତ୍ର ଏବେ ବିପଦ ସମୟରେ ତାଙ୍କୁ ଏକାକୀ ଛାଡ଼ି ଦିଆଯାଇଛି। ପ୍ରଭାବଶାଳୀ ଲୋକମାନେ ନିଜକୁ ବଞ୍ଚାଇବା ପାଇଁ ଟିନ୍ନୁଙ୍କୁ ମିଛରେ ଫସାଇ ଦେଇଛନ୍ତି। ମାତ୍ର ୧ ଲକ୍ଷ ଟଙ୍କା ପାଇଁ ତାଙ୍କୁ ସବୁଠାରୁ ବଡ଼ ଅପରାଧୀ ଭାବେ ଚିତ୍ରଣ କରାଯାଉଛି, ଯେଉଁଠି ପ୍ରକୃତ ଦୁର୍ନୀତି ଲକ୍ଷ ଲକ୍ଷ ଟଙ୍କାର ଅଟେ। ଏପରିକି ଭୟରେ କୌଣସି ଓକିଲ ତାଙ୍କ ଭାଇଙ୍କ ପକ୍ଷ ରଖିବାକୁ ପ୍ରସ୍ତୁତ ନଥିବାରୁ ସେ କୋର୍ଟଙ୍କୁ ଆଇନଗତ ସହାୟତା ପାଇଁ ଗୁହାରି କରିଛନ୍ତି।

### ତେଲ ଦର କମାଇବାକୁ...

ବିଶ୍ୱର ଅନେକ ଦେଶରେ ଇନ୍ଧନ ମୂଲ୍ୟ ବହୁ ପରିମାଣରେ ବୃଦ୍ଧି ପାଇଥିଲା, କିନ୍ତୁ ଭାରତ ସାଧାରଣ ଗ୍ରାହକଙ୍କ ଉପରେ ବୋଝ ପଡ଼ିବାକୁ ଦେଇ ନ ଥିଲା। ଏବେ ଲୋକମାନେ ପଚାରୁଛନ୍ତି ଯେ ପେଟ୍ରୋଲ ଏବଂ ଡିଜେଲ ଦର କେବେ ହ୍ରାସ ପାଇବ? ଭାରତରେ ଦର ପୂର୍ବରୁ ଅନ୍ୟ ଦେଶମାନଙ୍କ ପରି ବୃଦ୍ଧି ପାଇ ନ ଥିଲା। ତେଣୁ, ଏବେ ପେଟ୍ରୋଲ ଏବଂ ହିଜେଲ ମୂଲ୍ୟରେ ଏକ ଗୁରୁତ୍ୱପୂର୍ଣ୍ଣ ହ୍ରାସ ଆଶା କରିବା ଅଯୌକ୍ତିକ। ଅନେକ ଯୁକ୍ତି କରନ୍ତି ଯେ ଯେହେତୁ ଅଶୋଧିତ ତୈଳ ଦର ବ୍ୟାରେଲ ପ୍ରତି ୧୨୮ ଡଲାରରୁ ପ୍ରାୟ ୭୦ ଡଲାରକୁ ହ୍ରାସ ପାଇଛି, ତେଣୁ ପେଟ୍ରୋଲ ଏବଂ ଡିଜେଲ ମଧ୍ୟ ଶସ୍ତା ହେବା ଉଚିତ। ମାତ୍ର ଏପରି ତୁଳନା ସମ୍ପୂର୍ଣ୍ଣ ଚିତ୍ରକୁ ପ୍ରତିଫଳିତ କରେନାହିଁ ବୋଲି ସେ କହିଛନ୍ତି। ଶ୍ରୀ ପୁରୀ କହିଛନ୍ତି ଯେ ଅନ୍ତର୍ଜାତୀୟ ବଜାରରେ ଅଶୋଧିତ ତୈଳ ମୂଲ୍ୟ ହ୍ରାସର ପ୍ରଭାବ ଭାରତୀୟ ବଜାରରେ ତୁରନ୍ତ ଦେଖାଯାଏନାହିଁ। ତେଣୁ, ହ୍ରାସ ହୋଇଥିବା ବିଶ୍ୱ ମୂଲ୍ୟର ଲାଭ ଗ୍ରାହକମାନଙ୍କ ପାଖରେ ପହଞ୍ଚିବା ପାଇଁ କିଛି ସମୟ ଲାଗିପାରେ। ସେ ଆହୁରି କହିଛନ୍ତି ଯେ ଯଦି ଅନ୍ତର୍ଜାତୀୟ ବଜାରରେ ତେଲ ଦର ଆଗାମୀ ଦୁଇରୁ ତିନି ମାସ ପର୍ଯ୍ୟନ୍ତ ରହିଲେ ମୂଲ୍ୟ ହ୍ରାସ ପାଇଁ ବିଚାର କରାଯାଇପାରେ।

ଇରାନ ଯୁଦ୍ଧ ଆରମ୍ଭ ହେବା ପରେ ଶ୍ରୀଲଙ୍କା ପ୍ରଥମ ଥର ପାଇଁ ତେଲ ମୂଲ୍ୟ ୬ ପ୍ରତିଶତ ପର୍ଯ୍ୟନ୍ତ ହ୍ରାସ କରିଛି। ଦେଶର ରାଷ୍ଟ୍ରାୟତ୍ତ ପେଟ୍ରୋଲିୟମ୍ କର୍ପୋରେସନ୍, ଯାହା ସମ୍ପୂର୍ଣ୍ଣ ଭାବରେ ଆମଦାନୀ ଉପରେ ନିର୍ଭରଶୀଳ, ଡିଜେଲ ମୂଲ୍ୟ ଲିଟର ପିଛା ୨୫ ଟଙ୍କା ଏବଂ ପେଟ୍ରୋଲ ମୂଲ୍ୟ ଲିଟର ପିଛା ୨୦ ଟଙ୍କା ହ୍ରାସ କରିଛି। କ୍ରମାଗତ ଭାବେ ଷଷ୍ଠ ଥର ପାଇଁ ପେଟ୍ରୋଲ ଏବଂ ଡିଜେଲ ମୂଲ୍ୟ ହ୍ରାସ ପରେ ଭାରତୀୟ ଟଙ୍କାରେ ପାକିସ୍ତାନରେ ପେଟ୍ରୋଲର ମୂଲ୍ୟ ୧୦୨.୨୧ ଟଙ୍କା (ଭାରତୀୟ ମୁଦ୍ରାରେ ୩୩ ଟଙ୍କା) ଏବଂ ଡିଜେଲର ମୂଲ୍ୟ ୧୦୬.୩୧ ଟଙ୍କା (ଭାରତୀୟ ମୁଦ୍ରାରେ ୩୪ ଟଙ୍କା ରହିଛି ।

### ପଖାଳ ଖିଆ ଖର୍ଚ୍ଚ...

ଟଙ୍କ ଟଙ୍କା ବ୍ୟୟ କରାଯାଇଛି। ପଖାଳ ଦିବସ ଆୟୋଜନର ଏଭଳି ମୋଟା ଖର୍ଚ୍ଚକୁ ନେଇ ସରକାରଙ୍କୁ ଚାରିଆଡ଼ୁ ସମାଲୋଚନା କରାଯାଉଛି। ଏହି ଦିବସ ଆୟୋଜନ ପାଇଁ ୨ ଦିନ ଧରି ରାଜ୍ୟର ବିଭିନ୍ନ ତାରକା ହୋଟେଲରେ ରାଜ୍ୟ ସରକାରଙ୍କ ଅଧିକାରୀଠାରୁ ଆରମ୍ଭ କରି ନେତା କର୍ମୀଙ୍କ ଭିଡ଼ ଲାଗିଥିଲା। ଏହି କ୍ରମରେ ସହରରେ ଥିବା ପ୍ରମୁଖ ହୋଟେଲ୍‌ଗୁଡ଼ିକରୁ ଖାଦ୍ୟଠାରୁ ଆରମ୍ଭ କରି ହୋଟେଲ୍ ମଧ୍ୟ ବୁକ୍ କରାଯାଇଥିଲା। ଏହାସହିତ ଯେଉଁ ଖର୍ଚ୍ଚ ପାଇଁ ଯେତିକି ପରିମାଣର ଅର୍ଥ ବହନ କରାଯାଇଛି, ତାକୁ ନେଇ ମଧ୍ୟ ପ୍ରଶ୍ନ ଉଠିଛି। ଏହି ଖର୍ଚ୍ଚ ତାଲିକାରେ ପଖାଳ ପରଷିବା ପାଇଁ ବ୍ୟକ୍ତିମାନଙ୍କ ପାଇଁ ବୟନିକାରୁ 'ୱେଷ୍ଟ କୋର୍ଟ' କିଣାଯାଇଥିବା କଥା ଦର୍ଶାଯାଇଛି। ଏଥିପାଇଁ ୪ ଲକ୍ଷ ୨୯ ହଜାର ଟଙ୍କା ଖର୍ଚ୍ଚ ହୋଇଛି। କାର୍ଯ୍ୟକ୍ରମର ପ୍ରଚାର ପାଇଁ ସୋସିଆଲ୍ ମିଡିଆ ଇନ୍‌ଫ୍ଲୁଏନ୍‌ସରମାନଙ୍କୁ ୨ ଲକ୍ଷ ୨୦ ହଜାର ଟଙ୍କା ପ୍ରଦାନ କରାଯାଇଥିବା କୁହାଯାଉଛି।

ସୂଚନା ଅନୁସାରେ କଂସା ବେଲା ଓ ଥାଳିଆ ପାଇଁ ପ୍ରାୟ ୨.୭୫ ଲକ୍ଷ ଟଙ୍କା, ମାଟି ବେଲା ଓ ଥାଳିଆପାଇଁ ୧.୫ ଲକ୍ଷ ଟଙ୍କା ଖର୍ଚ୍ଚ ହୋଇଛି । ଏହି ମାଟି ବେଲା ଓ ଥାଳିଆ ସବୁ ଫିଙ୍ଗା ଯାଇଥିବାବେଳେ କଂସା ବେଲା ଓ ଥାଳିଆ କିଏ ନେଲା ବୋଲି ଏବେ ପ୍ରଶ୍ନ ଉଠିଛି । କୌତୂହଳର କଥା ହେଉଛି ୨୦ ତାରିଖରେ ପଖାଳ ଦିବସରେ ରାଜଧାନୀର ବିଭିନ୍ନ ହୋଟେଲରେ ଚିକେନ୍ ବିରିଆନୀ ଓ ମିନେରାଲ ୱାଟର (ହିମାଳୟାନ ୱାଟର) ପାଇଁ ଲକ୍ଷଲକ୍ଷ ଟଙ୍କାର ବିଲ୍ ହୋଇଛି । ପଖାଳ ଦିବସ ସହ ମିନେରାଲ ୱାଟର ଓ ଚିକେନ ବିରିଆନୀର ସମ୍ପର୍କ ଆଦୌ ବୁଝାପଡୁନାହିଁ।

ପଖାଳ ଦିବସ ଭଳିକାର୍ଯ୍ୟକ୍ରମ ଆୟୋଜନ କରିବାକୁ ପ୍ରଶଂସା କରାଯାଉଥିବା ବେଳେ ଲୋକଙ୍କ ଟିକସ ଟଙ୍କାର ଏତେ ଖର୍ଚ୍ଚକୁ ନେଇ ଏବେ ପ୍ରଶ୍ନ ଉଠିଛି। ଗିନିଜ୍ ରେକର୍ଡ଼୍ ପାଇଁ ୩୧ ଲକ୍ଷ ଟଙ୍କା ଖର୍ଚ୍ଚରେ ଓଡ଼ିଆଙ୍କର କି ଲାଭ ହେଲା ବୋଲି ମଧ୍ୟ ପ୍ରଶ୍ନ ଉଠିଛି । ପଖାଳର କୌଣସି ପରିଚୟ ଆବଶ୍ୟକ ନାହିଁ, ଏ କଥା ସମସ୍ତେ ଜାଣନ୍ତି । ଦେଶ ବିଦେଶରେ ଓଡ଼ିଶାର ପଖାଳ ଯଥେଷ୍ଟ ଆଗରୁ ପହଞ୍ଚି ସାରିଛି ଓ ପ୍ରଚାର ପ୍ରସାର ହୋଇ ସାରିଛି । ପର୍ଯ୍ୟଟନ ବିଭାଗ ଏହି ବ୍ୟୟ କରିବା ଅପେକ୍ଷା ଏହି ଅର୍ଥରେ ରାଜ୍ୟରେ ଉଦ୍ୟୋଗୀମାନଙ୍କୁ ପ୍ରଶିକ୍ଷଣ ପାଇଁ ବ୍ୟୟ କରିବା ଅଧିକ ଔଚିତ୍ୟ ହୋଇଥାଆନ୍ତା । ଯଦି ପଖାଳ ଦିବସ ସତରେ ଓଡ଼ିଶାର ସଂସ୍କୃତିକୁ ବିଶ୍ୱ ମଞ୍ଚରେ ସ୍ଥାନ ଦେବ, ତେବେ ଏହାର ଖର୍ଚ୍ଚ ଓ ଲାଭର ସଠିକ୍ ହିସାବ ଲୋକଙ୍କ ସାମ୍ନାରେ ଆସିବା ଦରକାର ବୋଲି ସାଧାରଣରେ ଦାବି ହୋଇଛି।


**AFFIDAVIT**

By virtue of an affidavit sworn before the Executive Magistrate Jaleswar, Baleswar, Odisha vide Sl. no. 2784 dated 19/06/2026, I Chandan Mohapatra, S/o- Harihara Mohapatra, At- Banida, Po-Sugo, Ps- Jaleswar Dist- Baleswar, Odisha, Pin-756084 declare that I have changed my Son's name from Subham Mohapatra to Subhajit Mohapatra. Henceforth he shall be known as **SUBHAJIT MOHAPATRA** for all purposes.

**AFFIDAVIT**

I, Muna Gouda, S/o- Ramesh Gouda resident of At- Chhachina, Jaganathapur, Po.- Gouradeipur, Ps./ Tahasil- Kodala, Dist.- Ganjam, Odisha, Pin- 761032 vide affidavit no. 336 dated 18.5.2026 state that, I have changed my daughter's name from **Mama Gouda** to **Mamali Gouda**. Henceforth she will be known as **Mamali Gouda** for all future purposes.

**AFFIDAVIT**

By virtue of an affidavit dtd-02.07.2026 sworn before The Executive Magistrate, Kalampur, Kalahandi. I, **Trilochan Sabar**, S/o- Natha Sabar, resident of Vill/AT/PO: Bijmara, PS: Kalampur, Dist: Kalahandi, Odisha declare that I have changed my minor daughter's name from **Tosita sabar** to **Tapaswini sabar** in his Aadhaar Card. Henceforth, she shall be known as **Tapaswini Sabar** (new name) for all purposes.

**Trilochan Sabar**

**AFFIDAVIT**

By virtue of an affidavit (Sl No. 1473, dtd- 23.06.2026) sworn before The Executive Magistrate, Khordha. I, **Yajnaseni Sahoo** (new name), D/o Manasi Sahoo, permanent resident of AT/PO: Pubusahi, Khordha, PS/Dist: Khordha, PIN: 752057, State: Odisha declare that I have changed my name from **Jagyanseni Sahoo** (old name) to **Yajnaseni Sahoo** (new name). Henceforth, I shall be known as **Yajnaseni Sahoo** (new name) for all purposes.

**Yajnaseni Sahoo**

**NOTICE**

By virtue of an affidavit sworn before the Executive Magistrate, Athmallik dated 29th June 2026, I, Mr. PRASANTA BEHERA address Son of PRAFULLA BEHERA, Village : RASOSINGA, P.O. : LUNAHANDI, P.S.: ATHMALLIK, District: ANUGOLA, PIN : 759125, STATE : ODISHA, declare that I have changed the name of my son from "PRAPYUSH BEHERA" to "PRATYUSH BEHERA". Henceforth, he shall be known as **"PRATYUSH BEHERA"** for all purposes.

**PRASANTA BEHERA**

**AFFIDAVIT**

By virtue of an affidavit sworn before Executive Magistrate/Notary Public) baripada, Mayurbhanj, Odisha sl no:50, dated 02.07.2026, I Susanta Kumar Mohanta, s/o: Lalmohan Mohanta, At: Bahadurpur, Po: baunsabila, Ps: Baripada sadar, dist - Mayurbhanj, Pin - 757024, Adhar no: 671210644639 declare that I have changed my name from Prasanta Mahanta to Susanta Kumar Mohanta. Henceforth, I shall be known as **Susanta Kumar Mohanta** for all purposes.

**AFFIDAVIT**

By virtue of an affidavit sworn before Executive Magistrate, Bargarh dated 02.07.2026, I, Sridhara Bhoi, S/o- Late Jan Bhoi resdient of Khajurtikra, Ward No.8, Bargarh, Po./Ps./Tah/Dist.- Bargarh (Odisha), PIN- 768028 state that, my actual name is **Sridhara Bhoi** and Date of Birth **25.11.1956**. But in my Aadhar card my name has been wrongly mentioned as Sridhar Bhue and Date of Birth 12.07.1980. That **Sridhara Bhoi and Sridhar Bhue** is one and same person. I shall be known as **Sridhara Bhoi** for all purposes.

**AFFIDAVIT**

By virtue of an affidavit no. 441 before the Executive Magistrate, Nuapada, dt.18.06.2026 I, Chandradhwaj Satnami, Vill-Bolangir, P.O. Chhotanki, P.S. Jharbandh, Dist. Bargarh, hereby declare that I have changed my name from Chakradhwaj Satnami to Chandradhwaj Satnami. Henceforth, I shall be known as **Chandradhwaj Satnami** for all purposes.

**Chandradhwaj Satnami**



## ପୂର୍ବ ତଟ ରେଳପଥ

ଟେଣ୍ଡର ବିଜ୍ଞପ୍ତି ସଂ. EPC-CECONIV BBS2026016, ତା. 18.04.2026 ରିଖ ର

**ଶୁଦ୍ଧିପତ୍ର-3**

ଉପରେ ଉଲ୍ଲିଖିତ ଟେଣ୍ଡର ବିଜ୍ଞପ୍ତି ରେ ନିମ୍ନଲିଖିତ ରୂପାନ୍ତରଣ କରାଯାଇଅଛି । ଦୟାକରି ଧ୍ୟାନ ଦିଅନ୍ତୁ ।

| ବିବରଣୀ | ପ୍ରକାଶିତ ଅନୁଯାୟୀ (ଶୁଦ୍ଧିପତ୍ର ସଂ 02) | ବର୍ତ୍ତମାନ ପଢ଼ାଯିବା ଆବଶ୍ୟକ |
|---|---|---|
| ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟରେ | 17.07.206, 1200 ଘଟିକା | 03.08.2026, 1200 ଘଟିକା |

ଶୁଦ୍ଧିପତ୍ର ସମ୍ବନ୍ଧୀୟ ସମ୍ପୂର୍ଣ୍ଣ ବିବରଣୀ ପାଇଁ ଇଚ୍ଛୁକ ଟେଣ୍ଡର ଦାତାମାନେ ଦୟାକରି www.ireps.gov.in ଅବଲୋକନ କରନ୍ତୁ ।

ମୁଖ୍ୟ ପ୍ରଶାସନିକ ଅଧିକାରୀ (ନିର୍ମାଣ)/ ଭୁବନେଶ୍ୱର

PR-111/CJ/26-27

## ପୂର୍ବ ତଟ ରେଳପଥ

ଇ-ଟେଣ୍ଡର ବିଜ୍ଞପ୍ତି ସଂ. VSKP-EL-C-T-199ER ତା.24.06.2026ରିଖ

**କାର୍ଯ୍ୟର ନାମ :** କୋରାପୁଟ-ସିଙ୍ଗାପୁର ରୋଡ଼ ମଧ୍ୟରେ ଦୋହରୀକରଣ କାର୍ଯ୍ୟ ସମ୍ବନ୍ଧୀୟ ସିଙ୍ଗାପୁର ରୋଡ଼-କେଉଟଗୁଡ଼ା (LOC : 159/9-11) ମଧ୍ୟରେ 11 KV ପାୱାର ଲାଇନ କ୍ରସିଙ୍ଗର ସ୍ଥାନାନ୍ତରଣ / ରୂପାନ୍ତରଣ ତଥା ବିବିଧ ଇଲେକ୍ଟ୍ରିକାଲ ଜେନେରାଲ ସର୍ଭିସ କାର୍ଯ୍ୟଗୁଡ଼ିକ ସହିତ ଭାଲୁମସ୍କା-ସିଙ୍ଗାପୁର ରୋଡ଼ ମଧ୍ୟରେ ବିଦ୍ୟୁତ୍ ଯୋଗାଣ ବ୍ୟବସ୍ଥା କାର୍ଯ୍ୟ ଏବଂ ରାୟଗଡ଼ା ଠାରେ 33/11 KV, 5MVA ଆଉଟ୍‌ଡୋର ଟାଇପ୍ ସବ୍-ଷ୍ଟେସନର ଡିଜାଇନ୍, ଯୋଗାଣ, ଉତ୍ଥାପନ, ପରୀକ୍ଷଣ ଏବଂ ପ୍ରଚଳନ ।

**କାର୍ଯ୍ୟର ଆନୁମାନିକ ମୂଲ୍ୟ :** ₹ 763.38 ଲକ୍ଷ, EMD : ₹ 15,26,800/-, କାର୍ଯ୍ୟ ଶେଷ ହେବା ଅବଧି : 24 (ଚବିଶି) ମାସ ।

**ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ :** ତା.24.07.2026ରିଖ 1200 ଘଟିକାରେ ।

ଏହି ଇ-ଟେଣ୍ଡରଗୁଡ଼ିକ ନିମନ୍ତେ ଡାକ/କୋରିୟର/ଫାକ୍ସ ଜରିଆରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ମାନୁଆଲ ପ୍ରସ୍ତାବ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ । ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ ।

ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ www.ireps.gov.inରେ ଉପଲବ୍ଧ ଅଟେ ।

**ଦ୍ରଷ୍ଟବ୍ୟ :** ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ / ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15 (ପନ୍ଦର) ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି । ଟେଣ୍ଡରଦାତା/ ବିଡ଼ରମାନଙ୍କ ପାଖରେ ନିଶ୍ଚିତ ଭାବେ କ୍ଲାସ-III ଡିଜିଟାଲ ସ୍ୱାକ୍ଷର ପ୍ରମାଣପତ୍ର ଥିବା ଆବଶ୍ୟକ ଏବଂ ସେମାନେ ନିଶ୍ଚିତ ଭାବେ IREPS ପୋର୍ଟାଲରେ ପଞ୍ଜୀକୃତ ହୋଇଥିବେ । କେବଳ ପଞ୍ଜୀକୃତ ଟେଣ୍ଡରଦାତା/ବିଡ଼ରମାନେ ଇ-ଟେଣ୍ଡରିଙ୍ଗରେ ଅଂଶଗ୍ରହଣ କରିପାରିବେ ।

ଟେଣ୍ଡରଦାତାମାନେ ଟେଣ୍ଡରଦାତାମାନଙ୍କ ନିମନ୍ତେ ଉଦ୍ଦିଷ୍ଟ ସମସ୍ତ ନିର୍ଦ୍ଦେଶାବଳୀକୁ ସତର୍କତାର ସହିତ ପଢ଼ିବା ଉଚିତ ଏବଂ ଟେଣ୍ଡର ନଥିପତ୍ର ଉପୁର 2ର ଅନୁଲଗ୍ନକ-I, ଟେଣ୍ଡର ଫର୍ମ (ଦ୍ୱିତୀୟ ସିଟ୍)ର ଯାଞ୍ଚ ସୂଚୀ, ପାରା 3.1 (ଅତିରିକ୍ତ ଯାଞ୍ଚ ସୂଚୀ) ସହିତ ସମସ୍ତ ନିର୍ଦ୍ଦେଶାବଳୀଗୁଡ଼ିକୁ ଅନୁପାଳନ କରିବା ଆବଶ୍ୟକ ।

ଉପ ମୁଖ୍ୟ ବିଦ୍ୟୁତ୍ ଯନ୍ତ୍ରୀ (ନିର୍ମାଣ)/ ବିଶାଖାପାଟଣା

PR-114/CJ/26-27



25001/627/2627

GOVERNMENT OF ODISHA

OFFICE OF THE EXECUTIVE ENGINEER

RURAL WORKS DIVISION, SUNDARGARH-II

**CANCELLATION OF TENDER**

Tender for the work Sl. No. 01 "Special Repair to PWD Road - Erla Road for the year 2026–27" & Sl. No. 02 "Special Repair to L044-RD Road to Sanramloi Road for the year 2026–27" in Tender call notice Bid Identification No. Online-EERKL-13/2026-27 by the Executive Engineer is hereby cancelled due to some unavoidable circumstances:

**Executive Engineer**
**R.W. Division-II, Sundargarh**

OIPR-25001/25193/1/26-27/0030



25001/623/2627

Phone: 06842-253708
E-Mail: rw_phulbani@yahoo.co.in

OFFICE OF THE SUPERINTENDING ENGINEER
RURAL WORKS DIVISION, PHULBANI
Government of Odisha
e-Procurement Notice
Bid Identification No.: Online Tender/03/SERWDPLB/2026-27
Memo No.: 3274/RWD/PLB, Date: 12.06.2026

| | | |
|---|---|---|
| 1 | Name of the Work | Road Works |
| 2 | Estimated Cost | Rs. 54.27 to 76.27 Lakhs |
| 3 | Period of Completion | 3 (Three) Months as per Annexure |
| 4 | Date & Time of Availability of Bid Documents in the Portal | 04.07.2026 at 10.00 A.M. to 17.07.2026 up to 5.00 P.M. |
| 5 | Last Date & Time for Receipt of Bids in the Portal | 17.07.2026 up to 5.00 P.M. |
| 6 | Name & Address of the Officer Inviting Bid | Superintending Engineer, Rural Works Division, Phulbani |

Further details can be seen from the e-procurement portal: tendersodisha.gov.in/nicgep/app

Superintending Engineer
Rural Works Division, Phulbani

OIPR-25001/25077/1/26-27/0004



13001/1046/2627

OFFICE OF THE GENERAL MANAGER
WATCO DIVISION, CUTTACK
Telephone/e-Mail/FAX: 0671-2547115 / gmwatcoctc@gmail.com
NATIONAL COMPETITIVE BIDDING THROUGH e-Procurement
Bid Identification No.: GMWATCO (W)-07/2026-27, Date: 30.06.2026

| | | |
|---|---|---|
| 1 | Name of the Work | 3 Nos. Work |
| 2 | Estimated Cost | Rs. 7.31 Lakh to Rs. 26.70 Lakh (Approx.) |
| 3 | Period of Completion | 3 (Three) Months |
| 4 | Date & Time of Availability of Bid Document in the Portal | From 11.00 A.M. on 04.07.2026 to 5.00 P.M. on 14.07.2026 |
| 5 | Last Date & Time of Receipt of Bids in the Portal | 14.07.2026 up to 05.00 P.M. |
| 6 | Date & Time of Opening of Bids | 15.07.2026 at 12.30 P.M. |
| 7 | Name & Address of the Officer Inviting Bid | The General Manager, WATCO Division, Cuttack-753003, OdishaPh.: (0671) 2547115E-mail: gmwatcoctc@gmail.com |
| 8 | The bidders have to participate in ONLINE bidding only. | |

Further details can be seen from the website: www.tendersodisha.gov.in

General Manager
WATCO Division, Cuttack

OIPR-13001/13170/1/26-27/0008,



25001/614/2627

E-Mail ID: eerw_blgr@yahoo.co.in

GOVERNMENT OF ODISHA
OFFICE OF THE SUPERINTENDING ENGINEER
RURAL WORKS DIVISION: BOLANGIR
e Procurement Notice
IFB IDENTIFICATION NO. EEBLGR-Online-03-2026-27

| | | |
|---|---|---|
| 1 | Name of work | Road Works |
| 2 | Total no. of works | 2 (Two) nos |
| 3 | Approximate Estimated Cost | Rs. 58.82 to 80.67 Lakh |
| 4 | Time for completion | 2 (Two) calendar months |
| 5 | Mode of Submission of tender | Tender should be submitted online in www.tendersodisha.gov.in |
| 6 | Other details | As per TCN No. EEBLGR-Online-03/2026-27 |

| Procurement Officer | Bid Identification No. | Availability of Tender Online for Bidding | | Last Date & Time of Seeking Clarification on Tender | Date & Time of Opening of Tender | |
|---|---|---|---|---|---|---|
| | | From | To | | | |
| 1 | 2 | 3 | 4 | 5 | 6 | 7 |
| | | | | | Technical Bid: | Financial Bid |
| Executive Engineer, Rural Works Division, Bolangir | EEBLGR-Online-03/2026-27 | 06.07.2026 at 11.00 A.M | 21.07.2026 up to 5.00 P.M. | 20.07.2026 up to 1.00 P.M. | 22.07.2026 at 11.00 A.M. | The date will be intimated later on |

- Further details can be seen from the website www.tendersodisha.gov.in.
- Any Corrigendum/Addendum will be displayed in the above e-tender website only.

Executive Engineer
R.W. Division, Bolangir

OIPR-25001/25068/1/26-27/0003



GOVERNMENT OF ODISHA

25001/617/2627

OFFICE OF THE EXECUTIVE ENGINEER, RWS&S DIVISION, NABARANGPUR
E-Mail: eerwssngp@gmail.com
Bid Identification No.: 06/RWSS-NGP/2026-27
Date: 29-06-2026

The Executive Engineer, RWS&S Division, Nabarangpur on behalf of the Governor of Odisha invites **Percentage Rate Bids in Single Cover (P1 Contract)** from eligible class of experienced registered contractors through the **e-Tendering system** for the following **Piped Water Supply Works**. The bid should be submitted online through www.tenderorissa.gov.in separately for each work.

| | | |
|---|---|---|
| 1 | Nature of Work | **1.** Repair and shifting of distribution network pipeline damaged during PWD road widening work at Dabugam Village of Dabugam G.P. under Dabugam Block. **2.** Supplying all labour, T&P for laying of distribution network pipeline, installation of sluice valve & chamber damaged during PWD road widening work at PWS to Badabharandi & Pujariguda of Badabharandi G.P. under Umerkote Block. |
| 2 | Time Period for Completion | Two (2) Months |
| 3 | Estimated Cost | 1. Rs. 23.26 Lakhs2. Rs. 12.04 Lakhs |
| 4 | Total Number of Works | 2 Nos. |
| 5 | Tender Cost | Rs. 10,000.00/- Each |
| 6 | Class of Contractor | Work 1: "C" & "B"Work 2: "D" & "C" |
| 7 | Availability of Bid Document in the website | From **04.07.2026 at 01:00 Hours** to **10.07.2026 up to 17:00 Hours** |
| 8 | Last Date of Seeking Clarification | During office hours of **09.07.2026 up to 01:00 Hours** |
| 9 | Date of Opening of Bid | **13.07.2026 at 11:00 A.M.** |

**Note:** The amount put to tender is **exclusive of GST.**, The intending bidders should quote rates exclusive of GST applicable as per norms. GST applicable on works contract shall be paid over the bill amount at the time of payment.

Further details are available in the bidding documents on the **e-procurement portal:** https://www.tenderorissa.gov.in. Subsequent corrigendum, if required shall be appeared in the website. Authority reserves the right to reject any or all tenders without assigning any reason.

Superintending Engineer
R.W.S.&S. Division, Nabarangpur

OIPR-25001/25028/1/26-27/0007



32001/476/2627

ଅଧୀକ୍ଷଣ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ,
ରେଙ୍ଗାଳି ବନ୍ଧ ବିଭାଜନ, ରେଙ୍ଗାଳି ବନ୍ଧ ପାର୍ଶ୍ୱ
OFFICE OF THE SUPERINTENDING ENGINEER
RENGALI DAM DIVISION, RENGALI DAM SITE
ANGUL-759105, e-mail: rengalidam@gmail.com
'e'-Procurement Notice No. SE-RDD- 02/2026-27

The Superintending Engineer, Rengali Dam Division, Rengali Dam Site, on behalf of Hon'ble Governor of Odisha invites percentage rate contract on lined tender in the prescribed form to be eventually drawn in P.W.D. form No. F2 from 'D' class or 'C' class Registered with the State Government of Odisha or from contractors of equivalent grade / class registered with other State Government / Central Government / M.E.S. / Railways or other Government undertakings. All the contractors are to be registered in the State portal and must possess compatible digital signature certificate of Class-II and III for on line bidding.

| | | | |
|---|---|---|---|
| 1 | Name of Work | : | Cleaning of Calcinations, Slush/Muck from foundation Gallery of Rengali Dam from Block No-1 to 51 and Gallery front drain including cleaning of motors for the year 2026-27 |
| 2 | No of works | : | 01(One) Nos of works |
| 3 | Estimated Cost | : | 10.28 Lakh (Excluding GST) |
| 4 | Cost of tender paper | : | **Rs. 6000.00 (Non-refundable)** |
| 5 | EMD/ Bid Security | : | **Rs. 10,300.00 (Refundable)** |
| 6 | Class of contractor | : | 'D' or 'C' Class Contractor |
| 7 | Period of Completion of work | : | 08 Calender month |
| 8 | Date and time of availability of bid Document in the website | : | From 11.00 A.M of Dt. **04.07.2026** to 5.00 P.M. of Dt.**14.07.2026** in the website (www.tendersodisha.gov.in) |
| 9 | Date, time and place of opening of online tender | : | Dt.**15.07.2026** at 11.00 A.M in O/o the Superintending Engineer, Rengali Dam Division, Rengali Dam Site |
| 10 | Date, time and place for finalization of tender through Transparent Lottery System (if required) | : | Dt.**18.07.2026** at 11.00 AM onwards in O/o the Superintending Engineer, Rengali Dam Division, Rengali Dam Site |
| 11 | Digital Signature Certificate (DSC) | : | The bidders must possess compatible Digital Signature Certificate (DSC) of Class II or Class III |
| 12 | Name and Address of Officer inviting Tender | : | Superintending Engineer, Rengali Dam Division, AT. Rengali Dam Site P.O- Rengali Dam Site Dist: Angul, Odisha, PIN-759105 Email ID- rengalidam@gmail.com |

The bidders have to participate in ONLINE biding only further details can be seen from the e-Procurement Portal: www.tendersodisha.gov.in. Any addendum / corrigendum / cancellation of tender can also be seen in the said website.

Superintending Engineer
Rengali Dam Division,
Rengali Dam Site

OIPR-32001/32028/1/26-27/0001

# ଆଡମୁଣ୍ଡା ଛକ–ନନ୍ଦିଗାଁ ପଞ୍ଚାୟତ ରାସ୍ତା ପାଲଟିଛି କୃତ୍ରିମ ପୋଖରୀ

ପୋଡ଼ାଗଡ଼, ୨।୭ (ସମିସ)



କୋରାପୁଟ ଜିଲ୍ଲା ଦଶମନ୍ତପୁର ବ୍ଲକ ଅନ୍ତର୍ଗତ ଏ ମାଲକାନଗିରି ପଞ୍ଚାୟତର ଆଡମୁଣ୍ଡା ଛକରୁ ନନ୍ଦିଗାଁ ପଞ୍ଚାୟତ କାର୍ଯ୍ୟାଳୟକୁ ସଂଯୋଗ କରୁଥିବା ପ୍ରମୁଖ ରାସ୍ତାର ଅବସ୍ଥା ଦିନକୁ ଦିନ ଶୋଚନୀୟ ହେବାରେ ଲାଗିଛି। ରାସ୍ତାର ବିଭିନ୍ନ ସ୍ଥାନରେ ବଡ଼ ବଡ଼ ଖାଲ ସୃଷ୍ଟି ହୋଇଥିବା ବେଳେ, ଅଳ୍ପ ବର୍ଷା ହେଲେ ସେହି ଖାଲଗୁଡ଼ିକ ପାଣିରେ ଭର୍ତ୍ତି ହୋଇ କୃତ୍ରିମ ପୋଖରୀର ରୂପ ନେଉଛି। ଫଳରେ ଯାତାୟାତ ଗୁରୁତର ଭାବେ ବାଧାପ୍ରାପ୍ତ

## ଯାତାୟାତରେ ନାହିଁ ସୁରକ୍ଷା

ହେଉଛି ଏବଂ ପ୍ରତିଦିନ ଦୁର୍ଘଟଣାର ଆଶଙ୍କା ବଢ଼ୁଛି।

ଏହିରାସ୍ତାଦ୍ୱାରାନନ୍ଦିଗାଁପଞ୍ଚାୟତରଅନେକଗ୍ରାମବାସୀ ପ୍ରତିଦିନ ପଞ୍ଚାୟତ କାର୍ଯ୍ୟାଳୟ, ସ୍କୁଲ, ହସ୍ପିଟାଲ, ବଜାର ଏବଂ ବିଭିନ୍ନ ସରକାରୀ କାମ ପାଇଁ ଯାତାୟାତ କରିଥାନ୍ତି। କିନ୍ତୁ ରାସ୍ତାର ଦୟନୀୟ ଅବସ୍ଥା ଯୋଗୁଁ ଦୁଇଚକିଆ ଓ ଚାରିଚକିଆ ଯାନ ଚଳାଚଳ ବହୁତ କଷ୍ଟକର ହୋଇପଡ଼ିଛି। ବର୍ଷା ସମୟରେ ଖାଲଗୁଡ଼ିକ ପାଣିରେ ଢାଙ୍କି ଯାଉଥିବାରୁ ଚାଳକମାନେ ଗାତର ଗଭୀରତା ଜାଣିପାରୁନାହାନ୍ତି, ଯାହା ଫଳରେ ଅନେକ ସମୟରେ ଦୁର୍ଘଟଣା ଘଟୁଥିବା ଅନେକ ସମ୍ଭାବନା ରହିଛି। ସ୍ଥାନୀୟ ଲୋକଙ୍କ କହିବା ଅନୁଯାୟୀ, ଦୀର୍ଘ ଦିନ ଧରି ଏହି ରାସ୍ତାର ମରାମତି ପାଇଁ ପ୍ରଶାସନଙ୍କୁ ଜଣାଯାଇଥିଲେ ମଧ୍ୟ ଆଜି ପର୍ଯ୍ୟନ୍ତ କୌଣସି ସ୍ଥାୟୀ ପଦକ୍ଷେପ ନିଆଯାଇନାହିଁ। କେବଳ ଆଶ୍ୱାସନରେ ସୀମିତ ରହିଥିବାରୁ ଲୋକଙ୍କ ମଧ୍ୟରେ ଅସନ୍ତୋଷ ବଢ଼ୁଛି।

ବିଶେଷକରି କୋରାପୁଟ ସହୀଦ ଲକ୍ଷ୍ମଣ ନାୟକ ମେଡ଼ିକାଲ କଲେଜ ଓ ହସପିଟାଲ ଦଶମନ୍ତପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ପରଜା ପୂକି ପ୍ରଥାପିକ ଚିକିତ୍ସାଳୟ ସହ ଆଦର୍ଶ ବିଦ୍ୟାଳୟ କିମ୍ବା କୋରାପୁଟ କଲେଜ ଦଶମନ୍ତପୁର ପୋଡ଼ାଗଡ କଲେଜ ଯିବା ପାଇଁ ଏହି ରାସ୍ତା ହିଁ ମୁଖ୍ୟରାସ୍ତା। ଛାତ୍ରଛାତ୍ରୀ, ବୃଦ୍ଧବୃଦ୍ଧା, ଗର୍ଭବତୀ ମହିଳା ଓ ରୋଗୀମାନେ ଏହି ରାସ୍ତାରେ ଯାତାୟାତ କରିବା ସମୟରେ ଅନେକ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଜରୁରୀ ସମୟରେ ଆମ୍ବୁଲାନ୍ସ ଚଳାଚଳ ମଧ୍ୟ ବାଧାପ୍ରାପ୍ତ ହେଉଥିବାରୁ ଜନସାଧାରଣଙ୍କ ଚିନ୍ତା ବଢ଼ିଛି।

ସ୍ଥାନୀୟ ବାସିନ୍ଦାମାନେ ଜିଲ୍ଲା ପ୍ରଶାସନ, ବ୍ଲକ ପ୍ରଶାସନ ଓ ସମ୍ପୃକ୍ତ ବିଭାଗ ନିକଟରେ ଦାବି କରିଛନ୍ତି ଯେ ବର୍ଷା ଋତୁକୁ ଦୃଷ୍ଟିରେ ରଖି ଏହି ରାସ୍ତାର ତୁରନ୍ତ ମରାମତି କରାଯାଉ ଏବଂ ସ୍ଥାୟୀ ଭାବରେ ରାସ୍ତାର ଉନ୍ନତିକରଣ କାମ କରାଯାଉ; ନଚେତ୍ ଆଗାମୀ ଦିନରେ ବଡ଼ଧରଣର ଦୁର୍ଘଟଣା ଘଟିବାର ଆଶଙ୍କାକୁ ଏଡାଇ ଦିଆଯାଇ ନପାରେ। ଏବେ ଦେଖିବାର ବାକି ରହିଲା, ପ୍ରଶାସନ ଅଞ୍ଚଳବାସୀଙ୍କ ଦାବିକୁ କେବେ ଗୁରୁତ୍ୱର ନେଇକି ରାସ୍ତାର ମରାମତି କରି ସମସ୍ୟାର ସ୍ଥାୟୀ ସମାଧାନ କରୁଛି।

# ଅଧକ୍ଷ ଗୌରୀଶଙ୍କର ବେହେରାଙ୍କୁ ବିଦାୟ ସମ୍ବର୍ଦ୍ଧନା



ମାଲକାନଗିରି ଜିଲ୍ଲା କୁଡୁମୁଲୁଗୁମ୍ମାସ୍ଥିତ ଡାରୱିନ୍ ସ୍ମାରକୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷ ଗୌରୀଶଙ୍କର ବେହେରାଙ୍କ ଅବସର ଗ୍ରହଣ ଅବସରରେ ଏକ ଭବ୍ୟ ସଭାରେ ବିଦାୟ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ଦୀର୍ଘ ତିନି ଦଶନ୍ଧିରୁ ଅଧିକ ସମୟ ଧରି ସେ ଅଧ୍ୟାପକ ଓ ପ୍ରଶାସକ ଭାବେ କାର୍ଯ୍ୟ କରି ବିଦ୍ୟାଳୟରେ ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଥିଲେ। ସମ୍ବର୍ଦ୍ଧନା ସଭାରେ ଛାତ୍ରଛାତ୍ରୀ, ଅଧ୍ୟାପକ, ଅଧ୍ୟାପିକା ଏବଂ ସ୍ଥାନୀୟ ତହସିଲଦାର ଉପସ୍ଥିତ ରହି ତାଙ୍କର ଶିକ୍ଷା କ୍ଷେତ୍ରରେ ଅବଦାନକୁ ସ୍ମରଣ କରିଥିଲେ। ଜିଲ୍ଲା ଅଧ୍ୟାପକ ଓ କର୍ମଚାରୀ ସଂଘର ଉପସଭାପତି ଭାବେ ମଧ୍ୟ ସେ ଦୀର୍ଘଦିନ ଧରି ସେବା ପ୍ରଦାନ କରିଆସୁଥିଲେ। ଏହି ଅବସରରେ ଶ୍ରୀ ବେହେରା ଭାବବିହ୍ୱଳ ହୋଇ ୧୯୯୪ ଅନୁଦାନ ନୀତି ଅନୁଯାୟୀ ଯୋଗ୍ୟ କର୍ମଚାରୀଙ୍କ ହକ୍ ପାଇଁ ଅବସର ପରେ ମଧ୍ୟ ନିଜର ପ୍ରଚେଷ୍ଟା ଜାରି ରଖିବେ ବୋଲି କହିଥିଲେ।

# ଆବାସ ଯୋଜନାରୁ ବାଦ୍ ପଡ଼ିଥିବା ହିତାଧିକାରୀଙ୍କ ପାଇଁ ସହାୟତା କେନ୍ଦ୍ର

ବିଷମକଟକ, ୨।୭ (ସମିସ)




ପ୍ରଧାନମନ୍ତ୍ରୀ ଆବାସ ଯୋଜନା (ପିଏମ୍‌ଏୱାଇ) ର ଅଗ୍ରାଧିକାର ଭିତ୍ତିକ ଡ୍ରାଫ୍ଟ ତାଲିକାରୁ ବାଦ୍ ପଡ଼ିଥିବା ଗ୍ରାମାଞ୍ଚଳର ଯୋଗ୍ୟ ପରିବାରଙ୍କୁ ସହାୟତା ଯୋଗାଇବା ଉଦ୍ଦେଶ୍ୟରେ ବିଷମକଟକର ସ୍ଥାନୀୟ ଯୁବ ସଂଗଠନ ଆସୋସିଏସନ୍ ଫର୍ ସ୍ପୋର୍ଟସ୍ ଆଣ୍ଡ ଆଥଲେଟିକ୍ସ (ଆଫ୍ସା) ପକ୍ଷରୁ ସ୍ଥାନୀୟ ଟାଉନ୍ ହଲ୍‌ଠାରେ ଏକ ସାର୍ବଜନୀନ ସହାୟତା କେନ୍ଦ୍ର ଆୟୋଜିତ ହୋଇଯାଇଛି। ଏହି ସହାୟତା କେନ୍ଦ୍ର ମାଧ୍ୟମରେ ହିତାଧିକାରୀମାନଙ୍କ ଅଭିଯୋଗ ଓ ଦରଖାସ୍ତ ବ୍ଲକ ପ୍ରଶାସନ ନିକଟରେ ଦାଖଲ କରିବାରେ ସହଯୋଗ କରାଯାଉଥିବା ଜଣାପଡିଛି। ବିଷମକଟକ ବ୍ଲକର ବିଭିନ୍ନ ଗ୍ରାମ ପଞ୍ଚାୟତରେ ପିଏମ୍ ଆବାସ ଯୋଜନାର ଅଗ୍ରାଧିକାର ଭିତ୍ତିକ ଡ୍ରାଫ୍ଟ ତାଲିକା ପ୍ରକାଶ ପାଇବା ପରେ ଅନେକ ବାସିନ୍ଦା ଯୋଗ୍ୟତା ଥିବା ସତ୍ତ୍ୱେ ଅନେକ ପରିବାରଙ୍କ ନାମ ଏହି ତାଲିକାରୁ ବାଦ୍ ପଡ଼ିଥିବା ଅଭିଯୋଗ ହୋଇଛି। ସଚେତନତାର ଅଭାବ ଓ ସରକାରୀ ପ୍ରକ୍ରିୟା ସମ୍ପର୍କରେ ସଠିକ୍ ମାର୍ଗଦର୍ଶନ ନ ଥିବାରୁ ଅନେକ ଆବେଦନକାରୀଙ୍କ ପାଇଁ ଦରଖାସ୍ତ ପ୍ରସ୍ତୁତ କରିବା ଏବଂ ସରକାରୀ କାର୍ଯ୍ୟାଳୟ ରେ ଅଭିଯୋଗ ଦାଖଲ କରିବା କଷ୍ଟସାଧ୍ୟ ହୋଇପଡ଼ିଛି। ଏହି ସମସ୍ୟାକୁ ଦୂର କରିବା ପାଇଁ ଆଫ୍ସାର ସ୍ୱେଚ୍ଛାସେବୀମାନେ ଆବେଦନକାରୀଙ୍କ ଅଭିଯୋଗପତ୍ର ପୂରଣ, ଦରଖାସ୍ତ ପ୍ରସ୍ତୁତ, ଆବଶ୍ୟକ ଦସ୍ତାବିଜ ଯାଞ୍ଚ ଓ ପୁନଃବିଚାର ପାଇଁ ଆବେଦନ କରୁଥିବା ଯୋଗ୍ୟ ହିତାଧିକାରୀଙ୍କ ଏକ ତାଲିକା ପ୍ରସ୍ତୁତ କରିଛନ୍ତି। ସମସ୍ତ ଦରଖାସ୍ତକୁ ଏକତ୍ର କରି ବ୍ଲକ ପ୍ରଶାସନଙ୍କ ନିକଟରେ ଦାଖଲ କରିବାର ଏକ ଅଭିନବ ପ୍ରୟାସ ଆରମ୍ଭ କରିଛି ଏହି ଯୁବକ ସଂଘ। ଏହି ସହାୟତା କେନ୍ଦ୍ର ପରିଚାଳନାରେ ସଙ୍ଘର ସଭାପତି ଏମ୍. ଦିଲୀପ କୁମାର, ଗଙ୍ଗାଧର ପାନିରାମ୍, ଶେଖ ଇଶାକ୍, କିନୁ କନ୍ଧପାଣି, ଯୋଗେଶ୍ୱର ପ୍ରଧାନ, ହିମାଂଶୁ ଶେଖର ଆଲଜିଙ୍ଗ, ସନ୍ତୋଷ ସାହୁ, ହିମାଂଶୁ ଶେଖର ପାତ୍ର, ତିରୁମୁଲା ରାଓ, ମନୋଜ ପ୍ରଧାନୀ, ଅତିଶ ପଟ୍ଟନାୟକ, ରାଜେଶ ଗୌଡ଼, ସାଗର ପୂଜାରୀ, ଦିଲୀପ ପଢିଆରୀ ପ୍ରମୁଖ ସହଯୋଗ କରିଥିଲେ।

# ବିକଶିତ ଭାରତ ଯୋଜନାର ବ୍ଲକ୍‌ସ୍ତରୀୟ କାର୍ଯ୍ୟକ୍ରମ

କୋଷାଗୁମୁଡା, ୨।୭ (ସମିସ): ନବରଙ୍ଗପୁର ଜିଲ୍ଲା କୋଷାଗୁମୁଡା ପଞ୍ଚାୟତ ସମିତି ସଭାଗୃହରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ବିକଶିତ ଭାରତ ଜୀ-ରାମ-ଜୀ ଯୋଜନାର ଉଦ୍ଦେଶ୍ୟ ଓ କାର୍ଯ୍ୟପଦ୍ଧତି ସମ୍ପର୍କରେ ବିସ୍ତୃତ ସୂଚନା ପ୍ରଦାନ କରାଯାଇଥିଲା। ଏହି ଯୋଜନା ମାଧ୍ୟମରେ ଗ୍ରାମାଞ୍ଚଳରେ ରୋଜଗାର ସୁଯୋଗ ବୃଦ୍ଧି, ସ୍ଥାୟୀ ସମ୍ପତ୍ତି ସୃଷ୍ଟି ଏବଂ ଗ୍ରାମୀଣ ବିକାଶକୁ ଅଧିକ ଗତିଶୀଳ କରିବା ଲକ୍ଷ୍ୟ ରଖାଯାଇଛି। କାର୍ଯ୍ୟକ୍ରମରେ ଉପସ୍ଥିତ ଅଧିକାରୀମାନେ ଯୋଜନାର ସଫଳ କାର୍ଯ୍ୟାନ୍ୱୟନ ପାଇଁ ସମସ୍ତଙ୍କ ସହଯୋଗ ଆହ୍ୱାନ କରିଥିଲେ। ଏହି ଯୋଜନା ମାଧ୍ୟମରେ ଗ୍ରାମାଞ୍ଚଳର ଆର୍ଥିକ ଉନ୍ନତି ସହ ଲୋକଙ୍କ ଜୀବନଯାପନରେ ସକାରାତ୍ମକ ପରିବର୍ତ୍ତନ ଆସିବ ବୋଲି ଆଶା ପ୍ରକାଶ କରାଯାଇଛି। କୋଷାଗୁମୁଡାରେ ବିକଶିତ ଭାରତ ଜୀ-ରାମ-ଜୀ ଯୋଜନାର ଶୁଭାରମ୍ଭ ସହିତ ଗ୍ରାମୀଣ ବିକାଶ ଓ ରୋଜଗାର କ୍ଷେତ୍ରରେ ଏକ ନୂଆ ଅଧ୍ୟାୟର ଆରମ୍ଭ ହୋଇଛି। ଆଗାମୀ ଦିନରେ ଏହି ଯୋଜନାର ସୁଫଳ ଅଧିକରୁ ଅଧିକ ହିତାଧିକାରୀଙ୍କ ନିକଟରେ ପହଞ୍ଚିବ ବୋଲି ପ୍ରଶାସନ ଆଶାବାଦୀ। ଆଜିର ଏହି କାର୍ଯ୍ୟକ୍ରମରେ ପଞ୍ଚାୟତ ସମିତି ଅଧକ୍ଷା ସର୍ବେଶ୍ୱରୀ ମାଝୀ, ଉପାଧକ୍ଷ ଯୋଗେନ୍ଦ୍ର ସ୍ୱାଇଁ, ନବରଙ୍ଗପୁର ସାଂସଦ ପ୍ରତିନିଧି ସୁରେଶ କୁମାର ପାତ୍ର, ଡାବୁଗାଁ ବିଧାୟକ ପ୍ରତିନିଧି ବଦ୍ରିନାରାୟଣ ସିଂ, ନବରଙ୍ଗପୁର ବିଧାୟକ ପ୍ରତିନିଧି ରଂଜିତ ପାଢ଼ୀ, ମୋତିଗାଁ ସମିତିସଭ୍ୟ ତ୍ରିଲଚନ ଧାକଡ଼, ମାଝୀ ଧନୁଆ ସମିତିସଭ୍ୟ ଯୁଗଧର ହରିଜନ ଏବଂ ସ୍ଥାନୀୟ ବିଡିଓ ଆଶିଷ ତ୍ରିପାଠୀ, ଜିପିଡିଓ ନନ୍ଦ ବାବୁ, ସମସ୍ତ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ଏବଂ ବିଭିନ୍ନ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ଥିଲେ।



# ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଅଭିଯାନ କ୍ୟାମ୍ପ ପାଇଁ ପ୍ରସ୍ତୁତି



ପଡିଆ, ୨।୭ (ସମିସ): ମାଲକାନଗିରି ଜିଲ୍ଲା ପଡ଼ିଆ ବ୍ଲକ ସମ୍ମିଳନୀ କକ୍ଷଠାରେ ଗୁରୁବାର ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଅଭିଯାନ ୨୦୨୬–୨୭ ପାଇଁ ଆୟୋଜିତ ହେବାକୁ ଥିବା କ୍ୟାମ୍ପକୁ ସଫଳ ଭାବେ ପରିଚାଳନା କରିବା ଉଦ୍ଦେଶ୍ୟରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ପଡିଆ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଅଶ୍ୱିନୀ କୁମାର ମହାପାତ୍ରଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ବ୍ଲକର ସମସ୍ତ ସୁପରଭାଇଜର, ବ୍ଲକ ରିସୋର୍ସ ଟିଚର, ଶିକ୍ଷା ବିଭାଗର ଅଧିକାରୀ, ସ୍ୱାସ୍ଥ୍ୟ ବିଭାଗର ଅଧିକାରୀ ଏବଂ ସମସ୍ତ ଅଙ୍ଗନବାଡ଼ି କର୍ମୀ ଉପସ୍ଥିତ ଥିଲେ। ଏହି ବୈଠକରେ ଆସନ୍ତା ୮ ଜୁଲାଇ ୨୦୨୬ରୁ ମାଟେରୁ ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ପରସନପଲ୍ଲୀ ସରକାରୀ ଉଚ୍ଚ ବିଦ୍ୟାଳୟରେ ଅନୁଷ୍ଠିତ ହେବାକୁ ଥିବା କ୍ଲଷ୍ଟରସ୍ତରୀୟ ବିବିଏସଏ କ୍ୟାମ୍ପ ସମ୍ପର୍କରେ ବିସ୍ତୃତ ଆଲୋଚନା କରାଇଛି। ଏହି କ୍ୟାମ୍ପରେ ମାଟେରୁ ଓ ନୀଳିଗୁଡ଼ା ଗ୍ରାମପଞ୍ଚାୟତ ଅନ୍ତର୍ଗତ ଯୋଗ୍ୟ ଦିବ୍ୟାଙ୍ଗ ବ୍ୟକ୍ତିମାନଙ୍କୁ ସାମିଲ କରିବା, ପୂର୍ବ ପଞ୍ଜୀକରଣ, ସଚେତନତା ସୃଷ୍ଟି ଏବଂ ବିଭିନ୍ନ ବିଭାଗ ମଧ୍ୟରେ ସମନ୍ୱୟ ରକ୍ଷା କରି କ୍ୟାମ୍ପକୁ ସଫଳ କରିବା ଉପରେ ଆଲୋଚନା କରାଯାଇଛି। ବିଡିଓ ଶ୍ରୀ ମହାପାତ୍ର ସମସ୍ତ ସମ୍ପୃକ୍ତ ବିଭାଗକୁ ପରସ୍ପର ସମନ୍ୱୟ ରକ୍ଷା କରି ଯୋଗ୍ୟ ହିତାଧିକାରୀଙ୍କୁ କ୍ୟାମ୍ପରେ ଉପସ୍ଥିତ କରାଇବା ସହ ସରକାରଙ୍କ ଭିନ୍ନକ୍ଷମ କଲ୍ୟାଣମୂଳକ ଯୋଜନାର ସୁବିଧା ସେମାନଙ୍କ ନିକଟରେ ପହଞ୍ଚାଇବା ପାଇଁ ନିଷ୍ଠାର ସହ କାର୍ଯ୍ୟ କରିବାକୁ ଆହ୍ୱାନ ଦେଇଛନ୍ତି।

# କୁଡୁଗାଁରେ ପୁନର୍ବାର ଡିଗ୍ରୀ କଲେଜ ନିର୍ମାଣ ଦାବି

କୋରାପୁଟ, ୨।୭ (ସମିସ): ସେମିଳିଗୁଡା ବ୍ଲକ ଦଲେଇଗୁଡ଼ା ପଞ୍ଚାୟତ ଅନ୍ତର୍ଗତ କୁଡୁଗାଁ ଛକରେ ପୁନର୍ବାର ଡ଼ିଗ୍ରୀ କଲେଜ ନିର୍ମାଣ ପାଇଁ ଅଞ୍ଚଳବାସୀ ଦାବି କରିଛନ୍ତି। ପୂର୍ବତନ ବିଧାୟକ ପ୍ରଫୁଲ୍ଲ କୁମାର ପାଙ୍ଗିଙ୍କ ନେତୃତ୍ୱରେ ଶତାଧିକ ଗ୍ରାମବାସୀ ଜିଲ୍ଲାପାଳ ମନୋଜ ସତ୍ୟବାନ ମହାଜନଙ୍କୁ ବୁଧବାର ସାକ୍ଷାତ କରି ଦାବିପତ୍ର ପ୍ରଦାନ କରିଛନ୍ତି। ସୂଚନା ଅନୁଯାୟୀ, କୁଡୁଗାଁ ଛକରେ କିଛି ବର୍ଷ ପୂର୍ବରୁ କୋଟି କୋଟି ଟଙ୍କା ଖର୍ଚ୍ଚ ଡ଼ିଗ୍ରୀ କଲେଜ ପାଇଁ କୋଠା ଜାତୀୟ ରାଜପଥ କର୍ତ୍ତୃପକ୍ଷ ପୂର୍ତ୍ତ ବିଭାଗକୁ ୧୪ କୋଟି ଟଙ୍କା କ୍ଷତି ପୂରଣ ଦେଇଛନ୍ତି। ଏହି ପରିପ୍ରେକ୍ଷୀରେ ପୂର୍ତ୍ତ ବିଭାଗ ନୂତନ ଜମି ପାଇଁ ଜିଲ୍ଲାପାଳଙ୍କୁ ଚିଠି କରିବା ପରେ ରାଜସ୍ୱ ବିଭାଗ ନୂତନ ଡିଗ୍ରୀ କଲେଜ ନିର୍ମାଣ ପାଇଁ ପିତାଗୁଡ଼ା ପଞ୍ଚାୟତ ଅନ୍ତର୍ଗତ ଚାରାଗାଁ ନିକଟରେ ୧୩ ଏକର ଜମି ଚିହ୍ନଟ କରିଛି। କିନ୍ତୁ ଗ୍ରାମବାସୀ ବର୍ତ୍ତମାନ ଚିହ୍ନଟ ଜମିକୁ ବିରୋଧ କରି କୁଡୁଗାଁ ଛକରେ ଥିବା ଅନ୍ୟ ସରକାରୀ ଜମିରେ ଡିଗ୍ରୀ କଲେଜ ପାଇଁ ନୂତନ କୋଠା ନିର୍ମାଣ କରିବା



ନିର୍ମାଣ କରି ଶିକ୍ଷା ବିଭାଗକୁ ହସ୍ତାନ୍ତର କରାଯାଇଥିଲା। ଉକ୍ତ କୋଠାରେ ଶିକ୍ଷାଦାନ ଆରମ୍ଭ ହେବା ପୂର୍ବରୁ ଜଣାପଡିଥିଲା ଯେ ସେହି ଜମି ଦେଇ ଭାରତ ମାଳା ଏକ୍ସପ୍ରେସ ହାଇୱେ ଯିବ। ତେଣୁ ପରବର୍ତ୍ତୀ ସମୟରେ ଉକ୍ତ କୋଠାକୁ ସମ୍ପୂର୍ଣ୍ଣ ଭାବରେ ଭଙ୍ଗା ଯାଇଥିଲା। ନୂତନ ଜମି ଚିହ୍ନଟ କରି ଡ଼ିଗ୍ରୀ କଲେଜ ପାଇଁ ନୂଆ କୋଠା ନିର୍ମାଣ କରିବାକୁ ଭାରତୀୟ ପାଇଁ ଦାବି କରିଛନ୍ତି। ଅନ୍ୟପକ୍ଷରେ କକରିଗୁଡ଼ା ଠାରେ ଥିବା ସରକାରୀ ଜମିରେ ଏକ ଘରୋଇ ସ୍କୁଲ ନିର୍ମାଣ କରାଯାଉଛି, ଯାହାକି ସମ୍ପୂର୍ଣ୍ଣ ବେଆଇନ। ବିନା ପଲ୍ଲୀସଭାରେ ସମ୍ପୃକ୍ତ ଘରୋଇ ଅନୁଷ୍ଠାନକୁ କିପରି ସରକାରୀ ଜମି ଦିଆଗଲା ବୋଲି ସ୍ଥାନୀୟ ସରପଞ୍ଚ ପ୍ରତିକ୍ରିୟା ଦେଇ ତୁରନ୍ତ ତାହା ବନ୍ଦ କରିବାକୁ ଦାବି କରିଛନ୍ତି।

■ ବିଶ୍ୱ ହାସ୍ୟ ଦିବସ

# 'ଆସ ହସିବା, ହସାଇବା' କାର୍ଯ୍ୟକ୍ରମ




ସେମିଳିଗୁଡ଼ା, ୨।୭ (ସମିସ): ସେମିଳିଗୁଡା ବରିଷ୍ଠ ନାଗରିକ ସଂଘ ପକ୍ଷରୁ ବିଶ୍ୱ ହାସ୍ୟ ଦିବସ ପାଳନ ଅବସରରେ "ଆସ ହସିବା, ହସାଇବା' କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। ଓଡ଼ିଆ ଦୂରଦର୍ଶନ କେନ୍ଦ୍ରର ହାସ୍ୟ ଅଭିନେତା ଦେବବ୍ରତ ଜେନା ଏବଂ ବିଶିଷ୍ଟ ବ୍ୟଙ୍ଗ କବି କୁଳମଣି ଦାଶ କାର୍ଯ୍ୟକ୍ରମରେ ନିଜର ନିଖୁଣ ଅଭିନୟ କରିଥିଲେ। ହାସ୍ୟ କବିତା ମାଧ୍ୟମରେ ଉପସ୍ଥିତ ସଭ୍ୟଙ୍କୁ ଖୁବ ହସାଇଥିଲେ। ଅନୁଷ୍ଠାନର ସଭାପତି ପ୍ରତାପଚନ୍ଦ୍ର ପାତ୍ରଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ସମ୍ପାଦକ ଭୁବନେଶ୍ୱର ପଟ୍ଟନାୟକ ସ୍ୱାଗତ ଭାଷଣ ଦେଇଥିଲେ। କାର୍ଯ୍ୟକାରୀ ସଭାପତି ଇଶ୍ୱରଚନ୍ଦ୍ର ଗୁରୁ ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମରେ ଯୁଗ୍ମ ସମ୍ପାଦକ ନୀଳମଣି ନାୟକ ସହ ସମ୍ପାଦକ ନୀଳକଣ୍ଠ ଡୋଲିଆ, ବିଭାଗୀୟ ସମ୍ପାଦକ ସି. ଏଚ୍ ପ୍ରଦୀପ କୁମାର ପାତ୍ର, ଫକୀରଚନ୍ଦ୍ର ରାଉତ, ପ୍ରଶାନ୍ତଚନ୍ଦ୍ର ବେହେରା, କୋଷାଧ୍ୟକ୍ଷ ପାଣ୍ଡୁଚରଣ ସାହୁ, ଉପଦେଷ୍ଟା ବିଜୟକୁମାର ସାହୁ, ନୀଳକଣ୍ଠ ଧୀବର, ଦିଗାମ୍ବର ନାୟକ, କୃଷ୍ଣଚନ୍ଦ୍ର ପଟ୍ଟନାୟକ, ବରିଷ୍ଠ ସଦସ୍ୟ ଶରତଚନ୍ଦ୍ର ଷଡଙ୍ଗୀ, ଶ୍ରୀକାନ୍ତ ଦାଶ, ମୋହନ ରାଓ, ମୋହନ ସାହୁ, ସୁଶାନ୍ତ କୁମାର ସାହୁ, ଖଗେଶ୍ୱର ବାରିକ, ସୁରେନ୍ଦ୍ରନାଥ ବେହେରା, ଜୟରାମ ଗରଡା, ରାଧାଶ୍ୟାମ ଦାଶ, ରବି ବେହେରା, ପରମେଶ୍ୱର ତ୍ରିପାଠୀ, ଆନନ୍ଦ ମୌଳି ପଟନାୟକଙ୍କ ସମେତ ପାୟ ୮୦ରୁ ଅଧିକ ସଦସ୍ୟ ଉପଭୋଗ କରିଥିଲେ।

ରଥ ଯାତ୍ରା ପ୍ରସ୍ତୁତି

# ବ୍ୟୟ ଅଟକଳ ଓ ଖର୍ଚ୍ଚ ହେଉନି ସାର୍ବଜନୀନ



ନନ୍ଦପୁର, ୨।୭ (ସମିସ): ଚଳିତ ରଥ ଯାତ୍ରା ନେଇ ପ୍ରାକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ନନ୍ଦପୁର ତହସିଲ କାର୍ଯ୍ୟାଳୟର ସଭାଗୃହରେ ରଥଯାତ୍ରା ପ୍ରସ୍ତୁତି ବୈଠକରେ ତହସିଲଦାର ଦେବବ୍ରତ ମହାରଣା ଅଧକ୍ଷତା କରିଥିଲେ। ବିଡ଼ିଓ ଦୁର୍ଗାପ୍ରସାଦ ଦୋରା, ଅତିରିକ୍ତ ତହସିଲଦାର ମାଧବ ପାଙ୍ଗି, ଆଇଆଇସି ତ୍ରିନାଥ ତୋଟା ପାଡ଼ିଆ ଓ ଦେବତ୍ତର କମିଟିର ସଦସ୍ୟବୃନ୍ଦ ବରିଷ୍ଠ ନେତା ଗୋପାଳକୃଷ୍ଣ ବେବର୍ତ୍ତା, ଜଗନ୍ନାଥ ପାଙ୍ଗି, ଗୋପାଳ ମାଟାମ, ଯୁଧିଷ୍ଠିର ଖରା, ରାଜସ୍ୱ ନିରୀକ୍ଷକ ମଧୁସୂଦନ ଖେମୁଣ୍ଡୁ, ଲୋକନାଥ ଚୌଧୁରୀ ସମସ୍ତେ ଅନ୍ୟାନ୍ୟ ସଦସ୍ୟବୃନ୍ଦ ବୈଠକରେ ରଥଯାତ୍ରା ଉପରେ ଆଲୋଚନା କରି ଚଳିତ ବର୍ଷ କିପରି ସଠିକ ପରିଚାଳନା କରାଯିବ ସେନେଇ ଆଲୋଚନା କରିଥିଲେ। ଅନ୍ୟପକ୍ଷରେ, ଗତ ବର୍ଷ ନୂତନ ଭବ୍ୟ ରଥ ନିର୍ମାଣ ସହ ରଥଯାତ୍ରା ନିମନ୍ତେ ସଂଗୃହୀତ ଅର୍ଥର ବ୍ୟୟ ବରାଦ ତଥା ଖର୍ଚ୍ଚର ସାର୍ବଜନୀନ କରାଯାଇ ନଥିଲା କି ସେ ଉପରେ ମଧ୍ୟ ଆଲୋଚନାଟିଏ କରାଯାଇ ନଥିଲା। ସେପଟେ ନନ୍ଦପୁର ଐତିହ୍ୟସଂପନ୍ନ ରଥଯାତ୍ରାରେ ନିୟୋଜିତ ଗୌଡ, କମାର, କୁମ୍ଭାର, ବଡେଇଙ୍କୁ ଅଣଦେଖା କରାଯାଇଥିବା ଅଭିଯୋଗ ହୋଇଛି। ନନ୍ଦପୁର ଇତିହାସରେ ପ୍ରଥମ ଥର ନନ୍ଦପୁର ରଥଯାତ୍ରାର ବ୍ୟୟ ବରାଦ ସାର୍ବଜନୀନ ହୋଇ ପାରିଲାନାହିଁ; ଯାହାକୁ ନନ୍ଦପୁର ବୁଦ୍ଧିଜୀବୀ ମହଲରେ ନିନ୍ଦା କରାଯାଇଛି। ସେପଟେ ଚଳିତ ରଥ ଯାତ୍ରା ପ୍ରସ୍ତୁତି ବୈଠକର ସ୍ଥାନ ପରିବର୍ତ୍ତନ କରି ତହସିଲଦାରଙ୍କ କାର୍ଯ୍ୟାଳୟ ପରିସର ରଖାଯାଇ ସର୍ବସାଧାରଣ ତଥା ଗ୍ରାମବାସୀଙ୍କୁ ମଧ୍ୟ ଡକା ଯାଇ ନଥିବା ଅଭିଯୋଗ ହୋଇଛି। ସୀମିତ ଦେବୋତ୍ତର ସଦସ୍ୟଙ୍କୁ ନେଇ ଆୟୋଜିତ ରଥଯାତ୍ରା ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିବାରୁ ଚର୍ଚ୍ଚା ପରିସରକୁ ଆସିଛି।

## ଖାଲି ପଡ଼ିଛି ଏସଡ଼ା ୨ ଅଙ୍ଗନବାଡ଼ି

# ନୂତନ କର୍ମୀ ନିଯୁକ୍ତି ଦାବି

## ଦୁଇ ବର୍ଷ ଧରି ସରକାରୀ ସୁବିଧା ମିଳିନି; ସବୁ କାର୍ଯ୍ୟ ଠପ୍

ବନ୍ଧୁଗାଁ, ୨।୭ (ସମିସ)



ବନ୍ଧୁଗାଁ ବ୍ଲକ ବଡସରପଲ୍ଲୀ ପଞ୍ଚାୟତ ଏସଡା ଗ୍ରାମର ଅଙ୍ଗନୱାଡ଼ି କେନ୍ଦ୍ର-୨ର କର୍ମୀ ଦୁଇ ବର୍ଷ ଧରି ଅଙ୍ଗନୱାଡ଼ି କେନ୍ଦ୍ରରେ ରହୁ ନ ଥିବା ଗ୍ରାମବାସୀ ଅଭିଯୋଗ ହୋଇଛି। ଅଙ୍ଗନବାଡ଼ି କର୍ମୀ ଆରତୀ ଖୋରା ୨୦୨୪ରୁ ଉକ୍ତ କେନ୍ଦ୍ରରେ ରହୁ ନ ଥିଲେ। ସେ ୧୨୦ ଘରର ୫୦୭ ଜନସଂଖ୍ୟାକୁ ନେଇ ନିଜ କେନ୍ଦ୍ର ଚଳାଇ ଆସୁଥିଲେ। ଦିଦି ଥାଇ କେନ୍ଦ୍ର ଚଳାଇବା ସମୟରେ ଯେଉଁ ପ୍ରି ସ୍କୁଲ ପିଲା, ୬ ମାସରୁ ୩ ବର୍ଷ ପିଲା ଥିଲେ, ସେହି ପିଲାଙ୍କୁ ହିଁ ଏହି ଦୁଇ ବର୍ଷ ଧରି ଛତୁଆ ଯୋଗାଇବା ସହ ପ୍ରି ସ୍କୁଲ ପିଲାଙ୍କୁ ଗରମ ରନ୍ଧା ଖାଦ୍ୟ ଅଙ୍ଗନବାଡ଼ି କେନ୍ଦ୍ର-୧ରେ ଯୋଗାଇ ଦିଆଯାଉଛି। ଯେଉଁ ଦୁଇ ବର୍ଷ ଅଙ୍ଗନବାଡ଼ି କର୍ମୀ ରହୁ ନ ଥିଲେ ସେହି ସମୟରେ ଜନ୍ମିତ ଶିଶୁ, ଗର୍ଭବତୀ ଓ ପ୍ରସୂତିଙ୍କ ନାମ ପଞ୍ଜୀକରଣ କରାଯାଇ ନ ଥିବାରୁ ପ୍ରାୟ ପ୍ରି ସ୍କୁଲର ୩୨ ଜଣ ଶିଶୁ ଓ ୬ ମାସରୁ ୩ ବର୍ଷର ୨୭ ଜଣ ଶିଶୁ ପୁଷ୍ଟିକର ଖାଦ୍ୟ ସହ ଛତୁଆ ସାମଗ୍ରୀ ପାଇବାରୁ ବଞ୍ଚିତ ହୋଇଛନ୍ତି। ବର୍ତ୍ତମାନ ଅଙ୍ଗନବାଡ଼ି କେନ୍ଦ୍ର ୧ର କର୍ମୀ କୌଶଲ୍ୟା ସ୍ୱାଇଁ ଅଙ୍ଗନୱାଡ଼ି-୨ ଚାର୍ଜ ନେଇ ପ୍ରି ସ୍କୁଲ ୧୪ ଶିଶୁ, ୬ ମାସରୁ ୩ ବର୍ଷର ୬ ଶିଶୁ, ପ୍ରସୂତି ୨ ଓ ଗର୍ଭବତୀ ୩ ଜଣଙ୍କୁ ଅଙ୍ଗନବାଡ଼ି ହେଲପର ରାଧା ଓଡ଼ାଦିଙ୍କ ସହିତ ସମସ୍ତ ସୁବିଧା ଯୋଗାଇ ଦେଉଛନ୍ତି। ଏହିସବୁ ସମସ୍ୟାକୁ ନେଇ ଗ୍ରାମବାସୀ ଜିଲ୍ଲାପାଳଙ୍କୁ ଅଭିଯୋଗ ଶୁଣାଣିରେ ଲିଖିତ ଅଭିଯୋଗ କରିବା ସହ ସିଡିପିଓ ଗୀତାଞ୍ଜଳି ମହାରଣାଙ୍କୁ ମଧ୍ୟ ଲିଖିତ ଅଭିଯୋଗ କରାଯାଇଥିଲା। ଅଭିଯୋଗକୁ ଆଧାର କରି ସିଡ଼ିପିଓ କେନ୍ଦ୍ରକୁ ଯାଇ ତଦନ୍ତ କରି ଉପଜିଲ୍ଲାପାଳଙ୍କୁ ଲିଖିତ ଭାବେ ରିପୋର୍ଟ ପ୍ରଦାନ କରିଥିବା ଜଣାଇଛନ୍ତି। ଏବେ ଅଙ୍ଗନବାଡ଼ି କେନ୍ଦ୍ର ଖୋଲାହୋଇ ଖାତା, ଖେଳଣା ସାମଗ୍ରୀ, ଟେବୁଲ ଓ ଲୁଗାପଟା ପଡ଼ି ଉଈ ଚଢ଼ି ଅଳିଆ ଆବର୍ଜନାରେ ଭର୍ତ୍ତି ହୋଇଛି। ଗ୍ରାମର ୱାର୍ଡ ମେମ୍ବର ସାନ୍ଧିଆ କଣ୍ଡାତାମରା, ସିତୁରୁ ପିଡିକା, ସଦନା ଲିମାକା, ବିଶ୍ୱଜିତ କାଡ୍ରାକା, ମାଝୀ ଓଡ଼ାଦି, ପାଣ୍ଡୁ ପିଡିକା, ବିଶ୍ୱନାଥ ଦେବରପଲ୍ଲୀ, ରାମେୟା କାଡ୍ରାକା ପ୍ରମୁଖ ନୂତନ ଭାବେ ଅଙ୍ଗନବାଡ଼ି କର୍ମୀଙ୍କୁ ନିଯୁକ୍ତି ଦେବା ପାଇଁ ଅନୁରୋଧ କରିଛନ୍ତି।

### ରଥଯାତ୍ରାର ମୀନାବଜାର ପାଇଁ ସରିଲା ଟେଣ୍ଡର ପ୍ରକ୍ରିୟା

# ୨୩.୭୫ ଲକ୍ଷ ଟଙ୍କାରେ ସର୍ବୋଚ୍ଚ ଡାକ

ଗୁଣୁପୁର, ୨।୭ (ସମିସ)

ଗୁଣୁପୁରର ପ୍ରସିଦ୍ଧ ଶ୍ରୀଜଗନ୍ନାଥଙ୍କ ରଥଯାତ୍ରାକୁ ଚଳିତବର୍ଷ ଆଡ଼ମ୍ବରପୂର୍ଣ୍ଣ ଭାବେ ପାଳନ କରିବା ପାଇଁ ଦେବୋତ୍ତର ବିଭାଗ ପକ୍ଷରୁ ପ୍ରସ୍ତୁତି ଜୋରଦାର କରାଯାଇଛି। ରଥଯାତ୍ରା ଅବସରରେ ଭକ୍ତ ଓ ସାଧାରଣ ଲୋକଙ୍କ ମନୋରଞ୍ଜନ ପାଇଁ ଆୟୋଜିତ ହେଉଥିବା ମୀନାବଜାରର ପରିଚାଳନା ନିମନ୍ତେ ଟେଣ୍ଡର ପ୍ରକ୍ରିୟା ଶୁକ୍ରବାର ଶାନ୍ତିପୂର୍ଣ୍ଣ ଭାବେ ସମ୍ପନ୍ନ ହୋଇଛି। ଗତବର୍ଷ ବିବାଦ ଯୋଗୁଁ ମୀନାବଜାର ହୋଇପାରିନଥିବା ବେଳେ, ଏବର୍ଷ ବିନା ବାଧାବିଘ୍ନରେ ଟେଣ୍ଡର ପ୍ରକ୍ରିୟା ଶେଷ ହେବା ସହ ରଥଯାତ୍ରାକୁ ନେଇ ସାଧାରଣରେ ଉତ୍ସାହ ବଢ଼ିଛି। ଦେବୋତ୍ତର ବିଭାଗ ପକ୍ଷରୁ ୨୦ ଲକ୍ଷ ଟଙ୍କାରୁ ଅଧିକ ଆଧାର ମୂଲ୍ୟରେ ଟେଣ୍ଡର ଆହ୍ୱାନ କରାଯାଇଥିଲା। ନିର୍ଦ୍ଧାରିତ ସମୟ ମଧ୍ୟରେ ଦୁଇଜଣ ପ୍ରତିଯୋଗୀ ଟେଣ୍ଡର ଦାଖଲ କରିଥିଲେ। କଟକର ଶିରିଡ଼ି ସାଇବାବା ଏଣ୍ଟରପ୍ରାଇଜେସ୍ ପକ୍ଷରୁ ସୁରେନ୍ଦ୍ର କୁମାର ନାୟକ ୨୩ ଲକ୍ଷ ୭୫ ହଜାର ୯୭୧ ଟଙ୍କାର ସର୍ବୋଚ୍ଚ ଡାକ ଦେଇ ଟେଣ୍ଡର ହାସଲ କରିଥିବା ବେଳେ, ଯାଜପୁର ଜିଲ୍ଲା ବୈଦରାଜପୁରର ବାସୁଦେବ ଏଣ୍ଟରପ୍ରାଇଜେସ୍ ପକ୍ଷରୁ ଅନନ୍ତ ଚରଣ ସାହୁ ୨୧ ଲକ୍ଷ ୭୫ ହଜାର ୫୦୧ ଟଙ୍କାର ଡାକ ଦେଇଥିଲେ।



ଦେବୋତ୍ତର ବିଭାଗର ନିର୍ବାହୀ ଅଧିକାରୀ ତଥା ଗୁଣୁପୁର ତହସିଲଦାର ଲୀଳାବତୀ ଆଚାର୍ଯ୍ୟୀଙ୍କ ଅଧ୍ୟକ୍ଷତାରେ ଟେଣ୍ଡର ଖୋଲାଯାଇଥିଲା। ଏହି ଅବସରରେ ରଥଯାତ୍ରା ମୀନାବଜାର କମିଟିର ସଦସ୍ୟ ତଥା ଅତିରିକ୍ତ ତହସିଲଦାର ଅଭିଳାଷ ଶତପଥୀ, ଗୁଣୁପୁର ଏସ୍‌ଡିପିଓଙ୍କ ପ୍ରତିନିଧି ଏସ୍‌ଆଇ ଜ୍ଞାନେନ୍ଦ୍ର ସାହୁ, ପୌରପରିଷଦ ନିର୍ବାହୀ ଅଧିକାରୀ ସନ୍ତୋଷ ନାୟକ, ପୂର୍ତ୍ତ ବିଭାଗର ଯନ୍ତ୍ରୀ ବିଜୟ କୁମାର ମିଶ୍ର, ପୌରପରିଷଦ ଉପାଧ୍ୟକ୍ଷ ଶିବପ୍ରସାଦ ଗୌଡ଼, ସୂର୍ଯ୍ୟନାରାୟଣ ପଣ୍ଡା, ଅକ୍ଷୟ ଦାସ ଓ ଇନ୍ଦ୍ରାକ୍ଷୀ ଦାସ ପ୍ରମୁଖ ଉପସ୍ଥିତ ଥିଲେ।

## କୋରାପୁଟ ଜିଲ୍ଲା ପାଇଁ ପାଣିପାଗ ବିଭାଗର ରେଡ୍ ୱାର୍ଣ୍ଣିଂ

କୋରାପୁଟ,୨।୭(ସମିସ): ଆସନ୍ତା ୩ ଓ ୪ ତାରିଖରେ କୋରାପୁଟ ଜିଲ୍ଲାରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବାର ସମ୍ଭାବନା ଥିବାରୁ ପାଣିପାଗ ବିଭାଗ ପକ୍ଷରୁ 'ରେଡ୍ ଆଲର୍ଟ' ଜାରି କରାଯାଇଛି। ସ୍ଥିତିକୁ ନଜରରେ ରଖି ଜିଲ୍ଲା ପ୍ରଶାସନ ହାଇ-ଆଲର୍ଟ ଜାରି କରିଛି। ସମସ୍ତ ତହସିଲଦାର, ବିଡିଓ, ଓଡ୍ରାଫ୍, ଅଗ୍ନିଶମ ଏବଂ ପିଡବ୍ଲୁଡ଼ି ବିଭାଗକୁ ସଜାଗ ରହିବାକୁ ନିର୍ଦ୍ଦେଶ ଦିଆଯାଇଥିବା ନେଇ ଅତିରିକ୍ତ ଜିଲ୍ଲାପାଳ ତପନ କୁମାର ନାୟକ ସୂଚନା ଦେଇଛନ୍ତି। ଏଥିନିମନ୍ତେ ଜିଲ୍ଲା ଜରୁରିକାଳୀନ ବିଭାଗ କାର୍ଯ୍ୟାଳୟରେ ନିୟନ୍ତ୍ରଣ କକ୍ଷ ଖୋଲାଯାଇଛି। ଯେକୌଣସି ପରିସ୍ଥିତିର ମୁକାବିଲା କରିବା ପାଇଁ ଜିଲ୍ଲା ପ୍ରଶାସନ ପ୍ରସ୍ତୁତ ରହିଥିବା ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ନାୟକ କହିଛନ୍ତି।

## ଧସିଲା ପାହାଡ଼; ଯୋଗାଯୋଗ ବିଚ୍ଛିନ୍ନ



କାଲିମେଳା,୨।୭(ସମିସ): ମାଲକାନଗିରି ଜିଲ୍ଲା କାଲିମେଳା ଅଞ୍ଚଳରେ ୩ ଦିନ ଧରି ପ୍ରବଳ ଲଗାଣ ବର୍ଷା ଜାରି ରହିଥିବା ବେଳେ ଏକ ବଡ଼ ବିପର୍ଯ୍ୟୟ ଦେଖିବାକୁ ମିଳିଛି। ଲଗାଣ ବର୍ଷା ପ୍ରଭାବରେ ସିତାପାଲି ଘାଟିରେ ପାହାଡ଼ ଧସିବା ସହ ବଡ଼ ବଡ଼ ଗଛ ଉପୁଡ଼ି ପଡ଼ିବାରୁ ମାନ୍ୟମକୋଣ୍ଡାରୁ ସିତାପାଲି ଗ୍ରାମକୁ ଯୋଗାଯୋଗ ସମ୍ପୂର୍ଣ୍ଣ ବିଚ୍ଛିନ୍ନ ହୋଇଯାଇଛି। ମୁଖ୍ୟରାସ୍ତା ଉପରେ ପଥର ଚଟାଣ ଓ ଗଛ ସବୁ ପଡ଼ି ରହିଥିବାରୁ ଗାଡ଼ି ମୋଟର ଯାତାୟାତ ସମ୍ପୂର୍ଣ୍ଣ ବାଧାପ୍ରାପ୍ତ ହୋଇଛି। ଅବିଶ୍ରାନ୍ତ ବର୍ଷା ଯୋଗୁଁ ମାଟି ନରମ ହୋଇ ପାହାଡ଼ର ଗୋଟିଏ ବଡ଼ ଅଂଶ ଖସିପଡ଼ିଛି। ପାହାଡ଼ ଧସିବା ସହିତ ରାସ୍ତା କଡ଼ରେ ଥିବା ବିଶାଳକାୟ ଗଛଗୁଡ଼ିକ ମୂଳରୁ ଉପୁଡ଼ି ରାସ୍ତା ଉପରେ ଶୋଇପଡ଼ିଛି। ରାସ୍ତା ଅବରୋଧ ଯୋଗୁଁ ଆଖପାଖ ଅଞ୍ଚଳ ଓ ବ୍ଲକ୍ ମୁଖ୍ୟାଳୟ ସହ ସମ୍ପର୍କ ସମ୍ପୂର୍ଣ୍ଣ ତୁଟି ଯାଇଥିବା ଜଣାପଡ଼ିଛି।

## ଆକାଶବାଣୀର 'ଚଇତି ଜହ୍ନ' କଳାକାରଙ୍କୁ ବିଦାୟ ସମ୍ବର୍ଦ୍ଧନା



ଜୟପୁର, ୨।୭(ସମିସ): ଜୟପୁର ଆକାଶବାଣୀ କେନ୍ଦ୍ର ପକ୍ଷରୁ ପ୍ରସାରିତ ପ୍ରସିଦ୍ଧ ତଥା ବହୁଳ ଭାବେ ଶ୍ରୋତାଙ୍କ ପସନ୍ଦ ଆଦିବାସୀ କାର୍ଯ୍ୟକ୍ରମ 'ଚଇତି ଜହ୍ନ'ର ବରିଷ୍ଠ କଳାକାର ସରୋଜ ନାୟକଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ଗତ ୧୯୮୭ ମସିହାରୁ ଦୀର୍ଘ ୩୯ ବର୍ଷ ଧରି ଚଇତି ଜହ୍ନ କାର୍ଯ୍ୟକ୍ରମର ନିୟମିତ କଳାକାର ଭାବେ ଆକାଶବାଣୀ ଜୟପୁରରେ ସେ ବିଭିନ୍ନ ବିଷୟରେ ସେ କଳାକାର ଭାବେ କାର୍ଯ୍ୟ କରୁଛନ୍ତି। ଅବିଭକ୍ତ କୋରାପୁଟ ଏବଂ କଳାହାଣ୍ଡି ଆଦିବାସୀ ଜିଲ୍ଲାରେ ଏହାର ବହୁଳ ଭାବେ ରେଡିଓ ମାଧ୍ୟମରେ ଶ୍ରୋତା ରହିଛନ୍ତି। ଫୋନ ମାଧ୍ୟମରେ ସିଧାପ୍ରସାରଣରେ ସେମାନେ ପାଣିପାଗ, ସ୍ୱାସ୍ଥ୍ୟ ଏବଂ କୃଷି ସମ୍ବନ୍ଧିୟ ପ୍ରଶ୍ନ ପଚାରି ଥାଆନ୍ତି ଏବଂ ଉତ୍ତର ପାଇଥାଆନ୍ତି। ଏହି କାର୍ଯ୍ୟକ୍ରମରେ ସେ ଶ୍ରୋତାଙ୍କ ମଧ୍ୟରେ ମୀନରବାଲିଆ ନାମରେ ତାଙ୍କୁ ଚିହ୍ନି ଥାଆନ୍ତି। ଗତକାଲି ତାଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନାରେ ଆକାଶବାଣୀ ଜୟପୁରର ବରିଷ୍ଠ ଉଦଘୋଷକ ତଥା ଭାରପ୍ରାପ୍ତ ଅଧିକାରୀ ରଞ୍ଜନ କୁମାର ବେହେରା, ବରିଷ୍ଠ କଳାକାର ମୂରଲୀ ପଟ୍ଟନାୟକ, ମନୋଜ ପାତ୍ର, ସୁଧିରା ଦାଶ, ସୁଜାତା ଆଚାରୀ, ଲାଲମୋହନ ମିଶ୍ର, ସଂଧ୍ୟା ପଟ୍ଟନାୟକ, ସନ୍ତୋଷୀ ଆଚାରୀ, ସୁଜାତା ପଟ୍ଟନାୟକ, ସୁମିତ୍ରା ନାୟକ, ମନିଷା ପ୍ରଧାନୀ, ଜୟନ୍ତ ପଟ୍ଟନାୟକ, ପଞ୍ଚାନନ ଦାଶ, ସୂର୍ଯ୍ୟ ସାହୁ, ରାଜକୁମାର ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।

## ବିଇଓ କାର୍ଯ୍ୟାଳୟ ଖାଲି; ଦରମା ନପାଇ ଶିକ୍ଷକଶିକ୍ଷୟିତ୍ରୀ ହନ୍ତସନ୍ତ

ମାଥିଲି, ୨।୭ (ସମିସ)

ମାଲକାନଗିରି ଜିଲ୍ଲା ମାଥିଲି ବ୍ଲକରେ ୨୦ ପଞ୍ଚାୟତରେ ୬ ଶହରୁ ଊର୍ଦ୍ଧ୍ୱ ଶିକ୍ଷକଶିକ୍ଷୟିତ୍ରୀଙ୍କୁ ପରିଚାଳନା କରିବା ପାଇଁ ଏକମାତ୍ର ଅତିରିକ୍ତ ତଥା ଭାରପ୍ରାପ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ଛତିଶଚନ୍ଦ୍ର ନାୟକ ରହିଛନ୍ତି। ମାଥିଲି ବ୍ଲକ ଏକ ଉପଖଣ୍ଡ ଗଣଶିକ୍ଷା ବିଭାଗ ପକ୍ଷରୁ ଗୋଟିଏ ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ ଜଣେ ଗୋଷ୍ଠୀ ଶିକ୍ଷାଧିକାରୀ ଓ ୩ ଜଣ ଅତିରିକ୍ତ ଗୋଷ୍ଠୀ ଅଧିକାରୀ ନିଯୁକ୍ତି ହେବା କଥା; କିନ୍ତୁ ୨୦ ପଞ୍ଚାୟତରେ ୨୨୬ ବିଦ୍ୟାଳୟ ଥିବା ବେଳେ ଜଣେ ମାତ୍ର ଅତିରିକ୍ତ ଶିକ୍ଷାଧିକାରୀଙ୍କୁ ଦାୟିତ୍ୱ ଦିଆଯାଇଛି। ଏକମାତ୍ର ଭାରପ୍ରାପ୍ତ ଅଧିକାରୀ କାର୍ଯ୍ୟାଳୟରେ ରହି କାର୍ଯ୍ୟାଳୟ ପରିଚାଳନା କରି ଶିକ୍ଷକଶିକ୍ଷୟିତ୍ରୀଙ୍କ ସମସ୍ୟା ବୁଝିବେ ନା ୨୨୬ ପରିଦର୍ଶନ କରି ଶିକ୍ଷା ବ୍ୟବସ୍ଥା ଦେଖିବେ ଯାହା ସମ୍ଭବ ନୁହେଁ ବୋଲି ଜଣା ପଡ଼ିଛି। ଯାହାଫଳରେ ମାଥିଲି ବ୍ଲକରେ ଶିକ୍ଷକଶିକ୍ଷୟିତ୍ରୀଙ୍କ ଦରମା ସହିତ ବିଦ୍ୟାଳୟରେ ଶିକ୍ଷା ବ୍ୟବସ୍ଥା ମଧ୍ୟ ଅପହଞ୍ଚ ହେଉଛି। ଆମେ ଅତିରିକ୍ତ ଓ ଭାରପ୍ରାପ୍ତ ଶିକ୍ଷାଧିକାରୀ ଛତିଶଚନ୍ଦ୍ର ନାୟଙ୍କୁ ପଚାରିବାରୁ ମୁଁ ଜଣେ ମାତ୍ର ଅଛି। ତାହା ସହିତ ଦରମା କରିବା ପାଇଁ ବିଭାଗ ପକ୍ଷରୁ ଦାୟିତ୍ୱ ଦିଆଯାଇ ନାହିଁ। ସେଥିପାଇଁ ଶିକ୍ଷକଶିକ୍ଷୟିତ୍ରୀଙ୍କ ଦରମା ବିଳମ୍ବ ହେଉଛି। ନୂତନ ଗୋଷ୍ଠୀ ଶିକ୍ଷାଧିକାରୀ ଯୋଗ ଦେବା ପରେ ଦରମା ହେବ ବୋଲି ଆମକୁ କହିଥିଲେ।

ଏହାକୁ ରାଜ୍ୟ ସରକାର ଓ ଜିଲ୍ଲା ପ୍ରଶାସନ ଦୃଷ୍ଟି ଦେବାକୁ ଶିକ୍ଷାବିତମାନେ ପ୍ରଶ୍ନ ଉଠାଇଛନ୍ତି। ଶିକ୍ଷକ ଶିକ୍ଷୟିତ୍ରୀଙ୍କ ଗତ ମାସର ଦରମା ମିଳି ନାହିଁ ବୋଲି ସେମାନେ ନାହିଁ ନଥିବାର ଅସୁବିଧାର ସମ୍ମୁଖୀନ ହେଉଥିବା ଦେଖିବାକୁ ମିଳିଛି। ତୁରନ୍ତ ରାଜ୍ୟ ସରକାର ଖାଲି ପଡ଼ିଥିବା ପଦ ପୂରଣ ପାଇଁ ଦାବି କରିଛନ୍ତି ଶିକ୍ଷାବିତ।

## ଆନ୍ଦୋଳନରେ ଡାକ୍ତର; ହନ୍ତସନ୍ତ ରୋଗୀ

**ଆନ୍ଧ୍ରପ୍ରଦେଶ ମୁହାଁ ଗର୍ଭବତୀ**

ନାରାୟଣପଟଣା, ୨।୭(ସମିସ): ନାରାୟଣପଟଣା ଉପଖଣ୍ଡ ଡାକ୍ତରଖାନାରେ ଡାକ୍ତରଙ୍କ ଅନିର୍ଦ୍ଦିଷ୍ଟ କାର୍ଯ୍ୟବନ୍ଦ ଆନ୍ଦୋଳନ ଯୋଗୁଁ ବର୍ତ୍ତମାନ ମେଡିକାଲର ସମସ୍ତ ସେବା ବୁଧବାରଠାରୁ ଠପ୍ ହୋଇଯାଇଛି। ଗରିବ ଲୋକେ ହଇରାଣ ହେଉଛନ୍ତି। ଗରିବ ଲୋକଙ୍କ ଜରୁରୀ ସେବା ପାଇଁ ବର୍ତ୍ତମାନ କେବଳ ବେସରକାରୀ ମେଡିକାଲ ହିଁ ସାହା ଭରସା ହୋଇଥିବାବେଳେ କେବଳ ଆୟୁଷ ଡାକ୍ତର ରୋଗୀସେବା କରୁଛନ୍ତି। ଅନ୍ୟପଟେ ଡାକ୍ତର ଆନ୍ଦୋଳନକୁ ଯାଇଥିବା କଥା ଶୁଣି ଅନେକ ଗର୍ଭବତୀ ମହିଳା ପଡୋଶୀ ଆନ୍ଧ୍ର ପ୍ରଦେଶ ମେଡିକାଲକୁ ଆଗୁଆ ଯାଇଥିବା ଖବର ମିଳୁଛି। ନାରାୟଣପଟଣା ସ୍ୱାସ୍ଥ୍ୟ କେନ୍ଦ୍ରରେ ହାତଗଣତି ଆୟୁଷ ଡାକ୍ତର ଥିବାବେଳେ ମେଡିକାଲ କାମଚଳା ସେବା ଦେଉଥିବା ବେଳେ ଗ୍ରାମାଞ୍ଚଳ ଓ ଅନେକ ଆଶ୍ରମ ସ୍କୁଲରେ ରୋଗୀ ସେବା ବାଘାତ ହୋଇଛି। ଜରୁରୀ ସେବା ମଧ୍ୟ ବନ୍ଦ ପଡ଼ିଛି। ଗତ ଥର ଘଣ୍ଟାକ ପାଇଁ ଆନ୍ଦୋଳନ କରିଥିବାରୁ ରାଜ୍ୟ ସରକାର ଡାକ୍ତରମାନଙ୍କୁ ୩ ମାସର ସମୟ ମାଗି ଆନ୍ଦୋଳନକୁ ସେହି ସମୟରେ ଆପୋଷ ବୁଝାମଣାରେ ବନ୍ଦ କରି ଦେଇଥିଲେ। କିନ୍ତୁ ଆଜିକୁ ୩ ମାସ ବଦଳରେ ୬ ମାସ ପରେ ମଧ୍ୟ ତାଙ୍କ ୧୦ ଦଫା ଦାବି ପୂରଣ ନ ହେବାରୁ ପୁଣି ଆନ୍ଦୋଳନକୁ ଓହ୍ଲାଇଛନ୍ତି।



## ସ୍ୱାମୀଙ୍କ ଅକାଳ ମୃତ୍ୟୁରେ ପତ୍ନୀଙ୍କୁ ୨ ଲକ୍ଷ ଟଙ୍କାର ବୀମା ସହାୟତା

■ ପ୍ରଧାନମନ୍ତ୍ରୀ ଜୀବନ ଜ୍ୟୋତି ବୀମା ଯୋଜନା

ଗୁଣପୁର, ୨।୭ (ସମିସ): ରାୟଗଡ଼ା ଜିଲ୍ଲା ଗୁଣପୁର ବ୍ଲକ ଅନ୍ତର୍ଗତ ଜଲତାର ଗ୍ରାମର ଦୀପା ପାତ୍ର ସ୍ୱାମୀ ଗଙ୍ଗାଧର ପାତ୍ରଙ୍କ ଅକାଳ ମୃତ୍ୟୁ ପରେ ପ୍ରଧାନମନ୍ତ୍ରୀ ଜୀବନ ଜ୍ୟୋତି ବୀମା ଯୋଜନା ଅଧୀନରେ ୨ ଲକ୍ଷ ଟଙ୍କାର ବୀମା ରାଶି ପାଇଛନ୍ତି। ଦୀପା ପାତ୍ର କହିଛନ୍ତି, ତାଙ୍କ ସ୍ୱାମୀ ଗଙ୍ଗାଧର ପାତ୍ର ଗୁଣପୁରସ୍ଥିତ ଭାରତୀୟ ଷ୍ଟେଟ୍ ବ୍ୟାଙ୍କ ମାଧ୍ୟମରେ ପ୍ରଧାନମନ୍ତ୍ରୀ ଜୀବନ ଜ୍ୟୋତି ବୀମା ଯୋଜନାରେ ସାମିଲ ହୋଇ ପ୍ରତିବର୍ଷ ମାତ୍ର ୪୩୬ ଟଙ୍କା ପ୍ରିମିୟମ୍ ପୈଠ କରୁଥିଲେ। ଗଙ୍ଗାଧର ପାତ୍ର ପୁଟାସିଂ ଥାନାରେ ଗୃହରକ୍ଷୀ ଭାବେ କାର୍ଯ୍ୟରତ ଥିଲେ। ଗୁଣପୁର ଷ୍ଟେଟ୍ ବ୍ୟାଙ୍କରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ଚିଫ୍ ମ୍ୟାନେଜର ସୁରେନ୍ଦ୍ର କୁମାର ବେହେରା, ଡେପୁଟି ବ୍ରାଞ୍ଚ ମ୍ୟାନେଜର ମନୋଜ କୁମାର ପଣ୍ଡା, ସର୍ଭିସ୍ ମ୍ୟାନେଜର ଓମ୍କାର ଆଶୁତୋଷ ବାରିକ ଏବଂ ଚିଫ୍ ଆସୋସିଏଟ୍ ଏସ୍. ମୋହନ ଦୀପା ପାତ୍ରଙ୍କୁ ୨ ଲକ୍ଷ ଟଙ୍କାର ବୀମା ଚେକ୍ ପ୍ରଦାନ କରିଥିଲେ। ଚିଫ୍ ମ୍ୟାନେଜର କହିଥିଲେ ଯେ ପ୍ରଧାନମନ୍ତ୍ରୀ ଜୀବନ ଜ୍ୟୋତି ବୀମା ଯୋଜନା ବ୍ୟତୀତ ପ୍ରଧାନମନ୍ତ୍ରୀ ସୁରକ୍ଷା ବୀମା ଯୋଜନା ମଧ୍ୟ ରହିଛି। ଏହି ଯୋଜନାରେ ପ୍ରତି ଆର୍ଥିକ ବର୍ଷରେ ମାତ୍ର ୨୦ ଟଙ୍କା ପ୍ରିମିୟମ୍ ପୈଠ କରି ଜଣେ ଗ୍ରାହକ ବୀମା ସୁବିଧା ପାଇପାରିବେ। ଦୁର୍ଘଟଣାଜନିତ ମୃତ୍ୟୁ କିମ୍ବା ସମ୍ପୂର୍ଣ୍ଣ ଅକ୍ଷମତା କ୍ଷେତ୍ରରେ ନାମାଙ୍କିତ ହିତାଧିକାରୀଙ୍କୁ ୨ ଲକ୍ଷ ଟଙ୍କା ପ୍ରଦାନ କରାଯାଏ। ସେଥିପାଇଁ ଅଧିକରୁ ଅଧିକ ଲୋକ ଏହି ଯୋଜନାରେ ସାମିଲ ହେବାକୁ ସେ ଆହ୍ୱାନ ଦେଇଥିଲେ।

## ବାଟବଣା ପେନ୍‌ସନ୍ ଯୋଜନା; ଯୋଗ୍ୟ ହିତାଧିକାରୀ ଭତ୍ତାରୁ ବଞ୍ଚିତ

କୁନ୍ଦୁରା, ୨।୭ (ସମିସ)



କୁନ୍ଦୁରାରେ ଫେଲ ମାରିଛି ସରକାରଙ୍କ ପେନସନ ଯୋଜନା। ସରକାରଙ୍କ ସାମାଜିକ ସୁରକ୍ଷା ଅଧୀନରେ ହିତାଧିକାରୀଙ୍କୁ ମାସିକ ସହାୟତା ରାଶି ପ୍ରଦାନ କରାଯାଉଛି; କିନ୍ତୁ ଏଠାରେ ବିଭାଗୀୟ ଅଧିକାରୀ ଆନ୍ତରିକତା ଅଭାବ କିମ୍ବା ଜନପ୍ରତିନିଧିଙ୍କ ଉଦାସୀନତାରୁ ଯୋଗ୍ୟ ହିତାଧିକାରୀ ସରକାରୀ ଯୋଜନାରୁ ବଞ୍ଚିତ ଅଛନ୍ତି। ଗୋଟିଏ ଗାଁର ଏକାଧିକ ଯୋଗ୍ୟ ହିତାଧିକାରୀଙ୍କୁ ଆଦୌ ଭତ୍ତା ମିଳୁନି। କୁନ୍ଦୁରା ବ୍ଲକ ଘୁମର ପଞ୍ଚାୟତରେ ବାର୍ଦ୍ଧକ୍ୟ, ବିଧବା, ଭିନ୍ନକ୍ଷମ ଓ ସ୍ୱାମୀ ପରିତ୍ୟକ୍ତା ଆଦି ବିଭିନ୍ନ ଭତ୍ତା ହିତାଧିକାରୀଙ୍କ ନିକଟରେ ପହଞ୍ଚିନାହିଁ ଯୋଜନା। ଭତ୍ତା ପାଇଁ ପ୍ରାୟ ଦଶ ଜଣ ଆବେଦନ କରିଥିଲେ ବି ବର୍ଷ ପରେ ବର୍ଷ ବିତୁଛି ତଥାପି ଆଜି ପର୍ଯ୍ୟନ୍ତ ଏମାନଙ୍କୁ ଭତ୍ତା ଯୋଜନାରେ ସାମିଲ କରାଯାଉନାହିଁ। ହିତାଧିକାରୀ ହେଲେ ସମରି ମାଳି, ମଙ୍ଗଳଦେଇ ଚନ୍ଦ୍ର ପଡିଆ, ପଦଲାମ ହରିଜନ, ବିମଳା ପୂଜାରୀ ଡମୁନି ଦାସ, ମଣିମା ମଲିକ, ମତି ବଦକ୍ଷପୁଟିଆ, ସୁନା ଫଲାମ ଗରୀ ନାୟକ ଓ ଗୌରୀ ଚାନ୍ଦପଡିଆ, ଚମ୍ପା ଗୌଡ଼। ଏମାନଙ୍କ ଅଭିଯୋଗ ଅନୁଯାୟୀ, ଯୋଗ୍ୟ ବ୍ୟକ୍ତିଙ୍କୁ ଅବହେଳା କରାଯାଉଛି। ବିଭାଗୀୟ ଅଧିକାରୀଙ୍କ ନିକଟରେ ଆବଶ୍ୟକୀୟ କାଗଜପତ୍ର ଜମା କରୁଛନ୍ତି। ଦାୟିତ୍ୱରେ ଥିବା ପଂଚାୟତ ସରପଞ୍ଚ ଏବଂ ପିଇଓ ଖୁବ୍‌ଶୀଘ୍ର ମିଳିଯିବ ବୋଲି କହୁଛନ୍ତି। ହେଲେ ପରବର୍ତ୍ତୀ ସମୟରେ ଏମାନଙ୍କ କଥାକୁ ଭୁଲିଯାଉଛନ୍ତି। ସେପଟେ ବ୍ଲକରେ ବିଭିନ୍ନ ଆଳଦେଖାଇ ବିଭାଗୀୟଅଧିକାରୀ ଆବେଦନକାରୀଙ୍କ ଆବଶକୀୟ କାଗଜପତ୍ରକୁ ସେମିତି ପକାଇ ରଖିଥିବା ଅଭିଯୋଗ ହେଉଛି। ଏନେଇ ସ୍ଥାନୀୟ ବିଡ଼ିଓ ପି. ମନସ୍ମିତା କହିଲେ ଯେ ଆବେଦନକାରୀ ନିଜର ଭୋଟର ପରିଚୟପତ୍ର ଦାଖଲ କରିନାହାନ୍ତି ଏବଂ କିଛି ହିତାଧିକାରୀ ମୋଟେ ଆବେଦନ କରିନାହାନ୍ତି। ସେମାନେ ଯଦି ସଠିକ ଭାବେ ଆବେଦନ କରିବେ ଭତ୍ତା ଯୋଜନାରେ ସାମିଲ କରାଯିବ। ଘୁମର ଭଳି ଅନେକ ଅଞ୍ଚଳରେ ନିରକ୍ଷର, ଗରିବ ଓ ନିରୀହ ହିତାଧିକାରୀ ସରକାରୀ ନିୟମ ଜାଣିପାରୁ ନାହାନ୍ତି। ସଠିକ ଭାବେ ଆବେଦନ କରିପାରୁନାହାନ୍ତି। ଯଦ୍ୱାରା ସରକାରୀ ଯୋଜନାରୁ ବଞ୍ଚିତ ରହୁଛନ୍ତି। ଏଥିପ୍ରତି ଜିଲ୍ଲା ପ୍ରଶାସନ ଦୃଷ୍ଟି ଦେବା ନିହାତି ଆବଶ୍ୟକ ବୋଲି ଜିଲ୍ଲା କଂଗ୍ରେସ ସଭାପତି ରୁପୁକ ତୁରୁକ, କୋଟପାଡ଼ କଂଗ୍ରେସ ବିଧାୟକ ପାର୍ଥ ଅନାମ ଦିଆନ, ବ୍ଲକ ସଭାପତି ଟୁନା ପଟ୍ଟନାୟକ, କଂଗ୍ରେସ ପିସିସି ସଭ୍ୟ ଲକ୍ଷ୍ମୀକାନ୍ତ ପଟ୍ଟନାୟକ ପ୍ରମୁଖ ଦାବୀ କରିଛନ୍ତି।

## ବିଜାପୁରବାସୀଙ୍କ ବାର୍ତ୍ତା; ଶ୍ରମଦାନ ହିଁ ସ୍ୱାଭିମାନ

ଚନ୍ଦ୍ରପୁର, ୨।୭(ସମିସ): ରାୟଗଡା ଜିଲ୍ଲାର ଉପାନ୍ତ ଚନ୍ଦ୍ରପୁର ବ୍ଲକର ବିଜାପୁର ଗ୍ରାମପଞ୍ଚାୟତରେ ବିଜାପୁର ପଞ୍ଚାୟତର ନାଏବ ସରପଞ୍ଚ ଆପାରାଓ ପାଡଗଣ୍ଡା ଗ୍ରାମର ଯୁବକଙ୍କୁ ନେଇ ଗ୍ରାମ ସଫେଇ କାର୍ଯ୍ୟରେ ଅଣ୍ଟା ଭିଡି ଶ୍ରମଦାନ ଦେଇ ଗ୍ରାମବାସୀଙ୍କୁ ଉତ୍ସାହିତ କରିଛନ୍ତି। ଆଜି ପ୍ରଭାତରୁ ଶ୍ରୀ ଆପାରାଓ ଗ୍ରାମର ତୁଳସୀ ପାତ୍ର, ସିଲା ପ୍ରଧାନ, କୁମାରୀ ସାହୁ, ଉଦ୍ଧବ ଦଣ୍ଡସେନା, ମିଥୁନ ବିଶୋଇ, ପରମାନନ୍ଦ ପାତ୍ର, ବାଦଲ ପାତ୍ର, ପିତାମ୍ବର ଦଣ୍ଡସେନା ଓ ଅନେକ ଯୁବକଯୁବତୀଙ୍କୁ ଡାକି ନିଜେ କୁଡ଼ି ଓ ଝାଡୁ ଅନ୍ୟାନ୍ୟ ସଫେଇ ସରଞ୍ଜାମ ଧରି ଗ୍ରାମ ସଫେଇରେ ଲାଗି ପଡିଲେ। ଅନେକ ଦିନ ଧରି ଗାଁ ଦାଣ୍ଡରେ ଗଦା ହୋଇଥିବା ମଇଳା-ଆବର୍ଜନା, ଅବରୋଧ ନାଳ, ଦୁର୍ଗନ୍ଧ ଡ୍ରେନ୍ ସବୁ ସଫା କରି ବ୍ଲିଚିଂ ଢାଳିଲେ। ପୁରା ଗାଁକୁ ଧୋଇ ଏକ ନୂଆ ରୂପ ଦେଲେ। ଅନେକ ଦିନରୁ ଜମା ଆବର୍ଜନାରେ ବିଜାପୁର ଦୁର୍ଗନ୍ଧମୟ ହୋଇ ପଡିଥିଲା। ଆଗକୁ ବର୍ଷା ଦ୍ୱାରା ମଶା-ମାଛି ବୃଦ୍ଧି ହେବା ସମ୍ଭାବନା ତଥା ଡେଙ୍ଗୁ-ମ୍ୟାଲେରିଆ ଡର। ଏହି ଦୂଷିତ ପରିବେଶର ଭୟ ନାଏବ ସରପଞ୍ଚଙ୍କୁ ଚୁପଚାପ ବସିବାକୁ ଦେଲାନି। ସେ ଅଣ୍ଟା ଭିଡି ରାସ୍ତାକୁ ଓହ୍ଲାଇଲେ। ଚେୟାରରେ ବସି କେବଳ ନିର୍ଦ୍ଦେଶ ଦେଲେ ଗାଁ ବଦଳିବନି। ଗାଁ ଆମର, ଦାୟିତ୍ୱ ବି ଆମର," ଝାଳରେ ଓଦା ମୁହଁ ପୋଛୁ ପୋଛୁ କହିଲେ ଆପାରାଓ। ତାଙ୍କର ଏହି କର୍ମଶୈଳୀକୁ ସାରା ପଞ୍ଚାୟତ ବାସୀ ମୁକ୍ତ କଣ୍ଠରେ ପ୍ରଶଂସା କରିଛନ୍ତି। ଗାଁ ବୃଦ୍ଧ ବୃଦ୍ଧା, ମହିଳା ମାନେ ନାଏବ ସରପଞ୍ଚଙ୍କୁ ପ୍ରଶଂସାରେ ପୋତି ପକାଇଲେ। ଆଗେ ନିଜେ ଝାଡୁ ଧରିଲେ ଲୋକେ ଆପେ ଆପେ ପଛେ ଆସିବେ। କେବଳ ଘଣ୍ଟାଏ ଶ୍ରମଦାନରେ ବଦଳିଗଲା ବିଜାପୁରର ଚେହେରା। ଦୁର୍ଗନ୍ଧ ଗଲା, ହସ ଫେରିଲା, ବିଶ୍ୱାସ ଜନ୍ମିଲା। ଏହା ଦେଶବାସୀଙ୍କୁ ସ୍ୱଚ୍ଛ ପରିବେଶର ବାର୍ତ୍ତା ଦେଇଥିଲା।



## ତାଲୁକ୍ ଆଇନ୍ ସେବା କମିଟି ପକ୍ଷରୁ ଚାରା ରୋପଣ

ବିଷମ କଟକ,୨।୭(ସମିସ): ରାୟଗଡା ଜିଲ୍ଲା ବିଷମ କଟକ ବ୍ଲକ ତାଲୁକ୍ ଆଇନ୍ ସେବା କମିଟି ପକ୍ଷରୁ କୋର୍ଟ ପରିସରରେ ବନ ମହୋତ୍ସବ ପାଳନ କରାଯାଇଛି। ଅତିରିକ୍ତ ଜିଲ୍ଲା ଦୌରଜଜ୍ ସିଦ୍ଧାର୍ଥ ସାହୁ ପରିଚାଳନା କରିଥିଲେ। ବରିଷ୍ଠ ଦେୱାନୀ ବିଚାରପତି ତଥା ସହକାରୀ ଦୌରାଜଜ ସୁନୀତା କୁମାରୀ ଖଣ୍ଡେଲୱାଲ୍, ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ଦଣ୍ଡାଧିକାରୀ ପୂଜା ଜୈନ୍ ଏବଂ ସ୍ଥାନୀୟ ବାର୍ ଆସୋସିଏସନ୍ ବରିଷ୍ଠ ଓକିଲ କୃଷ୍ଣଚନ୍ଦ୍ର ସାହୁ, ଚନ୍ଦ୍ରମୌଳି ପଟ୍ଟନାୟକ, ରାଜକିଶୋର ସାହୁ, କୁଳନାଥ ପାଢ଼ୀ, ଲକ୍ଷ୍ମୀନାରାୟଣ ପଟ୍ଟନାୟକ ଏବଂ ତାଲୁକ୍ ଆଇନ୍ ସେବା କମିଟି, ବିଷମକଟକର ପାରାଲିଗାଲ୍ ସ୍ୱେଚ୍ଛାସେବୀ ପଙ୍କଜିନୀ ନାୟକ ଯୋଗଦାନ କରିଥିଲେ। ବିଷମ କଟକ ବନବିଭାଗର ବନପାଳ ଦୀନବନ୍ଧୁ ଶବର, ଗିରୀ ପ୍ରଧାନ, ବନରକ୍ଷୀ ଅହଲ୍ୟା ପାତ୍ର ଏବଂ ସୁମିତ୍ରା ସାହୁ ସହଯୋଗ କରିଥିଲେ।

## ୨୦ତମ ଜାତୀୟ ପରିସଂଖ୍ୟାନ ଦିବସ ପାଳିତ

ନବରଙ୍ଗପୁର, ୨।୭(ସମିସ): ପ୍ରଖ୍ୟାତ ପରିସଂଖ୍ୟାନବିତ୍ ପ୍ରଫେସର ପି. ସି. ମହାଲାନୋବିସଙ୍କ ଜୟନ୍ତୀ ଅବସରରେ ୨୦ତମ ଜାତୀୟ ପରିସଂଖ୍ୟାନ ଦିବସ–୨୦୨୬ ନବରଙ୍ଗପୁରସ୍ଥିତ ମିଶନ ଶକ୍ତି ସମ୍ମିଳନୀ କକ୍ଷରେ ପାଳିତ ହୋଇଯାଇଛି। ପରିସଂଖ୍ୟାନର ସଠିକତା, ନିର୍ଭରଯୋଗ୍ୟତା ଏବଂ ରାଷ୍ଟ୍ର ନିର୍ମାଣ, ନୀତି ପ୍ରଣୟନ ଓ ସମନ୍ୱିତ ବିକାଶରେ ଏହାର ଅପରିହାର୍ଯ୍ୟ ଭୂମିକା ସମ୍ପର୍କରେ ଆଲୋଚନା କରାଯାଇଥିଲା। ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ଡ଼. ପ୍ରମୋଦ କୁମାର ପୃଷ୍ଟିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଜିଲ୍ଲାର ବିଭିନ୍ନ ବିଭାଗର ଅଧିକାରୀ, ଛାତ୍ରଛାତ୍ରୀ, ଶିକ୍ଷାବିତ୍, ବେସରକାରୀ ସଂଗଠନର ପ୍ରତିନିଧି ଓ ପରିସଂଖ୍ୟାନ କ୍ଷେତ୍ର ସହ ଜଡିତ ବ୍ୟକ୍ତିବିଶେଷମାନେ ଯୋଗଦେଇଥିଲେ। ଉପନିର୍ଦ୍ଦେଶିକା ଡ଼. ଜୟନ୍ତୀ ମାଳା ନାୟକ ସମସ୍ତ ଅତିଥି ଓ ଉପସ୍ଥିତ ଅଂଶଗ୍ରହଣକାରୀଙ୍କୁ ସ୍ୱାଗତ ଜଣାଇଥିଲେ। ଅଧ୍ୟକ୍ଷୀୟ ଅଭିଭାଷଣରେ ଅତିରିକ୍ତ ଜିଲ୍ଲାପାଳ ଡ଼. ପୃଷ୍ଟି କହିଥିଲେ, ପରିସଂଖ୍ୟାନ କେବଳ ସଂଖ୍ୟାର ସଂଗ୍ରହ ନୁହେଁ, ବରଂ ଏହା ବିକାଶର ଦିଗ ନିର୍ଦ୍ଧାରଣ କରୁଥିବା ଏକ ପ୍ରଭାବଶାଳୀ ଉପକରଣ। ଜାତୀୟ ପରିସଂଖ୍ୟାନ ଦିବସରେ ମଡେଲ୍ ଡିଗ୍ରୀ କଲେଜ, ନବରଙ୍ଗପୁରରେ କୁଇଜ୍ ଓ ପ୍ରବନ୍ଧ ପ୍ରତିଯୋଗିତା ଆୟୋଜନ କରାଯାଇଥିଲା। ପ୍ରତିଯୋଗିତାରେ ବହୁ ସଂଖ୍ୟକ ଛାତ୍ରଛାତ୍ରୀ ଅଂଶଗ୍ରହଣ କରି ପରିସଂଖ୍ୟାନ ସମ୍ପର୍କିତ ନିଜ ଜ୍ଞାନ ଓ ସୃଜନଶୀଳତାର ପରିଚୟ ଦେଇଥିଲେ। ଆଜିର କାର୍ଯ୍ୟକ୍ରମରେ ସେହି କୃତୀ ପ୍ରତିଯୋଗୀମାନଙ୍କୁ ପ୍ରଶଂସାପତ୍ର ଓ ପୁରସ୍କାର ପ୍ରଦାନ କରି ସମ୍ମାନିତ କରାଯାଇଥିଲା। ସହକାରୀ ନିର୍ଦ୍ଦେଶକ ନବରଙ୍ଗପୁର ଧନ୍ୟବାଦ ଅର୍ପଣ କରିଥିଲେ।



## କୋରାପୁଟ ଜିଲ୍ଲାରେ ରବିଧାନ କ୍ରୟ ଶେଷ

ଜୟପୁର, ୨।୭(ସମିସ)

୧୮୧୬୯ ଚାଷୀଙ୍କ ୧୪ ଲକ୍ଷ ୧୧ ହଜାର ୨୭୭ କୁଇଣ୍ଟାଲ କ୍ରୟ

କୋରାପୁଟ ଜିଲ୍ଲାରେ ଚାଷୀଙ୍କ ଅମଳ ରବିଧାନ କ୍ରୟ ଆସନ୍ତା ଶୁକ୍ରବାର ସୁଦ୍ଧା ଶେଷ ହେବାର ଧାର୍ଯ୍ୟ ରହିଥିଲା; କିନ୍ତୁ ଗତ ବୁଧବାର ସଂଧ୍ୟାରେ ଟୋକେନଧାରୀ ଚାଷୀଙ୍କ ମଣ୍ଡିକୁ ଆସିଥିବା ଧାନ କ୍ରୟ ହେବା ପରେ ମଣ୍ଡିରୁ ଧାନ କ୍ରୟ ଶେଷ ହୋଇଯାଇଛି। ଚଳିତବର୍ଷ ଜିଲ୍ଲାର ସମୁଦାୟ ୧୮୧୬୯ ଚାଷୀଙ୍କଠାରୁ ୧୪ଲକ୍ଷ ୧୧ ହଜାର ୨୭୭ କୁଇଣ୍ଟାଲ ୨୯ କିଲୋଗ୍ରାମ ଧାନ କ୍ରୟ କରାଯାଇଛି। ସେହିପରି ବର୍ତ୍ତମାନ ସୁଦ୍ଧା ରାଜ୍ୟ ସରକାରଙ୍କ ଖାଦ୍ୟ ନିଗମ ପକ୍ଷରୁ ୧୬ହଜାର ୧୨୩ ଜଣ ଚାଷୀଙ୍କ ଧାନ ବିକ୍ରି ବାବଦକୁ ସେମାନଙ୍କ ବ୍ୟାଙ୍କ ଜମାଖାତାରେ ୨୮୯ କୋଟି ୨୩ ଲକ୍ଷ ୪୬ ହଜାର ୯ ଶହ ଟଙ୍କା ପ୍ରଦାନ କରାଯାଇଛି। ପ୍ରକାଶଯେ କୋରାପୁଟ ଜିଲ୍ଲାରେ ଚଳିତ ବର୍ଷ ୧୯୨୯୮ ଜଣ ଚାଷୀ ପଞ୍ଜୀକରଣ କରିଥିଲେ।

ସେହିପରି ୧୩ଟି ଲ୍ୟାମ୍ପ ଏବଂ ୩ଟି ପାଣି ପଞ୍ଚାୟତକୁ ସମୁଦାୟ ୭୦ଟି ମଣ୍ଡିରୁ ଧାନ କ୍ରୟ ନେଇ ଦାୟୀତ୍ୱ ପ୍ରଦାନ କରାଯାଇଥିଲା। ଏହିପରି ବିଭିନ୍ନ ପର୍ଯ୍ୟାୟରେ ସମୁଦାୟ ଜିଲ୍ଲାରୁ ୧୪ ଲକ୍ଷ ୧୬ ହଜାର ୫୫୦ କୁଇଣ୍ଟାଲ ଧାନ କ୍ରୟ ନେଇ ଲକ୍ଷ୍ୟଧାର୍ଯ୍ୟ ରହିଥିଲା। କୋରାପୁଟ ଜିଲ୍ଲା ମିଲର୍ସଙ୍କ ସମେତ ବଲାଙ୍ଗିର ଏବଂ ଗଞ୍ଜାମ ଜିଲ୍ଲାର ମିଲର୍ସ ମାନେ ଜିଲ୍ଲାରୁ ଉତ୍ପାଦନ ଧାନଗୁଡିକ କଷ୍ଟମ ମିଲିଂ ବାବଦକୁ ଗ୍ରହଣ କରିଛନ୍ତି। ପ୍ରଥମରୁ ମୁଖ୍ୟତଃ ବଲାଙ୍ଗିର ଜିଲ୍ଲାର ମିଲର୍ସ ମାନଙ୍କ ଦ୍ୱାରା ମଣ୍ଡିକୁ ନ ଆସିବା ଏବଂ କଷ୍ଟମ ଧାନ ନିଜ ନିଜ ଜିଲ୍ଲା ମିଲକୁ ନେବା ପରେ ଦୀର୍ଘ ୪ରୁ ୫ ଦିନ ପର୍ଯ୍ୟନ୍ତ ଅନଲୋଡିଂ ନ କରିବା ଦ୍ୱାରା ଚାଷୀଙ୍କୁ ମିଲର୍ସ ରିସିଭିଂ ଟୋକନ ମିଳିନଥିବା ଯୋଗୁଁ ଧାନ ବିକ୍ରି ଟଙ୍କା ବାବଦକୁ ଟଙ୍କା ଜମାଖାତାରେ ପୈଠ ହେବାରେ ସମସ୍ୟା ସୃଷ୍ଟି ହୋଇଥିଲା। ସେହିପରି ସ୍ଥାନୀୟ ଟ୍ରକ ମାଲିକ ସଂଘ ଏବଂ ଅନ୍ୟାନ୍ୟ ଟ୍ରକ ମାଲିକଙ୍କୁ ପକ୍ଷରୁ କୋରାପୁଟ ଜିଲ୍ଲାରୁ ଧାନ ମିଲ ବୋଝେଇ ହୋଇ ବଲାଙ୍ଗିର ଯାଇଥିଲା।

କିନ୍ତୁ ସେଠାରେ ଅନଲୋଡିଂ କରିବାରେ ଦୀର୍ଘ ୪ରୁ ୫ ଦିନ ଏବଂ କିଛି ଟ୍ରକକୁ ଏକ ସପ୍ତାହ ପର୍ଯ୍ୟନ୍ତ ଅନଲୋଡିଂ କରାନଯାଇ ଅଟକାଇ ରଖାଯାଇଥିଲା। ଫଳରେ ଟ୍ରକ ମାଲିକ ସଂଘ ପକ୍ଷରୁ ଅସନ୍ତୋଷ ଦେଖାଦେବା ସହିତ କୋରାପୁଟ ଜିଲ୍ଲା ପରିବହନ ଅଧିକାରୀ ଏବଂ ଜୟପୁରସ୍ଥିତଜିଲ୍ଲା ମୁଖ୍ୟ ଯୋଗାଣ ଅଧିକାରୀଙ୍କ ନିକଟରେ ଅଭିଯୋଗ କରିଥିଲେ।

ସକାଳ THE SAKALA



www.sakalaepaper.com

# ଉଚ୍ଚଶିକ୍ଷାନୁଷ୍ଠାନର ୫୦୦ ମିଟର ପରିଧି ହେବ ନିଶାମୁକ୍ତ ଅଞ୍ଚଳ

**ପ୍ରତ୍ୟକ୍ଷ ଯାଞ୍ଚ କରି ୧୫ ତାରିଖ ମଧ୍ୟରେ ରିପୋର୍ଟ ଦେବାକୁ ନିର୍ଦ୍ଦେଶ**

ଭୁବନେଶ୍ୱର, ୨।୭(ସମିସ): ନିଶାମୁକ୍ତ ହେବ ରାଜ୍ୟର ଉଚ୍ଚଶିକ୍ଷାନୁଷ୍ଠାନ। ଶିକ୍ଷାନୁଷ୍ଠାନର ୫୦୦ ମିଟର ପରିଧି ମଧ୍ୟରେ ମଦ, ତମାଖୁ, ନିଶାଦ୍ରବ୍ୟ ଓ ଅନ୍ୟାନ୍ୟ ମାଦକ ସାମଗ୍ରୀ ବିକ୍ରିକୁ ବାରଣ କରାଯାଇଛି। ଜାତୀୟ ନାର୍କୋଟିକ୍ସ ସମନ୍ୱୟ ବ୍ୟବସ୍ଥା (ଏନ୍‌ସିଓଆର୍‌ଡି)ର ପରାମର୍ଶ ଅନୁଯାୟୀ ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ନୂତନ ନିର୍ଦ୍ଦେଶାବଳୀ ଜାରି କରାଯାଇଛି। ନିଜ ନିଜ ଅନୁଷ୍ଠାନ ପରିସରର ୫୦୦ ମିଟର ଅଞ୍ଚଳର ଭୌତିକ ଯାଞ୍ଚ କରିବାକୁ ବିଭାଗ ପକ୍ଷରୁ ସମସ୍ତ କଲେଜ ଅଧ୍ୟକ୍ଷଙ୍କୁ ନିର୍ଦ୍ଦେଶ ଦିଆଯାଇଛି । ଏହି ପରିଧି ମଧ୍ୟରେ ମଦ, ତମାଖୁ, ନିଶାଦ୍ରବ୍ୟ ଓ ଅନ୍ୟାନ୍ୟ ମାଦକ ସାମଗ୍ରୀ ବିକ୍ରି ହେଉ ନ ଥିବା ସୁନିଶ୍ଚିତ କରିବେ। ଏହାର ରିପୋର୍ଟ ଆସନ୍ତା ୧୫ ତାରିଖ ସୁଦ୍ଧା ଏଚ୍‌ଆଇଏମ୍‌ଏସ୍ ପୋର୍ଟାଲ୍‌ରେ ଅପ୍‌ଲୋଡ୍ କରିବାକୁ କୁହାଯାଇଛି। ଏଥିପାଇଁ ଏକ ସ୍ୱତନ୍ତ୍ର ଫର୍ମାଟ୍ ମଧ୍ୟ ପ୍ରସ୍ତୁତ କରାଯାଇଛି। କଲେଜର ନାମ, ଜିଲ୍ଲା, ଅଧ୍ୟକ୍ଷଙ୍କ ବିବରଣୀ, ଯାଞ୍ଚ ତାରିଖ ସହ ୫୦୦ ମିଟର ମଧ୍ୟରେ ମଦ ଦୋକାନ, ତମାଖୁ ଦୋକାନ କିମ୍ବା ନିଶାଦ୍ରବ୍ୟର ବେଆଇନ କାରବାର ରହିଛି କି ନାହିଁ, ସେ ସମ୍ପର୍କିତ ସୂଚନା ଦେବାକୁ କୁହାଯାଇଛି। ଯଦି ଏଭଳି କୌଣସି କାର୍ଯ୍ୟକଳାପ ଚିହ୍ନଟ ହୁଏ, ତେବେ ସମ୍ପୃକ୍ତ ଦୋକାନ କିମ୍ବା ସ୍ଥାନର ନାମ ଓ ଅବସ୍ଥିତି ମଧ୍ୟ ଉଲ୍ଲେଖ କରିବେ। ଛାତ୍ରଛାତ୍ରୀଙ୍କ ପାଇଁ ସୁରକ୍ଷିତ, ସୁସ୍ଥ ଓ ନିଶାମୁକ୍ତ ଶୈକ୍ଷିକ ପରିବେଶ ସୃଷ୍ଟି କରିବା ଉଦ୍ଦେଶ୍ୟରେ ଏହି ପଦକ୍ଷେପ ନିଆଯାଇଥିବା ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ କୁହାଯାଇଛି।

# ପ୍ରକାଶ ପାଇଲା ପିଜି ପ୍ରବେଶିକା ପରୀକ୍ଷା ଫଳ

**ନାମଲେଖା ପାଇଁ ଆବେଦନ କରିପାରିବେ ୫୩,୯୦୧ ଛାତ୍ରଛାତ୍ରୀ**

ଭୁବନେଶ୍ୱର, ୨।୭(ସମିସ): ସ୍ନାତକୋତ୍ତର ନାମଲେଖା ପାଇଁ ଅନୁଷ୍ଠିତ ପ୍ରବେଶିକା ପରୀକ୍ଷା (ସିପିଇଟି) ଫଳାଫଳ ଆଜି ପ୍ରକାଶ ପାଇଛି। ଛାତ୍ରଛାତ୍ରୀମାନେ ସାମ୍‌ସ ପୋର୍ଟାଲକୁ ଯାଇ ନିଜର ପରୀକ୍ଷାଫଳ ଦେଖିପାରିବେ ବୋଲି ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ଚଳିତ ଶିକ୍ଷାବର୍ଷରେ ପିଜି ନାମଲେଖା ପାଇଁ ହୋଇଥିବା ପ୍ରବେଶିକା ପରୀକ୍ଷା ଦେବାକୁ ମୋଟ୍ ୫୮,୬୧୩ଜଣ ଛାତ୍ରଛାତ୍ରୀ ଆବେଦନ କରିଥିଲେ। ତନ୍ମଧ୍ୟରୁ ୫୩,୯୦୧ଜଣ ପରୀକ୍ଷାର୍ଥୀ ପରୀକ୍ଷା ଦେଇଥିବାବେଳେ ଅବଶିଷ୍ଟ ୪,୭୧୨ ଜଣ ଅନୁପସ୍ଥିତ ରହିଥିଲେ। ପରୀକ୍ଷା ଦେଇଥିବା ସମସ୍ତ ଛାତ୍ରଛାତ୍ରୀ ନାମଲେଖା ପ୍ରକ୍ରିୟାରେ ଅଂଶଗ୍ରହଣ କରିବାକୁ ଚୟନ ହୋଇଛନ୍ତି। ନାମଲେଖା ପାଇଁ ଆବେଦନ କରିବାକୁ ଟାଇମ୍‌ଲାଇନ୍ ପ୍ରକାଶ ପାଇ ନ ଥିବା ବେଳେ ପରବର୍ତ୍ତୀ ସମୟରେ ତାହା ଜାରି କରାଯିବ ବୋଲି ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ସୂଚନାଯୋଗ୍ୟ, ରାଜ୍ୟର ମୋଟ୍ ୧୩୨ଟି ଉଚ୍ଚଶିକ୍ଷାନୁଷ୍ଠାନରେ ସ୍ନାତକୋତ୍ତର ପାଠ୍ୟକ୍ରମ ପାଇଁ ୩୨,୩୦୯ଟି ସିଟ୍ ରହିଛି। ପ୍ରବେଶିକା ପରୀକ୍ଷାର ମାର୍କ ଅନୁସାରେ ନାମଲେଖା ହେବ।

**ନୂଆପଡ଼ାରେ ଚାଷୀ ଆତ୍ମହତ୍ୟା ଘଟଣା**

# ନେପାଳ ମାଝୀଙ୍କ ଘରୁ ତଥ୍ୟ ସଂଗ୍ରହକଲା ବିଜେଡି ଅନୁଧ୍ୟାନକାରୀ ଦଳ

ନୂଆପଡ଼ା/ସିନାପାଲି,୨।୭(ସମିସ): ନୂଆପଡ଼ା ଜିଲ୍ଲାରେ ଚାଷୀଙ୍କ ଧାନ ବିକ୍ରି ନ ହେବା ଯୋଗୁଁ ନେପାଳ ମାଝୀ ନାମକ ଚାଷୀ ଆତ୍ମହତ୍ୟା କରିଥିଲେ। ଏହି ଘଟଣାକୁ ନେଇ ରାଜ୍ୟରେ ଜୋରଦାର ଚର୍ଚ୍ଚା ହେବା ସହ ରାଜ୍ୟ ସରକାରଙ୍କ ଚାଷୀ ମାରଣ ନୀତି ଓ ମଣ୍ଡିରେ ଅବ୍ୟବସ୍ଥା ସାଙ୍ଗକୁ ସ୍ଥାନୀୟ ପ୍ରସାଶନର ଅପାରଗତା ଯୋଗୁଁ ଚାଷୀ ଆତ୍ମହତ୍ୟା କରିଥିବା ବିଜେଡି ଅଭିଯୋଗ କରିଛି। ଆଜି ବିଜେଡ଼ିର ତଥ୍ୟ ସଂଗ୍ରହକାରୀ ଟିମ୍ ଜଡ଼ାମୁଡ଼ା ଗାଁ ସ୍ଥିତ ମୃତ ଚାଷୀଙ୍କ ଘରେ ପହଞ୍ଚି ପରିବାର ଲୋକଙ୍କ ସହ ଆଲୋଚନା କରି ତଥ୍ୟ ସଂଗ୍ରହ କରିଥିଲେ। ପ୍ରକାଶ ଥାଉକି, ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବିଜେଡ଼ି ରାଜ୍ୟ ସଭାପତି ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶ କ୍ରମେ ଏକ ତଥ୍ୟ ଅନୁସନ୍ଧାନକାରୀ ଦଳ ପୂର୍ବତନ ଯୋଗାଣ ମନ୍ତ୍ରୀ ସଞ୍ଜୟ ଦାସ ବର୍ମାଙ୍କ ନେତୃତ୍ୱରେ ଖଡିଆଳ ବିଧାୟକ ଅଧିରାଜ ମୋହନ ପାଣିଗ୍ରାହୀ, ପୂର୍ବତନ ମନ୍ତ୍ରୀ ପୁଷ୍ପେନ୍ଦ୍ର ସିଂହଦେଓ, ବିଜେଡି ଜିଲ୍ଲା ସଭାପତି ଅବନୀ ରଞ୍ଜନ ଯୋଷୀ, ରାଜ୍ୟ ସମ୍ପାଦକ ରାଜେଶ ନିଗମ, ରାଜ୍ୟ ସାଧାରଣ ସମ୍ପାଦକ ମନୋଜ ମିଶ୍ର, ଜିଲ୍ଲା ପରିଷଦ ଅଧ୍ୟକ୍ଷା ଡଲି ମାଝୀ, ଉପାଧ୍ୟକ୍ଷା ଦୀପିକା ଦୀପ, ମହିଳା ଜିଲ୍ଲା ସଭାପତି ସଂତୋସିନି ସଲମା, ଜିଲ୍ଲା ପରିଷଦ ସଦସ୍ୟ



ଭାନୁ ପ୍ରତାପ ସିଂ ମାଝୀ, ଜିଲ୍ଲା ପରିଷଦ ସଭ୍ୟ ମୁରଲୀ ଭୋଇ, ଜିଲ୍ଲା ପରିଷଦ ସଭ୍ୟ ଚିତ୍ତରଞ୍ଜନ ବେହେରା,ଜିଲ୍ଲା ସାଧାରଣ ସମ୍ପାଦକ ହେମନ୍ତ କର, ସାଧାରଣ ସମ୍ପାଦକ କାର୍ତ୍ତିକ ଦୀପ, ବିଜେଡ଼ି ଯୁବ ଜିଲ୍ଲା ସଭାପତି ମନୋଜ ଦୀପ, ପୂର୍ବତନ ଯୁବ ସଭାପତି ହରିଶ୍ଚନ୍ଦ୍ର ପଣ୍ଡା,ଟିଙ୍କୁ ପଣ୍ଡା, ଉମେଶ ସହିସ୍, ନୂଆପଡା ବ୍ଲକ ସଭାପତି ଟୁରନ ସିଂ ମାଝୀ, କୋମନା ବ୍ଲକ ସଭାପତି କ୍ଷମା ସିଂ ନୀଆଲ, ଛାତ୍ର ରାଜ୍ୟ ସାଧାରଣ ସମ୍ପାଦକ ମାନସ ବାଗ୍, ଯୋଗେନ୍ଦ୍ର ମାଝୀ, ଯୋଗେନ୍ଦ୍ର ପାଣ୍ଡେ, ଖରୀଆର ରୋଡ୍ ଏନ୍‌ଏସି ସଭାପତି ଅନୁପ ଦୀପ, ଖଡିଆଲ ବ୍ଲକ ସଭାପତି ହୀରାଧର ମେହେର, ସରସ୍ୱତୀ ବାଗ, ତନ୍ମୟ ବାଗ,ଜଡ଼ାମୁଣ୍ଡା ସରପଞ୍ଚ ସୁରୁସିଂ ମାଝୀ ଟିମ୍‌ରେ ସାମିଲ୍ ଥିଲେ। ସବିଶେଷ ତଥ୍ୟ ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକଙ୍କୁ ପ୍ରଦାନ କରାଯିବ ବୋଲି ବିଜେଡିର ଏହି ସ୍ୱତନ୍ତ୍ର ପ୍ରତିନିଧି ଦଳ ପ୍ରକାଶ କରିଛନ୍ତି।

ଅନ୍ୟପକ୍ଷରେ ଜିଲ୍ଲାରେ ମଣ୍ଡିର ଅବ୍ୟବସ୍ଥାକୁ ନେଇ ବିଜେଡି ନେତା ସଞ୍ଜୟ ଦାସ ବର୍ମା ସାମ୍ବାଦିକ ସମ୍ମିଳନୀରେ ପ୍ରଶ୍ନ ଉଠାଇ ଥିଲେ। ଏହାପରେ ଜିଲ୍ଲାପାଳ ମଧୁସୂଦନ ଦାସଙ୍କୁ ସାକ୍ଷାତକରି ମଣ୍ଡିର ଅବ୍ୟବସ୍ଥାକୁ ନେଇ ଆଲୋଚନା କରିଥିଲେ। ଶ୍ରୀ ବର୍ମା କହିଥିଲେ ଧାନକିଣା ପ୍ରସଙ୍ଗରେ ସରକାର ବିଫଳ ହୋଇଛନ୍ତି। । ମଣ୍ଡିର ବ୍ୟବସ୍ଥା ଠିକ୍ ନାହିଁ, ଏହି ସରକାର ଚାଷୀଙ୍କ ହିତ ପାଇଁ ନାହାନ୍ତି ବୋଲି କହିଥିଲେ। ଜିଲ୍ଲାପାଳଙ୍କ କହିବା ଅନୁଯାୟୀ ଏହି ୩ ତାରିଖ ସୁଦ୍ଧା ଚାଷୀଙ୍କ ଆଇସ୍କେନ୍ କରାଯିବ, ଏହାପରେ ଆମେ ସମସ୍ତ ଧାନ ଉଠାଇବା ବୋଲି କହିଥିବା କହିଛନ୍ତି ଶ୍ରୀ ବର୍ମା। ସାମ୍ବାଦିକ ସମ୍ମିଳନୀରେ ଖଡ଼ିଆଳ ବିଧାୟକ ଅଧିରରାଜ ମୋହନ ପାଣିଗ୍ରାହୀ, ପୂର୍ବତନ ମନ୍ତ୍ରୀ ପୁଷ୍ପେନ୍ଦ୍ର ସିଂ ଦେଓ, ଜିଲ୍ଲାପରିଷଦ ଅଧ୍ୟକ୍ଷା ଡଲିମାଝୀ, ଜିଲ୍ଲା ସଭାପତି ଅବନୀରଞ୍ଜନ ଯୋଶୀ, ଉପାଧ୍ୟକ୍ଷା ଦୀପିକା ଦୀପ, ଜିଲ୍ଲା ପରିଷଦ ସଭ୍ୟ ଭାନୁ ପ୍ରତାପ ମାଝୀ, କାର୍ତ୍ତିକ ଦୀପ, ମନୋଜ ମିଶ୍ର, ସୁବାସ ପଣ୍ଡା, ହେମନ୍ତ କର, ଟୁରନ୍ ମାଝୀ ପ୍ରମୁଖ ଉପସ୍ଥିତ ଥିଲେ।

**ଭୁବନେଶ୍ୱରରେ ଛତିଶିଗଡ଼ ପୁଲିସ**

# ରିମାଣ୍ଡରେ ଯିବେ କନ୍ଧମାଳ ଗଞ୍ଜେଇ ଗ୍ୟାଙ୍ଗ

ଭୁବନେଶ୍ୱର, ୨।୭ (ସମିସ): ଦେଶର ବିଭିନ୍ନ ରାଜ୍ୟକୁ ଗଞ୍ଜେଇ ଚୋରା ଚାଲାଣ ଅଭିଯୋଗରେ ଭୁବନେଶ୍ୱର ଏସ୍‌ଟିଏଫ୍ ଦ୍ୱାରା ଗିରଫ ହୋଇଥିବା ଗନ୍ଧମାଳ ଗଞ୍ଜେଇ ଗ୍ୟାଙ୍ଗ୍‌କୁ ରିମାଣ୍ଡରେ ନେବ ଛତିଶିଗଡ଼ ପୁଲିସ। ଭୁବନେଶ୍ୱର ଏସ୍‌ଟିଏଫ୍ ଦ୍ୱାରା ଗିରଫ ୫ଜଣିଆ ଗ୍ୟାଙ୍ଗକୁ ଛତିଶିଗଡ଼ ପୁଲିସ ଗୁରୁବାର କିଛି ସମୟ ପାଇଁ ପଚରାଉଚରା କରିଛି। ତେବେ କନ୍ଧମାଳ ଗଞ୍ଜେଇ ଗ୍ୟାଙ୍ଗକୁ ଜେରା ପାଇଁ ରିମାଣ୍ଡରେ ନେବାକୁ ଛତିଶଗଡ଼ ପୁଲିସ କୋର୍ଟରେ ଆବେଦନ କରିବ ବୋଲି ସୂଚନା ମିଳିଛି।

ଏସ୍‌ଟିଏଫ୍ ସୂଚନା ମୁତାବକ କନ୍ଧମାଳ ଗଞ୍ଜେଇ ଗ୍ୟାଙ୍ଗର ମାଷ୍ଟରମାଇଣ୍ଡ ଦୁର୍ବାସାସାହୁ ଓ ତାର ୪ ସହଯୋଗୀ ସୁବୁଦ୍ଧି ସାହୁ, ଅରୁଣକୁମାର ରଣା, ପ୍ରକାଶ ଖଟୁଆ ଓ ନିଳାମ୍ବର କହଁର ଦେଶର ବିଭିନ୍ନ ରାଜ୍ୟକୁ ଓଡ଼ିଶାରୁ ଗଞ୍ଜେଇ ଚୋରା ଚାଲାଣ କରିଥାଆନ୍ତି। ଡିସେମ୍ବର ୨୦୨୫ ରୁ ଅଗଷ୍ଟ ୨୦୨୬ ମଧ୍ୟରେ ଏମାନେ ଛତିଶିଗଡ଼ ସମେତ ଅନେକ ଉତ୍ତର ଭାରତ ରାଜ୍ୟ ଗୁଡ଼ିକୁ ଗଞ୍ଜେଇ ଚାଲାଣ କରିଛନ୍ତି ଓ ୩୧୧ କ୍ୱିଣ୍ଟାଲ ଗଞ୍ଜେଇ ଚୋରାଚାଲାଣ ଅଭିଯୋଗରେ ଏସ୍‌ଟିଏଫ୍ ସେମାନଙ୍କୁ ଗିରଫ କରିଛି। ଅଭିଯୁକ୍ତମାନେ ଏକ ଢାବା ନିକଟରେ ଟ୍ରକରେ ଗଞ୍ଜେଇ ରଖିଥିଲେ। ଏଠାରୁ ଉତ୍ତର ପ୍ରଦେଶକୁ ଗଞ୍ଜେଇ ଚାଲାଣ ହେଇଥାନ୍ତା। ଛତିଶିଗଡ଼ ପୁଲିସ ଖବର ପାଇ ଢାବା ପାଖରେ ଛିଡା ହୋଇଥିବା ଟ୍ରକରେ ଛାପା ମାରିବା ପରେ ଗଞ୍ଜେଇ ସହ ଉପସ୍ଥିତ କିଛି ଅଭିଯୁକ୍ତକୁ ଧରିଥିଲା। ହେଲେ ଏମାନେ ପୁଲିସକୁ ଓଲଟା ମାଡ଼ ମାରି ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲେ। ସେବେ ଠାରୁ ଏହି କନ୍ଧମାଳ ଗଞ୍ଜେଇ ଗ୍ୟାଙ୍ଗ ଛତିଶିଗଡ଼ ପୁଲିସର ମୋଷ୍ଟ ୱାଣ୍ଟେଡ୍ ଲିଷ୍ଟରେ ଥିବା କୁହାଯାଉଛି।

# ଖଣିରୁ ପଥର ଧସି ଯୁବକଙ୍କ ମୃତ୍ୟୁ

କୋଇଡା,୨।୭(ସମିସ): ସୁନ୍ଦରଗଡ଼ ଜିଲ୍ଲା କୋଇଡ଼ା ଥାନା ଅନ୍ତର୍ଗତ ମାଲଦା ଅଞ୍ଚଳରେ ବେଆଇନ୍ ମାଙ୍ଗାନିଜ ଖଣିରୁ ଚୋରାଚାଲାଣ ବେଳେ ଏକ ଦୁଃଖଦ ଘଟଣା ଘଟିଛି। ଅତଡ଼ା ଧସି ପଡ଼ିବାରୁ ମାଟି ଓ ପଥର ତଳେ ଚାପି ହୋଇ ଜଣେ ୧୮ ବର୍ଷୀୟ ଯୁବକ କ୍ରିସ୍ କଚ୍ଛପଙ୍କ ଘଟଣା ସ୍ଥଳରେ ମୃତ୍ୟୁ ଘଟିଥିବା ବେଳେ ଜଣେ ନାବାଳକ ରାଜ ମୁଣ୍ଡାଙ୍କ ଅଣ୍ଟା ଓ ଗୋଡ଼ ଭାଙ୍ଗି ଯାଇ ଗୁରୁତର ହୋଇଛନ୍ତି। ନାବାଳକଙ୍କୁ ଯୋଡ଼ା ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ସ୍ଥାନୀୟ ଅଞ୍ଚଳରେ ବେଆଇନ୍ ମାଙ୍ଗାନିଜ ଚୋରା ଚାଲାଣକୁ ନେଇ ପୂର୍ବରୁ ମଧ୍ୟ ଏଭଳି ବାରମ୍ବାର ଦୁର୍ଘଟଣା ଘଟି ଜୀବନ ହାନୀ ହୋଇଛି।

# ମାମୁଁ ମୋବାଇଲ୍ ଛଡ଼ାଇ ନେବାରୁ ବିଷପିଇ ନାବାଳିକାଙ୍କ ଆତ୍ମହତ୍ୟା

ଉଦଳା, ୨।୭ (ସମିସ): ମୋବାଇଲ ପାଇଁ ଯାଇଛି ଜଣେ ନାବାଳିକାଙ୍କ ଜୀବନ। ମାମୁଁ ମୋବାଇଲ ଛଡ଼ାଇ ନେଇ ଭାଙ୍ଗିଦେବାରୁ ରାଗି ଯାଇ ବିଷପିଇ ଦେଇଥିଲେ ଦୁର୍ଗା ନାଏକଙ୍କ ୧୫ ବର୍ଷର ନାବାଳିକା ଝିଅ ରୁନୁ ନାଏକ। ତାଙ୍କୁ ଉଦଳା ଡାକ୍ତରଖାନାକୁ ନିଆଯାଉଥିବାବେଳେ ବାଟରେ ମୃତ୍ୟୁ ହୋଇଯାଇଥିଲା। ଏଭଳି ଅଭାବନୀୟ ଘଟଣା ରାଜବରହମପୁର ଥାନା ଅନ୍ତର୍ଗତ ଗବପାଳ ଗ୍ରାମରେ ଘଟିଛି। ସୂଚନା ମୁତାବକ, ରୁନୁ ସକାଳୁ ବସି ମୋବାଇଲ ଦେଖୁଥିଲେ ଓ ତାଙ୍କ ମାଆ ଆଉ ମାମୁଁ ପାଟି କରି ମୋବାଇଲ ଛଡ଼ାଇ ନେଇ ଭାଙ୍ଗିଦେଇଥିଲେ। ଫଳରେ ରୁନୁ ରାଗିଯାଇ କୀଟନାଶକ ପିଇ ଦେଇଥିଲେ। ତାଙ୍କୁ ଉଦଳା ଡାକ୍ତରଖାନାକୁ ନିଆଯାଉଥିବାବେଳେ ପହଞ୍ଚିବା ବେଳକୁ ମୃତ୍ୟୁ ହୋଇସାରିଥିଲା। ପୁଲିସ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଥିଲା। ତେବେ ଡାକ୍ତରଙ୍କ ଧର୍ମଘଟ ଚାଲିଥିବାରୁ ବ୍ୟବଚ୍ଛେଦ ହୋଇ ନ ପାରି ମୃତଦେହ ପଡ଼ିରହିଥିବା ଜଣାପଡ଼ିଛି।

# ଦୁଇ ବାଘ ଛାଲ ଜବତ, ଆନ୍ତଃରାଜ୍ୟ ଶିକାରୀ ଗିରଫ

ନୂଆପଡ଼ା/କୋମନା,୨।୭ (ସମିସ): ବନ୍ୟଜନ୍ତୁ ସୁରକ୍ଷା ଓ ଅବୈଧ ଶିକାର ବିରୋଧୀ ଅଭିଯାନ "ଅପରେସନ ସେଫ୍ ପାସେଜ୍' ରେ ଏକ ବଡ଼ ସଫଳତା ମିଳିଛି। ଗୁଇନ୍ଦା ସୂଚନା ଆଧାରରେ ଛତିଶଗଡ଼ ବନ ବିଭାଗ ଓ ବିଭିନ୍ନ ଏଜେନ୍ସିଙ୍କ ମିଳିତ ଚଢ଼ଉରେ ଆନ୍ତଃରାଜ୍ୟ ଶିକାରୀ ଚକ୍ରକୁ ବଡ଼ ଝଟକା ଦିଆଯାଇଛି। ଛତିଶଗଡ଼ ରାଜ୍ୟ କାଙ୍କେର ଜିଲ୍ଲାର ପଶ୍ଚିମ ପାରଲକୋଟ ରେଞ୍ଜରେ ଚାଲିଥିବା ଅଭିଯାନବେଳେ ବୁଧବାର ଦୁଇ ଶିକାରୀଙ୍କୁ ଗିରଫ କରାଯିବା ସହ ସେମାନଙ୍କ ନିକଟରୁ ଦୁଇଟି ବାଘ ଛାଲ ଜବତ କରାଯାଇଛି। ଗିରଫ ଅଭିଯୁକ୍ତ ହେଲେ ବାବୁ ରାଓ ମାଣ୍ଡଭି ଓ ବିଯେଶ୍ୱର ଗିଦମ। ଏମାନେ ମହାରାଷ୍ଟ୍ରର ଚନ୍ଦ୍ରପୁର ଅଞ୍ଚଳର ବାସିନ୍ଦା। ଏହି ଘଟଣାରେ ଭାନୁପ୍ରତାପପୁର ଫରେଷ୍ଟ ଡିଭିଜନ ପକ୍ଷରୁ ମାମଲା ରୁଜୁ କରାଯାଇ ତଦନ୍ତ ଜାରି ରହିଛି। ଏହା ପୂର୍ବରୁ ବସ୍ତରର ଅବୁଝମାଡ଼ ଅଞ୍ଚଳରେ ୯ଟି ଭାରତୀୟ ବିଶାଳ ଗୁଣ୍ଡୁଚିମୂଷା ଶିକାର କରିଥିବା ଜଣେ ଶିକାରୀଙ୍କୁ ମଧ୍ୟ ଗିରଫ କରାଯାଇଥିଲା।

**■ ବରିଷ୍ଠ ଓଏଏସ ଗ୍ରୁପ୍-ଏ ଅଧିକାରୀ ମାମଲା**

# ଚୂଡ଼ାନ୍ତ ଗ୍ରେଡେସନ ତାଲିକା କାର୍ଯ୍ୟକାରିତାରେ ଅନ୍ତରୀଣ ଅଙ୍କୁଶ

କଟକ,୨।୭(ସମିସ): ଓଡ଼ିଶା ପ୍ରଶାସନିକ ସେବା (ଓଏଏସ) ଗ୍ରୁପ୍-ଏ (ଜୁନିଅର ବ୍ରାଞ୍ଚ) ଅଧିକାରୀଙ୍କ ବରିଷ୍ଠତା ନିର୍ଦ୍ଧାରଣକୁ ନେଇ ଚାଲିଥିବା ବିବାଦରେ ହାଇକୋର୍ଟ ଏକ ଗୁରୁତ୍ୱପୂର୍ଣ୍ଣ ନିର୍ଦ୍ଦେଶ ଦେଇଛନ୍ତି। ଏନେଇ ପ୍ରକାଶିତ ଚୂଡ଼ାନ୍ତ ଗ୍ରେଡେସନ ତାଲିକାକୁ କାର୍ଯ୍ୟକାରୀ କରାଯିବା ଉପରେ ହାଇକୋର୍ଟ ଅନ୍ତରୀଣ ଅଙ୍କୁଶ ଜାରି କରିଛନ୍ତି। ଏହାସହିତ ଏହି ମାମଲାରେ ସରକାର ଓ ଅନନ୍ୟ ପ୍ରତିପକ୍ଷଙ୍କୁ ନୋଟିସ ଜାରି କରାଯାଇଛି। ମୁଖ୍ୟ ବିଚାରପତି ଜଷ୍ଟିସ ହରିଶ ଟଣ୍ଡନ ଓ ଜଷ୍ଟିସ ଏମ୍.ଏସ.ରମଣଙ୍କୁ ନେଇ ଗଠିତ ଖଣ୍ଡପୀଠ ହେମବନ୍ତୀ ପାତ୍ର, ସିଦ୍ଧାର୍ଥ ଶଙ୍କର ଓ ଅନ୍ୟମାନଙ୍କ ଦ୍ୱାରା ଦାୟର ହୋଇଥିବା ରିଟ୍ ଅପିଲର ଶୁଣାଣି କରି ଏହି ନିର୍ଦ୍ଦେଶ ଦେଇଛନ୍ତି। ଖଣ୍ଡପୀଠ କହିଛନ୍ତି ଯେ "ନିଯୁକ୍ତି ବର୍ଷ'ର ବ୍ୟାଖ୍ୟା ଏବଂ ସେମାନେ କେବେଠାରୁ କ୍ୟାଡରଭୁକ୍ତ ହେଲେ ତାହା ବିଚାରସାପେକ୍ଷ। ସେଥିପାଇଁ ଅଦାଲତ ପ୍ରକାଶିତ ଚୂଡ଼ାନ୍ତ ଗ୍ରେଡେସନ ତାଲିକା ଉପରେ ରୋକ୍ ଲଗାଇବା ସହ ଏହି ସମୟ ମଧ୍ୟରେ ଯଦି କୌଣସି ପଦକ୍ଷେପ ନିଆଯାଇଥାଏ, ତାହା ମାମଲାର ଚୂଡ଼ାନ୍ତ ରାୟ ଉପରେ ନିର୍ଭର କରିବ ବୋଲି ସ୍ପଷ୍ଟ କରିଛନ୍ତି। ମାମଲାର ବିବରଣୀରୁ ପ୍ରକାଶ ଯେ ଗତ ୨୦୧୧ମସିହା ନଭେମ୍ବର ୧୭ରେ ଓଡ଼ିଶା ସିଭିଲ ସର୍ଭିସେସ ପରୀକ୍ଷା ପାଇଁ ବିଜ୍ଞପ୍ତି ପ୍ରକାଶ ପାଇଥିଲା। ମାତ୍ର ଆଇନଗତ ବିବାଦ କାରଣରୁ ନିଯୁକ୍ତି ପ୍ରକ୍ରିୟାରେ ବିଳମ୍ବ ହୋଇଥିଲା। ଏଥିପାଇଁ ସିଧାସଳଖ ନିଯୁକ୍ତ ଅଧିକାରୀମାନେ ୨୦୧୬ ମସିହାରେ ଚାକିରିରେ ଯୋଗ ଦେଇଥିଲେ। ଏହି ମଧ୍ୟବର୍ତ୍ତୀ ସମୟରେ, ଅର୍ଥାତ ୨୦୧୫ ମସିହାରେ, ପଦୋନ୍ନତି ଭିତ୍ତିରେ ଅନେକ ଅଧିକାରୀଙ୍କୁ ଓଏଏସ ଗ୍ରୁପ୍-ଏ ପଦରେ ଅବସ୍ଥାପିତ କରାଯାଇଥିଲା। ସରକାରଙ୍କ ପକ୍ଷରୁ ପ୍ରକାଶିତ ଚିଠା ଗ୍ରେଡେସନ ତାଲିକାରେ ୨୦୧୬ରେ ଯୋଗ ଦେଇଥିବା ସିଧାସଳଖ ନିଯୁକ୍ତ ଅଧିକାରୀଙ୍କୁ ୨୦୧୧ରୁ ନିଯୁକ୍ତ ଦର୍ଶାଇ ପଦୋନ୍ନତି ପାଇଥିବା ଅଧିକାରୀଙ୍କ ଉପରେ ବରିଷ୍ଠତା ତାଲିକାରେ ସ୍ଥାନ ଦିଆଯାଇଥିଲା। ହାଇକୋର୍ଟଙ୍କ ଜଣିକିଆ ବିଚାରପତି ଏହି ଗ୍ରେଡେସନ ତାଲିକାର ପୁନଃ ସମୀକ୍ଷା କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଏଥିସହ ପଦୋନ୍ନତି ପାଇଥିବା ଅଧିକାରୀମାନେ ଯେହେତୁ ଆଗରୁ ଯୋଗ ଦେଇଥିଲେ ତେଣୁ ସେମାନଙ୍କୁ ତାଲିକାର ଉପରେ ରଖିବାକୁ କହିଥିଲେ। ଜଣିକିଆ ବିଚାରପତିଙ୍କ ଏହି ରାୟ ବିରୋଧରେ ସିଧାସଳଖ ନିଯୁକ୍ତ ଅଧିକାରୀମାନେ ଦୁଇ ଜଣିଆ ଖଣ୍ଡପୀଠଙ୍କ ଦ୍ୱାରସ୍ଥ ହୋଇଛନ୍ତି। ଏହି ମାମଲାର ପରବର୍ତ୍ତୀ ଶୁଣାଣି ଆସନ୍ତା ଅଗଷ୍ଟ ୧୭ରେ ହେବ ବୋଲି ଧାର୍ଯ୍ୟ କରାଯାଇଛି।

**'ଶକ୍ତି ବନ୍ଦନାର ମହାଗାଥା' ଜାତୀୟ ଆଲୋଚନାଚକ୍ର ଉଦ୍‌ଘାଟିତ**

# ବେଗୁନିଆରେ ନିର୍ମାଣ ହେବ 'ଲକ୍ଷ୍ମୀ ପୁରାଣ କରିଡର୍'

ଭୁବନେଶ୍ୱର,୨।୭(ସମିସ): ବଳରାମ ଦାସଙ୍କ ସମାଧିପୀଠରେ ପର୍ଯ୍ୟଟନ ବିଭାଗ ପକ୍ଷରୁ 'ଲକ୍ଷ୍ମୀ ପୁରାଣ କରିଡର' ନିର୍ମାଣ କରାଯିବ। ଏଥିପାଇଁ ରୂପରେଖ ପ୍ରସ୍ତୁତ କରାଯାଇଥିବା ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା କହିଛନ୍ତି। ଗୁରୁବାର ମିଶନ ଶକ୍ତି ଭବନସ୍ଥିତ ଅଡିଟୋରିଅମରେ ଆୟୋଜିତ 'ଶକ୍ତି

**ମହିଳାଙ୍କୁ ବଣ୍ଟାଯିବ ବଳରାମ ଦାସଙ୍କ ୧କୋଟି ମୂଳ ଲକ୍ଷ୍ମୀ ପୁରାଣ**

ବନ୍ଦନାର ମହାଗାଥା-ବଳରାମ ଦାସଙ୍କ ଲକ୍ଷ୍ମୀ ପୁରାଣ' ଶୀର୍ଷକ ଆଲୋଚନାଚକ୍ରକୁ ଉଦ୍‌ଘାଟନ କରି ଉପମୁଖ୍ୟମନ୍ତ୍ରୀ ଶ୍ରୀମତୀ ପରିଡ଼ା କହିଛନ୍ତି, ମହାଲକ୍ଷ୍ମୀ ପୁରାଣର ମୂଳ ବାର୍ତ୍ତା କେବଳ ଧାର୍ମିକ ନୁହେଁ; ବରଂ ଏହା ଏକ ସାମାଜିକ ବିପ୍ଲବର ପ୍ରତୀକ। ପ୍ରକୃତ ସମୃଦ୍ଧି କେବଳ ଧନରେ ନୁହେଁ; ବରଂ ନ୍ୟାୟ, ସମାନତା, ପରିଶ୍ରମ, ସ୍ୱାଭିମାନ ଓ ସମ୍ମାନ ଉପରେ ନିର୍ଭର କରେ। ଆଗାମୀ ଦିନରେ, ବଳରାମ ଦାସଙ୍କ ରଚିତ ୧ କୋଟି ମୂଳ ଲକ୍ଷ୍ମୀପୁରାଣକୁ ଛପାଯାଇ ମହିଳାଙ୍କୁ ବଣ୍ଟାଯିବ। କେବଳ ଏହା ନୁହେଁ, ମୌଳିକ ଲକ୍ଷ୍ମୀ ପୁରାଣକୁ କଣ୍ଠଶିଳ୍ପୀ ନମିତା ଅଗ୍ରୱାଲ୍ ଓ ଗୀତା ଦାସ ଗାଇବେ ବୋଲି ସେ ସୂଚନା ଦେଇଛନ୍ତି।

ଏହି ଅବସରରେ ଗୋପ ବ୍ଲକ ଅନ୍ତର୍ଗତ



ବେଗୁନିଆ ଗ୍ରାମରେ ପ୍ରସ୍ତାବିତ 'ଲକ୍ଷ୍ମୀ ପୁରାଣ କରିଡର'ର ପରିକଳ୍ପିତ ଚିତ୍ର ଉପରେ ଆଧାରିତ ଏକ ସ୍ୱତନ୍ତ୍ର ଭିଡିଓ ମଧ୍ୟ ପ୍ରଦର୍ଶିତ ହୋଇଥିଲା। କାର୍ଯ୍ୟକ୍ରମରେ ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଯୋଗଦେଇ ଲକ୍ଷ୍ମୀ ପୁରାଣ କେବଳ ମା' ଲକ୍ଷ୍ମୀଙ୍କ ବନ୍ଦନା ନୁହେଁ; ବରଂ ମହିଳାମାନଙ୍କୁ ସମ୍ମାନ ଦେବାର ଏକ ପ୍ରକ୍ରିୟା ଓ ମାର୍ଗ ଅଟେ ବୋଲି କହିଥିଲେ। ଆଲୋଚନାଚକ୍ରରେ ନୂଆଦିଲ୍ଲୀସ୍ଥିତ ଇନଷ୍ଟିଚ୍ୟୁଟ ଅଫ୍ ସୋସିଆଲ ସାଇନ୍‌ସେସ୍‌ର ମହିଳା ଅଧ୍ୟୟନ କାର୍ଯ୍ୟକ୍ରମର ମୁଖ୍ୟ ଡ. ବିଦ୍ୟୁତ୍‌ଲତା ମହାନ୍ତି, ବିଶିଷ୍ଟ ଲେଖକ ଓ ସ୍ତମ୍ଭକାର ଅସିତ ମହାନ୍ତି, ଅବସରପ୍ରାପ୍ତ ଅଧ୍ୟାପକ ଗୌରାଙ୍ଗ ଚରଣ ଦାସ, ବିଶିଷ୍ଟ କଣ୍ଠଶିଳ୍ପୀ ଗୀତା ଦାସ, ନମିତା ଅଗ୍ରୱାଲଙ୍କ ସମେତ ଅନନ୍ତ ଅବଧୂତ ମଠର ଶ୍ରୀ ଆଦିତ୍ୟ ଚନ୍ଦ୍ର ଦାସ, ରମାଦେବୀ ବିଶ୍ୱବିଦ୍ୟାଳୟର ସୁଚେତା ପ୍ରିୟବାଦିନୀ, ଉତ୍କଳ ବିଶ୍ୱବିଦ୍ୟାଳୟର ଜୟନ୍ତୀ ଦୋରା ପ୍ରମୁଖ ଅଂଶଗ୍ରହଣ କରିଥିଲେ। କାର୍ଯ୍ୟକ୍ରମରେ ସଂସ୍କୃତି ବିଭାଗ ସଚିବ ବିଜୟ କେତନ ଉପାଧ୍ୟାୟ, ମିଶନ ଶକ୍ତି ବିଭାଗ ନିର୍ଦ୍ଦେଶିକା ଡ. ମୋନିକା ପ୍ରିୟଦର୍ଶିନୀ, ପର୍ଯ୍ୟଟନ ବିଭାଗ ନିର୍ଦ୍ଦେଶକ ଦୀପଙ୍କର ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମରେ ଅଂଶଗ୍ରହଣକାରୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

**ସୁଦୃଢ଼ ହେବ ବିପର୍ଯ୍ୟୟ ପରିଚାଳନା ଭିତ୍ତିଭୂମି**

# ଖୁବ୍‌ଶୀଘ୍ର ୪ ସହରରେ ଡପ୍ଲର୍ ରାଡାର

ଭୁବନେଶ୍ୱର,୨।୭(ସମିସ): ବିପର୍ଯ୍ୟୟ ପରିଚାଳନା ଭିତ୍ତିଭୂମି ସୁଦୃଢ଼ କରିବା ଦିଗରେ ପାଣ୍ଠି ଏବଂ ଆନୁସଙ୍ଗିକ ସୁବିଧାସୁଯୋଗ ପ୍ରଦାନ ଦିଗରେ ରାଜ୍ୟସରକାରଙ୍କ ପକ୍ଷରୁ କୌଣସି ପ୍ରତିବନ୍ଧକ ରହିବ ନାହିଁ ବୋଲି ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ ସୁନିଶ୍ଚିତ କରିଛନ୍ତି। ରାଜ୍ୟରେ ବିପର୍ଯ୍ୟୟ ପରିଚାଳନା ବ୍ୟବସ୍ଥାକୁ ଅଧିକ ସୁଦୃଢ଼ ଓ ପ୍ରଭାବଶାଳୀ କରିବା ଲକ୍ଷ୍ୟରେ ଗୁରୁବାର ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ମନ୍ତ୍ରୀ ସୁରେଶ ପୂଜାରୀଙ୍କ ଅଧ୍ୟକ୍ଷତାରେ ଲୋକସେବା ଭବନଠାରେ ଏକ ଉଚ୍ଚସ୍ତରୀୟ ସମୀକ୍ଷା ବୈଠକ ବସିଥିଲା। ଏହି ବୈଠକରେବୈଠକରେ ରାଜ୍ୟ ବିପର୍ଯ୍ୟୟ ପ୍ରତିକ୍ରିୟା ପାଣ୍ଠି (ଏସ୍‌ଡିଆର୍‌ଏଫ) ଅଧୀନରେ ବଜେଟ୍ ବ୍ୟୟର କାର୍ଯ୍ୟଯୋଜନା ସମ୍ପର୍କରେ ବିସ୍ତୃତ ଆଲୋଚନା ହୋଇଥିଲା। ଏହାସହିତ ବହୁମୁଖୀ ବନ୍ୟା ଓ ବାତ୍ୟା ଆଶ୍ରୟ କେନ୍ଦ୍ର ନିର୍ମାଣର ଅଗ୍ରଗତି ସମ୍ପର୍କରେ ସମୀକ୍ଷା କରି ଯଥାଶୀଘ୍ର ବିଭିନ୍ନ ଜିଲ୍ଲାରେ ପ୍ରସ୍ତାବିତ ସ୍ଥାନ ଚିହ୍ନଟ କରି ବିଭିନ୍ନ ବିଭାଗ ମଧ୍ୟରେ ସମନ୍ୱୟ ରକ୍ଷା କରି ଏହି ନିର୍ମାଣ କାର୍ଯ୍ୟ ସାରିବାକୁ ମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ସେହିପରି ଇତି ମଧ୍ୟରେ ସମ୍ବଲପୁରରେ ଡପ୍ଲର ରାଡାର ସ୍ଥାପନ ପ୍ରାୟତଃ ସମାପ୍ତ ହୋଇଥିବା ବେଳେ ଖୁବ୍ ଶୀଘ୍ର ଏହାର ଉଦଘାଟନ କରାଯିବ। ଏହି ପରିପ୍ରେକ୍ଷୀରେ ବାଲେଶ୍ୱର, ଭୁବନେଶ୍ୱର ଏବଂ ପୁରୀଠାରେ ମଧ୍ୟ ପ୍ରସ୍ତାବିତ ଡପ୍ଲର ରାଡାର ସ୍ଥାପନ କାର୍ଯ୍ୟର ଅଗ୍ରଗତି ସମୀକ୍ଷା କରି ଏହାକୁ ଚଳିତ ବର୍ଷ ସୁଦ୍ଧା ସମାପ୍ତ କରିବାକୁ ମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ବୈଠକରେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଡଃ ଅରବିନ୍ଦ ପାଢ଼ୀ, ଏସ୍‌ଆରସି ରାଜେଶ ପ୍ରଭାକର ପାଟିଲଙ୍କ ସମେତ ବରିଷ୍ଠ ଅଧିକାରୀମାନେ ସାମିଲ ଥିଲେ।

**ଜମି ଦେଲେ, ଶ୍ରମ ଦେଲେ; ଧୋକା ଦେଲା କମ୍ପାନୀ**

# ହକ୍ ନିମନ୍ତେ ଆନ୍ଦୋଳନକୁ ଓହ୍ଲାଇଲେ ଶ୍ରମିକ

ଛତ୍ରପୁର, ୨।୭( ସମିସ) : ଛତ୍ରପୁର ଉପକଣ୍ଠ ସରାଫ ଏଜେନ୍ସି ପ୍ରା. ଲିଃ ଟିଟାନିୟମ କମ୍ପାନୀର କର୍ମଚାରୀ ମାନେ ନିଜ ହକ ନିମନ୍ତେ ଗୁରୁବାର ପୁଣି ଆନ୍ଦୋଳନକୁ ବିଭିନ୍ନ ଦାବି ନେଇ ଟିଟାନିୟମ ଏମ୍‌ପୋଇଜ ୟୁନିୟନ ପକ୍ଷରୁ ସମସ୍ତ ଶ୍ରମିକମାନେ ଛତ୍ରପୁରସ୍ଥିତ ଜିଲ୍ଲା ଶ୍ରମ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ବସିଛନ୍ତି। ଜମି ଦେଲୁ,



ଓହ୍ଲାଇଛନ୍ତି। ଟିଟାନିୟମ କାରଖାନା ଶ୍ରମିକଙ୍କୁ ଗତ ନଭେମ୍ବର ୨୦୨୪ ଠାରୁ ଆଜି ପର୍ଯ୍ୟନ୍ତ ସମ୍ପୂର୍ଣ୍ଣ ଦରମା ପ୍ରଦାନ କରିବା ଏବଂ କାରଖାନାକୁ ତୁରନ୍ତ ଚାଲୁ କରିବା ସମେତ ଶ୍ରମ ଦେଲୁ, ସରାଫ୍ ଟିଟାନିୟମ୍ ନାମକ କମ୍ପାନି ଗଢ଼ିବାରେ ସମ୍ପୂର୍ଣ୍ଣ ସହଯୋଗ କଲୁ । ମାତ୍ର ଶେଷରେ କମ୍ପାନୀ ଆମକୁ ଧୋକା ଦେବା ସହିତ ଆମ ଅତ୍ୟାଚାର କରୁଛି। ପ୍ରତିଶୃତି ଅନୁଯାୟୀ ଆମର ସମସ୍ତ ଲୋକଙ୍କୁ ଚାକରି ଦେଲା ନାହିଁ। ବିଭିନ୍ନ ବାହାନା କରି ଦରମା ସମେତ ଆବଶ୍ୟକ ଦାବି ଗୁଡିକ ପୂରଣ କଲା ନାହିଁ। ଶେଷରେ ଆମକୁ ବିଭିନ୍ନ ପ୍ରକାର ଧମକ ଦେଉଛି। ଏହାକୁ କେବେ ହେଲେ ବରଦାସ୍ତ କରାଯିବ ନାହିଁ। ଆମ ହକ ନିମନ୍ତେ ଲଢେଇ ଜାରି ଜାରି ରହିବ ବୋଲି ଶ୍ରମିକମାନେ ଚେତାବନୀ ଦେଇଛନ୍ତି। ଶ୍ରମିକ ମାନଙ୍କ ସମସ୍ତ ଦାବିଗୁଡିକ ଯଥା ପୂରଣ କରିବା ନିମନ୍ତେ କମ୍ପାନୀ ଓ ଜିଲ୍ଲା ପ୍ରଶାସନ ଏଥି ପ୍ରତି ଗୁରୁତ୍ୱ ଦେବା କୁ ୟୁନିୟନ ପକ୍ଷରୁ କୁହାଯାଇଛି। ଏହି ଆନ୍ଦୋଳନରେ ଟିଟା ନିୟମ ଏମ୍‌ପୋଇଜ ୟୁନିୟନର ସଭାପତି ଆର. ଦଣ୍ଡପାଣି ରେଡ୍ଡୀ, ସମ୍ପାଦକ ଶଙ୍କର ବେହେରା, ଉପସଭାପତି ଡିଲ୍ଲୀ ପ୍ରଧାନ, କମିଟି ମେମ୍ବର ଏସ କାମରାଜୁ ରେଡ୍ଡୀ, ରବୀନ୍ଦ୍ର ସାହୁ, ଏସ. ବାଲାଜୀ ରେଡ୍ଡୀ, ହରେ କୃଷ୍ଣ ବେହେରା ଏବଂ ଆର ପୋଲେୟା ରେଡ୍ଡୀଙ୍କ ସମେତ ବହୁ ଶ୍ରମିକ ଧାରଣାରେ ସାମିଲ ହୋଇଥିଲେ।

**ଗେରୁଆ ଟୋପି ପିନ୍ଧିଲେ ବିଜେଡିରୁ ନିଲମ୍ବିତ ଶଶି-ସୁବାସିନୀ**

# ଘରେ ପଶୁପଶୁ ମୁଣ୍ଡରେ ଚାଳ, ବାଣ ମାରିଲେ ପଦ୍ମଲୋଚନ

ବାଲେଶ୍ୱର,୨।୭ (ସମିସ): ଗୋଳିଆ ହେଉଛି ବାଲେଶ୍ୱର ପଦ୍ମ ପୋଖରୀ । ବାଲେଶ୍ୱର ଜିଲ୍ଲାରେ ଦଳ ଡିଆଁ ନେତାଙ୍କ ସଂଖ୍ୟା ଯେତେ ବଢୁଛି, ପୁରୁଖା ବିଜେପି ନେତାଙ୍କୁ ସେତେ ଭୋଲ୍ଟର ଝଟକା ଲାଗୁଛି। ଏବେ ଖଇରା ସିମୁଳିଆ ନିର୍ବାଚନ ମଣ୍ଡଳୀରେ ଦଳ ଡିଆଁ ରାଜନୀତିକୁ ନେଇ ଗାଁ ଗଣ୍ଡାରେ ତୁମ୍ବି ତୋଫାନ ସୃଷ୍ଟି ହେବାକୁ ଯାଉଛି। ବିଜେଡିରୁ ନିଲମ୍ବିତ ବିଜେଡି ନେତା ଶଶି କୁମାର ସାହୁ ଓ ତାଙ୍କ ଧର୍ମପତ୍ନୀ ସୁବାସିନୀ ସାହୁ ରାଜ୍ୟ ବିଜେପି କାର୍ଯ୍ୟାଳୟରେ ବିଜେପିରେ ସାମିଲ ହୋଇଛନ୍ତି। ମାତ୍ର ବିଜେପି ଶିବିରରେ ପଶୁପଶୁ ଦୁଇ ନେତାଙ୍କ ମୁଣ୍ଡରେ ବାଜିଛି ଚାଳ । ସେମାନଙ୍କ ମିଶ୍ରଣକୁ ସହଜରେ ଗ୍ରହଣ କରିପାରି ନାହାନ୍ତି ଜିଲ୍ଲା ଯୋଜନା ବୋର୍ଡ ଅଧ୍ୟକ୍ଷ ତଥା ସିମୁଳିଆ ବିଧାୟକ ପଦ୍ମଲୋଚନ ପଣ୍ଡା। ଜମି ଓ ଖଣି କାରବାର ସୁରକ୍ଷା ପାଇଁ ଦୁହେଁ ବିଜେପିରେ ଯୋଗ ଦେଇଥିବା ଶ୍ରୀ ପଣ୍ଡା କଟାକ୍ଷ କରିଛନ୍ତି।

ବିଧାୟକ ଶ୍ରୀ ପଣ୍ଡା କହିଛନ୍ତି ଯେ ତାଙ୍କ ଅଗୋଚରରେ ଶଶିଙ୍କୁ ଦଳରେ ମିଶାଯାଇଛି । କୁପାରୀ ଅଞ୍ଚଳ ଥିବା ପଥର ଖଣି ଓ ଜମି କାରବାରକୁ ସୁରକ୍ଷା ଦେବାକୁ ଶଶି ବିଜେପି ଶିବିରକୁ ଆସିଛନ୍ତି ବୋଲି ଶ୍ରୀ ପଣ୍ଡା କହିଛନ୍ତି। ଜିଲ୍ଲା ସଭାପତି, ସ୍ଥାନୀୟ ନେତୃ ମଣ୍ଡଳୀ କିମ୍ବା ସ୍ଥାନୀୟ ବିଧାୟକଙ୍କୁ ଅନ୍ଧାରରେ ରଖି ଶଶିକୁ ଦଳକୁ ଆଣି ସଂଗଠନରେ ବିଶୃଙ୍ଖଳା ବଢ଼ାଯାଉଛି ବୋଲି ସେ କହିଛନ୍ତି। ଗତ ସାଧାରଣ ନିର୍ବାଚନରେ ବିଜେଡିରୁ ସିମୁଳିଆ ନିର୍ବାଚନ ମଣ୍ଡଳୀର ପ୍ରାର୍ଥୀ ସୁବାସିନୀ ସାହୁ ପ୍ରାର୍ଥୀ ହୋଇଥିଲେ। ପଦ୍ମଲୋଚନଙ୍କ ଠାରୁ ହାରିବା

**'ଖଣି ଓ ଜମି କାରବାର ସୁରକ୍ଷା ପାଇଁ ବିଜେପିରେ ଯୋଗଦାନ'**

ପରେ ପୁଣି ସେ ବିଜେପି ଶିବିରରେ ପ୍ରବେଶ ଦଳ ପାଇଁ ମୁଣ୍ଡବ୍ୟଥାର କାରଣ ପାଲଟିଛି । ଆଗକୁ ପଞ୍ଚାୟତ ନିର୍ବାଚନ ଥିବା ବେଳେ ପଦ୍ମଲୋଚନଙ୍କୁ ନିଷ୍କ୍ରିୟ କରିବାକୁ ରାଜ୍ୟ ବିଜେପି ନେତୃତ୍ୱଙ୍କ ଏହା ଏକ ଚାଲ ବୋଲି କର୍ମୀ ମହଲରେ ଚର୍ଚ୍ଚା ହେଉଛି । ଶଶି ବିଜେଡ଼ିରୁ ନିଲମ୍ବିତ ହେବା ପରେ ଜ୍ୟୋତିଙ୍କ ଉପରେ ବିଜେଡ଼ି ନେତୃତ୍ୱ ଅଧିକ ଭରସା କରି ତାଙ୍କୁ ଜିଲ୍ଲା ସଭାପତି ଦାୟିତ୍ୱ ଦେଇଛି। ବିଜେଡ଼ି ଶିବିର ଏକ ପ୍ରକାର ଶୃଙ୍ଖଳିତ ହେବାକୁ ଯାଉଥିବା ବେଳେ ବିଜେପିରେ ଆଗକୁ ପଦ୍ମଲୋଚନ ଓ ଶଶିଙ୍କ ସମାନ୍ତରାଳ ସଂଗଠନ ଦଳକୁ କେତେଟା ଫାଇଦା ପହଂଚାଇବ ତାହା ଜଳ ଜଳ ହୋଇ ବୁଝାପଡୁଛି ।

ବିଧାୟକ ଶ୍ରୀ ପଣ୍ଡା କହିଛନ୍ତି ଯେ ବିଜେପିରେ କିଏ ମିଶିଛି ମୁଁ ଜାଣିନାହିଁ। ତାଙ୍କୁ ରାଜ୍ୟ ସଭାପତି ମିଶାଇଛନ୍ତି, ମୋତେ ଜଣାଇନାହାନ୍ତି କି ଡକାଇ ନାହାନ୍ତି। ଆମ ଅଞ୍ଚଳର ଲୋକ କେହି ଯାଇନଥିଲେ। ସେ ଖଣି ଖାଦାନରୁ ମୂଳିଆଙ୍କୁ ନେଇ ଦଳରେ ମିଶିଛି । ଶଶି ପାଖରେ ଖଣି ଅଛି ମଣି ଅଛି। ଭୁବନେଶ୍ୱରରେ ତାଙ୍କର ୨୦୦-୪୦୦ ଏକର ଜମି ଅଛି। ସେ ଜଣେ ସାଇବେରିଆନ ପକ୍ଷୀ। ତାଙ୍କ ଘର ସୋର ଅଞ୍ଚଳରେ, ଖଇରା କି ସିମୁଳିଆରେ ତାଙ୍କ ଘର ନାହିଁ। ସେ ବିଜେପିରେ ଥିଲା, ଧୋକା ଖାଇ ବିଜେଡି ଗଲେ, ଏବେ ପୁଣି ବିଜେଡିରେ ଧୋକା ଖାଇ ବିଜେପି ଆସିଛନ୍ତି। ସେ ଆସିବା ଦ୍ୱାରା ମୁଁ ଆଦୌ ଚିନ୍ତିତ ନୁହଁ ବୋଲି ସିଧାସଳଖ କହିଛନ୍ତି।

## ଆଜିର ରାଶିଫଳ

**ମେଷ:** ଯୋଜନା ମୁତାବକ କାମ କରିବେ । କ୍ୟାରିୟରକୁ ନେଇ ଆଗକୁ ବଢ଼ିବେ । ବୈବାହିକ ଜୀବନ ସୁଖମୟ ହେବ । ଆର୍ଥିକ ଦୃଷ୍ଟିରୁ ଦିନଟି ଭଲରେ କଟିବ । ଅଫିସ୍ କାର୍ଯ୍ୟ ପାଇଁ ଦୂର ସ୍ଥାନକୁ ଯାତ୍ରା କରିପାରନ୍ତି ।

**ବୃଷ:** ସମାଜରେ ମାନସମ୍ମାନ ବୃଦ୍ଧି ପାଇବ । ଦୀର୍ଘ ଦିନର ଆଶା ପୂରଣ ହେବ । ପରିବାରର ଦାୟିତ୍ୱ ସୁଚାରୁରୂପେ ତୁଲାଇବେ । ଅବିବାହିତଙ୍କ ପାଇଁ ବିବାହ ପ୍ରସ୍ତାବ ଆସିପାରେ । ରାଜନେତାଙ୍କ ପାଇଁ ଦିନଟି ଭଲ ।

**ମିଥୁନ:** କାର୍ଯ୍ୟକ୍ଷେତ୍ରରେ ଅଧିକ କାମ କରିବାକୁ ପଡ଼ିପାରେ । ବ୍ୟବସାୟରେ ଲାଭ ମିଳିବ । କ୍ରୋଧ ଉପରେ ନିୟନ୍ତ୍ରଣ ରଖନ୍ତୁ । ଚକ୍ଷୁ ସମସ୍ୟା ଭୋଗିପାରନ୍ତି । ଆଶା ପୂରଣ ହେବ ।

**କର୍କଟ:** କୌଣସି କଥାକୁ ନେଇ ଚିନ୍ତିତ ରହିପାରନ୍ତି । ଅଫିସ୍‌ରେ ପଦୋନ୍ନତି ସମ୍ଭାବନା ଅଛି । ପ୍ରତିଯୋଗିତାମୂଳକ ପରୀକ୍ଷା ପ୍ରସ୍ତୁତି ଲାଗି ବିଦ୍ୟାର୍ଥୀଙ୍କୁ ଅଧିକ ପରିଶ୍ରମ କରିବାକୁ ପଡ଼ିପାରେ ।

**ସିଂହ:** କଳା ଓ ସାହିତ୍ୟ ପ୍ରତି ରୁଚି ବଢ଼ିବ । କାର୍ଯ୍ୟରେ ସଫଳତା ମିଳିବ । ଦିନଟି ବ୍ୟସ୍ତତା ଭିତରେ କଟିପାରେ । ସାମାଜିକ କାର୍ଯ୍ୟରେ ସହଯୋଗ କରିବେ । ପରିବାର ସହିତ ହସ ଖୁସିର ସମୟ ବିତାଇବେ ।

**କନ୍ୟା:** ସହକର୍ମୀଙ୍କ ସହ ଉତ୍ତମ ବୁଝାମଣା ରହିବ । ଉଧାର ଦେଇଥିବା ଟଙ୍କା ଫେରି ପାଇବେ । ପରିବାର ସଦସ୍ୟଙ୍କ ସହ ଧାର୍ମିକ ସ୍ଥାନକୁ ଯାତ୍ରା କରିପାରନ୍ତି । ପ୍ରେମିକ-ପ୍ରେମିକାଙ୍କ ପାଇଁ ଦିନଟି ଭଲ ।

**ତୁଳା:** ଅଫିସ୍‌ରେ ବରିଷ୍ଠ ଅଧିକାରୀଙ୍କଠାରୁ ପ୍ରଶଂସା ପାଇବେ । ଆଇଟି କର୍ମଚାରୀଙ୍କ ପାଇଁ ଦିନଟି ଭଲ । ଧନ ଲାଭର ଯୋଗ ଅଛି । ପୁରୁଣା ବନ୍ଧୁଙ୍କ ସହ ସାକ୍ଷାତ ହୋଇପାରେ । ଲୋକ ସମ୍ପର୍କ ବୃଦ୍ଧି ପାଇବ ।

**ବିଛା:** କୋର୍ଟ କଚେରୀ ମାମଲାର ଶୁଣାଣି ହେବ । ଅଧିକ ଖର୍ଚ୍ଚାନ୍ତ ହେବାକୁ ପଡ଼ିପାରେ । ମହିଳାମାନେ ଘରକାର୍ଯ୍ୟରେ ବ୍ୟସ୍ତ ରହିପାରନ୍ତି । ନୂତନ ବ୍ୟବସାୟ ଆରମ୍ଭ କରିପାରନ୍ତି ।

**ଧନୁ:** ଜୀବନସାଥୀଙ୍କଠାରୁ ଉପହାର ମିଳିବ । ଗୁରୁଜନଙ୍କ ଆଶୀର୍ବାଦ ନେଇ ନୂତନ ବ୍ୟବସାୟ ଆରମ୍ଭ କରିପାରନ୍ତି । ପିଲାମାନେ ଖେଳକୁଦରେ ସମୟ ଅତିବାହିତ କରିବେ ।

**ମକର:** ଆଜି ଦିନଟି ମିଶ୍ରିତ ଫଳ ପ୍ରଦାନ କରିବ । ବ୍ୟବସାୟକୁ ଆଗକୁ ନେବା ଲାଗି ନୂଆ ଯୋଜନା କରିବେ । କଣ୍ଠଶିଳ୍ପୀଙ୍କ ପାଇଁ ଦିନଟି ଭଲ । ବ୍ୟକ୍ତିଗତ କଥା ଅନ୍ୟମାନଙ୍କ ସହ ସେୟାର କରନ୍ତୁନି ।

**କୁମ୍ଭ:** ଖୁସି ଖବର ମିଳିପାରେ । ସନ୍ତାନଙ୍କ ଭବିଷ୍ୟତ ପାଇଁ ନୂଆ ଯୋଜନା ପ୍ରସ୍ତୁତ କରିବେ । ଅବିବାହିତଙ୍କ ପାଇଁ ବିବାହ ପ୍ରସ୍ତାବ ଆସିପାରେ । ବ୍ୟବସାୟରୁ ଲାଭ ମିଳିବ । ମହିଳାମାନେ ଘର କାମରେ ବ୍ୟସ୍ତ ରହିବେ ।

**ମୀନ:** ଚାକିରିରେ ନୂଆ ସୁଯୋଗ ଜୁଟିପାରେ । ଆଣ୍ଠୁଗଣ୍ଠି ସମସ୍ୟା ହୋଇପାରେ । ଦାମ୍ପତ୍ୟ ଜୀବନ ସୁଖମୟ ହେବ । ଧାର୍ମିକ କାର୍ଯ୍ୟରେ ସାମିଲ ରହିବେ । ସକାରାତ୍ମକ ଚିନ୍ତାଧାରା ନେଇ ଆଗକୁ ବଢ଼ିବେ ।

## ଆଜିର ଇତିହାସ

- ୧୭୬୦- ମରାଠା ସେନା ଦିଲ୍ଲୀ ଉପରେ କବ୍‌ଜା କଲେ ।
- ୧୭୭୮ - ଆର୍ଜେଣ୍ଟିନା ବିରୋଧରେ ପର୍ସିଆର ଯୁଦ୍ଧ ଘୋଷଣା ।
- ୧୯୦୮ - ବ୍ରିଟିଶ ସରକାର ବାଲ ଗଙ୍ଗାଧର ତିଲକଙ୍କୁ ଗିରଫ କଲେ ।
- ୧୯୨୮ - ଲଣ୍ଡନରେ ପ୍ରଥମ ଥର ରଙ୍ଗୀନ୍ ଟେଲିଭିଜନ କାର୍ଯ୍ୟକ୍ରମ ପ୍ରସାରଣ କରାଗଲା ।
- ୧୯୭୨- ଭାରତ ଓ ପାକିସ୍ତାନ ମଧ୍ୟରେ କଶ୍ମୀର ସମ୍ବନ୍ଧୀୟ ନିରସ୍ତ୍ର ଚୁକ୍ତି ସ୍ୱାକ୍ଷର ।

# 'ଆଲ୍‌ଫା' ଆଲିଆ ନେଇଛନ୍ତି ୨୫ କୋଟି



ଯଶରାଜ୍ ଫିଲ୍ମସ୍‌ର ସ୍ପାଇ ୟୁନିଭର୍ସର ସପ୍ତମ ଫିଲ୍ମ 'ଆଲ୍‌ଫା' ଖୁବ୍ ଶୀଘ୍ର ସିନେମା ହଲ୍‌ରେ ମୁକ୍ତିଲାଭ କରିବ । ଫିଲ୍ମରେ ଆଲିଆ ଭଟ୍ଟ ଏବଂ ଶର୍ବରୀ ୱାଘ୍ ଲିଡ୍ ରୋଲରେ ଦେଖାଯିବେ । ଯଶ ରାଜ ଫିଲ୍ମସ୍‌ର ସ୍ପାଏ ୟୁନିଭର୍ସ ପ୍ରଥମ ଥର ପାଇଁ ଏକ ମହିଳା ଲିଡ୍ ଫିଲ୍ମ ନିର୍ମାଣ କରୁଛି । ଏଥିରେ ଆଲିଆ ଓ ଶର୍ବରୀଙ୍କ ବ୍ୟତୀତ ଅନୀଲ କପୁର, ବବି ଦେଓ୍ୱଲ ପ୍ରମୁଖ ଲିଡ୍ ରୋଲରେ ନଜର ଆସିବେ । ଶିବ ରାୱୈଲ ଏହାର ନିର୍ଦ୍ଦେଶନା ଦେଇଛନ୍ତି । ଏବେ ଏହି ଫିଲ୍ମର କଳାକାରମାନଙ୍କର ପାରିଶ୍ରମିକକୁ ନେଇ ସୋସିଆଲ ମିଡିଆରେ ଚର୍ଚ୍ଚା ଆରମ୍ଭ ହୋଇଛି । ଏଥିରେ ଆଲିଆ 'ସୁପର୍ ଏଜେଣ୍ଟ' ସୀତା ଭୂମିକାରେ ଅଭିନୟ କରୁଛନ୍ତି । ଏହି ଭୂମିକା ପାଇଁ ସେ ୨୫ କୋଟି ନେଇଛନ୍ତି । ସେହିପରି ଆଲିଆଙ୍କ ସହ ସୁପର୍ ଏଜେଣ୍ଟ ଭୂମିକାରେ ଅଭିନୟ କରୁଥିବା ଶର୍ବରୀ ୩ କୋଟି ନେଇଛନ୍ତି । ବବି ଦେଓ୍ୱଲ ଏଥିରେ ଖଳନାୟକ ଭାବେ ଦେଖାଯିବେ । ସେ ଏହି ଫିଲ୍ମ ପାଇଁ ପାରିଶ୍ରମିକ ବାବଦରେ ୬ କୋଟି ନେଇଛନ୍ତି । ଅନୀଲ କପୁର ମଧ୍ୟ ୬ କୋଟି ନେଇଛନ୍ତି । ହ୍ରିତିକ୍ ରୋଶନ ଏଥିରେ ଅତିଥି କଳାକାର ଭାବେ ଦେଖାଯିବେ । ହେଲେ ସେ ଏହି ଭୂମିକା ପାଇଁ କେତେଟଙ୍କା ନେଇଛନ୍ତି ତାହା ଜଣାପଡ଼ିନାହିଁ । ଏହି ଚଳଚ୍ଚିତ୍ରଟି ପ୍ରଥମ ଦିନରେ ଅତି କମ୍‌ରେ ୪.୫୦ରୁ ୭.୫୦ କୋଟି ଟଙ୍କା ରୋଜଗାର କରିବ ବୋଲି ଆଶା କରାଯାଉଛି ।

# ଚିଡ଼ିଆଖାନାର ଚାଲାକି: ଜେବ୍ରା ନୁହେଁ ଗଧ

ଚୀନ୍‌ରୁ ବେଳେବେଳେ ଏମିତି ଖବର ସବୁ ଆସିଥାଏ ଯାହାକୁ ଶୁଣି ସାରା ଦୁନିଆ ଆଶ୍ଚର୍ଯ୍ୟ ପ୍ରକାଶ କରିଥାଏ । ଏଥର ଏଠାକାର ଏକ ଚିଡ଼ିଆଖାନା ଚାଲାକିର ସବୁ ସୀମା ପାର୍ କରି ଚର୍ଚ୍ଚାକୁ ଆସିଛି । ଚିଡ଼ିଆଖାନା ପକ୍ଷରୁ ଏକ ଗଧ ଶରୀରରେ କଳା ରଙ୍ଗ ପେଣ୍ଟ କରାଯାଇ ତାକୁ ଜେବ୍ରାର ରୂପ ଦେଇ ପିଞ୍ଜରାରେ ରଖାଯାଇଥିଲା । ଅବଶ୍ୟ ଚିଡ଼ିଆଖାନା ପ୍ରଶାସନର ଏହି ଚାଲାକିକୁ ସେଠାକୁ ଆସିଥିବା ପର୍ଯ୍ୟଟକମାନେ ଧରି ଦେଇଥିଲେ । ଲୋକେ ତୁରନ୍ତ ଏହି ନକଲି ଜେବ୍ରାର ରହସ୍ୟ ପଦାରେ ପକାଇଦେଲେ । ଏହାର ଭିଡିଓ ସୋସିଆଲ ମିଡିଆରେ ବେଶ୍ ଭାଇରାଲ ହେଉଛି । ଇଣ୍ଟରନେଟ୍‌ରେ ଏହାକୁ 'ଅଲ୍ଟ୍ରା ପ୍ରୋ ମ୍ୟାକ୍ସ' ଜୁଗାଡ଼ କହି ପରିହାସ କରାଯାଉଛି । ଘଟଣାଟି ଚୀନ୍‌ର ୱେଇଫାଙ୍ଗ୍ ସହରର ଆନକିୟୁ ୱାଇଲ୍ଡଲାଇଫ୍ ପାର୍କର ଅଟେ । ଭାଇରାଲ୍ ଭିଡିଓରେ ସ୍ପଷ୍ଟ ଦେଖାଯାଉଛି ଯେ, ଏକ ଗଧର ଶରୀରରେ କଳା ରଙ୍ଗର ଗାର ସବୁ ପେଣ୍ଟ କରାଯାଇଛି, ଯେମିତି କି ସେ ଦୂରରୁ ଜେବ୍ରା ଭଳି ଦେଖାଯିବ । ତେବେ, ଧରାପଡ଼ିବା ପରେ ଚିଡ଼ିଆଖାନା କର୍ତ୍ତୃପକ୍ଷ ଯେଉଁ ସଫେଇ ଦେଇଛନ୍ତି, ତାହା ଲୋକଙ୍କୁ ଆହୁରି ଆଶ୍ଚର୍ଯ୍ୟ କରିଛି । ଯେତେବେଳେ ଇଣ୍ଟରନେଟ୍‌ରେ ଚିଡ଼ିଆଖାନାର ବଦନାମ ହେବାକୁ ଲାଗିଲା, ସେତେବେଳେ ସେଠାକାର ଜଣେ କର୍ମଚାରୀ ସୋସିଆଲ ମିଡିଆରେ ସଫେଇ ଦେଇ ଲେଖିଲେ ଯେ, "ଆମେ ତ କେବଳ ପଶୁମାନଙ୍କର ବେଶ ବଦଳାଇବା କାମ କରୁଥିଲୁ । ଆମେ କେବେ ବି ଦାବି କରିନୁ ଯେ, ଏହା ପ୍ରକୃତ ଜେବ୍ରା । ଆମେ ପିଞ୍ଜରା ବାହାରେ ଏମିତି କୌଣସି ବୋର୍ଡ ମଧ୍ୟ ଲଗାଇ ନ ଥିଲୁ । ଏହା କେବଳ ଏକ ମଜାକ୍ ଥିଲା, ଯେମିତି ଏଠାକୁ ଆସୁଥିବା ଲୋକେ ଟିକେ ହସିପାରିବେ ଏବଂ ସେମାନଙ୍କର ମନୋରଞ୍ଜନ ହୋଇପାରିବ ।" ଏଠାରେ ପ୍ରକାଶ ଥାଉ କି, ଚୀନ୍‌ର ଚିଡ଼ିଆଖାନାରେ ପଶୁମାନଙ୍କର ଏଭଳି ଅଦଳବଦଳ ପ୍ରଥମ ଘଟଣା ନୁହେଁ । ଗତ ବର୍ଷ ମଧ୍ୟ ଶାନଡୋଙ୍ଗ୍‌ର ଜିବୋ ସିଟି ଆମ୍ୟୁଜମେଣ୍ଟ ପାର୍କ ଏକ ଗଧକୁ ଜେବ୍ରା ବନାଇ ଲୋକଙ୍କ ସାମ୍ନାକୁ ଆଣିଥିଲା, ଯାହାକୁ ବେଶ୍ ସମାଲୋଚନା କରାଯାଇଥିଲା । ଏହା ବ୍ୟତୀତ, ଗତ ବର୍ଷ ତାଇଝୋଉ ଚିଡ଼ିଆଖାନା ଦୁଇଟି ସୁନ୍ଦର ଧଳା ରଙ୍ଗର 'ଚାଉ-ଚାଉ' ପ୍ରଜାତିର କୁକୁରକୁ କଳା ଏବଂ କମଳା ରଙ୍ଗରେ ରଙ୍ଗେଇ 'ବାଘ'ର ରୂପ ଦେଇ ଚର୍ଚ୍ଚାକୁ ଆସିଥିଲା । ସେହି ସମୟରେ ଲୋକେ ଚିଡ଼ିଆଖାନା କର୍ତ୍ତୃପକ୍ଷଙ୍କ ଉପରେ ପଶୁମାନଙ୍କ ପ୍ରତି କ୍ରୂରତା ହେଉଥିବା ଅଭିଯୋଗ ଆଣିଥିଲେ । ତେବେ ଭାଇରାଲ ଭିଡିଓକୁ ଦେଖି ସୋସିଆଲ ମିଡିଆରେ ଲୋକେ ଚୀନ୍‌ର ଶସ୍ତା ପ୍ରଯୁକ୍ତିବିଦ୍ୟାର ଖୁବ୍ ମଜା ନେଉଛନ୍ତି । ଚୀନ୍ ନକଲି ଜିନିଷ ପାଇଁ ପ୍ରସିଦ୍ଧ ବୋଲି ଏଘଟଣା ପୁଣି ଥରେ ପ୍ରମାଣିତ କରିଛି ବୋଲି ଅନେକେ ମତ ଦେଇଛନ୍ତି ।



# ପଥର ଦ୍ୱାରା ନ୍ୟାୟ ପ୍ରଦାନ

ଲୋକେ ନିଜର ଅଧିକାର ଓ ନ୍ୟାୟ ପାଇଁ ମୁଖ୍ୟତଃ କୋର୍ଟର ଦ୍ୱାରସ୍ଥ ହୋଇଥାନ୍ତି । ହେଲେ ତେଲଙ୍ଗାନାର ଗ୍ରାମାଞ୍ଚଳରେ ନ୍ୟାୟ ପାଇଁ ଏକ ସ୍ୱତନ୍ତ୍ର ପରମ୍ପରା ଅନୁଷ୍ଠିତ ହୋଇଥାଏ । ଏଠାରେ ଏକ ସ୍ୱତନ୍ତ୍ର ପଥର ମାଧ୍ୟମରେ ଲୋକଙ୍କୁ ନ୍ୟାୟ ପ୍ରଦାନ କରାଯାଏ । ସ୍ଥାନୀୟ ଭାଷାରେ ଏହାକୁ ବୋଡ୍ଡୁ ରାୟ କୁହାଯାଏ । ତେଲୁଗୁରେ ବୋଡ୍ଡୁର ଅର୍ଥ ନାଭି ଏବଂ ରାୟୀର ଅର୍ଥ ପଥରକୁ ବୁଝାଏ । ଯେପରି ମାଆ ଶରୀର ସହ ଶିଶୁର ନାଭି ଯୋଡ଼ି ହୋଇଥାଏ, ସେହିପରି ଏହି ପଥର ଗ୍ରାମର ଜନ୍ମ ଓ କେନ୍ଦ୍ରବିନ୍ଦୁକୁ ସୂଚିତ କରେ । ପ୍ରାଚୀନ କାଳରେ ଦକ୍ଷିଣ ଭାରତ (ବିଶେଷ କରି ତେଲଙ୍ଗାନା ଏବଂ ଆନ୍ଧ୍ରପ୍ରଦେଶ)ରେ ଯେତେବେଳେ ଏକ ନୂଆ ଗ୍ରାମ ବସତି ସ୍ଥାପନ କରାଯାଉଥିଲା, ସେତେବେଳେ ସର୍ବପ୍ରଥମେ ଏହି ପଥରଟିକୁ ସ୍ଥାପନା କରାଯାଉଥିଲା । ଏହା ଗ୍ରାମର ପ୍ରତିଷ୍ଠାକୁ ସୂଚିତ କରେ ଏବଂ ଏହାକୁ ମଝି ଭାଗରେ ପୋତାଯାଏ । ଗ୍ରାମବାସୀମାନେ ବୋଡ୍ଡୁ ରାୟକୁ ଦେବୀ ଶକ୍ତିଙ୍କର ଏକ ସ୍ୱରୂପ ଭାବେ ପୂଜା କରନ୍ତି । ବିଶ୍ୱାସ ରହିଛି ଯେ, ଏହି ପଥର ଗ୍ରାମକୁ ମହାମାରୀ, ପ୍ରାକୃତିକ ବିପର୍ଯ୍ୟୟ ଏବଂ ଖରାପ ଶକ୍ତିରୁ ରକ୍ଷା କରି ଗ୍ରାମରେ ସୁଖ-ସମୃଦ୍ଧି ଆଣିଥାଏ । ଗ୍ରାମକୁ ନୂଆ ବୋହୂଟିଏ ଆସିଲେ କିମ୍ବା ଝିଅ ବିବାହ କରି ଶାଶୁଘରକୁ ଯିବା ସମୟରେ ଏହି ପଥର ପାଖରେ ପୂଜା କରି ଗ୍ରାମରେ ପ୍ରବେଶ କରିଥାନ୍ତି । ଅନେକ ଗ୍ରାମରେ ଆଜି ବି କୌଣସି ବଡ଼ ବିବାଦର ସମାଧାନ ପାଇଁ ଗ୍ରାମର ମୁଖିଆମାନେ ଏହି ପଥର ପାଖରେ ବସି ନିଷ୍ପତ୍ତି ନିଅନ୍ତି । ବିଶ୍ୱାସ ରହିଛି ଯେ, ଏହି ପବିତ୍ର ପଥର ସମ୍ମୁଖରେ କେହି ମିଛ କୁହନ୍ତି ନାହିଁ । ଆଶ୍ଚର୍ଯ୍ୟର କଥା ଏହା ଯେ, ଆଜି ମଧ୍ୟ କୌଣସି ବଡ଼ ସାମାଜିକ ବିବାଦ କିମ୍ବା ଆପୋଷ ଲଢ଼େଇର ସମାଧାନ ପାଇଁ ଗାଁର ବୟୋଜ୍ୟେଷ୍ଠମାନେ ଏହି ପଥର ପାଖରେ ସଭା କରନ୍ତି । ଗ୍ରାମବାସୀଙ୍କର ଦୃଢ଼ ବିଶ୍ୱାସ ରହିଛି ଯେ, ଏହି ପବିତ୍ର ସ୍ଥାନରେ ଠିଆ ହୋଇ କୌଣସି ବି ବ୍ୟକ୍ତି ମିଛ କହିବାକୁ ସାହସ କରିପାରିବେ ନାହିଁ, ଯାହାଫଳରେ ଏଠାରେ ନିଆଯାଉଥିବା ନିଷ୍ପତ୍ତି ସମସ୍ତଙ୍କ ପାଇଁ ଗ୍ରହଣୀୟ ହୋଇଥାଏ । ଆଧୁନିକ ଅଦାଲତ ଏବଂ ଥାନା ଚକ୍କର କାଟିବା ବଦଳରେ ଗ୍ରାମବାସୀ ଆଜି ମଧ୍ୟ ନିଜର ପାରମ୍ପରିକ ନ୍ୟାୟ ବ୍ୟବସ୍ଥା ଉପରେ ଭରସା କରନ୍ତି । ଏହି ପଥର ଶତାବ୍ଦୀ ଶତାବ୍ଦୀ ଧରି କୌଣସି ଭେଦଭାବ ବିନା ଗାଁରେ ଶାନ୍ତି ଏବଂ ସଦ୍‌ଭାବନା ବଜାୟ ରଖିବାର ମାଧ୍ୟମ ହୋଇ ରହିଛି । ବାହାଘର ହେଉ କିମ୍ବା ପିଲା ଜନ୍ମ, ଲୋକମାନେ ଏଠାରେ ମୁଣ୍ଡିଆ ମାରିବାକୁ ଭୁଲନ୍ତି ନାହିଁ । ଦୀର୍ଘ ବର୍ଷ ପରେ କିମ୍ବା ଦଶ ବର୍ଷରେ ଥରେ ଯେତେବେଳେ ନୂଆ ବୋଡ୍ଡୁ ରାୟର ସ୍ଥାପନା କରାଯାଏ, ସେତେବେଳେ ଏହାକୁ 'ବୋଡ୍ରଇ ପ୍ରତିଷ୍ଠା' କୁହାଯାଏ । ସହର କିମ୍ବା ବିଦେଶରେ ବସବାସ କରୁଥିବା ଲୋକମାନେ ମଧ୍ୟ ଏହି ସମୟରେ ନିଜ ଗାଁକୁ ଫେରିଆସନ୍ତି । ଏହି ଉତ୍ସବ ଗ୍ରାମବାସୀଙ୍କୁ ଆପୋଷ ଭେଦଭାବ ଭୁଲି ଏକଜୁଟ ହେବାର ବାର୍ତ୍ତା ଦିଏ । ଏହି ପରମ୍ପରାରୁ ବୁଝାପଡ଼େ, ପରିବର୍ତ୍ତିତ ପରିସ୍ଥିତିରେ ମଧ୍ୟ ତେଲଙ୍ଗାନାର ଯୁବପିଢ଼ି ନିଜର ସଂସ୍କୃତି ଏବଂ ବିଶ୍ୱାସକୁ ବଜାୟ ରଖିଛନ୍ତି ।

# ଟିକାକରଣ



ପୋଲିଓକୁ ପରାସ୍ତ କରି ଭାରତ ବିଶ୍ୱ ସ୍ୱାସ୍ଥ୍ୟ କ୍ଷେତ୍ରରେ ଏକ ଐତିହାସିକ ସଫଳତା ହାସଲ କରିଛି । ଅଧୁନାତମ ଜାତୀୟ ପରିବାର ସ୍ୱାସ୍ଥ୍ୟ ସର୍ବେକ୍ଷଣ (୨୦୨୩-୨୪) ଅନୁସାରେ ଦେଶରେ ୧୨ରୁ ୨୩ ମାସର ପିଲାଙ୍କ କ୍ଷେତ୍ରରେ ପୂର୍ଣ୍ଣାଙ୍ଗ ଟିକାକରଣ ହାର ୮୭% ରହିଛି । ଏହି ସଫଳତା ଅଗଣିତ ବାଲ୍ୟାବସ୍ଥା ଅସୁସ୍ଥତା ଏବଂ ମୃତ୍ୟୁକୁ ରୋକିପାରିଛି । ତେବେ ପୋଲିଓକୁ ହରାଇବା ଏକ ବଡ଼ ସଫଳତା ହୋଇଥିଲେ ମଧ୍ୟ ସହର ବସ୍ତି, ପ୍ରବାସୀ ପରିବାର ଓ ଦୁର୍ଗମ ଅଞ୍ଚଳରେ କିଛି ଶିଶୁ ଏପର୍ଯ୍ୟନ୍ତ ଟିକାକରଣରୁ ବଞ୍ଚିତ ରହୁଛନ୍ତି । ତେଣୁ ପୋଲିଓମୁକ୍ତ ରହିବାର ସଫଳତାକୁ ଦୀର୍ଘସ୍ଥାୟୀ କରିବା ପାଇଁ ସମାନ ଭାବେ ନିରନ୍ତର ପ୍ରୟାସ ଆବଶ୍ୟକ ବୋଲି ଇଣ୍ଟରନ୍ୟାସନାଲ ପେଡିଏଟ୍ରିକ ଆସୋସିଏସନର ଏକ୍‌ଜିକ୍ୟୁଟିଭ ଡାଇରେକ୍ଟର ଡା. ନବୀନ ଥାକର କହିଛନ୍ତି ।


ସମ୍ପ୍ରତି କିଛି ସ୍ୱାସ୍ଥ୍ୟ କର୍ତ୍ତୃପକ୍ଷ ଉତ୍ତର ପ୍ରଦେଶ ଗାଜିଆବାଦରେ ଦୁଣ୍ଡାହେରା ଟ୍ରିଟ୍‌ମେଣ୍ଟ ପ୍ଲାଣ୍ଟରୁ ନର୍ଦ୍ଦମାଜଳ( ସିୱେଜ) ନମୁନାରେ ଟିକାରୁ ପ୍ରାପ୍ତ ପୋଲିଓ ଭୂତାଣୁ ଠାବ କରିଥିଲେ । ପାଟିରେ ଦିଆଯାଉଥିବା ପୋଲିଓ ଟିକାରେ ଏକ ଦୁର୍ବଳ କରାଯାଇଥିବା ଜୀବନ୍ତ ଭୂତାଣୁ ଥାଏ । ଟିକାକରଣ କଭ୍‌ରେଜ ଅତ୍ୟନ୍ତ ନିମ୍ନକୁ ଖସିଲେ ଦୁର୍ବଳ କରାଯାଇଥିବା ଭୂତାଣୁ ଟିକାକରଣ ହୋଇନଥିବା ପିଲାଙ୍କ ମଧ୍ୟରେ ବ୍ୟାପିପାରେ । ଏହା ଭବିଷ୍ୟତରେ ବିପଦ ସୃଷ୍ଟି କରିପାରେ । ପୂର୍ଣ୍ଣାଙ୍ଗ ଟିକାକରଣ ହୋଇନଥିବା ପିଲାଙ୍କ କ୍ଷେତ୍ରରେ ଏହି ଭୂତାଣୁ ବ୍ୟାପିବା ଘଟଣା ହୁଏତ ଠାବ କରାଯାଇ ନପାରେ । ପୋଲିଓ କ୍ଷେତ୍ରରେ ଛୋଟ ରୋଗ ପ୍ରତିରୋଧ ଶୂନ୍ୟସ୍ଥାନ ମଧ୍ୟ ଗୁରୁତ୍ୱ ରଖୁଛି ।

ଅନେକ ସମୟରେ ସହରର ବସ୍ତି ଅଞ୍ଚଳ ଓ ଦୁର୍ଗମ ଗ୍ରାମାଞ୍ଚଳରେ ସ୍ୱାସ୍ଥ୍ୟ କର୍ମୀମାନେ ପହଞ୍ଚିବାରେ ସମସ୍ୟା ସୃଷ୍ଟି ହୋଇଥାଏ । ଭୁଲ୍ ସୂଚନା ଅଥବା ସ୍ଥାନୀୟ କୌଣସି ପ୍ରସଙ୍ଗକୁ ନେଇ ଟିକାକରଣ ନିମନ୍ତେ କୁଣ୍ଠାବୋଧ ଏହି ଶୂନ୍ୟସ୍ଥାନକୁ ପୁନଃ ବୃଦ୍ଧି କରିପାରେ । ତେଣୁ ସିୱେଜରୁ ପୋଲିଓ ଭୂତାଣୁ ଠାବ ଯେତିକି ପୁନଃଭରସା ପ୍ରଦାନକାରୀ ସେତିକି ସତର୍କ ସୂଚନାକାରୀ । ଏହା ଦର୍ଶାଉଛି ଯେ ପ୍ରଭାବିତ ଅଞ୍ଚଳରେ ବ୍ୟାପକ ଟିକାକରଣ ଏବଂ କିଛି ପିଲା କାହିଁକି ଏପର୍ଯ୍ୟନ୍ତ ପୂର୍ଣ୍ଣାଙ୍ଗ ଟିକାକରଣ ହେଉନାହାନ୍ତି ତାହା ଆକଳନ କରିବା ଆବଶ୍ୟକ । ଏନେଇ ଡା. ଥାକର କହିଛନ୍ତି, "ପୋଲିଓ ଟିକାକରଣ ଭିତ୍ତିଭୂମି ମାତୃତ୍ୱ ଏବଂ ନବଜାତ ଟିଟାନସ୍ ନିରାକରଣରେ ସହାୟକ ହୋଇଛି । ମିଳିମିଳା ଜନିତ ମୃତ୍ୟୁରେ ତୀବ୍ର ହ୍ରାସ ଘଟାଇଛି ।"

ସେହିପରି ଯେଉଁଠାରେ ଟିକାକରଣ ହ୍ରାସପାଇଛି ସେଠାରେ ମିଳିମିଳା ସଂକ୍ରମଣ ପୁନଃ ଦେଖାଦେଇଛି, ଅନ୍ୟପକ୍ଷରେ ମେନିଞ୍ଜାଇଟିସ, ୟେଲୋ ଫିଭର୍ ଏବଂ ଡିପଥେରିଆ ଆଦି ନିୟମିତ ଟିକାକରଣ କାରଣରୁ ସେଗୁଡ଼ିକର ସଂକ୍ରମଣରେ ରୋକ୍ ଲାଗିଛି । ସତର୍କ ନ ରହିଲେ ଟିକା ପ୍ରତିଷେଧଯୋଗ୍ୟ ରୋଗଗୁଡ଼ିକ ପୁଣି ଶୀଘ୍ର ପ୍ରତ୍ୟାବର୍ତ୍ତନ କରିଥାଏ । ସେଥିପାଇଁ ପୋଲିଓମୁକ୍ତ ସ୍ଥିତି ବଜାୟ ରଖିବା ପାଇଁ ନିରନ୍ତର ଟିକାକରଣ, ସତର୍କ ନିରୀକ୍ଷଣ ଓ ପ୍ରତ୍ୟେକ ଶିଶୁଙ୍କ ପାଖରେ ସ୍ୱାସ୍ଥ୍ୟସେବା ପହଞ୍ଚାଯିବା ଅପରିହାର୍ଯ୍ୟ । କାରଣ ରୋଗକୁ ହରାଇବା ଯେତିକି କଷ୍ଟକର, ରୋଗମୁକ୍ତ ରହିବା ମଧ୍ୟ ସେତିକି କଠିନ ।


## ସଞ୍ଜୀବନୀ

### 'ସକାଳ'ର ସ୍ୱାସ୍ଥ୍ୟ: ଡିଜିଟାଲ୍ ଆଇ ଷ୍ଟ୍ରେନ୍



ଆଜିକାଲି ମୋବାଇଲ୍, ଲାପଟପ୍ ଦୈନନ୍ଦିନ ଜୀବନର ଏକ ଅଙ୍ଗ ପାଲଟି ଗଲାଣି । ଘଣ୍ଟା ଘଣ୍ଟା ସ୍କ୍ରିନ୍ ବ୍ୟବହାର ଯୋଗୁଁ ଏବେ ନାନା ସ୍ୱାସ୍ଥ୍ୟ ସମସ୍ୟା ଦେଖାଯାଉଛି । ତନ୍ମଧ୍ୟରୁ 'ଡିଜିଟାଲ ଆଇ ଷ୍ଟ୍ରେନ୍' ଏକ ସାଧାରଣ ସ୍ୱାସ୍ଥ୍ୟ ସମସ୍ୟା । ଏହା ଦୀର୍ଘ ସମୟ ଧରି ସ୍କ୍ରିନ୍ ଦେଖିବା ଦ୍ୱାରା ଦୃଷ୍ଟିଶକ୍ତି ଉପରେ ଚାପ ସୃଷ୍ଟିକରି ମସ୍ତିଷ୍କ ଉପରେ ପ୍ରଭାବ ପକାଏ । ମୁଣ୍ଡବିନ୍ଧା ସୃଷ୍ଟି କରେ । ଡିଜିଟାଲ୍ ଆଇଷ୍ଟ୍ରେନ୍‌ରେ ପୀଡ଼ିତଙ୍କ ଚକ୍ଷୁ ଶୁଷ୍କ ଲାଗିବା, କୁଣ୍ଡାଇ ହେବା, ଝାପ୍‌ସା ଦେଖାଯିବା, ଆଖି ଜଳାପୋଡ଼ା ଓ ଯନ୍ତ୍ରଣା ଆଦି ଲକ୍ଷଣ ଦେଖାଯାଏ । ଏହି ସମସ୍ୟା ଦୂର କରିବାକୁ ଲଗାତାର ସ୍କ୍ରିନ୍ ବ୍ୟବହାର କରିବା ପରିବର୍ତ୍ତେ ପ୍ରତି ୨୦ ମିନିଟ୍‌ରେ ବ୍ରେକ୍ ନେଇ ୨୦ ଫୁଟ ଦୂରରୁ କୌଣସି ବସ୍ତୁକୁ ୨୦ ସେକେଣ୍ଡ ଚାହିଁବା ଆବଶ୍ୟକ । କମ୍ପ୍ୟୁଟର ଗ୍ଲାସ୍ ବ୍ୟବହାର କରି ପାରିବେ । ନୀଳ ଆଲୋକ ଫିଲ୍‌ଟର ଚଷମା, ଅଧିକ ସମୟ ପାଇଁ ସ୍କ୍ରିନ୍ ଦେଖିବା ଦ୍ୱାରା ହେଉଥିବା ଅସୁବିଧାକୁ କମ୍ କରିବାରେ ସାହାଯ୍ୟ କରେ । ନିୟମିତ ଆଖିର ବ୍ୟାୟାମ କରିବା ସହ ଦୈନିକ ୭ରୁ ୮ ଘଣ୍ଟା ଶୋଇବା ଆବଶ୍ୟକ ।

# ରେଡିଏସନ୍ ଥେରାପିର ପାର୍ଶ୍ୱପ୍ରତିକ୍ରିୟା



କର୍କଟ ଆରୋଗ୍ୟ ପାଇଁ କେମୋଥେରାପି, ରେଡିଏସନ୍ ଥେରାପି ଆଦି ଦିଆଯାଏ । ରେଡିଏସନ୍ ଥେରାପି ଦ୍ୱାରା ଶରୀରରେ ଭିନ୍ନ ଭିନ୍ନ ପାର୍ଶ୍ୱ ପ୍ରତିକ୍ରିୟା ଦେଖାଯାଇଥାଏ ।

- ମୁଣ୍ଡ, ବେକ, ସ୍ତନ, ଗର୍ଭାଶୟ ଗ୍ରୀବା, ପ୍ରୋଷ୍ଟେଟ୍ କର୍କଟର ଉପଶମ ପାଇଁ ରେଡିଓଥେରାପି ଦିଆଯାଏ । ଏ କ୍ଷେତ୍ରରେ ବିକିରଣ ଦିଆଯାଇଥିଲେ, ଚର୍ମରେ କିଛି ପାର୍ଶ୍ୱପ୍ରତିକ୍ରିୟା ଦେଖାଯାଏ । ତେଣୁ ଖରାରେ ବାହାରିବା ଅନୁଚିତ । ଚର୍ମରେ କସ୍‌ମେଟିକ୍, କ୍ରିମ୍, ଲୋଶନ ବ୍ୟବହାର ଅନୁଚିତ । ଅତି ଗରମ ପାଣି ଓ ଅତି ଥଣ୍ଡା ପାଣି ବ୍ୟବହାର କରିବା ମଧ୍ୟ ଅନୁଚିତ ।
- ବେକ ଓ ମୁହଁରେ ରେଡିଏସନ୍ ଦିଆଗଲେ, ଦ୍ୱିତୀୟ ସପ୍ତାହ ରେଡିଏସନ୍ ପରେ ପାଟି ଏବଂ ତଣ୍ଟିରେ ଘା' ହୁଏ । ଖାଇବା ପିଇବାରେ କଷ୍ଟ, ପାଟି ଶୁଖିବା ଆଦି ପ୍ରତିକ୍ରିୟା ଦେଖାଯାଏ । ଏଥିପାଇଁ ପର୍ଯ୍ୟାପ୍ତ ମାତ୍ରାର କ୍ୟାଲୋରୀ ଏବଂ ପ୍ରୋଟିନ୍ ଖାଇ ପାରିବେ ।
- ରେଡିଏସନ୍ ପୂର୍ବରୁ ଦୁର୍ବଳ ଦାନ୍ତକୁ ଉପାଡ଼ି ଦେବା, ତିନି ମାସ ପର୍ଯ୍ୟନ୍ତ ଦାନ୍ତରେ ଫ୍ଲୋରାଇଡ୍ ଜେଲ୍ ଲଗାଇବା, ଦିନକୁ ଚାରିପାଞ୍ଚ ଥର କୁଳି କରିବା ଆବଶ୍ୟକ । ରେଡିଏସନ୍ ଦିଆଯିବାର ଦୁଇବର୍ଷ ପର୍ଯ୍ୟନ୍ତ ଦାନ୍ତ ଉପାଡ଼ିବା ଅନୁଚିତ । ସ୍ତନ କର୍କଟ ରୋଗୀଙ୍କୁ ରେଡିଏସନ୍ ଦେବା ପରେ ଫିଜିଓଥେରାପି ଶୀଘ୍ର ଆରମ୍ଭ କରିବା ଆବଶ୍ୟକ ।
- ପେଟରେ ରେଡିଏସନ୍ ଦେବା ବେଳେ ଭୋକ ନ ଲାଗିବା, ଦୁର୍ବଳ ଲାଗିବା, ଓଜନ କମିବା, ପେଟ ଦରଜ ଆଦି ପ୍ରତିକ୍ରିୟା ଦେଖାଯାଏ । ଏହି ସମୟରେ ସନ୍ତୁଳିତ ଖାଦ୍ୟ ଖାଇବା ଆବଶ୍ୟକ । ମସଲା ଜାତୀୟ ଖାଦ୍ୟ ଓ ମଦ୍ୟପାନରୁ ଦୂରେଇ ରହି ଦିନକୁ ସଠିକ ମାତ୍ରାର ପାଣି ପିଇ ପାରିବେ ।

# ମଧୁମେହ ରୋଗୀଙ୍କ ପାଇଁ ଫଳ କେତେ ଉପଯୋଗୀ

**ବିଶୃଙ୍ଖଳିତ ଜୀବନଶୈଳୀ, ମେଦବହୁଳତା, ଚିନ୍ତା, ବଂଶାନୁଗତ ରୋଗ, ଅନିଦ୍ରା ଆଦି କାରଣରୁ ମଧୁମେହ ହୋଇଥାଏ । ମଧୁମେହରେ ରକ୍ତ ଶର୍କରାକୁ ନିୟନ୍ତ୍ରଣରେ ରଖିବାକୁ ପଡ଼ିଥାଏ । ଏଥିପାଇଁ ମଧୁମେହ ପୀଡ଼ିତ ନିଜ ଡାଏଟ୍‌ରେ ନିମ୍ନ ଲିଖିତ ଫଳକୁ ସାମିଲ କରି ପାରିବେ ।**

- ମଧୁମେହରେ ଫଳ ଖାଇବା ଅନୁଚିତ ବୋଲି ଅନେକଙ୍କର ଧାରଣା ଥାଏ । ହେଲେ ଫଳର ଗ୍ଲାଇସେମିକ୍ ଇଣ୍ଡେକ୍ସ, ଗ୍ଲାଇସେମିକ୍ ଲୋଡ, ଫାଇବରର ମାତ୍ରା, ଫ୍ରୁକଟୋଜ୍‌ସ୍ତର ଏବଂ ସେବନର ମାତ୍ରା ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରେ । ତେଣୁ ଆମ୍ବ, ଅଙ୍ଗୁର, ଲିଚୁ, ସପେଟା, ସୀତାଫଳ, ପଣସ ଆଦିରେ ଶର୍କରା ପରିମାଣ ଅଧିକ ଥିବାରୁ ଏହାକୁ କେବେ କେବେ ଅଳ୍ପ ପରିମାଣରେ ଖାଇପାରିବେ । ନ ଖାଇବା ମଧ୍ୟ ଭଲ ।
- ପିଜୁଳି, ଜାମୁକୋଳି, ସେଓ, ନାସପାତି, କମଳା, ଅମୃତଭଣ୍ଡା ଫାଇବରରେ ଭରପୂର । ଏହା ଶରୀରରେ ଗ୍ଲୁକୋଜକୁ ଧୀରେ ଧୀରେ କ୍ଷରଣ କରିଥାଏ । ଏହି ଫଳକୁ ଅଳ୍ପ ପରିମାଣରେ ଖାଇ ପାରିବେ । ସେହିପରି ବାହାରେ ପ୍ରସ୍ତୁତ ଜୁସ୍‌କୁ ମଧୁମେହ ପୀଡ଼ିତ ପିଇବା ଅନୁଚିତ । ଫଳ ରସକୁ ଛାଣି ପିଇବା ବଦଳରେ ଏହାର ଖଦଡ଼ା ଅଂଶକୁ ପିଇବା ଆବଶ୍ୟକ । ସବୁଠୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ଜଣେ ବ୍ୟକ୍ତିର ଶାରୀରିକ ସ୍ଥିତି, ରୋଗର ତୀବ୍ରତା ଅନୁସାରେ ଫଳ ସେବନ କରିବା ଉଚିତ । ମଧୁମେହ ରୋଗ ସହ ଅନ୍ୟାନ୍ୟ ରୋଗ ଯଥା କିଡ୍‌ନୀ ରୋଗ ଥିଲେ ଡାକ୍ତରଙ୍କ ପରାମର୍ଶ ଅନୁଯାୟୀ ଫଳ ସେବନ କରିବା ଆବଶ୍ୟକ ।




## ଘର ବଇଦ

### ଚର୍ମ ରୋଗର ଉପଚାର

- ଅଗରା ଗଛ ଚେରର ଚୋପା ଅଧତୋଳାଠାରୁ ଏକ ତୋଳା ପାଣିରେ ବାଟି ମିଶ୍ରି ସହିତ ଖାଇଲେ ସବୁପ୍ରକାର ଚର୍ମରୋଗ, ରକ୍ତଦୋଷ ଏପରିକି ସିଫିଲିସ୍ ରୋଗ ମଧ୍ୟ ଦୂର ହୁଏ । ଏହି ଔଷଧ ଖାଇବା ପୂର୍ବରୁ ଝାଡ଼ା ସଫା କରାଇ ଔଷଧ ଖାଇବେ । ଯେଉଁଦିନ ଝାଡ଼ା ସଫା ହେବ, ତା ପରଦିନ ଔଷଧ ଖାଇବେ । ରୋଗମୁକ୍ତ ହେବା ପର୍ଯ୍ୟନ୍ତ ଔଷଧ ଖାଇବେ ।
- ଅଗରା ଚେର ଚୋପାକୁ ବାଟି ଦୁଇ ଅଣି ଓଜନ ବଟିକା କରି ଶୁଖାଇ ରଖିବେ । ଏହି ବଟିକାରୁ ଦିନକୁ ୪ଟି ବଟିକା ଖାଇବେ । ପ୍ରତି ୪ଘଣ୍ଟାରେ ଗୋଟିଏ ବଟିକା ହିସାବରେ ୧୫ ଦିନ ଖାଇଲେ ଚର୍ମରୋଗ ଦୂର ହୁଏ ।
- ଅଗସ୍ତି ଫୁଲର ଚୂର୍ଣ୍ଣ ମଇଁଷି କ୍ଷୀରରେ ମିଶାଇ ଦହି କରି ଲହୁଣୀ ବାହାର କରି ମର୍ଦ୍ଦନ କଲେ ବାତରକ୍ତ ରୋଗୀର ଚମ ଫାଟିବା ଭଲ ହୁଏ ।

(ଲକ୍ଷ୍ମଣ ମିଶ୍ରଙ୍କ ଦ୍ୱାରା ଲିଖିତ ପୁସ୍ତକରୁ ଉଦ୍ଧୃତ)






# ପରାଜୟରୁ ବର୍ତ୍ତି ପ୍ରି-କ୍ୱାର୍ଟରରେ ବେଲ୍‌ଜିୟମ୍

ସିଆଟଲ,୨୭ (ଏଜେନ୍ସି):

ସେନେଗାଲର ଉତ୍ସାହୀ ଆକ୍ରମଣରୁ ବର୍ତ୍ତିଯାଇ ବେଲଜିୟମ ଏଠାରେ ଚାଲିଥିବା ଫିଫା ବିଶ୍ୱକପ୍ ଫୁଟବଲ ପ୍ରତିଯୋଗିତାର ରାଉଣ୍ଡ ଅଫ୍ ୧୬ ବା ପ୍ରି-କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛି। ବୁଧବାର ରାତିରେ ଖେଳାଯାଇଥିବା ରାଉଣ୍ଡ-୩୨ ମ୍ୟାଚ୍‌ରେ ୨-୦ ଗୋଲରେ ପଛୁଆଥାଇ ମଧ୍ୟ ଅତିରିକ୍ତ ସମୟ ଗୋଲରେ ବେଲଜିୟମ ୩-୨ ଗୋଲରେ ସେନେଗାଲକୁ ପରାସ୍ତ କରିଥିଲା। ବିଜୟୀ ଦଳ ପକ୍ଷରୁ ଦୁଇ ବଦଳ ଖେଳାଳି ୟୁରୀ ଟିଏଲମାନ୍ସ ୨ଟି ଓ ରୋମେଲୁ ଲୁକାକୁ ଗୋଟିଏ ଗୋଲଦେଇ ଦଳକୁ ଅପ୍ରତ୍ୟାଶିତ ବିଜୟ ପ୍ରଦାନ କରିଥିଲେ। ଭାରତୀୟ ସମୟ ଅନୁଯାୟୀ ବୁଧବାର ସକାଳେ ଏଠାରେ ଖେଳାଯିବାକୁ ଥିବା ପ୍ରି-କ୍ୱାର୍ଟର ଫାଇନାଲରେ ବେଲଜିୟମ ସହ ଯୁଗ୍ମ ଆୟୋଜକ ଯୁକ୍ତରାଷ୍ଟ୍ର ଆମେରିକାର ମୁକାବିଲା ହେବ। ଅନ୍ୟ ଏକ ରାଉଣ୍ଡ-୩୨ ମୁକାବିଲାରେ ୧୦ଜଣ ଖେଳାଳିଙ୍କୁ ନେଇ ଖେଳିଥିବା ଆମେରିକା ୨-୦ ଗୋଲରେ ବୋସ୍‌ନିଆ ହର୍ଜଗୋଭିନାକୁ ପରାସ୍ତ କରିଛି। ଆମେରିକା ପକ୍ଷରୁ ଫ୍ଲୋରିଆନ୍ ବାଲୋଗୁନ୍ ଓ ମଲିକ ଟିଲମାନ୍ ଗୋଟିଏ ଲେଖାଏଁ ଗୋଲ ସ୍କୋର କରିଥିଲେ।

ସିଆଟଲ ଷ୍ଟାଡିୟମ୍‌ରେ ଖେଳାଯାଇଥିବା ମ୍ୟାଚ୍‌ରେ ଆରମ୍ଭରୁ ଦମ୍‌ର ସହ ଖେଳିଥିବା ସେନେଗାଲ ଡବଲ ଗୋଲ ଦେଇ ବେଲଜିୟମକୁ ବ୍ୟାକ୍‌ଫୁଟ୍‌କୁ ଠେଲିଦେଇଥିଲା। ଫଳରେ ସମଗ୍ର ମ୍ୟାଚ୍‌ଟି ଦଳର ନିୟନ୍ତ୍ରଣରେ ରହିଥିଲା। ଖେଳର ୨୫ତମ ମିନିଟ୍‌ରେ ହବିବ ଦିଆରା ଓ ଦ୍ୱିତୀୟାର୍ଦ୍ଧ ଖେଳ ଆରମ୍ଭରୁ ୬ଷ୍ଠ ମିନିଟ୍‌ରେ ଚଳିତ ବିଶ୍ୱକପ୍‌ର ଅନ୍ୟତମ ଶ୍ରେଷ୍ଠ ଗୋଲ ଦେଇ ଇସ୍ମାଇଲା ସର୍ ସେନେଗାଲ୍‌କୁ ୨-୦ରେ ଅଗ୍ରଣୀ ଦେଇଥିଲେ। ବେଲଜିୟମର ଭେଟେରାନ ଗୋଲରକ୍ଷକ ଥିବାଉଟ୍ କୋର୍ଟୋଇସ୍ ଗୋଲ ସେଭ୍ କରିବାରେ ଅସଫଳ ହୋଇଥିଲେ। କିନ୍ତୁ ସେ ସେନେଗାଲର ଏକାଧିକ ଆକ୍ରମଣକୁ ପ୍ରତିହତ କରି ଦଳକୁ ଅଧିକ ଗୋଲ ବରଣ କରିବାକୁ ଦେଇ ନ ଥିଲେ।



ଖେଳ ହାତଛଡ଼ା ହେଉଥିବା ଦେଖି ବେଲଜିୟମ୍ ହେଡ୍ କୋଚ୍ ଭେଟେରାନ ଖେଳାଳି ରୋମେଲୁ ଲୁକାକୁଙ୍କୁ ଖେଳିବାକୁ ସୁଯୋଗ ଦେଇଥିଲେ। ପରାଜୟ ଆଶଙ୍କାରେ ନିରାଶ ହୋଇପଡ଼ିଥିବା ବେଲଜିୟମ ଟିମ୍ ହଠାତ୍ ଲୁକାକୁଙ୍କ ଉପସ୍ଥିତିରେ ବଳଶାଳୀ ହୋଇପଡ଼ିଥିଲା। ଆକ୍ରମଣ ଓ ପ୍ରତ୍ୟାକ୍ରମଣ ମଧ୍ୟରେ ଖେଳର ୮୬ତମ ମିନିଟ୍‌ରେ ଲୁକାକୁ ଗୋଲ ସ୍କୋର କରି ବେଲଜିୟମ୍ ଖେଳାଳିଙ୍କ ମନରେ ମ୍ୟାଚ୍‌କୁ ଫେରିବାର ଆଶା ସଞ୍ଚାର କରିଥିଲେ। ଏହି ସମୟରେ ସେନେଗାଲ ଡିଫେନ୍‌ସର ତ୍ରୁଟିରୁ ଫାଇଦା ଉଠାଇ ମାତ୍ର ୩ ମିନିଟ୍ ମଧ୍ୟରେ ୟୁରି ଟିଏଲେମାନ୍ସ ଚମତ୍କାର ଗୋଲ ଦେଇ ଖେଳକୁ ସମାନସ୍ତରକୁ ନେଇଆସିଥିଲେ। ଫଳରେ ଖେଳ ଅତିରିକ୍ତ ସମୟକୁ ଯାଇଥିଲା। ଅତିରିକ୍ତି ସମୟରେ ଉଭୟ ଦଳ କ୍ଲାନ୍ତ ହୋଇପଡ଼ିଥିବା ପ୍ରମୁଖ ଖେଳାଳିଙ୍କୁ ବାଦ୍ ଦେଇ ଖେଳିଥିଲା। ଖେଳ ସମାନସ୍ତରରେ ଶେଷ ହେବାକୁ ଯାଉଥିଲାବେଳେ ଗୋଟିଏ ଭୁଲ ଚାଲ ସେନେଗାଲ୍‌କୁ ପରାଜୟର ରାସ୍ତା ଦେଖାଇଥିଲା। ଖେଳର ୧୧୭ତମ ମିନିଟ୍‌ରେ ବେଲଜିୟମର ଟିଏଲେମାନ୍ସଙ୍କୁ ସେନେଗାଲ ପେନାଲ୍ଟି ବକ୍ସ ମଧ୍ୟରେ ଲାମିନେ କାମାରା ଫାଉଲ ମାରିଥିବା ଭିଏଆର୍ (ଭିଡିଓ ଆସିଷ୍ଟାଣ୍ଟ ରେଫରି)ଙ୍କ ନିଷ୍ପତ୍ତିରୁ ଜଣାଯାଇଥିଲା। ଫଳରେ ବେଲଜିୟମକୁ ପେନାଲ୍ଟି ମିଳିଥିଲା ଓ ମିଡଫିଲ୍ଡର ଟିଏଲେମାନ୍ସ ଅତ୍ୟନ୍ତ ଥଣ୍ଡା ମିଜାଜରେ ଏହି ଗୋଲ ସ୍କୋର କରି ସେନେଗାଲର ଆଶାକୁ ଧୂଳିସାତ କରିଦେଇଥିଲେ। ନକ୍‌ଆଉଟ ମୁକାବିଲାରେ ୨ଟି ଗୋଲ ପଛରେ ଥାଇ ମ୍ୟାଚ୍ ଜିତିବାରେ ବିଶ୍ୱକପ୍‌ରେ ଏହା ଦ୍ୱିତୀୟ ଘଟଣା। ପ୍ରଥମଥର ବେଲଜିୟମ ମଧ୍ୟ ଏହା କରିଥିଲା। ୨୦୧୮ ବିଶ୍ୱକପ୍‌ରେ ଜାପାନ ୨-୦ରେ ଆଗୁଆ ଥିଲେ ମଧ୍ୟ ୩-୨ ଗୋଲରେ ବେଲଜିୟମ ବିଜୟୀ ହୋଇଥିଲା।

## ଗୋଟିଏ ମ୍ୟାଚ୍‌ରେ ଗୋଲ୍ ଓ ରେଡ୍ କାର୍ଡ

ସାନ୍‌ଫ୍ରାନ୍‌ସିସ୍କୋ, ୨୭ (ଏଜେନ୍ସି): ଏଠାରେ ଆଜି ସକାଳେ ଖେଳାଯାଇଥିବା ବୋସନିଆ ହର୍ଜଗୋଭିନା ବିପକ୍ଷ ମ୍ୟାଚ୍‌ରେ ଆମେରିକାର ଫରୱାର୍ଡ ଖେଳାଳି ଫୋଲାରିନ୍ ବାଲୋଗୁନ୍ ଗୋଟିଏ ଗୋଲ ସ୍କୋର କରିବା ପରେ ରେଡ୍‌କାର୍ଡ ପାଇଛନ୍ତି।

**ବାଲୋଗୁନ୍ ଦ୍ୱିତୀୟ ଖେଳାଳି**

ଫିଫା ବିଶ୍ୱକପ୍ ଇତିହାସରେ ଏପରି ଘଟଣା ଦ୍ୱିତୀୟଥର ଦେଖିବାକୁ ମିଳିଛି। ପୂର୍ବରୁ ୨୦୦୬ ଫିଫା ବିଶ୍ୱକପ୍‌ର ଇଟାଲୀ ବିପକ୍ଷ ଫାଇନାଲ ମୁକାବିଲାରେ ଫ୍ରାନ୍ସର ଜିନେଡାଇନ୍ ଜିଡାନ୍ ପ୍ରଥମ ଖେଳାଳି ଭାବେ ଗୋଲ ଦେବା ପରେ ରେଡ୍‌କାର୍ଡ ପାଇଥିଲେ। ଜିଡାନ ପ୍ରତିପକ୍ଷ ଇଟାଲୀର ଡିଫେଣ୍ଡର ମାର୍କୋ ମାଟେରାଜିଙ୍କ ପେଟରେ ମୁଣ୍ଡିଆ ମାରି ରେଡ୍‌କାର୍ଡ ପାଇଥିଲେ। କିନ୍ତୁ ବୋସ୍‌ନିଆ ବିପକ୍ଷ ମ୍ୟାଚ୍‌ରେ ବାଲୋଗୁନ୍ ଫାଉଲ ମାରିଛନ୍ତି କି ନାହିଁ ଜାଣିବା ଲାଗି ଭିଏଆରର ସହାୟତା ନିଆଯାଇଥିଲା। ଏହା ପରେ ଯାଇ ତାଙ୍କୁ ରେଡ୍‌କାର୍ଡ ମିଳିଥିଲା। ରେଡ୍‌କାର୍ଡ ପାଇଥିଲେ ମଧ୍ୟ ତାଙ୍କ ଦଳ ଆମେରିକା ଏହି ମ୍ୟାଚ୍‌ରେ ବିଜୟୀ ହୋଇଥିଲା। କିନ୍ତୁ ୨୦୦୬ ଫାଇନାଲରେ ଇଟାଲୀ ନିକଟରୁ ଫ୍ରାନ୍ସ ୫-୩ ପେନାଲ୍ଟି ସୁଟ୍‌ଆଉଟରେ ହାରିଥିଲା।

## କେନ୍‌ଙ୍କ ଆଉ ଏକ ରେକର୍ଡ

ଆଟଲାଣ୍ଟା, ୨୭ (ଏଜେନ୍ସି): ହ୍ୟାରୀ କେନ୍‌ଙ୍କ ଡବଲ ଗୋଲ ବଳରେ ଏଠାରେ ବୁଧବାର ରାତିରେ ଖେଳାଯାଇଥିବା ଫିଫା ବିଶ୍ୱକପ୍ ରାଉଣ୍ଡ-୩୨ର ଏକ ମୁକାବିଲାରେ ଇଂଲଣ୍ଡ ୨-୧ ଗୋଲରେ କଙ୍ଗୋକୁ ପରାସ୍ତ କରିଛି। ଏହା ଫଳରେ ମେକ୍ସିକୋ ସହ ପ୍ରି-କ୍ୱାର୍ଟର ଫାଇନାଲ ଖେଳିବାକୁ ଇଂଲଣ୍ଡ ଯୋଗ୍ୟତା ଅର୍ଜନ କରିଛି। ଏହି ମ୍ୟାଚ୍‌ରେ ଡବଲ ଗୋଲ ଦେଇଥିବା ହ୍ୟାରୀ କେନ୍ ଉଭୟ ବିଶ୍ୱକପ୍ ଓ ୟୁରୋକପ୍‌ରେ ୨୦ଟି ଗୋଲ ଦେଇ ଏହି ତାଲିକାରେ ଦ୍ୱିତୀୟ ସ୍ଥାନକୁ ଉନ୍ନୀତ ହୋଇଛନ୍ତି। ତାଙ୍କଠାରୁ ଅଧିକ ୨୪ଟି ଗୋଲ କେବଳ ପର୍ତ୍ତୁଗାଲ ସୁପରଷ୍ଟାର କ୍ରିଷ୍ଟିଆନୋ ରୋନାଲ୍ଡୋ ସ୍କୋର କରିଛନ୍ତି। ଏହି ଡବଲ ଗୋଲକୁ ମିଶାଇଲେ କେନ୍ ଫିଫା ବିଶ୍ୱକପ୍‌ରେ ୧୩ଟି ଓ ୟୁରୋକପ୍‌ରେ ୭ଟି ଗୋଲ ଦେଇଛନ୍ତି। ଉଭୟ ଟୁର୍ଣ୍ଣାମେଣ୍ଟର ନକ୍‌ଆଉଟ୍‌ରେ କେନ୍‌ଙ୍କ ଗୋଲସଂଖ୍ୟା ୧୦ରେ ପହଞ୍ଚିଛି। ରୋନାଲ୍ଡୋ ବିଶ୍ୱକପ୍‌ରେ ୧୦ଟି ଓ ୟୁରୋକପ୍‌ରେ ୧୪ଟି ଗୋଲ ସ୍କୋର କରିଛନ୍ତି। ବିଶ୍ୱକପ୍‌ରେ ୧୩ଟି ଗୋଲ ଦେଇ କେନ୍ ବ୍ରାଜିଲର ସୁପରଷ୍ଟାର ପେଲେଙ୍କୁ ଅତିକ୍ରମ କରିଛନ୍ତି।

## ଆମେରିକା ବିଜୟୀ



ସାନ୍‌ଫ୍ରାନସିସ୍କୋ, ୨୭ (ଏଜେନ୍ସି): ଖେଳର ଶେଷ ୨୬ ମିନିଟ୍ ୧୦ଜଣ ଖେଳାଳିଙ୍କୁ ନେଇ ଖେଳିଥିବା ଯୁକ୍ତରାଷ୍ଟ୍ର ଆମେରିକା ୨-୦ ଗୋଲରେ ବୋସ୍‌ନିଆ ହର୍ଜଗୋଭିନାଙ୍କୁ ପରାସ୍ତ କରି ପ୍ରି-କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛି। ଏହାର ଅର୍ଥ ଆମେରିକା ଫିଫା ବିଶ୍ୱକପ୍‌ରେ ଦ୍ୱିତୀୟଥର ନକ୍‌ଆଉଟ୍ ରାଉଣ୍ଡରେ ବିଜୟୀ ହୋଇଛି। ସାନ୍‌ଫ୍ରାନ୍‌ସିସ୍କୋ ବେ ଏରିଆ ଷ୍ଟାଡିୟମ୍‌ରେ ଗୁରୁବାର ସକାଳେ ଖେଳାଯାଇଥିବା ଏହି ମୁକାବିଲାରେ ଆମେରିକା ପକ୍ଷରୁ ଫୋଲାରିନ୍ ବାଲୋଗୁନ୍ ଓ ମଲିକ୍ ଟିଲିମାନ୍ ଗୋଟିଏ ଲେଖାଏଁ ଗୋଲ ସ୍କୋର କରିଥିଲେ। ଦ୍ୱିତୀୟାର୍ଦ୍ଧ ଖେଳର ୬୪ତମ ମିନିଟ୍‌ରେ ବିବାଦୀୟ ଫାଉଲ ଯୋଗୁଁ ବାଲୋଗୁନ୍‌ଙ୍କୁ ରେଡ୍ କାର୍ଡ ମିଳିଥିଲା। ୧-୦ ଗୋଲରେ ଆଗୁଆ ରହି ଏବଂ ୧୦ଜଣ ଖେଳାଳିଙ୍କୁ ନେଇ ଖେଳୁଥିବା ଆମେରିକା ପକ୍ଷରୁ ୮୨ତମ ମିନିଟ୍‌ରେ ମଲିକ୍ ଟିଲ୍‌ମାନ ଫ୍ରି-କିକ୍‌ରୁ ଏକ ଚମତ୍କାର ଗୋଲ ଦେଇ ଦଳକୁ ବିଜୟୀ କରାଇଥିଲେ। କିନ୍ତୁ ବାଲୋଗୁନ୍‌ଙ୍କ ରେଡ୍‌କାର୍ଡ ମିଳିବା ଫଳରେ ଦଳ ବେଲଜିୟମ ସହ ରାଉଣ୍ଡ ଅଫ୍ ୧୬ ମୁକାବିଲାରେ ତାଙ୍କୁ ବାଦ୍ ଦେଇ ଖେଳିବ। ବାଲୋଗୁନ୍ ଏହି ଟୁର୍ଣ୍ଣାମେଣ୍ଟରେ ୩ଟି ଗୋଲ ଦେଇସାରିଲେଣି। ବେଲଜିୟମ ସେ ଖେଳିପାରିବେ ନାହିଁ। ଏହି ମ୍ୟାଚ୍‌ରେ ଆମେରିକା ବିଜୟୀ ହେଲେ ପରବର୍ତ୍ତୀ ମ୍ୟାଚ୍ ବା କ୍ୱାର୍ଟର ଫାଇନାଲରେ ବାଲୋଗୁନ୍‌ଙ୍କୁ ଖେଳିବାର ସୁଯୋଗ ମିଳିବ।

୨୦୦୨ରେ ଦ୍ୱିତୀୟ ରାଉଣ୍ଡରେ ପର୍ତ୍ତୁଗାଲ୍‌କୁ ପରାସ୍ତ କରିବା ପରେ ଏଯାଏ ୟୁରୋପୀୟ ଦେଶ ବିପକ୍ଷରେ ୧୩ଟି ବିଶ୍ୱକପ୍ ମ୍ୟାଚ୍ ଖେଳିଥିଲେ ମଧ୍ୟ ଆମେରିକା ବିଜୟୀ ହୋଇ ପାରି ନ ଥିଲା। କିନ୍ତୁ ଘରୋଇ ମାଟିରେ ଖେଳି ଆମେରିକା ଏହି ଧାରାକୁ ଭାଙ୍ଗିଥିଲା। ଏହା ସହ ଆମେରିକା ମାତ୍ର ଦ୍ୱିତୀୟଥର ସକାଶେ ନକ୍‌ଆଉଟ ମୁକାବିଲାରେ ବିଜୟୀ ହୋଇଥିଲା। ୨୦୦୨ରେ ପର୍ତ୍ତୁଗାଲ୍‌କୁ ହରାଇ ପ୍ରଥମଥର ଜିତିଥିଲାବେଳେ ରାଉଣ୍ଡ ରବିନ ଲିଗ୍ ଫର୍ମାଟରେ ଖେଳାଯାଇଥିବା ୧୯୩୦ ବିଶ୍ୱକପ୍‌ରେ ଆମେରିକା ସେମିଫାଇନାଲରେ ପ୍ରବେଶ କରିଥିଲା।

ଅନ୍ୟପକ୍ଷରେ ବୋସନିଆ ଓ ହର୍ଜଗୋଭିନା ପରାଜିତ ହୋଇଥିଲେ ମଧ୍ୟ ସମ୍ମାନର ସହ ବିଦାୟ ନେଇଛି। ଦଳ ଦ୍ୱିତୀୟ ବିଶ୍ୱକପ୍ ପଦାର୍ପଣରେ ପ୍ରଥମଥର ନକ୍‌ଆଉଟରେ ପ୍ରବେଶ କରିଥିଲା। ଏହି ଦଳ ଗୋଟିଏ ପରାଜୟ ପରେ କାନାଡା ସହ ମ୍ୟାଚ୍ ଡ୍ର' କରିବା ଏବଂ କତାରକୁ ଗ୍ରୁପ୍‌ରେ ପରାସ୍ତ କରିଥିଲା।


**ଫିଫା ବିଶ୍ୱକପ୍ 26**

| ରାଉଣ୍ଡ ଅଫ୍ ୩୨ ମୁକାବିଲା |
| --- |
| ଶୁକ୍ରବାର ରାତି |
| ଅଷ୍ଟ୍ରେଲିଆ-ଇଜିପ୍ଟ |
| ଡଲାସ, ରାତି ୧୧.୩୦ |
| ଆର୍ଜେଣ୍ଟିନା-କେପ୍ ଭର୍ଡ |
| ମିଆମି, ରାତି ୩.୩୦ |
| ଶନିବାର ସକାଳ |
| କଲମ୍ବିଆ-ଘାନା |
| କାନ୍‌ସାସ୍ ସିଟି, ସକାଳ ୭ଟା |
| ପ୍ରସାରଣ: ଜୀ ଟିଭି ନେଟ୍‌ୱର୍କ, ଜୀ-୫ |

■ ଶାହରୁଖ ଖାନ୍‌ଙ୍କ ସ୍ୱପ୍ନ ପୂରଣ

## ଆମେରିକାରେ ନାଇଟ ରାଇଡର୍ସ ଷ୍ଟାଡିୟମ

ନୂଆଦିଲ୍ଲୀ, ୨୭ (ଏଜେନ୍ସି): ଶାହାରୁଖ ଖାନ ଆମେରିକାରେ ତାଙ୍କ ଦଳ ପାଇଁ ଏକ କ୍ରିକେଟ୍ ଷ୍ଟାଡିୟମ ନିର୍ମାଣ କରିବା ଲାଗି ଯେଉଁ ସ୍ୱପ୍ନ ଦେଖିଥିଲେ ତାହା ଏବେ ପୂରଣ ହୋଇଛି। ଆମେରିକାର ମେଜର ଲିଗ କ୍ରିକେଟ୍ (ଏମସିଏଲ୍)ରେ ଖେଳୁଥିବା ଶାହରୁଖଙ୍କ ଦଳ ଲସ୍ ଆଞ୍ଜେଲସ୍ ନାଇଟ୍ ରାଇଡର୍ସ ପାଇଁ ଷ୍ଟାଡିୟମ୍ ଏବେ ସମ୍ପୂର୍ଣ୍ଣ ହୋଇଛି। ଲସ୍ ଆଞ୍ଜେଲସ୍‌ର ପୋମୋନାରେ ଏହି କ୍ରିକେଟ୍ ଷ୍ଟାଡିୟମ ଅବସ୍ଥିତ। ଯାହା ମାତ୍ର ୧୦୦ ଦିନରେ ସମ୍ପୂର୍ଣ୍ଣ ହୋଇଛି। ସ୍ୱତନ୍ତ୍ର ପୂଜା ବିଧି ସହ ଏହି ଷ୍ଟାଡିୟମକୁ ଉଦ୍‌ଘାଟନ କରାଯାଇଥିଲା। ଏହାକୁ ଆମେରିକୀୟ କ୍ରିକେଟ୍ ପାଇଁ ଏକ ପ୍ରମୁଖ ଏବଂ ସକାରାତ୍ମକ ପଦକ୍ଷେପ ଭାବରେ ବିବେଚନା କରାଯାଉଛି। ଏହି ଷ୍ଟାଡିୟମରେ ୨୦୨୮ ଅଲିମ୍ପିକ୍ ମ୍ୟାଚ୍ ମଧ୍ୟ ଖେଳାଯିବ ବୋଲି ଜଣାପଡ଼ିଛି। 'ସ୍ୱପ୍ନକୁ ବାସ୍ତବତାରେ ପରିଣତ କରିବାରେ ସହାୟତା କରିଥିବାରୁ ଆଇସିସି ଅଧ୍ୟକ୍ଷ ଜୟ ଶାହଙ୍କୁ ଶାହରୁଖ ଧନ୍ୟବାଦ ଜଣାଇଛନ୍ତି।



ଏୟାର ଇଣ୍ଡିଆର ବଡ଼ ନିଷ୍ପତ୍ତି

## କ୍ରୀଡ଼ା ଉପକରଣ ଉପରୁ ହଟାଇଲା ଫି'

ନୂଆଦିଲ୍ଲୀ, ୨୭ (ଏଜେନ୍ସି): ଏୟାର ଇଣ୍ଡିଆ ବିମାନ ପକ୍ଷରୁ ଏକ ବଡ଼ ନିଷ୍ପତ୍ତି ନିଆଯାଇଛି। କିଛି ଘରୋଇ ଏବଂ ଅନ୍ତର୍ଜାତୀୟ ବିମାନରେ କ୍ରୀଡା ଉପକରଣ ପାଇଁ ହ୍ୟାଣ୍ଡଲିଂ ଚାର୍ଜ ଛାଡ଼ କରିବାକୁ ଏୟାର ଇଣ୍ଡିଆ ଘୋଷଣା କରିଛି। ଏହି ଛାଡ଼ ଘରୋଇ ଏବଂ ଅନ୍ତର୍ଜାତୀୟ ରୁଟ୍ ଉଭୟରେ ଯୋଗ୍ୟ ଭଡ଼ା ବର୍ଗରେ ପରିବହନ କରାଯାଉଥିବା କ୍ରୀଡା ଉପକରଣ ପାଇଁ ପ୍ରଯୁଜ୍ୟ। ଯେଉଁଥିରେ ଖେଳାଳି ଓ କ୍ରୀଡା ପ୍ରେମୀମାନେ ୨,୦୦୦ ରୁ ୭,୦୦୦ ଟଙ୍କା ପର୍ଯ୍ୟନ୍ତ ସଞ୍ଚୟ ପ୍ରଦାନ କରିବେ। ଏୟାର ଇଣ୍ଡିଆର ଏହି ପଦକ୍ଷେପ ସ୍ୱତନ୍ତ୍ର କ୍ରୀଡା ଉପକରଣ ସହିତ ଯାତ୍ରା କରୁଥିବା ଯାତ୍ରୀମାନଙ୍କ ପାଇଁ ବିମାନ ଯାତ୍ରାକୁ ଅଧିକ ସୁବିଧାଜନକ ଏବଂ ସୁଲଭ କରିବା ପାଇଁ ଉଦ୍ଦିଷ୍ଟ। ଇକୋନୋମି ଫ୍ଲେକ୍ସ, ପ୍ରିମିୟମ୍ ଇକୋନୋମି ଫ୍ଲେକ୍ସ ଏବଂ ସମସ୍ତ ବ୍ୟବସାୟିକ ଶ୍ରେଣୀ ଭଡ଼ାରେ ଏହି ସୁବିଧା ଉପଲବ୍ଧ। ଉଲ୍ଲେଖଯୋଗ୍ୟ, ଅଧିକାଂଶ ଭାରତୀୟ ବିମାନ କମ୍ପାନୀ ବର୍ତ୍ତମାନ କ୍ରୀଡ଼ା ଉପକରଣ ପାଇଁ ପୃଥକ ହ୍ୟାଣ୍ଡଲିଂ ଚାର୍ଜ ଆଦାୟ କରୁଛନ୍ତି। ଏଭଳି ସମୟରେ ଏୟାର ଇଣ୍ଡିଆର ଏହି ନିଷ୍ପତ୍ତିକୁ ସମସ୍ତେ ସ୍ୱାଗତ କରିଛନ୍ତି।



୧୦ ବର୍ଷରୁ କମ୍ ଚେସ୍ ବିଶ୍ୱକପ୍‌ରେ କାଂସ୍ୟ ପଦକ ଜିତିଥିବା ଓଡ଼ିଶାର ସାତ୍ତ୍ୱିକ ସ୍ୱାଇଁଙ୍କୁ ରାଜ୍ୟ କ୍ରୀଡ଼ା ସଚିବ ଭୂପେନ୍ଦ୍ର ସିଂ ପୁନିଆ ସମ୍ବର୍ଦ୍ଧିତ କରୁଛନ୍ତି

## ବିଡବ୍ଲ୍ୟୁଏଫର ନୂତନ ୩ ଗୁଣା ୧୫ ସ୍କୋରିଂ ପଦ୍ଧତିକୁ ଗ୍ରହଣ କଲା ଭାରତ

ନୂଆଦିଲ୍ଲୀ, ୨୭ (ଏଜେନ୍ସି): ଭାରତୀୟ ବ୍ୟାଡମିଣ୍ଟନ ସଂଘ (ବାଇ) ଏକ ବଡ଼ ନିଷ୍ପତ୍ତି ନେଇଛି। ଚଳିତ ଜୁଲାଇରୁ ବାଇ ଏହାର ସମସ୍ତ ଘରୋଇ ପ୍ରତିଯୋଗିତାରେ ବିଶ୍ୱ ବ୍ୟାଡ୍‌ମିଣ୍ଟନ ଫେଡେରେସନ (ବିଡବ୍ଲ୍ୟୁଏଫ୍)ର ନୂତନ ୩ ଗୁଣା ୧୫ ସ୍କୋରିଂ ସିଷ୍ଟମକୁ ପ୍ରଚଳନ କରିଛି। ଫଳରେ ଜୁଲାଇ ୭ରୁ ଏର୍ଣ୍ଣାକୁଲମରେ ଆରମ୍ଭ ହେବାକୁ ଥିବା ସର୍ବଭାରତୀୟ ସିନିଅର ର୍‌ୟାଙ୍କିଂ ବ୍ୟାଡମିଣ୍ଟନ ଟୁର୍ଣ୍ଣାମେଣ୍ଟରୁ ଏହା ଲାଗୁ ହେବ। ଏହି ନୂତନ ସ୍କୋରିଂ ପଦ୍ଧତି ସମସ୍ତ ଘରୋଇ ପ୍ରତିଯୋଗିତା, ଜୋନାଲ ଚାମ୍ପିଅନସିପ୍, ର୍‌ୟାଙ୍କିଙ୍ଗ ଟୁର୍ଣ୍ଣାମେଣ୍ଟ, ୧୩, ୧୫, ୧୭ ଓ ୧୯ ବର୍ଷରୁ କମ୍ ବୟସବର୍ଗ, ସିନିଅର ଓ ମାଷ୍ଟର୍ସ (ଭେଟେରାନ) ବର୍ଗରେ ଲାଗୁ ହେବ। ସଂଶୋଧିତ ଫର୍ମାଟ ଅନୁଯାୟୀ, ମ୍ୟାଚ୍‌ଗୁଡ଼ିକୁ ରାଲି-ପଏଣ୍ଟ ସ୍କୋରିଂ ଅନୁଯାୟୀ ବେଷ୍ଟ-ଅଫ୍-୩ ଗେମ ଭାବରେ ଖେଳାଯିବ। କିନ୍ତୁ ପ୍ରତ୍ୟେକ ଖେଳ ଏବେ ୨୧ ବଦଳରେ ୧୫ ପଏଣ୍ଟରେ ଖେଳାଯିବ।

ବାଇ ପକ୍ଷରୁ କୁହାଯାଇଛି ଯେ ଜାନୁଆରୀ ୨୦୨୭ରୁ ବିଡବ୍ଲ୍ୟୁଏଫ୍ ବିଶ୍ୱ ସ୍ତରରେ ଏହାକୁ କାର୍ଯ୍ୟକାରୀ କରିବାକୁ ଯୋଜନା କରିଛି। ଏହା ପୂର୍ବରୁ ଭାରତୀୟ ବ୍ୟାଡମିଣ୍ଟନ ଖେଳାଳି, ପ୍ରଶିକ୍ଷକ ଏବଂ ବୈଷୟିକ ଅଧିକାରୀମାନଙ୍କୁ ଏହି ନୂତନ ପଦ୍ଧତି ସହିତ ଖାପ ଖୁଆଇବାରେ ଏହା ସାହାଯ୍ୟ କରିବ।

## କ୍ରୀଡ଼ାବିତ୍ ଓ କ୍ରୀଡ଼ା ସାମ୍ବାଦିକ ଗୋଟିଏ ମୁଦ୍ରାର ଦୁଇଟି ପାର୍ଶ୍ୱ

ଭୁବନେଶ୍ୱର, ୨୭ (ସମିସ):




**ଓସ୍‌ଜା ପକ୍ଷରୁ ବିଶ୍ୱ କ୍ରୀଡ଼ା ସାମ୍ବାଦିକ ଦିବସ ପାଳିତ**

ଓଡ଼ିଶା କ୍ରୀଡ଼ା ସାମ୍ବାଦିକ ସଂଘ (ଓସ୍‌ଜା) ଆନୁକୂଲ୍ୟରେ କଳିଙ୍ଗ ଷ୍ଟାଡିୟମ୍ ଟେନିସ୍ କେନ୍ଦ୍ର ସମ୍ମିଳନୀ କକ୍ଷରେ ଗୁରୁବାର ବିଶ୍ୱ କ୍ରୀଡ଼ା ସାମ୍ବାଦିକ ଦିବସ ପାଳନ ହୋଇଯାଇଛି। ରାଜ୍ୟ କ୍ରୀଡ଼ା ଓ ଯୁବସେବା ସଚିବ ଭୂପେନ୍ଦ୍ର ସିଂ ପୁନିଆ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହି କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ମୁଖ୍ୟ ଅତିଥି କହିଥିଲେ ଯେ ମାନବିକ ଉତ୍କର୍ଷତା ପାଇଁ କ୍ରୀଡ଼ା ଯେତିକି ଜରୁରୀ କ୍ରୀଡ଼ା ଓ କ୍ରୀଡ଼ାବିତ୍ ବିକାଶରେ କ୍ରୀଡ଼ା ସାମ୍ବାଦିକଙ୍କ ଭୂମିକା ସେତିକି ଗୁରୁତ୍ୱପୂର୍ଣ୍ଣ। କ୍ରୀଡ଼ାବିତ୍ ଓ କ୍ରୀଡ଼ା ସାମ୍ବାଦିକ ପରସ୍ପର ଓତଃପ୍ରୋତ ଭାବେ ଜଡ଼ିତ। ଉଭୟ ଗୋଟିଏ ମୁଦ୍ରାର ଦୁଇଟି ପାର୍ଶ୍ୱ। 'ଓଡ଼ିଶାରେ ଫୁଟ୍‌ବଲ୍‌ର ସ୍ଥିତି' ସଂପର୍କିତ ଆଲୋଚନାରେ ସାମିଲ ହୋଇ ସମ୍ମାନିତ ଅତିଥି ବିଶିଷ୍ଟ ଫୁଟ୍‌ବଲ୍ ପ୍ରଶିକ୍ଷକ ଶୁଭେନ୍ଦୁ ପଣ୍ଡା 'କ୍ରୀଡ଼ା ସାମ୍ବାଦିକତାକୁ ଛାଡ଼ି କ୍ରୀଡ଼ାର ଅସ୍ତିତ୍ୱ ବିବେଚନା କରାଯାଇ ନପାରେ ବୋଲି କହିଥିଲେ। ଅନ୍ୟତମ ସମ୍ମାନିତ ଅତିଥି ତଥା ଭାରତୀୟ ଫୁଟ୍‌ବଲ୍ ଦଳର ପୂର୍ବତନ ଅଧିନାୟିକା ଶ୍ରଦ୍ଧାଞ୍ଜଳି ସାମନ୍ତରାୟ ଓ ଫୁଟ୍‌ବଲ୍ ତାରକା ପ୍ୟାରୀ ଖାଖା ରାଜ୍ୟରେ ମହିଳା ଫୁଟ୍‌ବଲ୍‌ର ବିକାଶ ଉପରେ ସେମାନଙ୍କ ବକ୍ତବ୍ୟ ରଖିଥିଲେ।

ଏହି ଅବସରରେ ଓସ୍‌ଜାର ବାର୍ଷିକ ପତ୍ରିକାକୁ ଅତିଥିମାନେ ଉନ୍ମୋଚନ କରିଥିଲେ। ପୂର୍ବତନ ରାଜ୍ୟ ସୂଚନା କମିଶନର ତଥା ଓସ୍‌ଜାର ପ୍ରତିଷ୍ଠାତା ସମ୍ପାଦକ ସୁଶାନ୍ତ ମହାନ୍ତିଙ୍କୁ କ୍ରୀଡ଼ା ସାମ୍ବାଦିକତା ପ୍ରତି ଉଲ୍ଲେଖନୀୟ ଅବଦାନ ପାଇଁ ସମ୍ବର୍ଦ୍ଧିତ କରାଯାଇଥିଲା। ଓସ୍‌ଜା ସଭାପତି ସନ୍ଦୀପ ମିଶ୍ର, କାର୍ଯ୍ୟକାରୀ ସଭାପତି ସମୀକ୍ଷା ପଟ୍ଟନାୟକ ଓ ସମ୍ପାଦକ ତପନ କୁମାର ସ୍ୱାଇଁ ମଞ୍ଚ ମଣ୍ଡନ କରିଥିଲେ। କୋଷାଧ୍ୟକ୍ଷ ସୁରେଶ ସ୍ୱାଇଁ କାର୍ଯ୍ୟକ୍ରମ ପରିଚାଳନା କରିଥିବାବେଳେ ବରିଷ୍ଠ ସଦସ୍ୟ ସନାତନ ପାଣି ଓ କେ. ରବି ପ୍ରମୁଖ ଉପସ୍ଥିତ ଥିଲେ। ଅଲିମ୍ପିଆନ୍ ଅନୁରାଧା ବିଶ୍ୱାଳ, ଦୂତୀ ଚାନ୍ଦ, ପାରା କ୍ରୀଡ଼ାବିତ୍ ରାଖାଲ ସେଠୀ, ସୁଚିତ୍ରା ପରିଡ଼ା, ଏଭରେଷ୍ଟ ଆରୋହୀ ଗଣେଶ ଜେନା, ପୂର୍ବତନ ରଣଜୀ ଖେଳାଳି ରଶ୍ମିରଞ୍ଜନ ପରିଡ଼ା, ପାରା ଫେନସର ପୂଜାସ୍ୱିନୀ ନାୟକ ଓ କ୍ରିକେଟ୍ ପ୍ରଶିକ୍ଷକ କ୍ଷୀରୋଦ ବେହେରା ପ୍ରମୁଖ ଯୋଗଦେଇଥିଲେ।

## ଦ୍ୱିତୀୟ ରାଉଣ୍ଡରୁ ଫ୍ରେଞ୍ଚ ଓପନ୍ ଚାମ୍ପିଅନ ଆନ୍ଦ୍ରିଭା ବିଦା

ଲଣ୍ଡନ, ୨୭ (ଏଜେନ୍ସି): ଚଳିତ ବର୍ଷର ତୃତୀୟ ଗ୍ରାଣ୍ଡସ୍ଲାମ ୱିମ୍ବଲଡନର ମହିଳା ସିଙ୍ଗଲ୍ସରେ ଏକ ବଡ଼ ବିପର୍ଯ୍ୟୟ ଦେଖିବାକୁ ମିଳିଛି। ଗତ ମାସରେ ଫ୍ରେଞ୍ଚ ଓପନ୍‌ରେ ଚାମ୍ପିଅନ ହୋଇଥିବା ରୁଷୀୟ ଟେନିସ ତାରକା ମିରା ଆନ୍ଦ୍ରିଭା ଏଠାରେ ଦ୍ୱିତୀୟ ରାଉଣ୍ଡରୁ ବିଦାୟ ନେଇଛନ୍ତି। ଗତକାଲି ରାତିରେ ଅନୁଷ୍ଠିତ ମ୍ୟାଚରେ ପୂର୍ବତନ ଚାମ୍ପିଅନ ଚେକ ଗଣରାଜ୍ୟର ବାରବୋରା କ୍ରେଜିକୋଭା ୪-୬, ୭-୫, ୬-୪ ସେଟରେ ୫ମ ସିଡ୍ ଆନ୍ଦ୍ରିଭାଙ୍କୁ ହରାଇଛନ୍ତି। ୧୯ ବର୍ଷୀୟା ଆନ୍ଦ୍ରିଭା ପ୍ରଥମ ସେଟକୁ ଜିତିଥିଲେ। ତେବେ କ୍ରେଜିକୋଭା ଦମଦାର ପ୍ରତ୍ୟାବର୍ତ୍ତନ କରି ପରବର୍ତ୍ତୀ ଦୁଇ ସେଟରେ ବିଜୟୀ ହେବା ସହ ମ୍ୟାଚକୁ ହାତେଇ ନେଇଥିଲେ। ଗୁରୁବାର ମହିଳା ବିଭାଗରେ ଖେଳାଯାଇଥିବା ଅନ୍ୟ ମ୍ୟାଚ୍‌ଗୁଡ଼ିକରେ ତୃତୀୟ ସିଡ୍ ଇଗା ସ୍ୱିଆଟେକ, ୧୫ତମ ସିଡ୍ ମାରିଏ ବୌଜକୋଭା, ୨୬ତମ ସିଡ୍ ମାଡିସନ କିଜ୍ ପ୍ରମୁଖ ବିଜୟୀ ହୋଇ ତୃତୀୟ ରାଉଣ୍ଡକୁ ଉନ୍ନୀତ ହୋଇଛନ୍ତି।



**ୱିମ୍ବଲଡନରେ ବଡ଼ ବିପର୍ଯ୍ୟୟ**

### ଜୋକୋଭିଚ୍, ସିନ୍ନରଙ୍କ ସହଜ ବିଜୟ

ଅପରପକ୍ଷରେ ପୁରୁଷ ବିଭାଗରେ ଡିଫେଣ୍ଡିଂ ଚାମ୍ପିଅନ ଜାନିକ ସିନ୍ନର, ୮ମ ସିଡ୍ ଡାନିଲ ମେଡଭେଡେଭ, ୭ମ ସିଡ୍ ନୋଭାକ ଜୋକୋଭିଚ୍ ଷଷ୍ଠ ସିଡ୍ ଟେଲର ଫ୍ରିଜ ପ୍ରମୁଖ ଷ୍ଟାର୍ ଖେଳାଳି ଦ୍ୱିତୀୟ ରାଉଣ୍ଡରେ ସହଜ ବିଜୟ ଲାଭ କରିଛନ୍ତି। ଜୋକୋଭିଚ୍ ୬-୩, ୬-୪, ୬-୨ ସିଧାସଳଖ ସେଟରେ ଗ୍ରୀକର ଷ୍ଟିଫାନୋସ ସିଟ୍‌ସିପାସଙ୍କୁ, ସିନର ୭-୬ (୭/୪), ୭-୬ (୭/୨), ୬-୪ ସେଟରେ ପର୍ତ୍ତୁଗାଲର ନୁନୋ ବର୍ଗେସଙ୍କୁ ହରାଇଥିଲେ।

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, PLOT NO.125, IRRIGATION COLONY, JEYPORE-764001, DIST: KORAPUT, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦୁ ଦାସ
EXECUTIVE EDITOR: SAMARENDU DAS